ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଅକ୍ଟୋବର ୨୬/୨୦୨୧ (୮+୮=୧୬ ପୃଷ୍ଠା) | Rayagada, Tuesday, October 26/2021 ★

୧୧ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଅଧାରୁ ପାଠ ଛାଡ଼ିଥିଲେ ପ୍ରିୟଙ୍କା**

ବଲିଉଡ୍‌ରୁ ହଲିଉଡ୍ ଯାଏ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ଅଧାରୁ କଲେଜ ଛାଡିବାକୁ ପଡିଥିଲା।

୦୭

୦୮

**ରୌପ୍ୟ ଜିତିଲେ ସାଇନା**

ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ରୌପ୍ୟ ପଦକ ହାସଲ କରିଛନ୍ତି।






# ପ୍ରମାଣ ନଷ୍ଟ ପାଇଁ ଫନ୍ଦିଫିକର

**ବଲାଙ୍ଗୀର ଅଫିସ,୨୫।୧୦**

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ଏବଂ ହତ୍ୟା ଘଟଣାକୁ ଇତିମଧ୍ୟରେ ୧୮ ଦିନ ବିତିଗଲାଣି। ଏହି ଜଘନ୍ୟ ହତ୍ୟା ଘଟଣାରେ ପୋଲିସର ହାବଭାବ ଏବଂ ତଦନ୍ତ ପ୍ରକ୍ରିୟା ସନ୍ଦେହଜନକ ମନେହେଉଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ମମିତା କାର୍ଯ୍ୟ କରୁଥିବା ସ୍କୁଲର ମାଲିକ ଗୋବିନ୍ଦ ସାହୁଙ୍କ ସହ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଘନିଷ୍ଠ ସମ୍ପର୍କ ରହିଥିବା ଚର୍ଚ୍ଚା ହେବା ପରେ ପୋଲିସ ତଦନ୍ତ କମ୍ ଓ ପ୍ରମାଣ ନଷ୍ଟରେ ଅଧିକ ଲାଗି ପଡ଼ିଥିବା କୁହାଯାଉଛି। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମନ୍ତ୍ରୀ ମିଶ୍ରଙ୍କ ଇସ୍ତଫା ଓ ବହିଷ୍କାର ଦାବି କରାଯାଇଛି। ଏହି ଦାବିକୁ ନେଇ ଓଡ଼ିଶାର କୋଣ ଅନୁକୋଣରେ ଆନ୍ଦୋଳନ, ବିକ୍ଷୋଭ ଓ ଧାରଣା ଚାଲିଛି। ଏଭଳି ସମୟରେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ଅନୁଶୀଳନ କଲେ ଅନେକ ପ୍ରଶ୍ନ ଉଙ୍କି ମାରୁଛି।

ମମିତାଙ୍କ ଅପହରଣ ଘଟଣାକୁ ନେଇ ଗତ ୧୨ ତାରିଖରେ ତାଙ୍କ ଭାଇ ବଣ୍ଟି ମେହେର ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ତାଙ୍କ କାର୍‌କୁ ଥାନାକୁ ଆଣିଥିଲା। ସେଠାରେ ତାଙ୍କୁ ପଚରାଉଚରା କରାଯାଇଥିଲା। ୧୭ତାରିଖରେ ଗୋବିନ୍ଦଙ୍କୁ ଟିଟିଲାଗଡ଼ ବାରାକ୍‌କୁ ନିଆଯାଇଥିଲା। ସେଠାରେ ତାଙ୍କୁ ୩ଜଣ କନ୍‌ଷ୍ଟେବଲ ଏବଂ ଜଣେ ପୋଲିସ ଅଧିକାରୀ ଜଗିଥିବାବେଳେ ନାଟକୀୟ ଢଙ୍ଗରେ ଗୋବିନ୍ଦ ଫେରାର ହୋଇଯାଇଥିଲେ। ଫେରାର ହେବାର ପ୍ରାୟ ୪୦ ଘଣ୍ଟା ପରେ ଗୋବିନ୍ଦ ବଙ୍ଗୋମୁଣ୍ଡା ଥାନା ବୁଢ଼ୀପଦର ଗ୍ରାମର ତାଙ୍କ ଭଉଣୀଙ୍କ ଆଖୁ କିଆରିରୁ ଧରାପଡ଼ିଥିଲେ। ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର ଖବରଦାତା ସମ୍ମିଳନୀ କରି କହିଥିଲେ ଯେ, ପରକୀୟା ପ୍ରୀତି ପ୍ରଘଟ ହେବା ଆଶଙ୍କା କରି ଗୋବିନ୍ଦ ମମିତାଙ୍କୁ କାର୍ ଭିତରେ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ମହାଲିଙ୍ଗର ଏକ ନିର୍ମାଣାଧୀନ ଷ୍ଟାଡିୟମ ☞ପୃଷ୍ଠା-୪

## ମମିତା ମେହେର ହତ୍ୟା ଘଟଣା



## ଜେଲଗଲେ ଗୋବିନ୍ଦ

**ବଲାଙ୍ଗୀର ଅଫିସ,୨୫।୧୦**



୫ ଦିନିଆ ରିମାଣ୍ଡରେ ଅଣାଯାଇଥିବା ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ବଲାଙ୍ଗୀର ପୋଲିସ ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସି କୋର୍ଟ ବିଚାରପତିଙ୍କ ଆବାସରେ ସୋମବାର ସକାଳ ପ୍ରାୟ ୮ଟାରେ ହାଜର କରିଥିଲା। ସେଠାରୁ ତାଙ୍କୁ କଣ୍ଟାବାଞ୍ଜି ଜେଲକୁ ପଠାଯାଇଛି। ବଲାଙ୍ଗୀର ପୋଲିସ ଅତ୍ୟନ୍ତ ଗୋପନୀୟ ଭାବେ ଗୋବିନ୍ଦଙ୍କୁ କୋର୍ଟରେ ହାଜର କରିବାକୁ ଉଦ୍ୟମ କରିଛି। ପ୍ରଥମେ ରାତିଅଧିଆ ଏସ୍‌ପି ଅଫିସ୍‌ରୁ ପଛପଟ ଗେଟ୍ ଦେଇ ଗୋବିନ୍ଦଙ୍କୁ ମନୋହାରପୁର ରିଜର୍ଭ ପୋଲିସ ବାରାକ୍‌କୁ ନିଆଯାଇଥିଲା। ସେଠାରେ କିଛି ଘଣ୍ଟା ରଖିବା ପରେ ଭୋର ୪ଟାରୁ କଡ଼ା ସୁରକ୍ଷା ମଧ୍ୟରେ ବଲାଙ୍ଗୀରରୁ ୯୫ କିଲୋମିଟର ଦୂର ବଙ୍ଗୋମୁଣ୍ଡା ନିଆଯାଇଥିଲା। ଏହାପରେ ସେଠାରୁ ୧୫ କିଲୋମିଟର ଦୂର କଣ୍ଟାବାଞ୍ଜି ଜେଲକୁ ନିଆଯାଇ ଗୋବିନ୍ଦଙ୍କୁ ଛଡ଼ାଯାଇଛି। କୋର୍ଟରେ ହାଜର ପ୍ରକ୍ରିୟାରେ ଗୋବିନ୍ଦଙ୍କୁ ଗଣମାଧ୍ୟମ ଆଢୁଆଳରେ ରଖାଯାଇଥିଲା। ହେଲେ ୫ ଦିନିଆ ରିମାଣ୍ଡ ଅବଧିରେ ଅଭିଯୁକ୍ତ ଗୋବିନ୍ଦ ପୋଲିସକୁ କ'ଣ ସୂଚନା ଦେଇଛନ୍ତି ଏବଂ ସେହି ଆଧାରରେ ପୋଲିସ କ'ଣ ପ୍ରମାଣ ଯୋଗାଡ଼ କରିଛି ସେନେଇ ଗଣମାଧ୍ୟମକୁ ଆଦୌ ସୂଚନା ଦିଆଯାଉନାହିଁ।

# ଆଉ ପାଦେ ବଢ଼ିଲେ ସରକାର

## ପୌର ନିର୍ବାଚନ

**ସୀମା ପୁନଃ ନିର୍ଦ୍ଧାରଣ, ସ୍ଥାନ ସଂରକ୍ଷଣ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ**

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ଗତ ୩ ବର୍ଷ ଧରି ଅଟକି ରହିଥିବା ପୌର ନିର୍ବାଚନ ପାଇଁ ରାଜ୍ୟ ସରକାର ଆଉ ପାଦେ ଆଗକୁ ବଢ଼ିଛନ୍ତି। ଏଥିପାଇଁ ସୋମବାର ବିଧିବଦ୍ଧ ପ୍ରସ୍ତୁତି ଆରମ୍ଭ ହୋଇଛି। ନଭେମ୍ବର ୨୯ ତାରିଖରେ ପୌରାଞ୍ଚଳଗୁଡ଼ିକରେ ୱାର୍ଡ ସୀମା ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣର ବିଜ୍ଞପ୍ତି ପ୍ରକାଶ ପାଇବ। ଜିଲାପାଳମାନେ ମ୍ୟୁନିସିପାଲ ଅଧିନିୟମ ୧୯୫୦ ଅନ୍ତର୍ଗତ ନିୟମ ୨ ଏ(୫) ଅନୁଯାୟୀ ଏହି ବିଜ୍ଞପ୍ତି ପ୍ରକାଶ କରିବେ। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ଜିଲାପାଳମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଜିଲାପାଳମାନେ ଡିସେମ୍ବର ୨୦ ସୁଦ୍ଧା ୱାର୍ଡ ସୀମା ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ। ନଭେମ୍ବର ୯ରେ ଆପତ୍ତି ଅଭିଯୋଗ ଗ୍ରହଣ କରିବା ପାଇଁ ଜିଲାପାଳମାନେ ଚିଠା ବିଜ୍ଞପ୍ତି ପ୍ରକାଶ କରିବେ। ଏ ନେଇ ଆପତ୍ତି ଅଭିଯୋଗ ନଭେମ୍ବର ୧୮ ପର୍ଯ୍ୟନ୍ତ ଗ୍ରହଣ କରାଯିବ ଏବଂ ନଭେମ୍ବର ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଜିଲାପାଳମାନଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଉପରେ ନଭେମ୍ବର ୨୯ରୁ ଡିସେମ୍ବର ୧୩ ମଧ୍ୟରେ ☞ପୃଷ୍ଠା-୪

## ରଜନୀକାନ୍ତ ପାଇଲେ ଦାଦା ସାହେବ ଫାଲ୍‌କେ



ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କଠାରୁ ଦାଦା ସାହେବ ଫାଲ୍‌କେ ଆୱାର୍ଡ ଗ୍ରହଣ କରୁଛନ୍ତି ସୁପରଷ୍ଟାର ରଜନୀକାନ୍ତ।

**ନୂଆଦିଲ୍ଲୀ, ୨୫।୧୦**

ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ସୋମବାର ଆୟୋଜିତ ୬୭ତମ ଜାତୀୟ ଫିଲ୍ମ ପୁରସ୍କାର ସମାରୋହରେ ସୁପରଷ୍ଟାର ରଜନୀକାନ୍ତ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ଆୱାର୍ଡ ଗ୍ରହଣ କରିଛନ୍ତି। ସବୁ ବୟସ ବର୍ଗର ଲୋକଙ୍କ ପାଇଁ ଆଦର୍ଶ ପାଲଟିଥିବା ତଥା ଥାଲାଇଭା (ତାମିଲ ନେତା) ଭାବେ ପରିଚିତ ରଜନୀକାନ୍ତଙ୍କୁ ୨୦୧୯ ବର୍ଷ ପାଇଁ ସିନେମା ଜଗତର ସର୍ବୋଚ୍ଚ ସମ୍ମାନ ମିଳିଛି। ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ☞ପୃଷ୍ଠା-୪

## ୩ ଓଡ଼ିଆ ପୁରସ୍କୃତ



ଆଶୁତୋଷ ପଟ୍ଟନାୟକ, ସବ୍ୟସାଚୀ ମହପାତ୍ର ଏବଂ ନୀଳମାଧବ ପଣ୍ଡା

**ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)**

ନୂଆଦିଲ୍ଲୀରେ ସୋମବାର ଅନୁଷ୍ଠିତ ୬୭ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ଓଡ଼ିଶାର ୩ଜଣଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର 'ଶଳା ବୁଢ଼ାର ବଦ୍‌ଲା' ପାଇଁ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଏବଂ 'କାଳିର ଅତୀତ' ପାଇଁ ନୀଳମାଧବ ପଣ୍ଡା ଦ୍ୱୈତ ଭାବେ ଏହି ଜାତୀୟ ପୁରସ୍କାର ପାଇଛନ୍ତି। ନନ୍ ଫିଚର ଫିଲ୍ମ ବର୍ଗରେ ଆଶୁତୋଷ ପଟ୍ଟନାୟକ ମଧ୍ୟ ପୁରସ୍କୃତ ହୋଇଛନ୍ତି। 'ଶ୍ରୀକ୍ଷେତ୍ରରୁ ସାହିଯାତ' ଫିଲ୍ମ ପାଇଁ ଶ୍ରେଷ୍ଠ କଳା ଓ ସଂସ୍କୃତି ବର୍ଗରେ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁ ଏମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ସବ୍ୟସାଚୀ ମହାପାତ୍ର ଖୁସିବ୍ୟକ୍ତ କରି କହିଛନ୍ତି, ଏହି ସଫଳତା ପାଇଁ ମା' ସମଲେଶ୍ୱରୀଙ୍କ ପାଖରେ ମୋର ପ୍ରଣାମ ଜଣାଇବା ସହିତ ସବୁ ଦର୍ଶକଙ୍କୁ ଧନ୍ୟବାଦ ଜଣାଉଛି। ☞ପୃଷ୍ଠା-୪

# ୱାଙ୍ଖେଡେଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ

## ଡ୍ରଗ୍ସ ମାମଲାରେ ଡିଲ୍ ଘଟଣା

**ମୁମ୍ବାଇ, ୨୫।୧୦**

ଡ୍ରଗ୍ସ ପାର୍ଟି ମାମଲାରେ ଗିରଫ ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କୁ ଛାଡ଼ିବା ପାଇଁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖଡେ ୨୫ କୋଟି ଟଙ୍କା ମାଗିବା ଘଟଣାର ଭିଜିଲାନ୍ସ ତଦନ୍ତ ହେବ। ମାମଲାର ଜଣେ ସ୍ୱାଧୀନ ସାକ୍ଷୀ ପ୍ରଭାକର ସୈଲ୍ ଏ ନେଇ ଏକ ଭିଡିଓ ଜାରି କରିବା ସହ ଦାଖଲ ଆଫିଡାଭିଟ୍‌ରେ ପ୍ରସଙ୍ଗ ସାମ୍ନାକୁ ଆଣିବା ପରେ ଏନ୍‌ସିବି ଭିଜିଲାନ୍ସ ତଦନ୍ତ ପାଇଁ ସୋମବାର ନିର୍ଦ୍ଦେଶ ଦେଇଛି। ଏନ୍‌ସିବିର ଉତ୍ତରାଞ୍ଚଳ ଉପମହାନିର୍ଦ୍ଦେଶକ(ଡିଡିଜି) ତଥା ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଜ୍ଞାନେଶ୍ୱର ସିଂଙ୍କ ଦ୍ୱାରା ଯାଞ୍ଚ ହେବ।

ପ୍ରଭାକର ରବିବାର କହିଥିଲେ, ଲୋୟର ପାରେଲରୁ କେ. ପି. ଗୋସାଭି ଏବଂ ସାମ୍ ଡିସୋଜା ଶାହରୁଖଙ୍କ ମ୍ୟାନେଜରଙ୍କୁ ୱାଙ୍ଖଡେଙ୍କ ତରଫରୁ ମଧ୍ୟସ୍ଥ ଭାବେ ଫୋନ୍ କରିଥିଲେ। ଗୋସାଭିଙ୍କ ବ୍ୟକ୍ତିଗତ ବଡିଗାର୍ଡ ଥିବା ପ୍ରଭାକର ଫୋନ୍‌କଲ କଥାବାର୍ତ୍ତା ଶୁଣିଥିଲେ। ଏଥିରେ ମାମଲା ରଫାଦଫା କରି ଆର୍ଯ୍ୟନଙ୍କୁ ମୁକୁଳାଇବା ପାଇଁ ୨୫ କୋଟି ଟଙ୍କା ଶାହରୁଖଙ୍କୁ ମଗାଯାଇଥିଲା। ଶେଷରେ ୧୮ କୋଟିରେ କଥା ଛିଣ୍ଡିଥିଲା। ସେଥିମଧ୍ୟରୁ ୮ କୋଟି ୱାଙ୍ଖଡେ ନେବେ ବୋଲି ସ୍ଥିର ହୋଇଥିଲା। ଲୋୟର ପାରେଲ୍‌କୁ ଶାହରୁଖଙ୍କ ମ୍ୟାନେଜର ଏକ ବ୍ଲୁ ମର୍ସିଡିସ୍‌ରେ ସେମାନଙ୍କୁ ଭେଟିବାକୁ ଆସିଥିଲେ। ହେଲେ ମ୍ୟାନେଜରଙ୍କ ପକ୍ଷରୁ କୌଣସି ପଜିଟିଭ୍ ପ୍ରତିକ୍ରିୟା ଆସି ନ ଥିଲା ବୋଲି ପ୍ରଭାକର ଦାଖଲ କରିଥିବା ଏକ ସତ୍ୟପାଠରେ ଦର୍ଶାଇଥିଲେ। ଏପରି କି ଏହି ମାମଲାରେ ସାକ୍ଷୀ କରିବା ପାଇଁ ପ୍ରଭାକରଙ୍କଠାରୁ ୱାଙ୍ଖଡେ ୮ରୁ ୧୦ ପୃଷ୍ଠା ସାଦା କାଗଜରେ ଦସ୍ତଖତ ନେବା ସହ ତାଙ୍କ ଆଧାରକାର୍ଡ ନେଇଥିବା ସେ ଅଭିଯୋଗ କରିଥିଲେ। ଏ ନେଇ ଡିଡିଜି ସିଂ କହିଛନ୍ତି, ୱାଙ୍ଖଡେ ଏବଂ ଏନ୍‌ସିବିର ଅନ୍ୟ କର୍ମଚାରୀଙ୍କ ନାମରେ ଏଭଳି ଅଭିଯୋଗ ଆସିବା ପରେ ସେ ନିଜ ଆଡୁ ମାମଲାର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଯାଇ ସତ୍ୟ ☞ପୃଷ୍ଠା-୪



ସମୀର ୱାଙ୍ଖଡେ

**ଆଜିର ସମ୍ପାଦକୀୟ**

**ପାର୍ଶ୍ୱସ୍ଥ ପ୍ରବେଶକାରୀ**

DSPL - 207





ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ୨୦୨୧ ଅକ୍ଟୋବର ୨୬ ତାରିଖଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସଂକଳ୍ପବଦ୍ଧ ଓ ଉତ୍ସର୍ଗୀକୃତ ଭାବେ ସାମିଲ ହୋଇ ଏକ ଉତ୍ତମ ସମାଜ ଗଠନରେ ସହାୟକ ହେବା ପାଇଁ ଆହ୍ୱାନ କରୁଅଛି।

ବିକାଶ ଓ ପ୍ରଗତି ପଥରେ ଦୁର୍ନୀତି ପ୍ରମୁଖ ଅନ୍ତରାୟ। ବିଭିନ୍ନ ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମଗୁଡ଼ିକର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ଦିଗରେ ଏହା ଏକ ବଡ ପ୍ରତିବନ୍ଧକ। ଦୁର୍ନୀତି ମଧ୍ୟ ସୁଶାସନ, ସାମାଜିକ ସଂହତି ତଥା ବ୍ୟକ୍ତି ମର୍ଯ୍ୟାଦା ଓ ଅଧିକାରର ପରିପନ୍ଥୀ। ମୋ ସରକାର ଦୁର୍ନୀତି ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ ସ୍ୱଚ୍ଛତା ଏବଂ ଶୂନ୍ୟ ସହିଷ୍ଣୁତା ଉପରେ ପ୍ରାଧାନ୍ୟ ଦେଇଆସୁଅଛି। ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମର ସଫଳତା ପାଇଁ ଜନଶିକ୍ଷା ଓ ସଚେତନତା ତଥା ଗୋଷ୍ଠୀଗତ ସହଯୋଗ ଅତ୍ୟନ୍ତ ଆବଶ୍ୟକ।

ଏହି ଅବସରରେ ଦୁର୍ନୀତି ବିରୁଦ୍ଧରେ ଉଲ୍ଲେଖନୀୟ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗକୁ ଅଭିନନ୍ଦନ ଜଣାଉଛି ଏବଂ ଆଶା କରୁଛି ଯେ, ଓଡ଼ିଶାର ଜନସାଧାରଣଙ୍କ ସେବାରେ ସେମାନେ ନିଜକୁ ଅଧିକ ନିଷ୍ଠା ଓ ପ୍ରତିବଦ୍ଧତା ସହ ସମର୍ପିତ କରି କାର୍ଯ୍ୟ କରିବେ। ରାଜ୍ୟର ପ୍ରତ୍ୟେକ ଜନସେବକ ନିଜ ନିଜର ଦାୟିତ୍ୱ ସମ୍ପାଦନ କ୍ଷେତ୍ରରେ ସମ୍ପୂର୍ଣ୍ଣ ସାଧୁତା ଓ ସ୍ୱଚ୍ଛତା ଅବଲମ୍ବନ କରିବା ସହ ଦୁର୍ନୀତି ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନଙ୍କର ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଦେଉଛି।

ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ସହ ରାଜ୍ୟବାସୀଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମୁଁ ସମାଜର ସମସ୍ତ ବର୍ଗଙ୍କର ଅକୁଣ୍ଠ ସମର୍ଥନ, ସହଯୋଗ ଓ ସହଭାଗିତା କାମନା କରୁଛି।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-09002/13/0002/2122

# ସାକ୍ଷୀଙ୍କୁ ଏନ୍‌ସିବିର ହତ୍ୟା ଆଶଙ୍କା

**ମୁମ୍ବାଇ,୨୫।୧୦**

ଡ୍ରଗ୍ସ ମାମଲାରେ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ଗିରଫ ଘଟଣାରେ ନୂଆ ମୋଡ଼ ଆଣିଛି ଏକ ସତ୍ୟପାଠ। ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ମୁମ୍ବାଇ ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖେଡ଼େଙ୍କୁ ୮ କୋଟି ଟଙ୍କା ଦିଆଯିବ ବୋଲି ନିଖୋଜ ଥିବା ସାକ୍ଷୀ କେ.ପି. ଗୋସାଭି ପ୍ରଘଟ କରିବା ପରେ ଡ୍ରଗ୍ସ ନିରୋଧୀ ସଂସ୍ଥା ଅଡୁଆରେ ଫସିଛି। ଗୋସାଭିଙ୍କ ଏହି ବାର୍ତ୍ତାଳାପ ତାଙ୍କ ଅଙ୍ଗରକ୍ଷୀ ପ୍ରଭାକର ରଘୁଜୀ ସୈଲ ଶୁଣିଥିବା କହିଛନ୍ତି। ଏବେ ସାକ୍ଷୀ ସୈଲଙ୍କୁ ହତ୍ୟା କରାଯାଇପାରେ ବୋଲି ସେ ନିଜେ ଆଶଙ୍କା ବ୍ୟକ୍ତ କରିଛନ୍ତି। ତାଙ୍କର ଏହି ବୟାନକୁ ନେଇ ଦେଶବ୍ୟାପୀ ହଟଚମଟ ସୃଷ୍ଟି ହୋଇଛି। ଏଥିସହ ଏନ୍‌ସିବି ମଧ୍ୟ ସନ୍ଦେହ ଘେରକୁ ଚାଲିଆସିଛି।

ଡ୍ରଗ୍ସ ମାମଲାର ସାକ୍ଷୀ ସୈଲ ଅଭିଯୋଗ ଆଣିଛନ୍ତି ଯେ, କ୍ରୁଜ୍ ଜାହାଜରେ ଚଢ଼ାଉ ଦିନ ଏନ୍‌ସିବି ଅଫିସରେ ତଦନ୍ତକାରୀ ଅଧିକାରୀମାନେ ତାଙ୍କୁ ୧୦ ପୃଷ୍ଠାର ସାଦା କାଗଜରେ ସ୍ୱାକ୍ଷର କରିବାକୁ କହିଥିଲେ। ଏହା ପୂର୍ବରୁ ଚଢ଼ାଉ ବେଳେ ଏନ୍‌ସିବି ସହିତ ସେଠାକୁ ଯାଇଥିବା ପ୍ରାଇଭେଟ ଡିଟେକ୍ଟିଭ୍ (ଘରୋଇ ତଦନ୍ତକାରୀ) ଗୋସାଭି ୮ କୋଟି ଟଙ୍କା ରାନ୍‌ସମ୍ ଦେବାକୁ ପଡ଼ିବ ବୋଲି ୱାଙ୍ଖେଡ଼େଙ୍କୁ କହିଥିଲେ। ସାକ୍ଷୀ ପ୍ରଭାକର ସୈଲ ଏହି କଥା ଶୁଣିଥିବା ରବିବାର ଦାବି କରିଥିଲେ। ଆର୍ଯ୍ୟନ ଓ ଅନ୍ୟମାନଙ୍କ ଗିରଫଦାରି ମାମଲାରେ ଏନ୍‌ସିବି ଗୋସାଭିଙ୍କୁ ମଧ୍ୟ ସାକ୍ଷୀ କରିଛି। ସେ ଏବେ ଫେରାର ଅଛନ୍ତି। ତାଙ୍କ ବିରୋଧରେ ଅନେକ ଠକେଇ ମାମଲା ରହିଥିବା ଜଣାପଡ଼ିଛି। ସୈଲ କହିଛନ୍ତି, ସେ ଏହି ବିଷୟ ପ୍ରଘଟ କରିଥିବାରୁ ଏନ୍‌ସିବି ତାଙ୍କୁ ହତ୍ୟା କରିପାରେ। ଅନ୍ୟପକ୍ଷେ ଏନ୍‌ସିବି ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ଆବଶ୍ୟକ ପଦକ୍ଷେପ ପାଇଁ ଏହି

> ସତ ସାମ୍‌ନାକୁ ଆଣିଥିବାରୁ ମୋତେ ଏନ୍‌ସିବି ହତ୍ୟା କରିପାରେ।
> – ପ୍ରଭାକର ରଘୁଜୀ ସୈଲ



## ଡ୍ରଗ୍ସ ପାର୍ଟି ମାମଲା: ସତ୍ୟପାଠ ଆଣିଲା ନୂଆ ମୋଡ଼

ବିଷୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଦିଆଯାଇଛି। ଏନ୍‌ସିବି ଅଫିସର ୱାଙ୍ଖେଡ଼େ ତାଙ୍କୁ ମିଛ ମାମଲାରେ ଫସାଇବା ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ଆଣି ରବିବାର ମୁମ୍ବାଇ ପୋଲିସ କମିଶନର ହେମନ୍ତ ନାଗ୍ରାଲେଙ୍କୁ ଚିଠି ଲେଖି ସୁରକ୍ଷା ମାଗିଥିବାବେଳେ ତାଙ୍କ ଭୂମିକାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

ସୈଲ ହେଉଛନ୍ତି ମୁମ୍ବାଇର ଅନ୍ଧେରୀ ବାସିନ୍ଦା, ଯିଏକି ବ୍ୟକ୍ତିଗତ ବଡିଗାର୍ଡ ସର୍ଭିସ ଦେଇଥାଆନ୍ତି। ସୈଲ ଜୁଲାଇ ୨୨ରେ ଗୋସାଭିଙ୍କ ପାଇଁ କାମ କରିଥିବା କହିଛନ୍ତି। ସୈଲଙ୍କ ମତରେ କୋର୍ଡେଲିଆ କ୍ରୁଜ୍‌ରେ ରାତିରେ ପାର୍ଟି ଆୟୋଜନ ସମୟରେ ଏନ୍‌ସିବି ଅଧିକାରୀମାନେ ତାଙ୍କୁ ମୁମ୍ବାଇସ୍ଥିତ କ୍ରୁଜ୍ ଟର୍ମିନାଲର ଗ୍ରୀନ୍ ଗେଟ୍‌ରେ ଅପେକ୍ଷା କରିବାକୁ କହିଥିଲେ। ରାତି ପ୍ରାୟ ୧ଟା ୨୩ରେ କିରନ ଗୋସାଭି ସୈଲଙ୍କ ହ୍ୱାଟ୍ସଆପ୍‌କୁ କେତେକ ଫଟୋ ପଠାଇ ସେଥିରେ ଥିବା ଲୋକଙ୍କୁ ଚିହ୍ନିବା ପାଇଁ କହିଥିଲେ। ଏଥିସହ ଗ୍ରୀନ୍ ଗେଟ୍ ଦେଇ କେହି ଆସୁଥିଲେ ତାଙ୍କୁ ତୁରନ୍ତ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ସେ ସେଠାରେ ଅପେକ୍ଷା କରିଥିବା ବିଷୟ ସୈଲ ନିଜ ବିବୃତିରେ କହିଛନ୍ତି। ସେ ଆହୁରି କହିଛନ୍ତି, ଫଟୋ ଦେଖି ବସ୍ ନଂ ୨୭୦୦ରେ ଥିବା ଜଣେ ବ୍ୟକ୍ତିଙ୍କୁ ମୁଁ ଚିହ୍ନିବା ପରେ ଗୋସାଭିଙ୍କୁ ହ୍ୱାଟ୍ସଆପ୍‌ରେ ଅପରାହ୍ନ ୪ଟା ୨୩ରେ ଜଣାଇଥିଲି। ଏହାର ଜବାବରେ ଗୋସାଭି କହିଥିଲେ, ଯାହାଙ୍କୁ ସେ ଚିହ୍ନଟ କରିଛନ୍ତି ସେ ଅନ୍ୟ ୧୨ ଜଣଙ୍କ ସହ ଧରାପଡ଼ିଛନ୍ତି। ସୈଲ ଦାବି କରିଛନ୍ତି ଯେ, ଗୋସାଭି ତାଙ୍କୁ ଫୋନ୍ କରିବା ସମୟରେ ଜାହାଜର କ୍ୟାବିନରେ ଆର୍ଯ୍ୟନଙ୍କ ସହ ତାଙ୍କୁ ସେ ଦେଖିଥିଲେ। ଫ୍ୟାଶନ ମଡେଲ ମୁନ୍‌ମୁନ୍ ଧମେଚା ସେହି ସମୟରେ ଏନ୍‌ସିବି ଅଧିକାରୀମାନଙ୍କ ସହ ଥିଲେ। ଆର୍ଯ୍ୟନଙ୍କୁ ଏନ୍‌ସିବି ଅଫିସକୁ ନିଆଯାଇଥିଲା। ତାଙ୍କ ସହ ଗୋସାଭି ମଧ୍ୟ ଯାଇଥିଲେ। କିଛି ସମୟ ପରେ ଗୋସାଭି ସୈଲଙ୍କୁ ଫୋନ୍ କରି ଭିତରକୁ ଡାକିଥିଲେ ଏବଂ ଏହି ମାମଲାରେ ପଞ୍ଚ ବା ନିରପେକ୍ଷ ସାକ୍ଷୀ ହେବା ପାଇଁ କହିଥିଲେ। ଏନ୍‌ସିବି ଅଧିକାରୀମାନେ ତାଙ୍କଠାରୁ ସାଦା କାଗଜରେ ଦସ୍ତଖତ କରାଇ ନେଇଥିଲେ। ସାକ୍ଷୀଙ୍କ ପକ୍ଷରୁ ପ୍ରସ୍ତୁତ ଦସ୍ତାବିଜକୁ ପଞ୍ଚନାମା କୁହାଯାଏ, ଯାହାକି ଅଭିଯୋଜନକାରୀ ପକ୍ଷକୁ ଯୁକ୍ତି ବାଢ଼ିବା ବେଳେ ସହାୟକ ହୋଇଥାଏ। ଅନ୍ୟପକ୍ଷେ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ସୋମବାର ଏହି ପ୍ରସଙ୍ଗର ଶୁଣାଣି କରି କହିଛନ୍ତି, ସ୍ୱାଧୀନ ସାକ୍ଷୀଙ୍କ ଏକ ସତ୍ୟପାଠକୁ ନେଇ ଆଖିବୁଜି ରାୟ ଦିଆଯାଇପାରିବ ନାହିଁ। ବମ୍ବେ ହାଇକୋର୍ଟରେ ମଙ୍ଗଳବାର ଆର୍ଯ୍ୟନ ଓ ମୁନ୍‌ମୁନ୍‌ଙ୍କ ଜାମିନ ଆବେଦନର ଶୁଣାଣି ହେବ।





ଆର୍ଯ୍ୟନ ଖାନ୍‌ଙ୍କ ସହ ଗୋସାଭି ସେଲ୍‌ଫି ନେଉଛନ୍ତି।

## ମୋ ମା’ ମୁସଲମାନ

### ନୱାବଙ୍କୁ ୱାଙ୍ଖେଡେଙ୍କ ଜବାବ



ସମୀର ୱାଙ୍ଖେଡେ

ଏନ୍‌ସିବି ଆଞ୍ଚଳିକ ନିର୍ଦ୍ଦେଶକ ସମୀର ୱାଙ୍ଖେଡେ ତାଙ୍କ ପୂରା ନାଁ ଏବଂ ଧର୍ମକୁ ନେଇ ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲିକ କରିଥିବା ଟୁଇଟ୍‌ର ଜବାବ ରଖିଛନ୍ତି। ଜନ୍ମ ପ୍ରମାଣ ପତ୍ରରେ ୱାଙ୍ଖେଡେଙ୍କ ନାଁ ସମୀର ଦାଉଦ ୱାଙ୍ଖେଡେ ରହିଛି ବୋଲି କହିବା ସହ ସେ ଶବାନା କ୍ୟୁରେସୀଙ୍କ ସହ ନିକାହ(ବିବାହ) କରିଥିଲେ ବୋଲି ନୱାବ ଏକ ଟୁଇଟ କରିଥିଲେ। ଏଥିରେ ୱାଙ୍ଖେଡେଙ୍କ ନିକାହ ବେଳର ଏକ ଫଟୋ ମଧ୍ୟ ସେ ଶେୟାର କରିଛନ୍ତି। ପ୍ରତିକ୍ରିୟାରେ ୱାଙ୍ଖେଡେ କହିଛନ୍ତି, ତାଙ୍କ ବାପା ଦ୍ୟାନଦେବ କର୍ଚୁଜୀ ୱାଙ୍ଖେଡେ ଜଣେ ହିନ୍ଦୁ ଏବଂ ରାଜ୍ୟ ରାଜସ୍ୱ ବିଭାଗର ଜଣେ ଅବସରପ୍ରାପ୍ତ ପୋଲିସ ଇନ୍ସପେକ୍ଟର। ମା’ ସ୍ୱର୍ଗତ ଜାହିଦା ଜଣେ ମୁସଲମାନ। ସେ ଜଣେ ବହୁଧର୍ମୀୟ ଏବଂ ଧର୍ମନିରପେକ୍ଷ ପରିବାରର। ଏଥିପାଇଁ ସେ ଗର୍ବିତ। ଏହାବାଦ୍ ୨୦୦୬ରେ ସେ ଆଇନ ଅନୁଯାୟୀ ଶବାନାଙ୍କୁ ବିବାହ କରିଥିଲେ। ୨୦୧୬ରେ ଉଭୟେ ସ୍ୱତନ୍ତ୍ର ବିବାହ ଆଇନ,୧୯୫୪ ଅନୁଯାୟୀ ଛାଡ଼ପତ୍ର ନେଇଥିଲେ। ୨୦୧୭ରେ କ୍ରାନ୍ତି ଦିନନାଥ ରେଡ୍‌କରଙ୍କୁ ବିବାହ କରିଥିଲେ। ତେବେ ତାଙ୍କ ବ୍ୟକ୍ତିଗତ ତଥ୍ୟକୁ ଅନାବ୍ୟଶକ ଭାବେ ଟୁଇଟରରେ ଅପ୍‌ଲୋଡ୍ କରି ନୱାବ ତାଙ୍କ ପରିବାରର ପ୍ରିଭେସିରେ ହସ୍ତକ୍ଷେପ କରିଛନ୍ତି ବୋଲି ୱାଙ୍ଖେଡେ କହିଛନ୍ତି। ଏପରି କରି ନୱାବ ତାଙ୍କ ମାନହାନି କରୁଥିବା ସେ ଅଭିଯୋଗ ଆଣିଛନ୍ତି।

## ସଂକ୍ଷେପରେ

### ଏନ୍‌ଇଇଟି-ପିଜି କାଉନସେଲିଂ ସ୍ଥଗିତ

**ନୂଆଦିଲ୍ଲୀ, ୨୫।୧୦(ପି.ଟି.):** ଚଳିତ ଶିକ୍ଷାବର୍ଷରୁ ମେଡିକାଲ ପାଠ୍ୟକ୍ରମ (ଏମ୍‌ବିବିଏସ୍/ବିଡିଏସ୍ ଏବଂ ଏମ୍‌ଡ/ଏମ୍‌ଏସ୍/ ଏମ୍‌ଡିଏସ୍) ସିଟ୍‌ରେ ଓବିସିଙ୍କୁ ୨୭ ପ୍ରତିଶତ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ବର୍ଗଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏହାର ବିଚାର ଶେଷ ହେବା ପର୍ଯ୍ୟନ୍ତ ଏନ୍‌ଇଇଟି-ପିଜି କାଉନସେଲିଂ ପ୍ରକ୍ରିୟାକୁ ସ୍ଥଗିତ ରଖାଯିବ ବୋଲି କେନ୍ଦ୍ର ସରକାର ସୋମବାର ସର୍ବୋଚ୍ଚ ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜ ଉପସ୍ଥିତ ରହି ଜଷ୍ଟିସ୍ ଡି.ୱାଇ, ଚନ୍ଦ୍ରଚୂଡ଼ ଏବଂ ବି.ଭି. ନାଗରତ୍ନଙ୍କ ଖଣ୍ଡପୀଠକୁ ଏହା ଜଣାଇଥିଲେ। ଯଦି କାଉନସେଲିଂ ପ୍ରକ୍ରିୟା ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ କରାଯାଏ ତେବେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେ କହିଥିଲେ। ଅକ୍ଟୋବର ୨୫ରୁ ଏନ୍‌ଇଇଟି-ପିଜି କାଉନସେଲିଂ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାବେଳେ ଜୁଲାଇ ୨୦ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ ମାମଲା ଉପରେ ଅଦାଲତ ନିଷ୍ପତ୍ତି ନେଇ ନ ଥିବାରୁ ଏହାକୁ ସ୍ଥଗିତ ରଖିବା ଲାଗି ଏନ୍‌ଇଇଟି ପ୍ରାର୍ଥୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅରବିନ୍ଦ ଦତ୍ତାର ଦାବି କରିଥିଲେ।

### କାର୍ତ୍ତି ଚିଦାମ୍ବରମ୍‌ଙ୍କୁ ବିଦେଶ ଯିବାକୁ ଅନୁମତି

**ନୂଆଦିଲ୍ଲୀ, ୨୫।୧୦:** ଆଇଏନ୍‌ଏକ୍ସ ମିଡିଆ ମାମଲାର ଅଭିଯୁକ୍ତ କଂଗ୍ରେସ ଏମ୍‌ପି କାର୍ତ୍ତି ଚିଦାମ୍ବରମ୍‌ଙ୍କୁ ଅକ୍ଟୋବର ୨୫ରୁ ନଭେମ୍ବର ୨୧ ପର୍ଯ୍ୟନ୍ତ ବିଦେଶ ଯିବା ଲାଗି ସୁପ୍ରିମକୋର୍ଟ ସୋମବାର ଅନୁମତି ପ୍ରଦାନ କରିଛନ୍ତି। ବିଦେଶ ଯିବା ପୂର୍ବରୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରିରେ ୧ କୋଟି ଟଙ୍କା ଜମା କରିବା ଲାଗି ତାଙ୍କୁ ଅଦାଲତ କହିଛନ୍ତି। ଅନ୍ୟପକ୍ଷରେ କାର୍ତ୍ତି ତଦନ୍ତ ପ୍ରକ୍ରିୟାରେ ସହାୟତା କରୁ ନ ଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ବାରମ୍ବାର ସମନ ସତ୍ତ୍ୱେ ପି. ଚିଦାମ୍ବରମ୍‌ଙ୍କ ପୁଅ ଜେରା ପାଇଁ ହାଜର ହେଉ ନ ଥିବା ସେ କହିଥିଲେ। ଏହାର ବିଚାର ପରେ କରାଯିବ ବୋଲି ଖଣ୍ଡପୀଠ କହିଥିଲେ। ପି. ଚିଦାମ୍ବରମ କେନ୍ଦ୍ରରେ ଅର୍ଥମନ୍ତ୍ରୀ ଥିବାବେଳେ ଆଇଏନ୍‌ଏକ୍ସ ମିଡିଆ ଗ୍ରୁପ୍‌ରେ ୩୦୫ କୋଟି ଟଙ୍କାର ବିଦେଶୀ ପୁଞ୍ଜିନିବେଶ ପାଇଁ ଏଫ୍‌ଆଇପିବି ମଞ୍ଜୁରୀ ପ୍ରଦାନରେ ଅନିୟମିତତା ଅଭିଯୋଗ ହୋଇଥିଲା। ୨୦୧୭ରେ ସିବିଆଇ ଏହାର ତଦନ୍ତ ଦାୟିତ୍ୱ ନେଇଥିଲା। ଆଇଏନ୍‌ଏକ୍ସ ମିଡିଆ କାର୍ତ୍ତିଙ୍କ ସଂସ୍ଥା ସହ ଜଡ଼ିତ ରହ ଅହେତୁକ ଅନୁକମ୍ପା ପାଉଥିବା ସିବିଆଇ ଅଭିଯୋଗ ଆଣିଥିଲା।

### ଯବାନଙ୍କ ସହ ରାତି ବିତାଇବେ ଶାହା

**ଶ୍ରୀନଗର, ୨୫।୧୦:** ଜମ୍ମୁ-କଶ୍ମୀରକୁ ୩ ଦିନିଆ ଗସ୍ତରେ ଯାଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ପୁଲ୍‌ୱାମା ଜିଲାର ଶହୀଦ ସ୍ମାରକଠାରେ ସିଆର୍‌ପିଏଫ୍ ଯବାନମାନଙ୍କ ସହ ରାତି କଟାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ତାଙ୍କ ଗସ୍ତ କାର୍ଯ୍ୟକ୍ରମକୁ ବୃଦ୍ଧି କରାଯାଇଛି। ୨୦୧୯ରେ ପୁଲ୍‌ୱାମାରେ ହୋଇଥିବା



ଆତ୍ମଘାତୀ ଆକ୍ରମଣରେ ୪୨ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଶାହା ଲେଥପୋରା ଶହୀଦ ସ୍ମାରକୀ ସ୍ଥଳରେ ରାତ୍ରିଯାପନ କରିବାକୁ ନିଷ୍ପତ୍ତି ନେଇଥିବା ଜଣେ ଅଧିକାରୀ କହିଛନ୍ତି। ସେଠାରେ ସେ ଯବାନମାନଙ୍କ ସହ ରାତ୍ର ଭୋଜନ କରିବେ।

## ପୁଣି ବଢ଼ୁଛି ସଂକ୍ରମଣ

- ଚାଇନାରେ ଲକ୍‌ଡାଉନ
- ରୁଷିଆରେ ସପ୍ତାହେ କାମ ବନ୍ଦ
- ୩ରୁ ୧୧ ବର୍ଷର ପିଲାଙ୍କୁ ଟିକାଦାନ ଆରମ୍ଭ କଲା ବେଜିଂ

**ବେଜିଂ/ମସ୍କୋ, ୨୫।୧୦**

କରୋନା ସଂକ୍ରମଣ ବିଭିନ୍ନ ଦେଶରେ ପୁଣିଥରେ ବଢ଼ୁଥିବାରୁ ଖୁବ୍‌ଶୀଘ୍ର ତୃତୀୟ ଲହର ଆସିବା ନେଇ ଆଶଙ୍କା ବୃଦ୍ଧି ପାଇଛି। ଭାରତକୁ ଏବେ ତୃତୀୟ ଲହର ଆସି ନ ପାରେ ବୋଲି କେତେଜଣ ବିଶେଷଜ୍ଞ ପୂର୍ବାନୁମାନ କରିଥିବାବେଳେ ବିଭିନ୍ନ ଦେଶରେ ସଂକ୍ରମଣ ବଢ଼ୁଥିବାରୁ ଟିକାକରଣ ପରେ ମଧ୍ୟ ନୂଆ ସଂକ୍ରମଣ ବୃଦ୍ଧିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି। ଚାଇନାର ଉତ୍ତରପଶ୍ଚିମ ଭାଗରେ ଭୂତାଣୁର ଡେଲ୍ଟା ଭାରିଆଣ୍ଟ ସଂକ୍ରମଣ ବଢ଼ୁଥିବାବେଳେ ଏହା ସାରା ଦେଶକୁ ବ୍ୟାପିବା ଆଶଙ୍କା ଦେଖାଦେଇଛି। ସେଥିପାଇଁ ସର୍ବାଧିକ ସଂକ୍ରମଣ ଦେଖାଦେଇଥିବା ଏଜିନ୍ କାଉଣ୍ଟିରେ ବେଜିଂ ଲକ୍‌ଡାଉନ୍ ଆରମ୍ଭ କରିଛି। ମଙ୍ଗୋଲିଆ ସୀମାବର୍ତ୍ତୀ ଉକ୍ତ କାଉଣ୍ଟିରେ ରହିଥିବା ୩୫,୭୦୦ ଲୋକଙ୍କୁ ସୋମବାରଠାରୁ ଘରେ ରହିବାକୁ କୁହାଯାଇଛି।

ସପ୍ତାହେ ମଧ୍ୟରେ ଚାଇନାର ୧୧ଟି ପ୍ରଦେଶକୁ ସଂକ୍ରମଣ ବ୍ୟାପିଥିବାବେଳେ ଆଗକୁ ସ୍ଥିତି ଆହୁରି ଗମ୍ଭୀର ହେବ ବୋଲି ଜାତୀୟ ସ୍ୱାସ୍ଥ୍ୟ କମିଶନ ଅଧିକାରୀମାନେ ଚେତାବନୀ ଦେବା ପରେ ଲକ୍‌ଡାଉନ ଘୋଷଣା କରାଯାଇଛି। ସୋମବାର ଚାଇନାରେ ୩୮ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ବଢ଼ିଚାଲିଥିବାରୁ ଚାଇନା ୩ରୁ ୧୧ ବର୍ଷ ବୟସର ଶିଶୁଙ୍କୁ କୋଭିଡ୍ ଟିକା ଦେବା ଆରମ୍ଭ କରିଛି। ଚାଇନା ଜନସଂଖ୍ୟାର ୭୬ ପ୍ରତିଶତ ବର୍ତ୍ତମାନ ସୁଦ୍ଧା କୋଭିଡ୍ ଟିକାର ସମ୍ପୂର୍ଣ୍ଣ ଡୋଜ୍ ନେଇସାରିଛନ୍ତି। ରୁଷିଆରେ କୋଭିଡ୍ ଦୈନିକ ସଂକ୍ରମଣ ସୋମବାର ରେକର୍ଡ ସ୍ତରରେ ପହଞ୍ଚିଥିବାରୁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଲୋକମାନଙ୍କୁ ଅକ୍ଟୋବର ୩୦ରୁ ନଭେମ୍ବର ୭ ପର୍ଯ୍ୟନ୍ତ କାମକୁ ନ ଯାଇ ଘରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓ ଘରୋଇ ସଂସ୍ଥା, ବ୍ୟବସାୟ ପ୍ରତିଷ୍ଠାନ, କର୍ପୋରେଟଗୁଡ଼ିକୁ କାମ ବନ୍ଦ ରଖିବାକୁ କୁହାଯାଇଛି। ଗୁରୁବାରଠାରୁ ଜିମ୍, ଆମୋଦପ୍ରମୋଦ ସ୍ଥାନ ସମେତ ସ୍କୁଲଗୁଡ଼ିକୁ ୧୧ ଦିନ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି। ରେଷ୍ଟୁରାଣ୍ଟ ଓ କେଫ୍‌ଗୁଡ଼ିକ କେବଳ ଖାଦ୍ୟ ପାର୍ସଲ ବିକ୍ରି କରିବେ। ରୁଷିଆ ସରକାରଙ୍କ କରୋନା ଭୂତାଣୁ ଟାସ୍କଫୋର୍ସ ତଥ୍ୟ ଅନୁଯାୟୀ ଗତ ୨୪ ଘଣ୍ଟାରେ ୩୭,୯୩୦ ଜଣ ସଂକ୍ରମିତ ହୋଇଛନ୍ତି। ୟୁକ୍ରେନରେ ଗତ ୨୪ ଘଣ୍ଟାରେ ସଂକ୍ରମଣ ଓ କୋଭିଡ୍ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ଜର୍ଜିଆର ଜାତୀୟ ରୋଗ ନିୟନ୍ତ୍ରଣ ଓ ଜନସ୍ୱାସ୍ଥ୍ୟ କେନ୍ଦ୍ର ରିପୋର୍ଟ ଅନୁଯାୟୀ ସେଠାରେ ଦିନକରେ ୪,୪୧୧ ସଂକ୍ରମିତ ଚିହ୍ନଟ ହେବା ସହ ୨୯ ଜଣଙ୍କ ମୃତ୍ୟୁ ଘଟିଛି। ସିଙ୍ଗାପୁରରେ ଗତ ଗୁରୁବାର ୩,୪୩୯ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେହିପରି ବ୍ରିଟେନରେ ଡେଲ୍ଟାର ଭାରିଆଣ୍ଟ ସଂକ୍ରମଣ ବଢ଼ିଚାଲିଥିବାବେଳେ ଏୱାଇ.୪.୨. ନାମରେ ଆଉ ଏକ ଭାରିଆଣ୍ଟରେ ୬ ପ୍ରତିଶତ ରୋଗୀ ଆକ୍ରାନ୍ତ ହୋଇଛନ୍ତି।



ଚାଇନାରେ ସ୍କୁଲ ପିଲାଙ୍କୁ ଟିକା ଦିଆଯାଉଛି।

## ନଭେମ୍ବରରେ ଆସିବ କର୍ବେଭାକ୍ସ

**ହାଇଦ୍ରାବାଦ, ୨୫।୧୦(ଆଇଏଏନ୍ଏସ୍)**



ନଭେମ୍ବର ଶେଷ ସୁଦ୍ଧା ହାଇଦ୍ରାବାଦର ଟିକା ଉତ୍ପାଦନକାରୀ କମ୍ପାନୀ ବାୟୋଲୋଜିକାଲ-ଇ ପ୍ରସ୍ତୁତ କୋଭିଡ୍ ଭାକ୍ସିନ 'କର୍ବେଭାକ୍ସ' ବଜାରକୁ ଆସିବ ବୋଲି ଆଶା କରାଯାଉଛି। ପ୍ରଥମ ଦିନରେ କମ୍ପାନୀ ପାଖାପାଖି ୧୦ କୋଟି ଡୋଜ୍ ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ କର୍ବେଭାକ୍ସର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଜାରି ରହିଥିବା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ମହିମା ଡାଟ୍‌ଲା ସୋମବାର କହିଛନ୍ତି। ନଭେମ୍ବରରେ ଏହି ପରୀକ୍ଷା ଶେଷ ହେବା ପରେ ଲାଇସେନ୍ସ ମିଳିଯିବ। ୨୦୨୨ ଶେଷ ସୁଦ୍ଧା ୧୦୦ କୋଟି କୋଭିଡ୍ ଟିକା ଉତ୍ପାଦନ ନିମନ୍ତେ କାରଖାନାର ସାମର୍ଥ୍ୟ ବଢ଼ାଇବା ପାଇଁ ଆମେରିକାର ଇଣ୍ଟରନ୍ୟାଶନାଲ ଡେଭେଲପମେଣ୍ଟ ଫାଇନାନ୍ସ କର୍ପୋରେଶନ (ଡିଏଫ୍‌ସି) ୫୦ ନିୟୁତ ଡଲାର ଯୋଗାଇଦେବ। ଏଥିପାଇଁ ସୋମବାର ଡିଏଫ୍‌ସ ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଛି।

## ନିର୍ବାଚନକୁ ପ୍ରଭାବିତ କରୁଛି ଫେସ୍‌ବୁକ୍

### ଜେପିସି ତଦନ୍ତ ଦାବି କଲା କଂଗ୍ରେସ

**ନୂଆଦିଲ୍ଲୀ, ୨୫।୧୦(ପି.ଟି.)**

ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍ ଭାରତରେ ନିର୍ବାଚନକୁ ପ୍ରଭାବିତ କରିବା ସହ ଗଣତନ୍ତ୍ରକୁ ଦୁର୍ବଳ କରୁଥିବା କଂଗ୍ରେସ ସୋମବାର ଅଭିଯୋଗ କରିଛି। ଯୁଗ୍ମ ସଂସଦୀୟ କମିଟି (ଜେପିସି) ଏହାର ତଦନ୍ତ କରିବା ଲାଗି ଦଳ ପକ୍ଷରୁ ଦାବି ହୋଇଛି। କଂଗ୍ରେସ ମୁଖପାତ୍ର ପୱନ ଖେରା କହିଛନ୍ତି, ଫେସ୍‌ବୁକ୍ ଏକ ଫେକ୍‌ବୁକ୍‌ରେ ପରିଣତ ହୋଇଛି। ଶାସକ ଦଳ ଭାଜପାର ବିଭିନ୍ନ ଏଜେଣ୍ଡାର ପ୍ରଚାର ପାଇଁ ଫେସ୍‌ବୁକ୍ ସହଯୋଗୀ ଭୂମିକା ନିଭାଉଥିବା କଂଗ୍ରେସ ମୁଖପାତ୍ର ଅଭିଯୋଗ କରିଛନ୍ତି।

## 'ଆଶ୍ରମ' ୱେବ୍ ସିରିଜ୍ ନାଁ ବଦଳାଇବାକୁ ଦାବି

### ପ୍ରକାଶ ଝା'ଙ୍କ ଶୁଟିଂ ସେଟ୍‌ରେ ବଜରଙ୍ଗ ଦଳ କର୍ମୀଙ୍କ ଆକ୍ରମଣ

**ଭୋପାଳ, ୨୫।୧୦**

ପ୍ରକାଶ ଝା'ଙ୍କ ନିର୍ଦ୍ଦେଶିତ ୱେବ୍ ସିରିଜ୍ 'ଆଶ୍ରମ'ର ନାମ ପରିବର୍ତ୍ତନ ଦାବି ଜୋର୍ ଧରିଛି। ରବିବାର ବଜରଙ୍ଗ ଦଳ କର୍ମୀମାନେ ଶୁଟିଂ ସେଟ୍‌ରେ ଆକ୍ରମଣ କରି ଭଙ୍ଗାରୁଜା କରିବା ପରେ ସୋମବାର ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ସେମାନଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି। ଜାଣିଶୁଣି ହିନ୍ଦୁଧର୍ମକୁ ଟାର୍ଗେଟ କରାଯାଉଛି। ୱେବ୍ ସିରିଜ୍ ନାଁ ବଦଳାଯିବା ଦରକାର ବୋଲି ସେ କହିଛନ୍ତି। ସେହିପରି ଡାବର କମ୍ପାନୀର ଏକ ବିଜ୍ଞାପନରେ ସମଲିଙ୍ଗୀ ଦମ୍ପତି କରୱା ଚୌଥ୍ ପାଳନ କରୁଥିବା ଦେଖାଯାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଭୋପାଳର ଆରେରା ହିଲ୍‌ସଠାରେ ରବିବାର ସନ୍ଧ୍ୟାରେ ପ୍ରକାଶ ଝା'ଙ୍କ 'ଆଶ୍ରମ-୩'ର ଶୁଟିଂ ଚାଲିଥିବାବେଳେ ବଜରଙ୍ଗ ଦଳ କର୍ମୀମାନେ ପହଞ୍ଚି ଭଙ୍ଗାରୁଜା କରିବା ଜଣେ କର୍ମଚାରୀଙ୍କୁ ଧରିନେଇ ଲାଇଟ୍ ଷ୍ଟାଣ୍ଡରେ ପିଟିଥିଲେ। ଉତ୍ତ୍ୟକ୍ତ ଲୋକେ ପ୍ରକାଶ ଝାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ମୁହଁକୁ କାଳି ଫିଙ୍ଗିଥିଲେ। 'ଆଶ୍ରମ' ନାମରେ ହିନ୍ଦୁଧର୍ମ ପ୍ରତି ଅପମାନ କରାଯାଇଛି। ଏହାର ନାମ ପରିବର୍ତ୍ତନ କରା ନ ଗଲେ ଉକ୍ତ ସିରିଜକୁ ପ୍ରସାରଣ ଅନୁମତି ଦିଆଯିବ ନାହିଁ ବୋଲି ବଜରଙ୍ଗ ଦଳ ପକ୍ଷରୁ କୁହାଯାଇଛି।

## ରାଜା ଅବଦୁଲ୍ଲାଙ୍କୁ ହତ୍ୟା ଯୋଜନା କରିଥିଲେ କ୍ରାଉନ୍ ପ୍ରିନ୍ସ

### ପୂର୍ବତନ ସାଉଦି ଗୋଇନ୍ଦା ଅଧିକାରୀଙ୍କ ଅଭିଯୋଗ

**ରିୟାଧ, ୨୫।୧୦**

ସାଉଦି କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ(ଏମ୍‌ବିଏସ୍) ୨୦୧୪ରେ ତତ୍କାଳୀନ ରାଜା ଅବଦୁଲ୍ଲାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଏକ ବିଷଯୁକ୍ତ ରିଙ୍ଗ୍ ସହାୟତାରେ ମାରିବା ପାଇଁ ଏମ୍‌ବିଏସ୍ କଥା ହେଉଥିଲେ। ଏହି ଯୋଜନା ସମ୍ପର୍କରେ ସାଉଦି ଆରବର ପୂର୍ବତନ ଗୋଇନ୍ଦା ଅଧିକାରୀ ସାଦ୍ ଅଲଜାବ୍ରି ଜାଣିଦେବାରୁ ତାଙ୍କୁ ମଧ୍ୟ ମାରିଦେବାକୁ କ୍ରାଉନ୍ ପ୍ରିନ୍ସ ଚାହିଁଥିଲେ ବୋଲି ଆମେରିକାର ସିବିଏସ୍ ଟେଲିଭିଜନ ଚ୍ୟାନେଲକୁ ଏକ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି।



ମହମ୍ମଦ ବିନ୍ ସଲମାନ



ସାଦ୍ ଅଲଜାବ୍ରି

ରବିବାର ପ୍ରସାରିତ ହୋଇଥିବା ୬୦ ମିନିଟ୍‌ର ଏକ ଭିଡିଓରେ ସାଦ୍ କହିଛନ୍ତି, ରାଜାଙ୍କ ଉତ୍ତରାଧିକାରୀ ତଥା ୪ ବର୍ଷ ପୂର୍ବରୁ ଶାସନ କ୍ଷମତା ପ୍ରୟୋଗ କରି ଆସୁଥିବା ଏମ୍‌ବିଏସ୍ ଏକଦା କହିଥିଲେ, ସେ ରୁଷିଆରୁ ଏକ ବିଷ ମୁଦି ଆଣିଛନ୍ତି। ଉକ୍ତ ମୁଦି ପିନ୍ଧାଇଦେଲେ ରାଜା ଅବଦୁଲ୍ଲାଙ୍କ ମୃତ୍ୟୁ ହୋଇଯିବ। ୨୦୧୮ରେ ସ୍ତମ୍ଭକାର ଜମାଲ ଖାଶୋଗୀଙ୍କୁ ଏମ୍‌ବିଏସ୍ ଯୋଜନାବଦ୍ଧ ଭାବେ ହତ୍ୟା କରିବାର କିଛି ସପ୍ତାହ ପରେ ସାଦ୍‌ଙ୍କୁ ମାରିଦେବାକୁ ଚାହିଁଥିଲେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସାଦ୍ ଦୁର୍ନୀତିଗ୍ରସ୍ତ ପୂର୍ବତନ ଅଧିକାରୀ। ତାଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ରହିଥିବାରୁ ଏହାକୁ ଲୁଚାଇବା ପାଇଁ ସେ ବିଭିନ୍ନ ସମୟରେ ଏଭଳି ମନଗଢ଼ା ଅଭିଯୋଗ କରିଥାନ୍ତି ବୋଲି ସାଉଦି ସରକାର ସିବିଏସ୍‌କୁ କହିଛନ୍ତି। ତେବେ ସାଉଦି ସରକାରଙ୍କ ଅନ୍ତର୍ଜାତୀୟ ଯୋଗାଯୋଗ କେନ୍ଦ୍ରକୁ ଏ ସମ୍ପର୍କରେ ଜାଣିବା ପାଇଁ ଇ-ମେଲ୍ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।

୨୦୧୫ରେ ରାଜା ଅବଦୁଲ୍ଲାଙ୍କ ମୃତ୍ୟୁ ପରେ ଏମ୍‌ବିଏସ୍‌ଙ୍କ ବାପା ସଲମାନ ବିନ୍ ଅବଦୁଲାଜିଜ୍ ଶାସନ କ୍ଷମତା ହାସଲ କରିଥିଲେ। ପୂର୍ବତନ କ୍ରାଉନ୍ ପ୍ରିନ୍ସ ତଥା ସାଉଦିର ଆଭ୍ୟନ୍ତରୀଣ ମନ୍ତ୍ରୀ ପ୍ରିନ୍ସ ମହମ୍ମଦ ବିନ୍ ନାୟେଫଙ୍କର ଅତି ଘନିଷ୍ଠ ଥିଲେ ସାଦ୍। ନାୟେଫ୍ ବର୍ତ୍ତମାନର କ୍ରାଉନ୍ ପ୍ରିନ୍ସ ଏମ୍‌ବିଏସ୍‌ଙ୍କର ସମ୍ପର୍କୀୟ ଭାଇ ଓ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଏମ୍‌ବିଏସ୍ କ୍ଷମତା ହାସଲ କରିବା ପରେ ସାଦ୍ କାନାଡ଼ା ଚାଲିଯାଇ ନିର୍ବାସନରେ ରହିଥିଲେ। ତାଙ୍କୁ ଖୋଜି ବାହାର କରିବା ସହ ହତ୍ୟା କରିବା ଲାଗି ଏମ୍‌ବିଏସ୍ ଗୋଟିଏ ଟିମ୍ ପଠାଇଥିବା ନେଇ ସାଦ୍ ୨୦୨୦ରେ ୱାଶିଂଟନରେ ଏକ ମାମଲା ଦାଏର କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୪୬,୩୪,୭୧୬ | ୪୯,୬୭,୧୭୩ | ୨୨,୧୬,୨୫,୫୪୭ |
| ଭାରତ | ୩,୪୨,୦୦,୯୫୭ | ୪,୫୫,୦୯୩ | ୩,୩୫,୭୪,୯୭୩ |
| ଓଡ଼ିଶା | ୧୦,୩୮,୮୩୬ | ୮୩୧୨(+୫୩) | ୧୦,୨୬,୨୭୭ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଦକ୍ଷିଣ ଓଡ଼ିଶାରେ ହାଲୁକା ବର୍ଷା
### ୨ରୁ ଶୀତ ବଢ଼ିବ

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ):** ରାଜ୍ୟରେ ହାଲୁକା ଶୀତ ପଡିଛି। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସି ଯାଇଛି। ୨୭ରୁ ୨୯ ତାରିଖ ମଧରେ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ ଆଦି ଜିଲାରେ ସ୍ୱଳ୍ପରୁ ମଧମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ଆକାଶ ମେଘାଚ୍ଛନ୍ନ ରହିବ। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବ। ତେବେ ନଭେମ୍ବର ୨ ବେଳକୁ ପାରଦ ପୁଣି ତଳମୁହାଁ ହେବ। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ ଦାରିଙ୍ଗବାଡିରେ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ରେ ୧୭, ଭବାନୀପାଟଣାରେ ୧୭.୪, କେନ୍ଦୁଝରରେ ୧୭.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ
#### ଭାଇକୁ ଗୁଳିକରି ହତ୍ୟା ମାମଲା

**ଖୋର୍ଦ୍ଧା ଅଫିସ,୨୫।୧୦:** ପାରିବାରିକ ଅଶାନ୍ତିରୁ ଭାଇକୁ ଗୁଳିକରି ହତ୍ୟା ମାମଲାର ରାୟ ୫ବର୍ଷ ପରେ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍(୨ୟ) ଅଭିଯୁକ୍ତ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦେଉଳଟାଙ୍ଗୀ ଗ୍ରାମର ମହମ୍ମଦ ଶେଖାଓତ ଓରଫ କାଲାଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ ଏବଂ ୧୫ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ସୂଚନାଥାଉ କି, ୨୦୧୭ ମସିହାରେ ଅଭିଯୁକ୍ତ କାଲା ଏବଂ ତାଙ୍କ ଭାଇ ମହମ୍ମଦ ଶାବିକଙ୍କ ମଧରେ କୌଣସି କାରଣକୁ ନେଇ ଅଶାନ୍ତି ରହିଥିଲା। ସ୍ଥାନୀୟ ତୋଟାପଡା ଛକରେ ଉଭୟଙ୍କ ମଧରେ ପାଟିତୁଣ୍ଡ ବେଳେ ହଠାତ୍ ଅଭିଯୁକ୍ତ ପାଖରେ ରଖିଥିବା ବନ୍ଧୁକ ବାହାର କରି ଶାବିକଙ୍କ ଉପରକୁ ଅତିର୍କିତ ଭାବେ ଗୁଳି ଚଳାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତ କାଲାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୋମବାର କୋର୍ଟ ଏହି ମାମଲାର ଶୁଣାଣି କରି ୧୫ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପ୍ଲବିକ ପ୍ରସିକ୍ୟୁଟର ଅନିଲ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

### ବ୍ରାଉନସୁଗାର ଜବତ, ଦୋକାନୀ ଗିରଫ

**ନିରାକାରପୁର,୨୫।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏସ୍‌ଟିଏଫ, ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର କମୁନାହିଁ। ଏଥିସହ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଯୁବକ, କଲେଜ ଛାତ୍ର ଏବଂ ମହିଳାମାନଙ୍କୁ ଏଥିରେ ସାମିଲ କରାଯାଉଛି। ଏହି କାରବାର ଅଭିଯୋଗରେ ଜଙ୍କିଆ ଥାନା ପୋଲିସ ରମାବିଲି ଟାଙ୍ଗୀସାହି ବାହାଡା ଛକରେ ଜଣେ ଦୋକାନୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଦିଲୀପ ମଙ୍ଗରାଜ ଓରଫ ଦିଲୁ(୩୭)। ତାଙ୍କ ନିକଟରୁ ୧୧.୨୪ ଗ୍ରାମର ବ୍ରାଉନସୁଗାର ସହ ୯୦୦ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ଲକ୍ଷ ୧୦ ହଜାର ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା (ନଂ.୨୪୧/୨୧) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି ବୋଲି ସୋମବାର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ସୂଚନା ମୁତାବକ, ରମାବିଲି ଟାଙ୍ଗୀସାହି ବାହାଡା ଛକରେ ରହିଥିବା ଏକ ପାନଦୋକାନ ପାଖରେ ବ୍ରାଉନସୁଗାର କାରବାର ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଥାନାଧିକାରୀ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ରବିବାର ଉକ୍ତ ସ୍ଥାନରେ ଚଢ଼ାଉ କରି ଦୋକାନୀଙ୍କୁ ଧରିବା ସହ ବ୍ରାଉନସୁଗାର ଜବତ କରିଥିଲେ। ଏହି ଚଢାଉରେ ଅନ୍ୟମାନଙ୍କ ମଧରେ ତଦନ୍ତକାରୀ ଅଧିକାରୀ ଉମାକାନ୍ତ ସାହୁ, ଏଏସ୍‌ଆଇ ଭାଗ୍ୟଶ୍ରୀ ବେହେରାଙ୍କ ସମେତ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଚାକିରି ନାଁରେ ୧୪ଲକ୍ଷ ଠକେଇ

**ଝାରସୁଗୁଡ଼ା ଅଫିସ,୨୫।୧୦**



ଗିରଫ ୩ ଭଉଣୀଭାଇ। ଜବତ ଟଙ୍କା, ଆଧାର କାର୍ଡ, ଭୋଟର କାର୍ଡ, ମୋବାଇଲ୍ ଆଦି।

ସହଜ ଉପାୟରେ ଲକ୍ଷାଧିକ ଟଙ୍କା ରୋଜଗାର ପାଇଁ ୩ ଭଉଣୀଭାଇ ରଚିଥିଲେ ଯୋଜନା। ଜଣେ ଯୁବକଙ୍କୁ ରେଲବାଇରେ ଚାକିରି ଦେବା ନାମରେ ତାଙ୍କ ନିକଟରୁ ୧୪ଲକ୍ଷ ଟଙ୍କା ଠକିନେଇଥିଲେ। ଯୁବକଙ୍କ ଅଭିଯୋଗ ପରେ ଝାରସୁଗୁଡ଼ା ପୋଲିସ ତଦନ୍ତ କରି ସମ୍ପୃକ୍ତ ଭଉଣୀ ଭାଇଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବଡଭଉଣୀ ଝରଣା ବାଦି (୩୨), ସାନଭଉଣୀ ରାଜକୁମାରୀ ବାଦି (୧୯) ଓ ଭାଇ ରାଜେଶ ବାଦି (୩୦)। ଏମାନଙ୍କ ଘର ଝାରସୁଗୁଡା ପୁରୁଣାବସ୍ତି ବାବୁପଡା ହୋଇଥିବାବେଳେ କିଛିବର୍ଷ ହେଲା ଏମାନେ ବରଗଡ ଜିଲା ପ୍ରଧାନପାଲି ଛକ ଗଣପତି ଆପାଟମେଣ୍ଟରେ ଭଡ଼ାରେ ରହୁଥିଲେ। ଏମାନଙ୍କ ନିକଟରୁ ପୋଲିସ ୧୨ଲକ୍ଷ ୯୬ହଜାର ଟଙ୍କା, ଓଆର୍‌୦୨ବିଜି୫୦୭ନଂ. କାର୍, ୩ ମୋବାଇଲ୍,୧ ଲାପଟପ୍, ନକଲି ଆଧାରକାର୍ଡ, ଭୋଟରକାର୍ଡ, ଲାମିନେଶନ ମେଶିନ, ଟଙ୍କା ଭାବେ ବ୍ୟବହାର କରୁଥିବା ପେପର ବଣ୍ଡଲ୍ ଆଦି ଜବତ କରିଛି ।

ଏସ୍‌ପି ବିକାଶ ଚନ୍ଦ୍ର ଦାସ,ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ସାବିତ୍ରୀ ବଳଙ୍କ ଉପସ୍ଥିତିରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ଦାସ କହିଛନ୍ତି, ଠକାମିର ଶିକାର ହୋଇଥିବା ବ୍ରଜରାଜନଗର ଥାନା ଚିଚିଣ୍ଡା ଗ୍ରାମର ମାନସ ରଞ୍ଜନ ପଟେଲଙ୍କ ଅଭିଯୋଗକୁ ନେଇ ଗତ ଶୁକ୍ରବାର ଝାରସୁଗୁଡା ଟାଉନ ଥାନାରେ ମାମଲା (ନଂ୫୨୧/୨୧) ରୁଜୁ ହୋଇଥିଲା। ପୋଲିସ ତଦନ୍ତରୁ ଜଣାପଡିଥିଲା, ମାନସ ୮ମାସ ତଳେ ରେଲବାଇରେ ଚାକିରି କରିବା ପାଇଁ ପରୀକ୍ଷା ଦେଇଥିଲେ। ଏହାର ଫଳ ବାହାରି ନ ଥିବାବେଳେ ୩ମାସ ତଳେ ବଡଭଉଣୀ ଝରଣା ନିଜକୁ ରେଲବାଇର ଜଣେ ଅଧିକାରୀ ବୋଲି ପରିଚୟ ଦେଇ ମାନସଙ୍କୁ ଫୋନ୍ କରିଥିଲେ। ତୁମର ରେଲବାଇ ପରୀକ୍ଷା ଭଲ ହୋଇଛି । ୧୪ଲକ୍ଷ ଟଙ୍କା ଦେଲେ ଚାକିରି ଦିଆଯିବ। ପରେ ୧୭ତାରିଖରେ ଝରଣା ପୁଣି ମାନସଙ୍କୁ ଫୋନ୍‌କରି ତୁମେ ଚାକିରି କରିବ କି ନାହିଁ ନଚେତ ଭଲ ରେଜଲ୍ଟ କରିଥିବା ଅନ୍ୟ କ୍ୟାଣ୍ଡିଡେଟ୍‌କୁ ଦେଇ ଦିଆଯିବ। ଏଥିରେ ମାନସ ବ୍ୟସ୍ତ ହୋଇ ଟଙ୍କା ଯୋଗାଡରେ ଲାଗିପଡିଲେ। ଟ୍ରାକ୍ଟର ବନ୍ଧକ, ସମ୍ପର୍କୀୟ ବଡଭାଇଙ୍କ ନିକଟରୁ ଧାରଉଧାର କରି ୧୪ଲକ୍ଷ ଟଙ୍କା ଯୋଗାଡ କରିଥିଲେ।

- **ଭଉଣୀଭାଇ ଗିରଫ**
- **୧୨.୯୬ଲକ୍ଷ ଟଙ୍କା, କାର୍, ଲାପ୍‌ଟପ୍ ଜବତ**

ପରେ ସେ ଝରଣାଙ୍କୁ ଫୋନ୍ କରିଥିଲେ। ଝରଣା ଓ ତାଙ୍କ ଭାଇ ଭଉଣୀ ଶୁକ୍ରବାର ଝାରସୁଗୁଡା ସହରର ଏକ ହୋଟେଲରେ ରହିବା ପରେ ମାନସଙ୍କୁ ଟଙ୍କାଧରି ଆସିବାକୁ କହିଥିଲେ। ମାନସ ତାଙ୍କ ବଡଭାଇଙ୍କୁ ସାଙ୍ଗରେ ଧରି ଯାଇଥିଲେ। ବଡଭାଇ ବାହାରେ ରହିଥିବାବେଳେ ମାନସ ପୂର୍ବରୁ ହୋଟେଲ ତଳମହଲାରେ ଅପେକ୍ଷା କରିଥିବା ୩ ଭଉଣୀ ଭାଇଙ୍କୁ ଭେଟିଥିଲେ। ସେମାନେ ଏତେଟଙ୍କା ଧରିଛ ଭିଜିଲାନ୍ସ ଧରିବ କହି ତାଙ୍କ ନିକଟରୁ ଟଙ୍କାନେଇ ଏକ ଲେଦର ବ୍ୟାଗ୍‌ରେରଖି ଚାବି ପକାଇଥିଲେ। ପୂର୍ବରୁ ଏକାଭଳି ଅନ୍ୟ ଲେଦର ବ୍ୟାଗ୍‌ରେ କାଗଜ ବଣ୍ଡଲ ରଖାଯାଇ ଚାବି ପକାଯାଇଥିଲା। ଏହି ବ୍ୟାଗ୍‌କୁ ନେଇ ସେମାନେ ରହୁଥିବା ହୋଟେଲ ଉପର ମହଲାକୁ ଯାଇଥିଲେ । ଇତିମଧ୍ୟରେ ବ୍ୟାଗ୍ ପରିବର୍ତ୍ତନ କରି ନକଲି ବ୍ୟାଗକୁ ମାନସଙ୍କୁ ଧରାଇ ଦେଇଥିଲେ। ରୁମ୍ ଭିତରେ ତାଙ୍କୁ ବସାଇ ସେମାନେ ରେଳବାଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଡାକିବାକୁ ଯାଉଛୁ କହି ବାହାରପଟୁ ରୁମ୍‌ବନ୍ଦକରି ପଳାଇଥିଲେ। ଦୀର୍ଘ ସମୟ ପରେ ମାନସ ସେମାନଙ୍କୁ ଫୋନ୍ କରିବାରୁ ସୁଇଚ୍ ଅଫ୍ ହୋଇଯାଇଥିଲା। ପରେ ମାନସ ରୁମ୍‌ର ଭିତର ଲକ୍‌ଭାଙ୍ଗି ବାହାରକୁ ଆସି ବଡଭାଇଙ୍କୁ ଏ ସମ୍ପର୍କରେ କହିଥିଲେ। ବଡଭାଇ ଟଙ୍କା ସମ୍ପର୍କରେ ପଚାରିବାରୁ ମାନସ ତାଙ୍କ ପାଖରେ ଥିବା କହିଥିଲେ। ଉଭୟ କିଛିବାଟ ଯିବା ପରେ ସନ୍ଦେହ ହେବାରୁ ତାଲାପଡିଥିବା ବ୍ୟାଗ୍‌କୁ ଛୁରିରେ କାଟି ଟଙ୍କା ବଦଳରେ କାଗଜ ବଣ୍ଡଲ ଥିବା ଦେଖିଥିଲେ। ପରେ ଦୁଇଭାଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ବରଗଡ ଜିଲା ଗଣପତି ଆପାର୍ଟମେଣ୍ଟରେ ଚଢାଉ କରି ୩ଜଣଙ୍କୁ ଗିରଫ କରିଥିଲା।

## ସବୁ ଯାତ୍ରୀବାହୀ ଗାଡ଼ିରେ ରହିବ ଭିଏଲ୍‌ଟିଡି

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ରାଜ୍ୟର ସବୁ ଯାତ୍ରୀବାହୀ ଗାଡିରେ ଭିଏଲ୍‌ଟିଡି (ଭେଇକିଲ ଲୋକେଶନ ଟ୍ରାକିଂ ଡିଭାଇସ) ଲାଗିବ। ଓଲା, ଉବେର, ମୋ ବସ୍ ଭଳି ଯାତ୍ରୀବାହୀ ଗାଡିଗୁଡିକରେ ଏହି ସୁବିଧା ରହିଛି। ଏହାଦ୍ୱାରା ଯାତ୍ରୀମାନେ ଏହିସବୁ ବସ୍, କାର୍ କିମ୍ବା ଅଟୋ ଆଦିର ଯାତାୟାତ ସମ୍ପର୍କରେ ପ୍ରତି ସେକେଣ୍ଡର ରିପୋର୍ଟ ମୋବାଇଲ ସାହାଯ୍ୟରେ ରଖିପାରୁଛନ୍ତି। ସମାନଭାବେ ଏହି ବ୍ୟବସ୍ଥା ସବୁ ଯାତ୍ରୀବାହୀ ଗାଡ଼ିରେ ବାଧ୍ୟତାମୂଳକ କରାଯିବ। ଏହାଦ୍ୱାରା ଯାତ୍ରୀମାନେ କୌଣସି ସ୍ଥାନରେ ଅସୁବିଧାର ସମ୍ମୁଖୀନ ହେଲେ ସେମାନଙ୍କ ପାଇଁ ଏକ ସୁଇଚ୍ ବ୍ୟବସ୍ଥା ରହିବ। ସେମାନେ ଉକ୍ତ ସୁଇଚ୍‌କୁ ଦବାଇଲେ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍‌ରେ ମେସେଜ ପହଞ୍ଚିଯିବ। ଫଳରେ ସେହି ଗାଡିର ଲୋକେଶନକୁ ଟ୍ରାକିଂ କରାଯାଇପାରିବ। ଏହି କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ଭୁବନେଶ୍ୱରସ୍ଥିତ ନିଳାଦ୍ରୀବିହାର ଠାରେ ରହିବ। ଏହା ରାଜ୍ୟର ମୁଖ୍ୟ ଅଫିସ ହେବ। ଭୁବନେଶ୍ୱର ଆର୍‌ଟିଓ-୨ କାର୍ଯ୍ୟାଳୟ ସେଠାକୁ ମଧ ସ୍ଥାନାନ୍ତର ହୋଇଯିବ। ଏଥିପାଇଁ ଗୃହ ନିର୍ମାଣ କାର୍ଯ୍ୟ କିଛିଦିନ ମଧରେ ସମ୍ପୂର୍ଣ୍ଣ ହୋଇଯିବ। ଏହି ବ୍ୟବସ୍ଥା ୨୦୨୨ ଜୁନ୍ ସୁଦ୍ଧା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ପରିବହନ ବିଭାଗ ଅଧୀନରେ ଏହି ବ୍ୟବସ୍ଥା ରହିବ। ଏଥିଲାଗି ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ ବୋଲି ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ରାଜ୍ୟକୁ ଚିଠି କରାଯିବା ସହ ଉକ୍ତ ବ୍ୟବସ୍ଥା ଲାଗୁ କରିବା ପାଇଁ କୁହାଯାଇଥିଲା। ସେହି ଅନୁଯାୟୀ ସବୁ ଯାତ୍ରୀବାହୀ ଗାଡ଼ିରେ ଭିଏଲ୍‌ଟିଡି ଲଗାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ୧୧ ନଭେମ୍ବର ୨୦୨୦ରେ ଏ ନେଇ କେନ୍ଦ୍ର ପରିବହନ ମନ୍ତ୍ରଣାଳୟ ଏବଂ ଓଡ଼ିଶା ପରିବହନ ବିଭାଗ ମଧ୍ୟରେ ଏମ୍‌ଓୟୁ ହୋଇସାରିଛି। ଏସ୍‌ଟିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଭିଏଲ୍‌ଟିଡି ବ୍ୟବସ୍ଥା ଥିବା ଯାତ୍ରୀବାହୀ ଗାଡ଼ିର ଯାତାୟାତ ସମ୍ପର୍କିତ ସମସ୍ତ ତଥ୍ୟ ସରକାରଙ୍କ ପାଖରେ ରହିପାରିବ। ଏହାଦ୍ୱାରା ରାଜ୍ୟରେ ଅପରାଧ ହ୍ରାସ ପାଇବ। ଉଇପ୍ରୋ କନସଲଟିଂ ଏଜେନ୍ସିକୁ ଏହାର ଦାୟିତ୍ୱ ଦିଆଯାଇଛି। ଏହାଦ୍ୱାରା ଗାଡ଼ି ମାଲିକ, ଯାତ୍ରୀ ଓ ସରକାର ସୁବିଧା ପାଇବେ। ତେବେ ବାହାର ରାଜ୍ୟରେ ଯଦି ଏହି ବ୍ୟବସ୍ଥା ନ ଥାଏ ତେବେ ସେଠାରୁ ଆସୁଥିବା ଗାଡିଗୁଡିକର କୌଣସି ତଥ୍ୟ ରାଜ୍ୟ ପରିବହନ ବିଭାଗ ରଖିପାରିବ ନାହିଁ ବୋଲି ଅଧିକାରୀ ଜଣଙ୍କ ପ୍ରକାଶ କରିଛନ୍ତି।

## ନୂଆ ମାଟ୍ରିକ୍ ପରୀକ୍ଷା, ମୂଲ୍ୟାଙ୍କନ ପଦ୍ଧତିକୁ ବିରୋଧ


ଖବରଦାତା ସମ୍ମିଳନୀରେ ଓଷ୍ଟାର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)**

ଚଳିତବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ମାଟ୍ରିକ୍ ପରୀକ୍ଷା ଓ ଏହାର ମୂଲ୍ୟାଙ୍କନ ପଦ୍ଧତିକୁ ବିରୋଧ କରିଛି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)। ବର୍ଷକୁ ଦୁଇଟି ବୋର୍ଡ ପରୀକ୍ଷା ଓ ୪ଟି ଗଠନମୂଳକ ମୂଲ୍ୟାଙ୍କନ କରାଯିବ। ପ୍ରଥମେ ପରୀକ୍ଷାର୍ଥୀ ୬ ମାସରେ ଅଧା ବିଷୟରେ ବୋର୍ଡ ପରୀକ୍ଷା ଦେବେ ଓ ଶେଷରେ ସମ୍ପୂର୍ଣ୍ଣ ବିଷୟରେ ପରୀକ୍ଷା ଦେବେ। ଏହା ଶିକ୍ଷାର୍ଥୀଙ୍କ ଉପରେ ଅଧିକ ବୋଝ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଓଷ୍ଟା ପକ୍ଷରୁ ସାମ୍ବାଦିକ ଭବନରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ବର୍ଷତମାମ ପରୀକ୍ଷା ଓ ଏହାର ମୂଲ୍ୟାୟନ ପିଲାଙ୍କୁ ଅଧିକ ଭାରାକ୍ରାନ୍ତ କରିବ। କରୋନା ମାର୍ଗଦର୍ଶିକା ଆଧାରରେ ପିଲାଙ୍କୁ ବସାଇବାରେ ଅଧିକ ସେକ୍ସନ କରାଯାଇଛି ଓ ସେମାନଙ୍କୁ ପଢ଼ାଇବା ପାଇଁ ବିଷୟ ଭିତ୍ତିକ ଶିକ୍ଷକ ନାହାନ୍ତି। ନିର୍ଦ୍ଧାରିତ ସମୟରେ ପାଠ୍ୟଖସଡ଼ା ଶେଷ ହୋଇପାରୁ ନାହିଁ। ବିଦ୍ୟାଳୟ ଆସିବା ମଧ ବାଧ୍ୟତାମୂଳକ କରାଯାଇ ନ ଥିବାରୁ ସେହି ପିଲାମାନେ କିଭଳି ଏହିସବୁ ପରୀକ୍ଷାର ସମ୍ମୁଖୀନ ହେବେ ତାହା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ପାଠପଢ଼ା ଅବଧିକୁ କମାଯାଇଛି। ଅଭିଭାବକମାନେ ବିଦ୍ୟାଳୟରୁ ପ୍ରଶ୍ନପତ୍ର ନେଇ ଘରେ ପିଲାମାନଙ୍କୁ ପରୀକ୍ଷା କରାଇ ଉତ୍ତର ଖାତାକୁ ବିଦ୍ୟାଳୟରେ ଜମା କରିବାର ଯେଉଁ ବ୍ୟବସ୍ଥା କଥା କୁହାଯାଇଛି, ତାହା ସର୍ବାଦୌ ସମୀଚୀନ ନୁହେଁ। ଏହା ପରୀକ୍ଷାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ଲଗାଇବା ସହିତ ପ୍ରଶ୍ନପତ୍ର ପ୍ରଘଟ ଓ ଉତ୍ତର ଖାତା ବାଟରେ ଗାଏବ ହୋଇଯିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଅର୍ଦ୍ଧବାର୍ଷିକ ବୋର୍ଡ ପରୀକ୍ଷାରେ କେବଳ ୫୦ ନମ୍ବର ବହୁ ବିକଳ୍ପଧାରୀ ବସ୍ତୁନିଷ୍ଠ ପ୍ରଶ୍ନ ଓ ବାର୍ଷିକ ବୋର୍ଡ ପରୀକ୍ଷାରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ଆସିବାର ଯେଉଁ ବ୍ୟବସ୍ଥା ନିର୍ଦ୍ଧାରଣ ହୋଇଛି, ତାହା ମେଧାବୀ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ପାଇଁ ଅନ୍ତରାୟ ସୃଷ୍ଟି କରିବ। ତେଣୁ ଚଳିତବର୍ଷ ପାଇଁ ଦୁଇଟି ବୋର୍ଡ଼ ପରୀକ୍ଷା ନ କରି ଏପ୍ରିଲରେ ଗୋଟିଏ ବୋର୍ଡ଼ ପରୀକ୍ଷା କରାଯାଉ। ୫୦ ମାର୍କ ବହୁ ବିକଳ୍ପଧାରୀ ବସ୍ତୁନିଷ୍ଠ ପ୍ରଶ୍ନ ଓ ୩୦ ମାର୍କ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ସହିତ ବିଦ୍ୟାଳୟଦ୍ୱାରା ଆକଳନ କରାଯାଇଥିବା ୨୦ ମାର୍କ ଆଧାରରେ ପରୀକ୍ଷା କରାଯାଉ। ଦୁଇଟି ବୋର୍ଡ ପରୀକ୍ଷା କରାଗଲେ ଉଭୟ ପରୀକ୍ଷାରେ ଦୀର୍ଘ ଉତ୍ତରମୂଳକ ଓ ବସ୍ତୁନିଷ୍ଠ ପ୍ରଶ୍ନ ରଖାଯାଉ ଓ ଏହାକୁ 'ସେମିଷ୍ଟର' ଭାବେ ଗ୍ରହଣ କରାଯାଉ। ଗୃହ ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବାତିଲ କରାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

### ବିକଳ୍ପ ପ୍ରସ୍ତାବ ଦେଲା ଓଷ୍ଟା

## ଶ୍ରମ କମିଶନର କାର୍ଯ୍ୟାଳୟ ଘେରିବ ନିର୍ମାଣ ଶ୍ରମିକ ସଂଗଠନ

**ଭୁବନେଶ୍ୱର, ୨୫।୧୦ (ବ୍ୟୁରୋ)**

ବିଶ୍ୱକର୍ମା ନିର୍ମାଣ ଶ୍ରମିକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱ କରିଥିବାବେଳେ ବିଭିନ୍ନ ଜିଲାରୁ ଶ୍ରମିକ ନେତାମାନେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କରୋନା ପାଇଁ ଜୀବନ ଜୀବିକା ହରାଇ ଏମାନେ ହା ହୁତାଶ ମଧରେ କାଳାତିପାତ କରୁଥିଲେ ମଧ ପ୍ରାପ୍ୟ ଓ ସହାୟତା ପାଇବାରୁ ବଞ୍ଚିତ ହେଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ପ୍ରତିବାଦ ସ୍ୱରୂପ ଆସନ୍ତା ମାସରେ ସଂଗଠନ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରିବ ବୋଲି ନିଷ୍ପତ୍ତି ନିଆଯାଇଛି। ସଭାପତି ଡ. ଖୁଣ୍ଟିଆ କହିଲେ, ନିର୍ମାଣ ଶ୍ରମିକ କଲ୍ୟାଣ ପରିଷଦକୁ ଶାସକଦଳ ପ୍ରଭାବିତ କରି ଜିଲା ଶ୍ରମ କାର୍ଯ୍ୟାଳୟକୁ ନିଜ ନିୟନ୍ତ୍ରଣରେ ରଖି ଦଳୀୟ ଭିତିରେ ପଞ୍ଜିକରଣ, ନବୀକରଣ ଓ ସହାୟତା ପ୍ରଦାନ କରୁଛନ୍ତି। ଏହାଦ୍ୱାରା ପ୍ରାୟ ୪ ଲକ୍ଷରୁ ଅଧିକ ଯୋଗ୍ୟ ଶ୍ରମିକ ସହାୟତାରୁ ବଞ୍ଚିତ ହୋଇଛନ୍ତି। ବୈଠକରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଜେନା ଓ ଖୋର୍ଦ୍ଧା ଜିଲା ମହିଳା ଶାଖା ସଭାନେତ୍ରୀ ସିଲି ସେଠୀ ଉପସ୍ଥିତଥିଲେ।

## ମୟୂରଭଞ୍ଜ ବନ୍ଦ ଶାନ୍ତିପୂର୍ଣ୍ଣ

**ବାରିପଦା ଅଫିସ,୨୫।୧୦**

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଭାଜପା କର୍ମୀଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ୧୬ଦଫା ଦାବି ନେଇ ସୋମବାର ଭାଜପା ପକ୍ଷରୁ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି। ଜିଲା ମୁଖ୍ୟାଳୟ ବାରିପଦା ସହର ସମେତ ରାଇରଙ୍ଗପୁର, ଉଦଳା ଓ କରଞ୍ଜିଆ ଉପଖଣ୍ଡରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଭାଜପା କର୍ମୀମାନେ ସକାଳ ୬ଟାରୁ ୧୮ନଂ. ଜାତୀୟ ରାଜପଥକୁ ଅବରୋଧ କରିବା ସହିତ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ଫଳରେ ଶତାଧିକ ଯାନବାହନ ଅଟକି ରହିଥିଲା। କର୍ମୀମାନେ ବାଇକ୍ ରାଲିରେ ବାହାରି ଦୋକାନ ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ବନ୍ଦ କରିଥିଲେ। ଜିଲାରେ ଥିବା ସମସ୍ତ ସ୍କୁଲ, କଲେଜ, ଦୋକାନ ବଜାର, ବ୍ୟବସାୟିକ ଅନୁଷ୍ଠାନ, ପେଟ୍ରୋଲପମ୍ପ ଆଦି ବନ୍ଦ ରହିଥିଲା। ଭାଜପା କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୋଲିସ ଛାଉଣି କରାଯିବା ସହିତ ସାରା ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀଙ୍କ ବାଇକ୍ ରାଲି।

## ଆଇସିଏଆର୍-ସିଆଇଡବ୍ଲ୍ୟୁଏ ସହ ସୋଆର ଚୁକ୍ତିନାମା


ସୋଆ ପ୍ରତିଷ୍ଠାତା ସଭାପତି ମନୋଜ ରଞ୍ଜନ ନାୟକଙ୍କ ଉପସ୍ଥିତିରେ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି।

**ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)**

ଗବେଷଣା କ୍ଷେତ୍ରରେ ସହଯୋଗ ନିମନ୍ତେ ଭୁବନେଶ୍ୱରସ୍ଥିତ ଆଇସିଏଆର୍-ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ୱିମେନ୍ ଇନ୍ ଏଗ୍ରିକଲ୍ଟର(ସିଆଇଡବ୍ଲ୍ୟୁଏ) ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ମଧ୍ୟରେ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସୋଆର ପ୍ରତିଷ୍ଠାତା ସଭାପତି ମନୋଜ ରଞ୍ଜନ ନାୟକଙ୍କ ଉପସ୍ଥିତିରେ ସୋଆ ରେଜିଷ୍ଟ୍ରାର ପ୍ରଫେସର ବି.ବି. ପ୍ରଧାନ ଓ ଆଇସିଏଆର୍-ସିଆଇଡବ୍ଲ୍ୟୁଏର ନିର୍ଦ୍ଦେଶକ ଡ. ଅନିଲ୍ କୁମାର ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଏହାଦ୍ୱାରା ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍ଚରାଲ୍ ସାଇନ୍ସେସ୍ (ଆଇଏଏସ୍)ର ଗବେଷକ ଓ ଛାତ୍ରୀଛାତ୍ର ସିଆଇଡବ୍ଲ୍ୟୁଏରେ ଗବେଷଣା କରିବେ। ଏହା ବ୍ୟତୀତ ଶିକ୍ଷା, ଗବେଷଣା ଏବଂ ପ୍ରଶିକ୍ଷଣ ନିମନ୍ତେ ଦୁଇ ଅନୁଷ୍ଠାନ ମଧ୍ୟରେ ଛାତ୍ରୀଛାତ୍ରଙ୍କ ଆଦାନ ପ୍ରଦାନ ମଧ କରାଯିବ। ଏହି ଅବସରରେ ଆଇଏଏସ୍‌ର ଡିନ୍ ପ୍ରଫେସର ବିଜୟ କୁମାର ସାହୁ ଓ ଆଡିସନାଲ୍ ଡିନ୍ (ରିସର୍ଚ୍ଚ) ତଥା ଅଫିସର ଅନ୍ ସ୍ପେଶାଲ୍ ଡ୍ୟୁଟି (ଏଗ୍ରିକଲ୍ଚର) ଡ. ପ୍ରିୟବ୍ରତ ପଟ୍ଟନାୟକ ଉପସ୍ଥିତ ଥିଲେ।

# କନ୍‌ସଲ୍‌ଟାନ୍ସି ନାଁରେ ସେକ୍ସ ର୍‌ୟାକେଟ୍

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ରାଜଧାନୀର ଛାତି ଉପରେ କନ୍‌ସଲ୍‌ଟାନ୍ସି ନାଁରେ ଚାଲିଥିଲା ସେକ୍ସ ରାକେଟ୍। ନିଯୁକ୍ତି ଦେବା ଆଳରେ ଯୁବତୀଙ୍କୁ ଫସାଇ ଏହି କାରବାରରେ ନିୟୋଜିତ କରୁଥିଲେ ସଂସ୍ଥା ମାଲିକ। ବାହାରେ ଲାଗିଥିଲା କନ୍‌ସଲ୍‌ଟାନ୍ସିର ବୋର୍ଡ, ହେଲେ ଘର ଭିତରେ ଚାଲିଥିଲା ଦେହ ବ୍ୟବସାୟ। ସ୍ଥାନୀୟ ବାସିନ୍ଦା ମଧ ଏ ସମ୍ବନ୍ଧରେ କୌଣସି ସୂଚନା ପାଇପାରୁ ନ ଥିଲେ। ସେଠାରୁ ଖସି ଆସିଥିବା ଜଣେ ଯୁବତୀଙ୍କ ଅଭିଯୋଗକ୍ରମେ ମଞ୍ଚେଶ୍ୱର ଥାନା ପୋଲିସ ସତ୍ୟବିହାର ଅଞ୍ଚଳରେ ଥିବା ଉକ୍ତ ଲକ୍ଷ୍ମୀ କନ୍‌ସଲ୍‌ଟାନ୍ସି କାର୍ଯ୍ୟାଳୟରେ ଚଢ଼ାଉ କରି ମାଲିକଙ୍କୁ ଗିରଫ କରିବା ସହ ୩ଜଣ ଯୁବତୀଙ୍କୁ ଉଦ୍ଧାର କରିଛି। ଗିରଫ ସଂସ୍ଥା ମାଲିକ ହେଲେ ସୁନ୍ଦରଗଡ ଜିଲା ରାଉରକେଲା ଛେଣ୍ଡ ଥାନା ଅଞ୍ଚଳର ଲକ୍ଷ୍ମୀନାରାୟଣ ପଟ୍ଟନାୟକ(୩୮)। ଉଦ୍ଧାର ୩ ଯୁବତୀଙ୍କ ମଧ୍ୟରୁ ୨ଜଣଙ୍କ ଘର ଭୁବନେଶ୍ୱରରେ ହୋଇଥିବା ବେଳେ ଜଣଙ୍କର ଘର ପୁରୀ ଜିଲାରେ। ଏନେଇ ପୋଲିସ ଦଫା ୩/୪/୫/୬/୭ ଇମୋରାଲ ଟ୍ରାଫିକ (ପ୍ରିଭେନ୍ସନ) ଆକ୍ଟରେ ଏକ ମାମଲା (ନଂ.୩୪୬/୨୧) ରୁଜୁ କରି ସୋମବାର ଅଭିଯୁକ୍ତ ଲକ୍ଷ୍ମୀ ନାରାୟଣଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଅନୁସନ୍ଧାନ ଜାରି ରଖିଛି।

### କେମିତି ଜାଣିଲା ପୋଲିସ

ଅଭିଯୁକ୍ତ ଲକ୍ଷ୍ମୀ ନାରାୟଣ ସତ୍ୟବିହାରରେ ଥିବା ୩ ମହଲା କୋଠାକୁ ୨୦୨୦ ଅକ୍ଟୋବରରେ ବର୍ଷକ ପାଇଁ ମାସିକ ୪୦ହଜାର ଟଙ୍କାରେ ଭଡ଼ାରେ ନେଇଥିଲେ। ପ୍ରଥମେ ଏକ କନ୍‌ସଲ୍‌ଟାନ୍ସି ଅଫିସ୍ ଖୋଲି କିଛିଦିନ ଚଲାଇବା ପରେ ସେଠାରେ ଦେହ ବ୍ୟବସାୟ ଆରମ୍ଭ କରିଥିଲେ। ଗତ ଜୁଲାଇରେ ଢେଙ୍କାନାଳର ଜଣେ ଯୁବତୀ ଚାକିରି ଆଶାରେ ଭୁବନେଶ୍ୱର ଆସି ଲକ୍ଷ୍ମୀ ନାରାୟଣଙ୍କ ଜାଲରେ ଫସିଯାଇଥିଲେ। ଲକ୍ଷ୍ମୀ ନାରାୟଣ ତାଙ୍କୁ ଉକ୍ତ ଅଫିସରେ ରହିବାକୁ ଦେଇ କିଛି ଟଙ୍କା ଦେଉଥିଲେ। ସେ ରହିବାବେଳେ ସେଠାରେ ଦେହ ବେପାର ଚାଲୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ହେଲେ ମାଲିକଙ୍କୁ ଡରି ଚୁପ୍ ରହିଥିଲେ। ରବିବାର ସମ୍ପୃକ୍ତା ଯୁବତୀ ସେଠାରୁ ଖସି ଆସି ଥାନାରେ ଅଭିଯୋଗ କରିଥିଲେ। ବିଳମ୍ବିତ ରାତିରେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଉକ୍ତ ଅଫିସର ଭିତରପଟୁ ତାଲା ପଡ଼ିଥିବାରୁ ପୋଲିସ କବାଟ ଭାଙ୍ଗିଥିଲା। ଜଣେ ଯୁବତୀ ଓ ଯୁବକ ଛାତ ଡେଇଁ ଖସି ପଳାଇଥିବାବେଳେ ୩ଜଣ ଯୁବତୀଙ୍କ ସହ ମୁଖ୍ୟ ଅଭିଯୁକ୍ତ ଲକ୍ଷ୍ମୀଧର ଧରା ପଡ଼ିଯାଇଥିଲେ। ସୋମବାର ସକାଳୁ ପୁଣି ଏସିପି ସଞ୍ଜିବ ଶତପଥୀ ଓ ମଞ୍ଚେଶ୍ୱର ଥାନା ଅଧିକାରୀ ପୋଲିସ ଟିମ୍ ସେଠାରୁ ଚଢ଼ାଉ କରି ଉକ୍ତ ସଂସ୍ଥାର ଆଇକାର୍ଡ, କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ମେଡିସିନ ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଆଦି ଜବତ କରିଥିଲା।

- **ସଂସ୍ଥାର ମାଲିକ ଗିରଫ, ୩ ଯୁବତୀ ଉଦ୍ଧାର**
- **ଚାକିରି ଦେବାକୁ ଡାକି ଫସାଉଥିଲେ**

### ଏମିତି ଫସାଉଥିଲେ ଲକ୍ଷ୍ମୀନାରାୟଣ

ଲକ୍ଷ୍ମୀ କନ୍‌ସାଲ୍‌ଟାନ୍ସି ନାଁରେ ଅଭିଯୁକ୍ତ ମାଲିକ ଲକ୍ଷ୍ମୀନାରାୟଣ ବିଭିନ୍ନ ଗଣମାଧ୍ୟମରେ ନିଯୁକ୍ତି ବିଜ୍ଞାପନ ଦେଉଥିଲେ। ଚାକିରି ପାଇବା ପାଇଁ ଗ୍ରାମାଞ୍ଚଳରୁ ଅନେକ ଯୁବତୀଯୁବକ ତାଙ୍କ ପାଖକୁ ଆସୁଥିଲେ। ବିଶେଷକରି ଆର୍ଥିକ ସ୍ୱଚ୍ଛଳ ନ ଥିବା ଯୁବତୀଙ୍କୁ ସେ ଚୟନ କରୁଥିଲେ। ମାସିକ ୫ରୁ ୧୦ ହଜାର ଟଙ୍କା ଦେଇ ସେଠାରେ ରହଣି ସୁବିଧା କରୁଥିଲେ। କୋଠାର ଦ୍ୱିତୀୟ ଓ ତୃତୀୟ ମହଲାରେ ଶୋଇବାଠୁ ଖାଇବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରିଥିଲେ। କିଛିଦିନ ପରେ ଅସଲ ଚେହେରା ଦେଖାଉଥିଲେ। ଅଧିକ ରୋଜଗାର ପାଇଁ ଦେହ ବ୍ୟବସାୟ ଲୋଭ ଦେଖାଉଥିଲେ। ରାଜି ନ ହେଲେ ନାନା ଭାବେ ଫସାଉଥିଲେ। ସମୟକ୍ରମେ ଉକ୍ତ କୋଠା ପୂରା ଦେହବ୍ୟବସାୟର ପେଣ୍ଠସ୍ଥଳ ପାଲଟିଥିଲା। ଏପରିକି ଗ୍ରାହକଙ୍କ ଇଚ୍ଛା ଅନୁସାରେ ସୁନ୍ଦରୀ ଯୁବତୀଙ୍କୁ ଭୁବନେଶ୍ୱରର ବିଭିନ୍ନ ହୋଟେଲ ଓ ଘରକୁ ପଠାଉଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

### ସନ୍ଦେହ ଘେରରେ ଅନ୍ୟ କନ୍‌ସଲ୍‌ଟାନ୍ସି, ଘରୋଇ ସଂସ୍ଥା

ରାଜଧାନୀରେ ଛତୁ ଫୁଟିଲା ଭଳି ଚାଲିଆଡ଼େ କନ୍‌ସଲ୍‌ଟାନ୍ସି ସର୍ଭିସ ନାଁରେ ଅଫିସ ଖୋଲୁଛି। ସେହିଭଳି ଗଳିକନ୍ଦିରେ ବିଭିନ୍ନ ନାଁରେ ଅଜଣା ସଂସ୍ଥାର ବୋର୍ଡ ଝୁଲୁଛି। ତେବେ ସେଠାରେ କ'ଣ ବ୍ୟବସାୟ ହେଉଛି ତାହା ଆଖପାଖର ଲୋକ ବି ଜାଣିପାରୁ ନାହାନ୍ତି। ଏବେ ଲକ୍ଷ୍ମୀ କନ୍‌ସଲ୍‌ଟାନ୍ସି ସଂସ୍ଥାରେ ସେକ୍ସ ର୍‌ୟାକେଟ ଧରାପଡିବା ପରେ ସେସବୁ ସଂସ୍ଥାକୁ ନେଇ ସାଧାରଣ ଲୋକଙ୍କ ସନ୍ଦେହ ବଢ଼ୁଛି। ରାଜଧାନୀର ବିଭିନ୍ନ ସ୍ଥାନରେ ଚାଲିଥିବା ଘରୋଇ ସଂସ୍ଥାକୁ କମିଶନରେଟ ପୋଲିସ ଯାଞ୍ଚ କରିବା ଆବଶ୍ୟକ ବୋଲି ଦାବି ହେଉଛି।

**ଆଜିର ମନ୍ତବ୍ୟ**

"ପାକିସ୍ତାନ ସହ ନୁହେଁ, ବରଂ ଜମ୍ମୁ-କଶ୍ମୀରର ଯୁବବର୍ଗ ଓ ଭଉଣୀଭାଇମାନଙ୍କ ସହ ଆଲୋଚନା କରିବାକୁ ସରକାର ଆଗ୍ରହୀ।

– ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂର କଳିନ୍ଦ, ନିକଟ ବାଲି।**

ବହୁ ଦୂରରେ ଥିବା ଉର୍ବର ଭୂମିଠାରୁ ନିକଟରେ ଥିବା ନିରସ ଜମି ଭଲ ବୋଲି ବିଚାର କରାଯାଇଥାଏ। କାରଣ ଜମି ପାଖରେ ଥିଲେ ଚାଷବାସ କରିବା ସହ ଜମି ଜଗାରଖା କରିବା ସହଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦାନ ଦିଆ ଗାଈର କି ଦାନ୍ତ ଦେଖା ?**

ଅଳ୍ପ ହେଉ କି ବହୁତ କିମ୍ବା ଭଲ ହେଉ କି ଖରାପ ଯାହା ଦାନରେ ମିଳିଲା, ସେଥିରେ ମନ ଊଣା କରିବାରେ କୌଣସି ଯଥାର୍ଥତା ନଥାଏ। ଦାନ ସୂତ୍ରରେ ମିଳିଥିବା ବସ୍ତୁଟି ଭଲ ହେଉ ବା ମନ୍ଦ ହେଉ ତାହା ବିଚାର କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର

**କଟକ ଅଫିସ, ୨୫।୧୦**

ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ଫଳରେ ଭାରତ ସ୍ୱାଧୀନ ହୋଇଥିଲା। ମହାତ୍ମା ଗାନ୍ଧୀ ଏବଂ ନେତାଜୀ ସୁଭାଷ ବୋଷଙ୍କ ଭଳି ବହୁ ମହାନ ଆତ୍ମା ଦେଶ ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ। ଏହି ସଂଗ୍ରାମରେ ସବୁଠୁ ଛୋଟ ସଂଗ୍ରାମୀ ଭାବେ ଓଡ଼ିଶାର ୧୨ବର୍ଷୀୟ ବାଜି ରାଉତଙ୍କ ନାଁ ରହିଛି। ସେହିପରି ଓଡ଼ିଶାରୁ ବହୁ ନେତା ସାମିଲ ହୋଇଥିଲେ। ତେଣୁ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର ବୋଲି ଭୁବନେଶ୍ୱର ସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ କହିଛନ୍ତି।

**ଆଜାଦ ହିନ୍ଦ୍ ଫୌଜରେ ସୈନିକ ଭାବେ ସାମିଲ ଥିଲେ ଓଡ଼ିଆ**

ପତ୍ର ସୂଚନା କାର୍ଯ୍ୟାଳୟ ଭୁବନେଶ୍ୱର ଶାଖା ଏବଂ ରାଜ୍ୟ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ କଟକ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ସୋମବାର ନେତାଜୀଙ୍କ ଆଜାଦ୍ ହିନ୍ଦ୍ ସରକାର ସମ୍ପର୍କିତ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ମହାନିର୍ଦ୍ଦେଶକ ଚୌଧୁରୀ ଯୋଗଦେଇ କହିଥିଲେ, ନେତାଜୀଙ୍କ ଜୀବନ ଓ କାର୍ଯ୍ୟ ଇତିହାସରେ ଏକ ଆକର୍ଷଣୀୟ ଅଧ୍ୟାୟ। ଏହି ନିର୍ଭୀକ ଦେଶପ୍ରେମୀଙ୍କ ମାତୃଭୂମି ଥିଲା ଓଡ଼ିଶା। ୧୮୯୭ ଜାନୁୟାରୀ ୨୩ରେ ସୁଭାଷ ଜନ୍ମଗ୍ରହଣ କରିଥିଲେ। ସେ ହେଉଛନ୍ତି ଜାନକୀନାଥ ବୋଷଙ୍କ ପୁତ୍ର। ସେ କଟକ ବିଷୟରେ ତାଙ୍କ ଆତ୍ମଜୀବନୀରେ ବର୍ଣ୍ଣନା କରିଛନ୍ତି। ସେ ଆଜାଦ ହିନ୍ଦ ଫୌଜ ଗଠନ କରି ଅନେକ ଓଡ଼ିଆଙ୍କୁ ସୈନିକ ଭାବେ ନେଇଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଆଜାଦି କୀ ଅମୃତ ମହୋତ୍ସବ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିବା ସଂଗ୍ରାମୀମାନଙ୍କ ବଳିଦାନକୁ ମନେ ପକାଇବା ସହ ତାହାକୁ ଉଜ୍ଜୀବିତ କରି ରଖିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ କହିଥିଲେ, ନେତାଜୀ ଆସାମ ଓ ବର୍ମାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଧ୍ୟରେ ଦେଶପ୍ରେମ ଭାବନା ଜାଗ୍ରତ କରିପାରିଥିଲେ। ଭାରତକୁ ବ୍ରିଟିଶ ସାମ୍ରାଜ୍ୟବାଦରୁ ମୁକ୍ତ କରିବାକୁ ଆଜାଦ ହିନ୍ଦ ଫୌଜ ଗଢ଼ିଥିଲେ ବୋଲି ଦଳାଇ ପ୍ରକାଶ କରିଥିଲେ। ଉକ୍ତ ସମ୍ମିଳନୀରେ ପତ୍ର ସୂଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଡ. ଗିରିଶ ଚନ୍ଦ୍ର ଦାଶ, ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ ଚୌଧୁରୀ, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଉପଶାସନ ସଚିବ ସଞ୍ଜୟ କୁମାର ମିଶ୍ର ଓ ନେତାଜୀ ସଂଗ୍ରହାଳୟର ଅଶ୍ୱିନୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଏବଂ ଅନ୍ୟ ଅଧିକାରୀମାନେ।

# ଗ୍ୟାଙ୍ଗଷ୍ଟର ସକିଲଙ୍କ ପ୍ରେମିକା ଗିରଫ

**ବିଲ୍ଡର ରେହମାନଙ୍କୁ ଆକ୍ରମଣ ଘଟଣା**

**କଟକ ଅଫିସ,୨୫।୧୦**

ଫିରିଙ୍ଗିବଜାର ଅଞ୍ଚଳର ବିଲ୍ଡର ମହମ୍ମଦ ରେହମାନଙ୍କୁ ଆକ୍ରମଣ ଘଟଣାରେ ଲାଲ୍‌ବାଗ ଥାନା ପୋଲିସ ସୋମବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କଟକ ପୁରୀଘାଟ ଅଞ୍ଚଳର ମାନସୀ ନାୟକ। ସେ ୨୦୧୪ରେ ଏକ ହତ୍ୟା ମାମଲାରେ ଜେଲ ଯାଇଥିବାବେଳେ ସକିଲଙ୍କ ସମ୍ପର୍କରେ ଆସିଥିଲେ। ଏହାପରଠୁ ନିୟମିତ ତାଙ୍କ ସହ ଯୋଗାଯୋଗରେ ରହିଆସୁଥିଲେ। ଏପରି କି ସେ ସକିଲଙ୍କ ପ୍ରେମିକା ବୋଲି ଜେରା ବେଳେ ସ୍ୱୀକାର କରିଥିବା ଲାଲବାଗ ଥାନା ଅଧିକାରୀ ରବିନାରାୟଣ ଭଞ୍ଜ କହିଛନ୍ତି।

ଏହି ଘଟଣା ସମ୍ପର୍କରେ ଥାନା ଅଧିକାରୀ ଭଞ୍ଜ ସୂଚନା ଦେଇ କହିଛନ୍ତି, ଗତ ୧୮ ତାରିଖ ସକାଳେ ଫିରିଙ୍ଗିବଜାରର ମହମ୍ମଦ ରେହମାନ୍ ତ୍ରିଶୂଳିଆ ଯାଉଥିଲେ। ସେ ହାଇକୋର୍ଟ ଗଡ଼ା ନିକଟ ଦେଇ ଯାଉଥିବାବେଳେ ତାଙ୍କୁ ୭ରୁ ୮ଜଣ ଯୁବକ ଅଟକାଇ ଥିଲେ। ଏହାପରେ ଯୁବକମାନେ ମିଳିମିଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ବେକରୁ ସୁନାଚେନ୍ ଓ ହାତରୁ ମୁଦି ଛଡ଼ାଇ ନେଇ ମାଡ଼ ମାରିଥିଲେ। ଏହି ସମୟରେ ରେହମାନ୍ ଜୀବନ ବଞ୍ଚାଇ ଦୌଡ଼ିବାକୁ ଲାଗିଲେ। କିଛି ଦୂରରେ ଥିବା ଏକ ଦୋକାନରେ ପଶିଯାଇ ଆଶ୍ରୟ ନେଇ ପରେ ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଡାହାଣ ଗୋଡ଼ରେ ଗଭୀର କ୍ଷତ ହୋଇଥିଲା। ଏ ନେଇ ଲାଲ୍‌ବାଗ ଥାନା ପୋଲିସ ଏକ ମାମଲା (ନଂ. ୨୬୫/୨୧) ରୁଜୁ କରିଥିଲା। ପୂର୍ବରୁ ଏହି ଘଟଣାରେ କଟକ ମେହେନ୍ଦିପୁର ଅଞ୍ଚଳର ନୱାଜ ସରିଫ ଓରଫ ଗୋଲି ଓରଫ ଆରିଫ ଖାନଙ୍କୁ ଗିରଫ କରାଯାଇଥିଲା। ତେବେ ଏହି ଘଟଣା ପଛରେ ଜଣେ ମହିଳାଙ୍କ ସହ ରେହମାନଙ୍କ ବିବାଦ ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବା ପରେ ଖୋଳତାଡ଼ ଜାରି ରଖିଥିଲା।

## ପ୍ରମାଣ ନଷ୍ଟ ପାଇଁ...

ପ୍ରଥମ ପୃଷ୍ଠାରୁ...

ଭିତରେ ଗାତ ଖୋଳି ମୃତଦେହକୁ ପୋଡି ପୋତି ଦେଇଥିବା ଡିଆଇଜି କହିଥିଲେ। ତଦନ୍ତ ସମୟରେ ୫ ଜଣ ବ୍ୟକ୍ତିଙ୍କୁ ପଚରାଉଚରା କରାଯିବା ସହ ଗୋବିନ୍ଦଙ୍କ ସହଯୋଗୀ ରାଧେଶ୍ୟାମଙ୍କୁ ସହ ଅଭିଯୁକ୍ତ ଦର୍ଶାଇଥିଲେ। ଅନ୍ୟ ଦୁଇଜଣ ତଥା ଜେସିବି ଡ୍ରାଇଭର ପୁଷ୍କର ଭୋଇ ଓ ମୁନ୍ସୀ ଗୁପ୍ତେଶ୍ୱର ତାଣ୍ଡିଙ୍କୁ କ୍ଲିନ୍‌ଚିଟ୍ ଦେଇ ପୋଲିସ ଛାଡି ଦେଇଥିଲା। ସେମାନଙ୍କୁ ରାଜସାକ୍ଷୀ କରିବେ ବୋଲି କୁହାଯାଇଥିଲା। ହେଲେ ମମିତାଙ୍କ ମୃତଦେହ ମିଳିନାହିଁ। ତାଙ୍କ ମୋବାଇଲ ଫୋନ୍ ମିଳିନାହିଁ। କେବଳ କିଛିଟା ଅସ୍ଥିଖଣ୍ଡ, ଏକ ସୁନାଚେନ୍, ପାଉଁଜି, ଚାବିରିଙ୍ଗ୍, ବ୍ୟାଗ୍, କିଛିଟା କେଶ ମିଳିଥିବା ପୋଲିସ କହିଛି। ମମିତାଙ୍କ ମା' ସୁନାଚେନ୍, ପାଉଁଜିକୁ ଚିହ୍ନଟ କରିଛନ୍ତି। ମିଳିଥିବା ଅସ୍ଥିକଙ୍କାଳ, କେଶର ଡିଏନ୍‌ଏ ଟେଷ୍ଟ କରାଯିବ ବୋଲି ଡିଆଇଜି ଦୀପକ କୁମାର କହିଥିଲେ। ଏଥିସକାଶେ ମମିତାଙ୍କ ମା'ବାପାଙ୍କ ରକ୍ତନମୁନା ସଂଗ୍ରହ କରାଯାଇଛି। ଏତିକି ପ୍ରମାଣ ଯୋଗାଡ଼ କରିବା ଛଡ଼ା ପୋଲିସ ଆଉ କ'ଣ କରିଛି କହିନାହିଁ। ଜଣେ ଛାତ୍ରୀଙ୍କ ସହ ଗୋବିନ୍ଦଙ୍କ ପରକୀୟ ପ୍ରୀତି ଥିବା ପୋଲିସ କହିଥିଲେ ମଧ୍ୟ ଏ ସଂକ୍ରାନ୍ତରେ ଖୋଲାଖୋଲି ସୂଚନା ଦେଇନାହିଁ। ଏତିକି ମାତ୍ର ତଦନ୍ତରେ ପୋଲିସ ୧୩ ଦିନ ବିତାଇଲାଣି। ରିମାଣ୍ଡରେ ଆଣିବା ପରେ ଗୋବିନ୍ଦ ମମିତାଙ୍କୁ ହତ୍ୟା କରିଥିବା ସ୍ୱୀକାର କଲେ ଓ ସବୁକଥା ଖୋଲି କହିଲେ ବୋଲି ପୋଲିସ ପକ୍ଷରୁ କୁହାଗଲା। ଡିଆଇଜି ଏବଂ ଏସ୍‌ପି ଅଧିକ ପ୍ରମାଣ ଯୋଗାଡ଼ କରିବାକୁ ମହାଲିଙ୍ଗ ଷ୍ଟାଡିୟମକୁ ଯାଇଥିବା କୁହାଗଲା। ଏପରି କି ଗୋବିନ୍ଦଙ୍କ ମାଲିକାନାରେ ଥିବା କଲେଜ ଛାତ୍ରୀନିବାସର ରହସ୍ୟମୟ ରୁମ୍ ନମ୍ବର ୨୦ର ଚର୍ଚ୍ଚା ସାମ୍ନାକୁ ଆସିଲା। ସେ ସମ୍ପର୍କରେ ପୋଲିସ କିଛି ବି ଖୋଲି କହୁନାହିଁ। ଉକ୍ତ ରୁମ୍‌କୁ ସ୍ୱତନ୍ତ୍ର ତାଲାରେ ଲକ୍ କରାଯିବା ଘଟଣାକୁ ପୋଲିସ ହାଲୁକା ଭାବେ ନେଉଛି। ଏହି କିଛିଦିନର ପୋଲିସ ଗତିବିଧି ଏବଂ ହାବଭାବକୁ ଲକ୍ଷ୍ୟ କଲେ ପ୍ରମାଣ ଯୋଗାଡ଼ ବଦଳରେ ନଷ୍ଟ କରିବାରେ ପୋଲିସ ଅଧିକ ବ୍ୟସ୍ତ ହୋଇଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି।

ଡିଆଇଜି ଦୀପକ କୁମାର ଏବଂ ଏସ୍‌ପି ନୀତିନ କୁଶଲକର ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିନ୍ନ ଭିନ୍ନ ସୂଚନା ଦେଇ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଏପରି କି ରିମାଣ୍ଡ ଅବଧି ସରିବା ପରେ ଗୋବିନ୍ଦଙ୍କୁ କୋର୍ଟ ଚାଲାଣ ପାଇଁ ପୋଲିସ ସୁଚିନ୍ତିତ ଯୋଜନା କରିଥିଲା। ଯେଉଁଭଳି ଗଣମାଧ୍ୟମ ପ୍ରତିନିଧିଙ୍କୁ ଚକ୍‌ମା ଦେଇହେବ ସେନେଇ ବ୍ୟବସ୍ଥା ହୋଇଥିଲା। ଏଥିପାଇଁ ରବିବାର ବିଳମ୍ବିତ ରାତିରୁ ଗୋବିନ୍ଦଙ୍କୁ ଏସ୍‌ପି ଅଫିସ୍‌ରୁ ପଛପଟ ଗେଟ୍‌ରେ ରିଜର୍ଭ ପୋଲିସ ବାରାକ୍‌କୁ ନିଆଯାଇଥିଲା। ସେଠାରୁ ସୋମବାର ଭୋର ୪ଟାରୁ ବଙ୍ଗୋମୁଣ୍ଡା ଜେଏମ୍‌ଏଫ୍‌ସି କୋର୍ଟକୁ ନିଆଯାଇଥିଲା। ଗତ ୧୩ ଦିନ ମଧ୍ୟରେ ପୋଲିସର ଗିରଫଦାରି ଗୋବିନ୍ଦ ଓ ରାଧେଶ୍ୟାମ ମଧ୍ୟରେ ସୀମିତ ହୋଇଯାଇଛି। ଏହି ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ସମ୍ପୃକ୍ତ ଅଭିଯୋଗ ହେଉଥିବାରୁ ରାଜ୍ୟ ଏବଂ ଜାତୀୟ ରାଜନୀତି ଜୋର ଧରିବାରେ ଲାଗିଛି। ଘଟଣାର ତଦନ୍ତ ସିବିଆଇ କରିବାକୁ ଦାବି ହେଉଥିଲେ ମଧ୍ୟ ସରକାର ଚୁପ୍ ରହିଛନ୍ତି।

## ଆଉ ପାଦେ ବଢ଼ିଲେ...

ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଆପତ୍ତି(ଅପିଲ୍) ଦାଖଲ କରାଯାଇ ପାରିବ। ଧାର୍ଯ୍ୟ କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ସେହିପରି ୫ଟି ମହାନଗର ନିଗମ ମଧ୍ୟରୁ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମରେ ୱାର୍ଡ ସୀମା ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ ସମ୍ପର୍କିତ ତଥ୍ୟ ନଭେମ୍ବର ୧୫ ସୁଦ୍ଧା ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ଦାଖଲ କରିବାକୁ କୁହାଯାଇଛି। ବିଭାଗ ତରଫରୁ ଡିସେମ୍ବର ୧୦ରେ ଏ ନେଇ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇବ। ପ୍ରକାଶିତ ଚିଠା ତାଲିକା ଉପରେ ଡିସେମ୍ବର ୧୯ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଏଥି ସହିତ ୨୦୨୨ ଜାନୁୟାରୀ ୨୦ ପୂର୍ବରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ। ଏ ନେଇ ଉକ୍ତ ୩ଟି ମହାନଗର ନିଗମର କମିଶନରମାନଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ରାଜ୍ୟ ନିର୍ବାଚନ କମିଶନଙ୍କ ଯୋଜନା ଅନୁସାରେ ପୌରସଂସ୍ଥାଗୁଡ଼ିକର ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟାକୁ ଭୋଟର ତାଲିକା ପ୍ରସ୍ତୁତି ପୂର୍ବରୁ ଶେଷ କରାଯିବ। ୨୦୧୧ ଜନଗଣନାକୁ ବିଚାରକୁ ନିଆଯାଇ ପୌରସଂସ୍ଥାଗୁଡ଼ିକୁ ସମାନ ଜନସଂଖ୍ୟା ଅନୁସାରେ ୱାର୍ଡରେ ବିଭକ୍ତ କରାଯିବ। ସେହିପରି ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ କରାଯିବ। ଏହି ପ୍ରକ୍ରିୟା ଜିଲାପାଳଙ୍କ ତତ୍ତ୍ୱାବଧାନରେ ହେବ। ରାଜ୍ୟରେ ମୋଟ ୧୧୪ଟି ପୌରପରିଷଦ ମଧ୍ୟରେ ୫ଟି ମହାନଗର ନିଗମ, ୪୮ଟି ମ୍ୟୁନିସିପାଲିଟି ଓ ୬୧ଟି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍.ଏ.ସି.) ରହିଛି। ୫ ମହାନଗର ନିଗମ ମଧ୍ୟରୁ ଅଦାଲତରେ ମାମଲା ଥିବା ଯୋଗୁ ସମ୍ବଲପୁର ଓ ରାଉରକେଲା ମହାନଗର ନିଗମରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରାଯାଇ ନାହିଁ।

ଉଲ୍ଲେଖଯୋଗ୍ୟ ଯେ, ପୌର ସଂସ୍ଥାଗୁଡିକରେ ୫୦ ପ୍ରତିଶତରୁ ଅଧିକ ସ୍ଥାନ ସଂରକ୍ଷଣ ଯୋଗୁ ୨୦୧୮ରୁ ପୌର ନିର୍ବାଚନ ଝୁଲି ରହିଛି। ସ୍ଥାନ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପରେ ନିର୍ଦ୍ଧାରିତ ସମୟରେ ପୌର ସଂସ୍ଥାଗୁଡିକର ନିର୍ବାଚନ କରିବାରେ ରାଜ୍ୟ ସରକାର ଫେଲ୍ ମାରିଥିଲେ। ୨୦୧୮ ସେପ୍ଟେମ୍ବର ୨୯ରେ ରାଜ୍ୟର ୬୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମ୍ୟୁନିସିପାଲିଟି ଏବଂ ବ୍ରହ୍ମପୁର ମହାନଗର ନିଗମର କାର୍ଯ୍ୟକାଳ ଶେଷ ହୋଇଥିଲା। ନିର୍ବାଚନ ନିର୍ଦ୍ଧାରିତ ସମୟରେ ହୋଇ ନ ପାରିବାରୁ ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ ୧୯୫୦ର ସେକ୍ସନ-୪୦୧ର ସବ୍ ସେକ୍ସନ ୫(ଏ) ଅନୁଯାୟୀ ରାଜ୍ୟ ସରକାର ଜିଲାପାଳ, ଏଡିଏମ୍, ଉପଜିଲାପାଳ, ପିଡି ଡିଆର୍‌ଡିଏ, ଏପିଡି ଡିଆର୍‌ଡିଏଙ୍କୁ ମ୍ୟୁନିସିପାଲିଟି/ଏନ୍‌ଏସିରେ ପ୍ରଶାସକଙ୍କୁ ନିଯୁକ୍ତି ଦେଇଥିଲେ। କୌଣସି ପରିସ୍ଥିତିରେ ପୌର ପରିଷଦ ଓ ମହାନଗର ନିଗମଗୁଡ଼ିକରେ ଏସ୍‌ସି,ଏସ୍‌ଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଡେଇଁବ ନାହିଁ ବୋଲି ହାଇକୋର୍ଟ ରାୟ ଶୁଣାଇଥିଲେ। ଏହି ରାୟ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ରିଭ୍ୟୁପିଟିଶନ ଦାଏର କରିଥିଲେ। ତେବେ ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଫଳରେ ରାଜ୍ୟରେ ହେବାକୁ ଥିବା ପୌର ନିର୍ବାଚନ ଅନିଶ୍ଚିତତା ଭିତରକୁ ଚାଲି ଯାଇଥିଲା। ରାଜ୍ୟ ସରକାର ୩ଟି ମହାନଗର ନିଗମକୁ ମିଶାଇ ୯୩ଟି ଏନ୍‌ଏସି, ମ୍ୟୁନିସିପାଲିଟିରେ ନିର୍ବାଚନ କରିବାକୁ ପ୍ରସ୍ତୁତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୬୬ଟି ପୌର ସଂସ୍ଥାରେ ନିର୍ବାଚନ ହୋଇଥା'ନ୍ତା। ଏ ନେଇ ସ୍ଥାନ ସଂରକ୍ଷଣ, ୱାର୍ଡ ପୁନର୍ଗଠନ ଓ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ସ୍ଥାନ ସଂରକ୍ଷଣ ବିବାଦ ଯୋଗୁ ସବୁ ପ୍ରସ୍ତୁତି ବେକାର ହୋଇଯାଇଥିଲା। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିବା ପରେ ରାଜ୍ୟ ସରକାର ହରଡ଼ଘଣାରେ ପଡିଯାଇଥିଲେ। ରାଜ୍ୟ ସରକାର ପୌର ଆଇନରେ ସଂଶୋଧନ ଆଣି ସ୍ଥାନ ସଂରକ୍ଷଣ ସୀମାକୁ ୫୦ ପ୍ରତିଶତ ଭିତରେ ସୀମିତ ରଖିବାକୁ ନିଷ୍ପତ୍ତି ନେବା ପରେ ପୌର ନିର୍ବାଚନ ଲାଗି ବାଟ ଫିଟିଛି।

## ରଜନୀକାନ୍ତ ପାଇଲେ...

୭୦ ବର୍ଷୀୟ ରଜନୀକାନ୍ତ ଏହି ଆୱାର୍ଡକୁ ତାଙ୍କ ଗୁରୁ ତଥା ଫିଲ୍ମ ନିର୍ଦ୍ଦେଶକ ସ୍ୱର୍ଗତଃ କେ. ବାଲ୍‌ଚନ୍ଦରଙ୍କୁ ଉତ୍ସର୍ଗ କରିଛନ୍ତି। ପୁରସ୍କାର ଗ୍ରହଣ ଅବସରରେ ତାଙ୍କ ବଡ଼ଭାଇ ସତ୍ୟନାରାୟଣ ରାଓ, ବସ୍ ଡ୍ରାଇଭର ତଥା ତାଙ୍କ ବନ୍ଧୁ ରାଜ୍ ବାହାଦୂର, ପ୍ରଶଂସକ, ଫିଲ୍ମ ନିର୍ମାତା, ସହଯୋଗୀ, ତାମିଲନାଡୁବାସୀଙ୍କୁ ସେମାନଙ୍କ ସମର୍ଥନ ଓ ଭଲ ପାଇବା ପାଇଁ ଧନ୍ୟବାଦ ଦେଇଛନ୍ତି। ତାଙ୍କ ଅତୁଳନୀୟ ଅଭିନୟ ଦକ୍ଷତା ଭାରତୀୟ ଚଳଚ୍ଚିତ୍ର ଶିଳ୍ପକୁ ଏକ ନୂତନ ଦିଗ ଦେଇଛି। 'ଭୈରବୀ', 'ଶିବାଜୀ' ଭଳି ଚଳଚ୍ଚିତ୍ର ସବୁଦିନ ଲୋକଙ୍କ ମନରେ ରହିବ ବୋଲି ଉପରାଷ୍ଟ୍ରପତି କହିଥିଲେ। ୧୯୭୫ରେ ରଜନୀକାନ୍ତ ଫିଲ୍ମ ଜଗତରେ ଏଣ୍ଟ୍ରି କରିଥିଲେ।

ସେହିପରି ବଲିଉଡ୍ କୁଇନ କଙ୍ଗନା ରାଣାୱତ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି। ଶ୍ରେଷ୍ଠ ଅଭିନେତା ବର୍ଗରେ ଧନୁଷ ଏବଂ ମନୋଜ ବାଜପେୟୀଙ୍କୁ ନ୍ୟାଶନାଲ ଫିଲ୍ମ ଆୱାର୍ଡ ପ୍ରଦାନ କରାଯାଇଛି। ସାଉଥ୍ ଷ୍ଟାର ବିଜୟ ସେତୁପତି ଶ୍ରେଷ୍ଠ ସହଯୋଗୀ ଅଭିନେତା ବର୍ଗରେ ଜାତୀୟ ପୁରସ୍କାର ପାଇଛନ୍ତି। ଗତ ମାର୍ଚ୍ଚରେ ଏହି ପୁରସ୍କାର ପାଇଁ ନାମ ତାଲିକା ପ୍ରକାଶ ପାଇଥିଲା। ଅଭିନେତା ସ୍ୱର୍ଗତ ସୁଶାନ୍ତ ସିଂ ରାଜପୁତଙ୍କ ଫିଲ୍ମ 'ଛିଛୋରେ' ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ଘୋଷଣା କରାଯାଇଥିଲା। ଏହାର ନିର୍ଦ୍ଦେଶକ ନିତେଶ ତିୱାରୀ ଏବଂ ପ୍ରଯୋଜକ ସାଜିଦ୍ ନାଡିଆୱାଲା ପୁରସ୍କାରକୁ ସୁଶାନ୍ତଙ୍କ ଉତ୍ସର୍ଗ କରିଛନ୍ତି। କଙ୍ଗନା ତୃତୀୟ ଥର ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଏହି ପୁରସ୍କାର ହାସଲ କରିଛନ୍ତି। ସମାରୋହରେ ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର, ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଓଡ଼ିଆ...

ବାପାଙ୍କ କଥା ଆଜି ବହୁତ ମନେପଡ଼ୁଛି। ସେ ଥିଲେ ବହୁତ ଖୁସି ହୋଇଥାନ୍ତେ ବୋଲି ସବ୍ୟସାଚୀ କହିଛନ୍ତି। ସେହିପରି ନୀଳମାଧବ ପଣ୍ଡା ମଧ୍ୟ ଏହି ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହିତ ପୃଥିବୀ ମା'କୁ ମୋର ଏହି ସମ୍ବର୍ଦ୍ଧନା ଉତ୍ସର୍ଗୀକୃତ କରୁଛି ବୋଲି କହିଛନ୍ତି। 'କାଲିର ଅତୀତ' ତାଙ୍କର ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ପୂର୍ବର ସମସ୍ୟା ସୁଧୁରି ଯାଇଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡନ୍ତୁ ଅବଶ୍ୟ ଟେନ୍‌ସନ କିଛି ମାତ୍ରାରେ କମିଯିବ। ସ୍ତ୍ରୀଙ୍କ ଅସହଯୋଗ ତଥା ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସଭାସମିତି,ସଂଗଠନ, ରାଜନୀତି କ୍ଷେତ୍ରରେ ଉନ୍ନତ ମାନର ସୁଫଳ ପାଇବେ।

**ବୃଷ**

ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିପାରିଲେ ସମାଲୋଚନାରୁ ରକ୍ଷାପାଇବେ। ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ବନ୍ଧୁଙ୍କ ସମ୍ମୁଖରେ ମନର ଦୁଃଖକୁ ଲୁଚାଇ ହସି ହସି କଥା କହିବାକୁ ପଡ଼ିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ମିଥୁନ**

ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ରାଜନୀତିରେ କିମ୍ବା କର୍ମକ୍ଷେତ୍ରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁଁ ଆଗେଇ ଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ ; ଯାହା କି ମନକୁ ଆଶ୍ୱାସନା ଦେବାରେ ସମର୍ଥ ହେବ। ବନ୍ଧୁମାନଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**କର୍କଟ**

ସ୍ୱାସ୍ଥ୍ୟରେ ଉନ୍ନତି ସହ କର୍ମକ୍ଷେତ୍ରର ସ୍ଥିତି ସ୍ୱାଭାବିକ ରହିବ। ମାତ୍ର ଭୁଲ୍ ବୁଝାମଣା ହେତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ। କାମଟିକୁ ସମ୍ପନ୍ନ କରିବା ପରିପ୍ରେକ୍ଷୀରେ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ସିଂହ**

ଗୋଟିଏ ସମସ୍ୟା ନ ସରୁଣୁ ଅନ୍ୟ ଏକ ସମସ୍ୟାର ଉପସ୍ଥିତି ମନକୁ ବିଭ୍ରାନ୍ତ କରିପାରେ। ଏହା ସଙ୍ଗକୁ ଆର୍ଥିକ ସ୍ୱଚ୍ଛଳତା ନ ରହିବା କାରଣରୁ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ। ବନ୍ଧୁମାନଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**

ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ସହ ଜୀବନଚର୍ଯ୍ୟା ପ୍ରୀତିପ୍ରଦ ରହିବ। ଆତ୍ମୀୟଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ଚିନ୍ତା ବଢିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ। ବ୍ୟବସାୟ,ବାଣିଜ୍ୟ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ସାମାନ୍ୟ ହଡବଡେଇ ଯାଇପାରନ୍ତି।

**ତୁଳା**

ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ସହ ଋଣ ପରିଶୋଧ ସକାଶେ ଅନୁକୂଳ ସୁବିଧା ପାଇବେ। ସାମୟିକ ଭାବରେ ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ। ଆକସ୍ମିକ ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ହଠାତ୍ ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ବିଛା**

ଧୈର୍ଯ୍ୟର ସୀମା ଲଙ୍ଘନ ପୂର୍ବକ କଠୋର ବାକ୍ୟାଳାପ ପରିସ୍ଥିତିକୁ ଗମ୍ଭୀର କରିଦେଇପାରେ। ଅସାବଧାନତା କିମ୍ବା ଦୂରଦର୍ଶିତା ଅଭାବରୁ ଅଥବା ନିଜର ଅବହେଳାରୁ ହାତ ମୁଠାରୁ ସୁଯୋଗ ଖସିଯାଇପାରେ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆତ୍ମୀୟଙ୍କ ସହାୟତା ଲାଭକରି ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**

ଆଜି ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ଏବଂ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ରକ୍ତଚାପ କିମ୍ବା ଡାଇବେଟିସ୍ ରୋଗରେ କଷ୍ଟ ପାଇବେ।

**ମକର**

ଯେତେ ସୁବିଧାରେ ଚଳିବା ପାଇଁ ଚେଷ୍ଟା କଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଅନୁଭବ କରିବେ। ପ୍ରଶାସନିକ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ବନ୍ଧୁମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ମନୋରଞ୍ଜନ ସକାଶେ ମନ ବଳାଇବେ। ସରକାରୀ ସାହାଯ୍ୟ କିମ୍ବା ବ୍ୟାଙ୍କ ମାଧ୍ୟମରେ ଆର୍ଥିକ ଦୁରବସ୍ଥାକୁ ସାମୟିକ ସୁଧାରି ନେବେ।

**କୁମ୍ଭ**

ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ପଡ଼ୋଶୀଙ୍କ ସହାୟତାରେ ନିକଟ ସମ୍ପର୍କୀୟମାନଙ୍କ ବନ୍ଧୁତା ଜମେଇବେ।

**ମୀନ**

ଆପଣଙ୍କ ଚେଷ୍ଟା ଅବ୍ୟାହତ ରହିଲେ ମଧ୍ୟ କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ବୃଥା ସନ୍ଦେହ କିମ୍ବା ଭୁଲ୍ ବୁଝାମଣାଜନିତ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହୋଇପାରେ। କୌଣସି ଦୂରାଗତ ବନ୍ଧୁଙ୍କ ଦ୍ୱାରା ହଜି ଯାଇଥିବା ଜିନିଷର ଖବର ପାଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବାର ସଂକେତ ମନକୁ ସ୍ୱାଭାବିକ କରିବ।

## ୱାଙ୍ଖେଡେଙ୍କ ବିରୋଧରେ...

ସାମ୍ନାକୁ ଅଣାଯିବ। ଏନ୍‌ସିବି ଏକ ବୃତ୍ତିଗତ ସଂସ୍ଥା। ନିଜ ଅଧିକାରୀଙ୍କ ବିରୋଧରେ ଆସିଥିବା ଅଭିଯୋଗର ମୁକ୍ତ ଓ ସ୍ୱଚ୍ଛ ତଦନ୍ତ କରାଯିବ। କିଛି ଦିନ ମଧ୍ୟରେ ୱାଙ୍ଖେଡେ ଏନ୍‌ସିବି ମୁଖ୍ୟାଳୟରେ ହେବାକୁ ଥିବା ଯାଞ୍ଚରେ ହାଜର ହେବେ ବୋଲି ଜଣାଯାଇଛି। ତେବେ ପ୍ରଭାକରଙ୍କ ଉକ୍ତ ଅଭିଯୋଗକୁ ୱାଙ୍ଖେଡେ ପୂର୍ବରୁ ଖଣ୍ଡନ କରିସାରିଛନ୍ତି। ସୋମବାର ସନ୍ଧ୍ୟାରେ ସେ ଦିଲ୍ଲୀରେ ପହଞ୍ଚିଛନ୍ତି। ତେବେ ତାଙ୍କୁ କେହି ସମନ କରି ନ ଥିବା ଏବଂ ଭିନ୍ନ କାମ ପାଇଁ ସେଠାକୁ ଯାଇଥିବା ୱାଙ୍ଖେଡେ କହିଛନ୍ତି।


# classifieds

**Everyday**
**0674-2580101, 2549302**

real estate

**SALE**

Private plot sale Patrapada near DN Regalia Mall & Infocity-II, Bhubaneswar 999/- sqft., 9437335686, 7008487006. D-22040

**Duplex, book now just 1.7K.M. from NH-16 Puri Canal, Hanspal. Contact: 8763499150.** D-22026

**ମାସିକ ମାତ୍ର 7431/- ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 7978998868.** D-71711

**Four Bedroom new construction Triplex sale near Gandamunda Chhak, Pokhariput, BBSR. Cost @1.25crore, only buyer contact. Mob: 9938867397.** D-22057

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71189

**Gharabari Patta, boundary plot sale at Jagannathdham, Puri immediately construction. 7008067338, 9090746445.** D-71725

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.- 150/- (outright). 9776974912. D-21938

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71722

construction

**Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469.** D-71710

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71801

Refreshing your mind, your body with tha best therapy at Lotus SPA. 8018891951. D-71802

Newly open SPA positively health benefit with Expert. Contact: 7749976301. D-71187

Newly Open Saikrupa Panchakarma Spa positively health benefits with Expert. 8984068077. D-21923

Newly open full body massage ladies and gents. 8327740003. D-71805

**AFFIDAVIT**

By virtue of an affidavit I Rajesh Kumar Samal, S/o- Rama Chandra Samal, At- A/E 21&22, HB Colony, Bhimatangi, Bhubaneswar. Change my name from Rajes Kumar Samal to Rajesh Kumar Samal in all purpose. D-71429

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଟାଙ୍କି ସଫା ବେଳେ ୨ ଶ୍ରମିକ ଗୁରୁତର

ଆସିକା,(ଡି.ଏନ୍.ଏ.): ଆସିକା-ବାଲିପଦର ମୁଖ୍ୟରାସ୍ତାର ଚାରିମଇଲି ନିକଟରେ ଥିବା କ୍ରଶର ୟୁନିଟରେ ସୋମବାର ଅପରାହ୍ଣରେ ଏକ ଟାଙ୍କି ସଫା କରିବା ବେଳେ ୨ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସାହାପୁର ଗ୍ରାମର ସଂଗ୍ରାମ ଦାସ ଓ ପାକିଡ଼ି ଗ୍ରାମର ବଳରାମ ଗୌଡ । ଉଭୟେ ରାସ୍ତା ନିର୍ମାଣରେ ବ୍ୟବହୃତ ଟିପ୍ସ ମିକ୍ସିଂ ୟୁନିଟର ଏକ ତୈଳଜାତୀୟ ପଦାର୍ଥ ରହୁଥିବା ଟାଙ୍କି ସଫା କରୁଥିଲେ। କିଛି ସମୟ ପରେ ଶ୍ୱାସରୁଦ୍ଧ ହେବା ଭଳି ଅନୁଭବ କରିଥିଲେ। ଖବରପାଇ ଆସିକା ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ଲାଗି ଆସିକା ଡାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି ।

# ଅଭିନୟରେ ବିବାହ ପ୍ରତିବନ୍ଧକ ନୁହେଁ

**୩ବର୍ଷ ବୟସରୁ ଶିଶୁ କଳାକାର ଭାବେ କ୍ୟାରିୟର ଆରମ୍ଭ କରିଥିଲେ ଅଭିନେତ୍ରୀ ଅର୍ପିତା କର। ନିଜ ନାମରେ ସେ ଯେତିକି ପରିଚିତ ନୁହନ୍ତି, ତା'ଠାରୁ ବେଶି ଲୋକପ୍ରିୟ 'ଦୁର୍ଗା' ନାମରେ। ବିକମ୍ ପରେ ଅଭିନୟକୁ ପ୍ରଫେଶନ କରି ଏବେ ଘରେ ଘରେ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି ଏହି ଅଭିନେତ୍ରୀ। ୧୯ ଜୁନ୍ ୧୯୯୦ରେ କଟକରେ ଜନ୍ମିତ ଅର୍ପିତା ଏବେ ସେଠାରେ ପରିବାର ସହ ରହୁଛନ୍ତି। ଅର୍ପିତାଙ୍କ ଅଭିନୟ ଯାତ୍ରା ସମ୍ପର୍କରେ କିଛି କଥାକୁ ନେଇ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**


ଅର୍ପିତା କର

**ଧରିତ୍ରୀ ଆଳାପ**

*ପ୍ରଶ୍ନ– ଅଭିନୟର ପ୍ରଥମ ସୁଯୋଗ କେମିତି ମିଳିଥିଲା?*

ଉତ୍ତର– ମୋ ମା' ସଞ୍ଜୁକ୍ତା କର ଜଣେ ଅଭିନେତ୍ରୀ। ତେଣୁ ସେ ହିଁ ମୋତେ ଏ କ୍ଷେତ୍ରକୁ ଆସିବାରେ ସାହାଯ୍ୟ କରିଥିଲେ। ଛୋଟବେଳୁ ଅଭିନୟ କରିବା ଆରମ୍ଭ କରି ଦେଇଥିଲି। ବଡ଼ ହେବା ପରେ ପ୍ରଥମେ ଫିଲ୍ମ ଓ ପରେ ଧାରାବାହିକକୁ ଆସିଲି।

*ପ୍ରଶ୍ନ– ଫିଲ୍ମରୁ କାହିଁକି ଦୂରେଇ ଗଲେ?*

ଉତ୍ତର– ମାସେ/ ଦୁଇମାସ ଭିତରେ ଫିଲ୍ମ ଶୁଟିଂ ସରିଯାଏ, ମାତ୍ର ଧାରାବାହିକର ସେପରି କିଛି ନିର୍ଦ୍ଦିଷ୍ଟ ସମୟ ନ ଥାଏ। ଧାରାବାହିକରେ ଅଭିନୟ କରିବା ଏକ ଲମ୍ବା ଯାତ୍ରା। ଫିଲ୍ମ ଦେଖନ୍ତୁ ବା ନ ଦେଖନ୍ତୁ ମାତ୍ର ଅଧିକାଂଶ ଲୋକ ଧାରାବାହିକ ଦେଖିବାକୁ ପସନ୍ଦ କରନ୍ତି। ଏହା ସାହାଯ୍ୟରେ ମୁଁ ଘରେ ଘରେ ଲୋକଙ୍କ ପାଖରେ ପହଞ୍ଚିବାର ସୁଯୋଗ ପାଇଛି। ଲୋକମାନେ ମତେ ଧାରାବାହିକରେ ବେଶି ପସନ୍ଦ କଲେ, ତେଣୁ ଏଥିରେ ହିଁ ରହିଗଲି।

*ପ୍ରଶ୍ନ– ଫିଲ୍ମ ଓ ଧାରାବାହିକ ଅଭିନୟରେ ପାର୍ଥକ୍ୟ କ'ଣ?*

ଉତ୍ତର– ଦୁଇଟି ଯାକ କାମରେ ବହୁତ ଫରକ ରହିଛି। ଫିଲ୍ମରେ ଜଣେ ଆରାମରେ କାମ କରିପାରିବ, ମାତ୍ର ଧାରାବାହିକରେ ବେଳେବେଳେ ୨୪ଘଣ୍ଟା କାମ କରିବାକୁ ପଡ଼େ। ଧାରାବାହିକର ଲୋକପ୍ରିୟତାକୁ ଦେଖି ଏହାର ଏପିସୋଡ୍ ବଢ଼ାଯାଏ। ଫଳରେ ଏଥିରେ ଅଧିକ ସମୟ ଦେବାକୁ ପଡ଼େ। ବେଳେବେଳେ ଆମକୁ ୩/୪ ବର୍ଷ ଲଗାତର କାମ କରିବାକୁ ପଡ଼େ।

*ପ୍ରଶ୍ନ– ଧାରାବାହିକ ଦୁର୍ଗା ଓ ଅର୍ପିତାଙ୍କ ମଧ୍ୟରେ କ'ଣ ଫରକ ରହିଛି?*

ଉତ୍ତର– ସେମିତି କିଛି ଫରକ ନାହିଁ। ଅଭିନୟରେ ମୁଁ ଜଣେ ଶାନ୍ତ, ସରଳ, ସଂସ୍କାରୀ ଓ ଅନ୍ୟାୟକୁ ପ୍ରତିରୋଧ କରି ପାରୁଥିବା ବୋହୂ ଭାବରେ ଦର୍ଶକଙ୍କ ସମ୍ମୁଖକୁ ଆସୁଥିଲି। ଏଥିରେ ସବୁବେଳେ ଶାଢ଼ି ପିନ୍ଧିକି ରୁହେ। ମାତ୍ର ବାସ୍ତବରେ ମୁଁ ଶାଢ଼ିଠାରୁ ବହୁ ଦୂରରେ। ଗତ ୫/୭ବର୍ଷ ହେବ ସବୁଦିନ ଶାଢ଼ି ପିନ୍ଧି ପିନ୍ଧି ମୁଁ ବୋର୍ ହୋଇଯାଇଛି। କେବଳ ଶାଢ଼ିକୁ ଛାଡ଼ିଦେଲେ ବାକି ସବୁ ସମାନ୍। ଜିନ୍ସ ଆଉ କାଜୁଆଲ୍ ଟି ଶାର୍ଟ ପିନ୍ଧିବାକୁ ମତେ ଭଲ ଲାଗେ। ଅନ୍ୟାୟର ପ୍ରତିବାଦ କରିବା, ବିରୋଧ କରିବା ମୋ ରକ୍ତରେ ଅଛି।

*ପ୍ରଶ୍ନ– ଏବେ ଅଧିକାଂଶ ଧାରାବାହିକରେ ସିକ୍ୱେଲ ଚାଲିଛି। ଲୋକଙ୍କୁ ମନୋରଞ୍ଜନ ଯୋଗାଇବାରେ ଏହା କେତେଦୂର ସଫଳ ହେଉଛି ବୋଲି ଭାବୁଛନ୍ତି?*

ଉତ୍ତର– ମୋ ମତରେ ଧାରାବାହିକକୁ ଏପରି ନ ଲମ୍ବାଇ ମୁଖ୍ୟ ଅଭିନେତା ବା ଅଭିନେତ୍ରୀ ପାଖରେ କାହାଣୀକୁ ସାରି ଦେବା ଉଚିତ। ନୂଆ କାହାଣୀ ଆସିଲେ ଲୋକମାନେ ଦେଖିବାକୁ ବେଶି ଆଗ୍ରହ ପ୍ରକାଶ କରନ୍ତି। ମାତ୍ର କାହାଣୀକୁ ପିଢ଼ି ପରେ ପିଢ଼ି ଲମ୍ବାଇ ଦେବାରୁ ତାହା ବୋରିଂ ହୋଇଯାଉଛି। 'ଦୁର୍ଗା'ରେ ବି ସେପରି ହୋଇଥିଲା। ଦୁର୍ଗା ମରିଯିବା ପରେ ତା' ଝିଅ ଓ ପରେ ଝିଅର ଝିଅକୁ ନେଇ କାହାଣୀ ଗତିଶୀଳ ହୋଇଥିଲା। ଫଳରେ ପରୋକ୍ଷ ଭାବେ କହିକି ସେ ଧାରାବାହିକରୁ ମୁଁ ଦୂରେଇବାକୁ ଚେଷ୍ଟା କରିଥିଲି। ଏବେ ଲୋକମାନେ ଶର୍ଟ ଷ୍ଟୋରି ଦେଖିବାକୁ ପସନ୍ଦ କରୁଛନ୍ତି। ତେଣୁ ଆମକୁ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।

*ପ୍ରଶ୍ନ– ଜଣେ ଅଭିନେତ୍ରୀ ଭାବେ ବିବାହ ପରେ କାମ ମିଳିବା କମ୍ ହୋଇଯାଏ ବୋଲି ଧାରଣା ରହିଛି। କ'ଣ କହିବେ?*

ଉତ୍ତର– ଯଦି ଆମେ ନିଜେ ଠିକ୍ ଅଛୁ, ତେବେ ଜୀବନରେ ଆଗକୁ ବଢ଼ିବାରେ କିଛି ବି ସମସ୍ୟା ସୃଷ୍ଟି କରିବ ନାହିଁ। ମୋ ମତରେ ବିବାହ ଅଭିନୟରେ ପ୍ରତିବନ୍ଧକ ନୁହେଁ। ଯଦି ଅନ୍ୟ ପ୍ରଫେଶନଗୁଡ଼ିକରେ ବିବାହିତାଙ୍କୁ ସୁଯୋଗ ମିଳୁଛି ତେବେ ଅଭିନୟରେ କାହିଁକି ମିଳିବନି। ଏଥିପାଇଁ ନିଜକୁ ପ୍ରସ୍ତୁତ ହେବାକୁ ପଡ଼ିବ।

*ପ୍ରଶ୍ନ– ବାନ୍ଧବୀରୁ ସ୍ତ୍ରୀ ହେବାର ଅନୁଭୂତି କିପରି ରହିଥିଲା?*

ଉତ୍ତର– ସତ କଥା ହେଲା ଆମେ 'କଥା ତ ଏତିକି' ଧାରାବାହିକରେ ଅଭିନୟ କରୁଥିଲୁ। ସେଇଠାରୁ ଆମର ଚିହ୍ନା ହୋଇଥିଲା। ଧାରାବାହିକ ସରିବା ପରେ ପ୍ରାୟ ୨ବର୍ଷ ପରେ ଆମର ହଠାତ୍ ଦେଖାହେଲା। ଆମ ଘର ପାଖରେ ତାଙ୍କ ଘର। ଧୀରେଧୀରେ ଆମ ଭିତରେ ବନ୍ଧୁତା ସୃଷ୍ଟି ହୋଇଥିଲା। ପରେ ମୋ ଶାଶୁ ଯାଇକି ଆମ ଘରେ ବାହାଘର ପ୍ରସ୍ତାବ ପକାଇଦେଲେ। ସମସ୍ତଙ୍କ ସହମତିରେ ଶେଷରେ ବନ୍ଧୁରୁ ଜୀବନସାଥୀ ହୋଇଗଲୁ।

*ପ୍ରଶ୍ନ– ଫିଟ୍ ରହିବାକୁ କ'ଣ କରନ୍ତି?*

ଉତ୍ତର– ଛୋଟବେଳୁ ଏକ୍ସରସାଇଜ୍ କରେ। ଡ୍ୟାନ୍ସ ପ୍ରାକ୍ଟିସ୍ ବି ବହୁତ କରେ। ହେଲେ ମୋର ଖାଇବା କଣ୍ଟ୍ରୋଲ ହୁଏନି।

*ପ୍ରଶ୍ନ– ଡ୍ରିମ୍ ରୋଲ୍ କ'ଣ ଅଛି?*

ଉତ୍ତର– ମହିଳା ସଶକ୍ତୀକରଣ ଉପରେ ଧାରାବାହିକ 'ଦୁର୍ଗା' କରିଥିଲି। ସେଇଟା ମୋର ଡ୍ରିମ୍ ରୋଲ୍ ଥିଲା। ଦୁର୍ଗା ପରେ 'ମହାଦେବୀ' କଲି। ଏବେ ମତେ ବେଶି ଠାକୁରଙ୍କ ରୋଲ୍ କରିବାକୁ ଅଫର୍ ଆସୁଛି। ଓଡ଼ିଶାରେ ମତେ ଠାକୁର ବୋଲି ଭାବି ଦେଲେଣି।

# 'ଶିଳ୍ପ ଅନୁକୂଳ ବାତାବରଣ ରାଜ୍ୟକୁ ଟେକ୍ସଟାଇଲ ହବ୍‌ରେ ପରିଣତ କରିବ'

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ଶିଳ୍ପ ଅନୁକୂଳ ବାତାବରଣ ରାଜ୍ୟକୁ ଏକ ଟେକ୍ସଟାଇଲ୍ ହବ୍‌ରେ ପରିଣତ କରିବ। ରାଜ୍ୟର ସ୍ୱଚ୍ଛ ଶିଳ୍ପନୀତି ଏବଂ କଞ୍ଚାମାଲ, ଦକ୍ଷ ଓ କୁଶଳୀ ମାନବ ସମ୍ବଳ, ରାଜ୍ୟର ବଳକା ବିଦ୍ୟୁତ୍ ଇତ୍ୟାଦି ଶିଳ୍ପ ପରିମଣ୍ଡଳକୁ ବେଶ୍ ସୁହାଇପାରିଛି ବୋଲି ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ସୋମବାର ମେକିଂ 'ଓଡ଼ିଶା ଦି ଟେକ୍ସଟାଇଲ୍ ହବ୍ ଅଫ୍ ଇଷ୍ଟ' ଶୀର୍ଷକ ଦିନିକିଆ ସେମିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଦିବ୍ୟଶଙ୍କର କହିଛନ୍ତି, ବିଶେଷ କରି ଇଡ୍‌କୋ ମାଧ୍ୟମରେ ନୂତନ ଶିଳ୍ପ ସୃଷ୍ଟି ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ଏବଂ କ୍ଲଷ୍ଟର ଆପ୍ରୋଚ୍ ଯୋଗେ ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମିର ଉପଲବ୍ଧତା ଶିଳ୍ପ ପ୍ରତିଷ୍ଠା ଦିଗରେ ସହାୟକ ହୋଇପାରିଛି। ଏହାଛଡ଼ା ରାଜ୍ୟର ପ୍ରାଚୀନ ସାମୁଦ୍ରିକ ବହିର୍ବ୍ୟାପାରର ଇତିହାସ ରହିଛି ବୋଲି ସେ ସୂଚିତ କରିଥିଲେ।

ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା କହିଥିଲେ, ରାଜ୍ୟର ଉତ୍ତମ ବାତାବରଣ ସହ ସରକାରଙ୍କ ଶିଳ୍ପାଭିମୁଖୀ କାର୍ଯ୍ୟକ୍ରମ ଦ୍ୱାରା ଓଡ଼ିଶା ପୁଞ୍ଜିନିବେଶ ପାଇଁ ଏକ ପ୍ରକୃଷ୍ଟ ରାଜ୍ୟ ହୋଇପାରିଛି। କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଟେକ୍ସଟାଇଲ୍ ସଚିବ ଉପେନ୍ଦ୍ର ପ୍ରସାଦ ସିଂ ପିଏଲ୍ଆଇ ଓ ପିଏମ୍ ମିତ୍ର ଭଳି ୨ଟି ନୂତନ ସ୍କିମ୍ ସମ୍ପର୍କରେ ସୂଚିତ କରିଥିଲେ। କ୍ଲଷ୍ଟର ମାଧ୍ୟମରେ ଶିଳ୍ପ ପ୍ରତିଷ୍ଠା ଲଜିଷ୍ଟିକ୍ ଖର୍ଚ୍ଚ ୩ରୁ ୪ ପ୍ରତିଶତ ହ୍ରାସ ହେଉଥିବା ନୂଆ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପାଇଁ ନିହାତି ଭାବେ ଏକ ସୁଯୋଗ। ତେଣୁ ଯେଉଁ ସ୍ଥାନରେ ଏସବୁ ସୁବିଧା ଉପଲବ୍ଧ ସେଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗଭର ହେବାକୁ ସେ ଶିଳ୍ପପତିମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ଓଡ଼ିଶା ସରକାର ଏ ଦିଗରେ ଏକ ପେସାଦାର ଆଭିମୁଖ୍ୟ ନେଇ ପୁଞ୍ଜିନିବେଶ ପାଇଁ ଆମନ୍ତ୍ରଣ କରିବା ଏକ ସୁବର୍ଣ୍ଣ ସୁଯୋଗ ଓ ଦେଶର ସାଢ଼େ ୧୦ କୋଟି ଲୋକ ଟେକ୍ସଟାଇଲ ଶିଳ୍ପ ସହ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିର୍ଭର କରୁଥିବା ଯୋଗୁ ଏହାର ଗୁରୁତ୍ୱ ରହିଥିବା ସେ ପ୍ରକାଶ କରଥିଲେ।



'ଓଡ଼ିଶା ଦି ଟେକ୍ସଟାଇଲ୍ ହବ୍ ଅଫ୍ ଇଷ୍ଟ' ଶୀର୍ଷକ ସେମିନାରରେ ମଞ୍ଚାସୀନ ଅତିଥି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଶା ଏବେ ପୁଞ୍ଜିନିବେଶକାରୀଙ୍କୁ ଆକର୍ଷିତ କରିବାରେ ପ୍ରମୁଖ ରାଜ୍ୟ ପାଲଟିଛି। ଏହାଛଡ଼ା ରାଜ୍ୟର ବିସ୍ତୀର୍ଣ୍ଣ ଉପକୂଳରେ ୩ଟି ବନ୍ଦର ଏବଂ ଆଗକୁ ଟାଟା ଦ୍ୱାରା ପ୍ରତିଷ୍ଠା ହେବାକୁ ଯାଉଛି। ସୁବର୍ଣ୍ଣରେଖା ବନ୍ଦର ରାଜ୍ୟର ଶିଳ୍ପ ବିକାଶକୁ ନୂତନ ସୋପାନକୁ ନେଇପାରିବ। ଟେକ୍ସଟାଇଲ ନିମନ୍ତେ ଆବଶ୍ୟକ ହେଉଥିବା କଞ୍ଚାମାଲ ପାରାଦୀପ ପେଟ୍ରୋ କେମିକାଲ ରିଫେନେରିରୁ ଯୋଗାଣ ଏକ ଆଶୀର୍ବାଦ ପାଲଟିଥିବା ସେ କହିଛନ୍ତି । ଆନ୍ତର୍ଜାତିକ ସ୍ତରରେ କାରବାର କରୁଥିବା ଦେଶର ପ୍ରମୁଖ ଶିଳ୍ପସଂସ୍ଥା ଯଥା ସାହି ଏକ୍ସପୋର୍ଟ, ଆଦିତ୍ୟ ବିର୍ଲା ଫ୍ୟାଶନ୍, ପେଜ୍ ଇଣ୍ଡଷ୍ଟ୍ରିଜ୍ ଏବଂ ୱାଇଲ୍ଡ ଲୋଟସ୍ ଏହି ସେମିନାରରେ ଅଂଶଗ୍ରହଣ କରି ରାଜ୍ୟରୁ ଅର୍ଜନ କରିଥିବା ଅଭିଜ୍ଞତା ବିଷୟରେ ସେ ବଖାଣିଥିଲେ । ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରାୟ ୩୦ଟି ଶିଳ୍ପସଂସ୍ଥାର ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

# ଡିଜିଟାଲ କ୍ଷେତ୍ରରେ ଦକ୍ଷ ହେବେ ଛାତ୍ରୀଛାତ୍ର, ଶିକ୍ଷକ

## 'ମୋ ସ୍କୁଲ ଅଭିଯାନ', 'କ୍ୱେଷ୍ଟ ଆଲିଆନ୍ସ' ମଧ୍ୟରେ ଏମ୍ଓୟୁ

**ଭୁବନେଶ୍ୱର, ୨୫।୧୦(ବ୍ୟୁରୋ)**

ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଏକବିଂଶ ଶତାବ୍ଦୀର ଟେକ୍ନୋଲୋଜି ଏବଂ ପଠନଶୈଳୀ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ ପାଇଁ ସୋମବାର 'କ୍ୱେଷ୍ଟ ଆଲିଆନ୍ସ' ଏବଂ 'ମୋ ସ୍କୁଲ୍ ଅଭିଯାନ' ମଧ୍ୟରେ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଯାଇଛି। ଏହି ଏମ୍ଓୟୁ ମାଧ୍ୟମରେ ଆସନ୍ତା ୩ବର୍ଷ ମଧ୍ୟରେ ୪ ହଜାର ହାଇସ୍କୁଲର ୨୦ ହଜାର ଶିକ୍ଷୟିତ୍ରୀଶିକ୍ଷକ ଏବଂ ୧୬ଲକ୍ଷ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ୍ କ୍ଷେତ୍ରରେ ଦକ୍ଷ କରାଯିବ। ଏହାସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଷ୍ଟେମ୍'(ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଗଣିତ) ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ 'ମୋ ସ୍କୁଲ୍' ଏବଂ 'କ୍ୱେଷ୍ଟ ଆଲିଆନ୍ସ' ମିଳିତ ଭାବରେ କାର୍ଯ୍ୟ କରିବେ। ସେହିଭଳି 'କ୍ୱେଷ୍ଟ ଆଲିଆନ୍ସ'ର ବିଶେଷଜ୍ଞ ଟିମ୍ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କ୍ୟାରିୟର କାଉନ୍ସେଲିଂ ସେସନ୍‌ର ଆୟୋଜନ କରିବେ। ପ୍ରତ୍ୟେକ ବିଦ୍ୟାଳୟରୁ ଦୁଇଜଣ ଲେଖାଏ ଶିକ୍ଷକଙ୍କୁ ମନୋନୀତ କରାଯାଇ ସେମାନଙ୍କୁ ପ୍ରଶିକ୍ଷକ ଭାବରେ ବିକଶିତ କରାଯିବ। ପରବର୍ତ୍ତୀ ସମୟରେ ସେମାନେ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ ଟେକ୍ନୋଲୋଜିରେ ପ୍ରଶିକ୍ଷିତ କରିବେ। ସେହିଭଳି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶ କରାଯିବା ସହ ସେମାନଙ୍କୁ ଲାଇଫ୍ ସ୍କିଲ୍ ସମ୍ପର୍କରେ ମଧ୍ୟ ଅବଗତ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସହଭାଗୀତାକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ନିୟମିତ ବ୍ୟବଧାନରେ ଅଭିଭାବକମାନଙ୍କୁ ନେଇ ୱେବିନାରର ଆୟୋଜନ କରାଯିବ ଏବଂ ପିଲାମାନଙ୍କ ପାଠପଢ଼ା ଏବଂ ସେମାନଙ୍କ ଶୈକ୍ଷିକ ବିକାଶ ସମ୍ପର୍କରେ ଅବଗତ କରାଯିବ।


ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଓ କ୍ୱେଷ୍ଟ ଆଲିଆନ୍ସର ସିଇଓ ଆକାଶ ସେଠୀ ଏମ୍ଓୟୁ ସ୍ୱାକ୍ଷର କରୁଛନ୍ତି।

'ମୋ ସ୍କୁଲ୍ ଅଭିଯାନ' ପରିଚାଳନା ସଙ୍ଗଠନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏହି ଏମ୍ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମରେ 'ମୋ ସ୍କୁଲ୍' ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ, ସଦସ୍ୟ ସଚିବ ତଥା ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଭାରପ୍ରାପ୍ତ ଅଧିକାରୀ ପ୍ରତିଭା ଦୋରା ଉପସ୍ଥିତ ଥିଲେ। ମୋ ସ୍କୁଲ୍ ପକ୍ଷରୁ ଅନୁପମ ସାହା ଏବଂ କ୍ୱେଷ୍ଟ ଆଲିଆନ୍ସ ପକ୍ଷରୁ ସିଇଓ ଆକାଶ ସେଠୀ ଏମ୍ଓୟୁ ସ୍ୱାକ୍ଷର କରିଥିଲେ।

## ଏସିଏସ୍‌ଓଙ୍କୁ କୈଫିୟତ ତଲବ

**ଛତ୍ରପୁର,୨୫।୧୦(ଡି.ଏନ୍.ଏ.)**

ଯୋଗାଣ ବିଭାଗର ଗୋଦାମ ଷ୍ଟକ ଯାଞ୍ଚ ନ କରିବା ଗଞ୍ଜାମ ଜିଲା ଯୋଗାଣ ବିଭାଗର ହେଡକ୍ୱାର୍ଟର ଏସିଏସ୍‌ଓ (ଅତିରିକ୍ତ ଯୋଗାଣ ଅଧିକାରୀ)ଙ୍କୁ ମହଙ୍ଗା ପଡ଼ିଛି। ତାଙ୍କୁ ଏଥିପାଇଁ କୈଫିୟତ ତଲବ କରିବାକୁ ନୋଟିସ୍ ଜାରି କରିବା ଲାଗି ଗଞ୍ଜାମ ସିଏସ୍‌ଓଙ୍କୁ ନିର୍ଦ୍ଦେଶ ଆସିଛି । ରାଜ୍ୟ ଯୋଗାଣ ନିଗମ ଲି.ର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ କେଶରୀ ଦାସଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା (୧୪୯୭୮/୨୨-୧୦-୨୧) ଗଞ୍ଜାମ ସିଏସଓଙ୍କ ନିକଟକୁ ଆସିଛି। କାହିଁକି ଯୋଗାଣ ବିଭାଗର ଗୋଦାମ ଷ୍ଟକ ଯାଞ୍ଚ କଲେନି ଏବଂ ଯାଞ୍ଚ ରିପୋର୍ଟ ନିଗମଠାରେ ଦାଖଲ କଲେନି ସେ ନେଇ କୈଫିୟତ ମାଗିବାକୁ କୁହାଯାଇଛି। ହେଡକ୍ୱାର୍ଟର ଏସିଏସ୍‌ଓ ସେପ୍ଟେମ୍ବର ପ୍ରଥମ ୧୫ ଦିନର ରିପୋର୍ଟ ନିଗମକୁ ଦେଇ ନ ଥିବା ବେଳେ ଦ୍ୱିତୀୟ ୧୫ ଦିନର ରିପୋର୍ଟ ପଠାଇଥିଲେ। ଗୋଦାମର ଷ୍ଟକ୍‌ରେ କୌଣସି ତ୍ରୁଟି ଦେଖାଗଲେ ହେଡକ୍ୱାର୍ଟର ଏସିଏସ୍‌ଓ ଦାୟୀ ରହିବେ ବୋଲି ନିଗମର ପରିଚାଳନା ନିର୍ଦ୍ଦେଶକ ଉକ୍ତ ଚିଠିରେ ସତର୍କ କରାଇ ଦେଇଛନ୍ତି।

# ପରିବର୍ତ୍ତନର ଅଗ୍ରଦୂତ ସାଜନ୍ତୁ ଯୁବପିଢ଼ି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀରୁ ଭିଡିଓ କନଫରେନ୍ସରେ ମହାତ୍ମା ଗାନ୍ଧୀ ଜାତୀୟ ଛାତ୍ରବୃତ୍ତି(ଏମ୍‌ଜିଏନ୍‌ଏଫ୍) ୨ୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଛାତ୍ରବୃତ୍ତିଧାରୀ ତଥା ଯୁବପିଢ଼ିଙ୍କୁ ଦକ୍ଷତା ବିକାଶର ପ୍ରୟାସରେ ତୃଣମୂଳସ୍ତରରେ ସାମାଜିକ ପରିବର୍ତ୍ତନର ଅଗ୍ରଦୂତ ହେବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତ, ମହାତ୍ମା ଗାନ୍ଧୀ ଜାତୀୟ ଛାତ୍ରବୃତ୍ତି ହେଉଛି ଏକ ୨ ବର୍ଷୀୟା ଛାତ୍ରବୃତ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଜିଲାସ୍ତରରେ ଦକ୍ଷତା ବିକାଶରେ ସହଯୋଗୀ ହେବା । ଏଥିପାଇଁ ପୂର୍ବରୁ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ମ୍ୟାନେଜମେଣ୍ଟ(ଆଇଆଇଏମ୍) ସହ ପାଇଲଟ ଭିତ୍ତିରେ ଆରମ୍ଭ ହୋଇଥିଲା। ତୃଣମୂଳ ସ୍ତରରେ ଦକ୍ଷତା ବିକାଶକୁ ସହଯୋଗ କରିବା ପାଇଁ ବ୍ୟକ୍ତିବିଶେଷ ଓ ଯୁବବର୍ଗଙ୍କୁ ୨ ବର୍ଷ ପାଇଁ ଏହି ବୃତ୍ତି ସୁଯୋଗ ପ୍ରଦାନ କରିବ । ପ୍ରଥମ ପର୍ଯ୍ୟାୟରେ ୬ଟି ରାଜ୍ୟର ୬୯ଟି ଜିଲାରେ ୬୯ଟି ବୃତ୍ତିଧାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ୨ୟ ପର୍ଯ୍ୟାୟରେ ଦେଶର ସମସ୍ତ ଜିଲାରେ ଅଧିକ ୬୬୧ ବୃତ୍ତିଧାରୀ ଅର୍ଥାତ୍ ମୋଟ ୭୩୦ ମହାତ୍ମା ଗାନ୍ଧୀ ଜାତୀୟ ବୃତ୍ତିଧାରୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଆଇଆଇଏମ୍, ବାଙ୍ଗାଲୋର ସହଯୋଗରେ କାର୍ଯ୍ୟକ୍ରମରେ ଯୋଡ଼ାଯାଇଥିବା ବେଳେ ୨ୟ ପର୍ଯ୍ୟାୟରେ ଅଧିକ ୮ଟି ଆଇଆଇଏମ୍‌କୁ ଯୋଡ଼ାଯାଇଛି।

**NOTIFICATION FOR Ph.D. PROGRAMME - 2021**
**SAMBALPUR UNIVERSITY**
**JYOTI VIHAR-768019**

Online applications are invited from the intending candidates for Ph.D. Programme-2021 of Sambalpur University. For details of the subject, availability of seats, application procedure, important dates, eligibility, criteria of exemption and the last date of submission of application etc., the applicants are advised to visit Sambalpur University website **www.suniv.ac.in** from 28.10.2021 (4.00 PM)

**Sd./- Chairman, P.G. Council**

**OFFICE OF THE DISTRICT MAGISTRATE & COLLECTOR, SAMBALPUR**
**(Social Security Section)**
**No. 2418/SS(RCDR)** **Dtd.25.10.2021**

**TENDER CALL NOTICE**

Sealed tenders in plain paper are hereby invited separately from the intending CGST/SGST registered firms/suppliers/ companies/manufacturers etc. for supply of materials for the purpose of manufacturing of Orthosis, Prosthesis & Smart Prosthesis in RCDR, Sambalpur for empowering Persons with Disabilities. The detailed specification for supply of materials is enclosed in Annexure-A, B and for Smart Prosthesis Annexure-C. For smart prosthesis bidders should apply separately along with EMD & Tender Fee.
The tender papers containing detailed terms and conditions, EMD and others statutory requirements, etc. can be downloaded from the District website: **www.sambalpur.nic.in**. The cost of tender fee of Rs.11,200/- (Rupees eleven thousand two hundred) only for each tender (Annexure A & B and Annexure-C) which is non refundable shall be submitted along with the tender papers (2 + 10 Sheets). The tender papers complete in all respect along with other required documents should reach in sealed cover to the DSSO, Sambalpur on or before 5 P.M. of Dt.18.11.2021 by **Registered / Speed Post** only. The authority shall not take any responsibility due to postal delay. Tender received through facsimile/e-mail/by hand shall be out rightly rejected. The tender shall be opened on 20.11.2021 at 12 Noon by the Collector, Sambalpur/the Officer authorized by Collector in presence of the members of District Purchase Committee and the tenderers or their authorized representatives. The tender received beyond the scheduled date & time and incomplete tenders shall not be taken in to consideration.
The undersigned reserves the right to reject or cancel any or all the tenders without assigning any reason thereof.

**Sd./- Collector, Sambalpur**

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 7590/PSC, (1R-13-21-22) (DR-V),** **Dt. 25.X.21**

**No. D-177:-** It is for information of all concerned that, pursuant to the advertisement No. 08 of 2020-2021, **31 (Thirty one)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Computer Science & Application.**

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **02.11.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 02.11.2021 | 10.30 AM | 00091808. 00078922, 00096867, 00089628, 00087484, 00087707, 00093521, 00093723, 00094937, 00094322, 00092631, 00096291, 00092948, 00088269, 00098996, 00088261, 00080649, 00100395, 00079257 & 00087417 = 20 Candidates |
| | 2.30 PM | 00094956, 00091766, 00093973, 00078020, 00078744, 00021187, 00066305, 00078366, 00081865, 00081747 & 00077431 = 11 Candidates |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0119/2122 **Sd./- Secretary**

**OFFICE OF THE CDM&PHO-cum-DISTRICT MISSION DIRECTOR**
**District Programme Management Unit, DPMU, National Health Mission, Dist.- Balangir**
**Advt. No. 4594/NHM/2021** **Dt.22.10.2021**

**WALK-IN-INTERVIEW FOR IN HOUSE SELECTION**

No.E-551:- Applications are invited from contractual employee of National Health Mission currently working in the same post under the OSH&FW Society in other District to fill up the following posts.

| Sl. No. | Name of the Post | No. of Vacant Post | Date of walk-in-interview |
|---|---|---|---|
| 01 | Ayush MO PHC/CHC (Co-located unit) | BHMS-06 | Dt.05.11.2021 Regd. Time: 10.00 AM to 12.30 PM |
| 02 | Ayush Medical Officer (RBSK) | BAMS (Female)-03 BHMS (Male)-07 BHMS (Female)-05 | |
| 03 | Ayush Medical Officer (MHU) | BAMS-01 BHMS-02 | |
| 04 | Pharmacist (RBSK) | 09 | |
| 05 | ANM (RBSK) | 05 | |
| 06 | Pharmacist (MHU) | 01 | Dt.06.11.2021 Regd. Time: 10.00 AM to 12.30 PM |
| 07 | ANM (MHU) | 02 | |
| 08 | Optometrist (DEIC) | 01 | |
| 09 | Dental Technician (DEIC) | 01 | |
| 10 | Ophthalmic Assistant/Refractionist (NPCB) | 02 | |
| 11 | Rehabilitation Worker (NPHCE) | 08 | |
| 12 | Senior TB Lab Supervisor (STLS) (RNTCP) | 01 | |

Interested eligible candidates can download the application format from www.balangir.nic.in and filled in application duly signed by the candidate along with self attested copies of all supportive documents and should present before office of the CDM&PHO, Balangir on mentioned date and time along with all requisite documents. No application will be received beyond the scheduled date and time. The undersigned reserves the right to cancel any or all the proposal without assigning any reason thereof. No personal query will be entertained.

OIPR-10019/11/0010/2122 **Sd./- CDM&PHO-cum-District Mission Director, Balangir**

**OFFICE OF THE DISTRICT JUDGE, DHENKANAL**
**Advertisement No. 03** **dt. 22.10.2021**

No. W-23:- Applications in the prescribed format are invited from interested candidates for recruitment to the following posts of **Jr. Clerk-cum-Copyist, Stenographer Gr.-III** in the Judgeship of Dhenkanal in the pay scale as mentioned against each post with usual D.A. and other allowances, as admissible to the State Govt. Employees from time to time. Such appointment in regular pay scale shall be subject to the result of W.P.(C) No. - 1273/2014 pending before the Hon'ble High Court of Orissa, Cuttack.

**Recruitment for the posts of Jr. Clerk-cum-Copyist/Stenographer Gr.-III in Dhenkanal Judgeship**

| Sl. No. | Name of the post | Scale of pay AS per ORSP 2017 | General (UR) | SC | ST | SEBC | Total | Physically Handicapped/Ex-Serviceman/Sports Person. |
|---|---|---|---|---|---|---|---|---|
| 1. | 2. | 3. | 4. | 5. | 6. | 7. | 8. | 9. |
| 1. | **Jr. Clerk-cum-Copyist** | Pay matrix Rs.19,900/- – Rs.63,200/- at level 4 | 2 | - | 1 | 1 | 4 | (The vacancy reserved for P.H./ Ex-Serviceman/Sports Person is inclusive of vacancy of respective category to which they belong. |
| 2. | **Stenographer Gr.-III** | Pay matrix Rs.25,500/- – Rs.81,100/- at level 7 | 2 | - | 2 | - | 4 | |

For details, please visit the District Court Website: **https://districts.ecourts.gov.in/dhenkanal.**
**Last date for submission of application: 11.11.2021**

**Sd./- District Judge-cum-Chairman,**
OIPR-18021/11/0002/2122 **District Recruitment Committee, Dhenkanal Judgeship**

> କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ଯ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ– ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍‌ଭବ ଯେପରି ପଶୁ ଭିତରୁ ହେଲା– ସେହିପରି ଏଇ ମଣିଷ ଭିତରୁଇ ଅତିମାନବର ଉଦ୍‌ଭବ ହେବ। – ଶ୍ରୀଅରବିନ୍ଦ

# ପାର୍ଶ୍ୱସ୍ଥ ପ୍ରବେଶକାରୀ

ପୂର୍ବରୁ ଅନେକଥର ଶୁଣାଯାଇଛି ଏବଂ ଏବେ ପୁନର୍ବାର କେନ୍ଦ୍ର ସରକାର ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ୩୧ ଜଣ ଅଭିଜ୍ଞ ବ୍ୟକ୍ତିଙ୍କୁ ବିଭିନ୍ନ ମନ୍ତ୍ରଣାଳୟରେ ଲାଟେରାଲ ବା ପାର୍ଶ୍ୱସ୍ଥ ପ୍ରବେଶ କରାଇ ଚାକିରି ଦେବେ। ଆଗରୁ ଏଭଳି ମଧ୍ୟ କେତେକଙ୍କୁ ନିଆଯାଇଛି। କିନ୍ତୁ ବର୍ତ୍ତମାନ ହଠାତ୍ ଏପରି ପଦକ୍ଷେପ ପଛରେ ଉଦ୍ଦେଶ୍ୟ ବୁଝିବା କଷ୍ଟକର ନୁହେଁ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାରର ୧୦ ବର୍ଷ ପୂରିବ ୨୦୨୪ରେ। ସମୟ ମାଡ଼ିଚାଲିଛି। ନିର୍ବାଚନର ମୃଦୁ ଆଭାସ ଏବେଠାରୁ ମିଳିଲାଣି। ସମସ୍ତଙ୍କ ଆଖି ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଉପରେ। ସେଠାରେ ଯଦି ଭାଜପା ଅତ୍ୟଧିକ ଭଲଭାବେ ଜିତିବ, ତେବେ ଏହାର କେନ୍ଦ୍ରରେ ପ୍ରଭାବ ବୃଦ୍ଧି ପାଇପାରେ। ଅନ୍ୟପଟେ ଯଦି ଆଣ୍ଠେଇକରି ଜିତେ ବା ପରାଜିତ ହୁଏ, ତେବେ ସ୍ଥିତି ଅସମ୍ଭାଳ ହୋଇଯାଇପାରେ। ଦରଦାମ୍ ବୃଦ୍ଧି, ସୀମାରେ ବାରମ୍ବାର ଜଟିଳ ସ୍ଥିତି, ବହିର୍ବ୍ୟାପାର ନୀତିରେ ଭାରତର ଅସଫଳତା, ସବୁ ସରକାରୀ ଉଦ୍ୟୋଗର ଘରୋଇକରଣ ଭଳି ଅନେକ କଣ୍ଟା ଜନସାଧାରଣଙ୍କ ଆଖିଆଗରେ ନାଚୁଥିବା ବେଳେ ସମସ୍ତେ ନୀରବ ବସିଛନ୍ତି।

ମୋଦି ଜଣେ ଅତି ଚତୁର ରାଜନୀତିଜ୍ଞ। ଲଖିମପୁର ଖେରୀରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କ ଦ୍ୱାରା ଚାଷୀଙ୍କ ଉପରେ ଗାଡ଼ି ମଡ଼ାଇଦେବା ଘଟଣା ସୂଚାଉଛି ଯେ, ଭାଜପା ସଦସ୍ୟଙ୍କ ଅହଂକାର ସୀମା ଟପିଗଲାଣି। ପ୍ରଧାନମନ୍ତ୍ରୀ ନିଶ୍ଚିତଭାବେ ବୁଝିପାରୁଥିବେ ଯେ ଏହା ତାଙ୍କ ଛବି ପାଇଁ କ୍ଷତିକାରକ ହେଉଛି। ତାଙ୍କର ଦୀର୍ଘ ଅଭିଜ୍ଞତାରୁ ମୋଦି ଏହା ମଧ୍ୟ ବୁଝୁଥିବେ ଯେ ଖୁବ୍ ନିକଟ ଭବିଷ୍ୟତରେ ସରକାରୀ ବ୍ୟବସ୍ଥା ହାତଛଡ଼ା ହୋଇଯିବାର ଆଶଙ୍କା ରହିଛି। ବିଶେଷକରି ଉତ୍ତରପ୍ରଦେଶ ନିର୍ବାଚନର ଫଳାଫଳ ଭାଜପାକୁ ଅତ୍ୟନ୍ତ ସୁହାଇଲା ଭଳି ନ ହେଲେ କେନ୍ଦ୍ରର ସରକାରୀ ବାବୁମାନେ ଡରିକରି ରହିବା ପରିବର୍ତ୍ତେ ନିଜ ନିଜର ରୂପ ଓ ରଙ୍ଗ ଦେଖାଇବାକୁ ଆରମ୍ଭ କରିବେ। ମୋଦି ମଧ୍ୟ ଜାଣିଥିବେ ଯେ ଭାରତର ଅମଲାତନ୍ତ୍ରୀ କାହାରି ନୁହନ୍ତି। ଏପରିକି ସେହି ଗୋଷ୍ଠୀ ଭାରତର ଜନସାଧାରଣଙ୍କ ସପକ୍ଷରେ ମଧ୍ୟ ନୁହେଁ। ଅର୍ଥାତ୍ ସେମାନେ ନିଜ କ୍ଷମତାରେ ନିଜେ ମତ୍ତ। ହୁଏତ ସେଇଥିପାଇଁ ନିର୍ବାଚନ ପର୍ଯ୍ୟନ୍ତ ସରକାରୀ କଳକୁ ନିୟନ୍ତ୍ରଣରେ ରଖିବା ସକାଶେ ଏଭଳି ପାର୍ଶ୍ୱସ୍ଥ ପ୍ରବେଶର ବ୍ୟବସ୍ଥା କରାଯାଉଛି। ଆଶା ରଖାଯାଇପାରେ ଯେ ସରକାରୀ ଅଫିସର ବାଁଖେଡ଼ା ମାରିଲେ ଏହି ଗୋଷ୍ଠୀ ଅନେକାଂଶରେ ସରକାରୀ କଳକୁ ସମ୍ଭାଳି ନେଇପାରିବେ। ତେବେ ଉଚ୍ଚପଦସ୍ଥ ଅମଲାତନ୍ତ୍ରୀଙ୍କଠାରୁ କ୍ଷମତା ଛଡ଼ାଇନେବା ସହଜ କାର୍ଯ୍ୟ ନୁହେଁ। କନିଷ୍ଠ ଅଧିକାରୀମାନେ ତାଙ୍କର ନିର୍ଦ୍ଦେଶ କେଉଁଠାରୁ ନେବେ ତାହା ସ୍ପଷ୍ଟଭାବେ ଜାଣିଛନ୍ତି। ରାଜନୈତିକ ନିଯୁକ୍ତିରେ ଆସିଥିବା ପାର୍ଶ୍ୱସ୍ଥ ପ୍ରବେଶକାରୀଙ୍କ ପ୍ରଭାବ କେବେହେଲେ ଦୀର୍ଘମିଆଦୀ ହେବ ନାହିଁ। କେନ୍ଦ୍ରରେ ସରକାର ବଦଳିଲେ ରାଜ୍ୟପାଳଙ୍କ ଚାକିରି ପଳାଉଛି। ସେଭଳିସ୍ଥଳେ କେନ୍ଦ୍ରରେ ରାଜନୈତିକ ନେତୃବୃନ୍ଦଙ୍କ ପରିବର୍ତ୍ତନ ଘଟିଲେ ଏହି ପ୍ରବେଶକାରୀମାନେ ମଧ୍ୟ ୨୪ ଘଣ୍ଟା ମଧ୍ୟରେ ପ୍ରସ୍ଥାନକାରୀ ହୋଇଯିବେ। ଯେଉଁ ସରକାର ସେମାନଙ୍କ ସାଙ୍ଗରେ ଚୁକ୍ତି କରିଥିବେ, ସେହି ସରକାର ତାଙ୍କ ଚୁକ୍ତିକୁ ରଦ୍ଦ ମଧ୍ୟ କରିଦେଇପାରିବେ। ଭବିଷ୍ୟତରେ ଯେଉଁ ଦଳ କ୍ଷମତାସୀନ ହେବ ତାହାର ନେତୃବୃନ୍ଦଙ୍କୁ ଏଭଳି ରଦ୍ଦ କରିବାର ବୁଦ୍ଧି ତତ୍‌କ୍ଷଣାତ ଅମଲାତନ୍ତ୍ରୀ ଦେବେ।

ଏହା ବ୍ୟତୀତ ଧରିନିଆଯାଉ ଏଭଳି ପ୍ରବେଶକାରୀମାନେ ସରକାରୀ ଅଫିସରଙ୍କଠାରୁ ଅଧିକ କାମ କରି ଦେଖାଇବେ। ସବୁ ଚିନ୍ତାଧାରା ସକାରାତ୍ମକ ହୋଇପାରେ। କିନ୍ତୁ ଏହିସବୁ ପଦବୀରେ ଯେଉଁମାନେ ବସିବେ ତାଙ୍କୁ ପରୀକ୍ଷା କରି କିଏ ବାଛିବ। ଏବେ ଶୁଣାଯାଉଛି, କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ସୁପାରିସ କରିଛି ଘରୋଇ ସଂସ୍ଥାରେ କାମ କରୁଥିବା କର୍ମଚାରୀଙ୍କୁ ସରକାର ନିଅନ୍ତୁ। ଏଥିରୁ ପ୍ରଶ୍ନ ଉଠିପାରେ ରାଜନୈତିକ ନିଯୁକ୍ତି ପାଇଥିବା ଦକ୍ଷ ଘରୋଇ ବୃତ୍ତିଧାରୀ (ପ୍ରଫେସନାଲ୍ସ) ଏକ ଅନିଶ୍ଚିତ ଭବିଷ୍ୟତ ଥିବା ପଦବୀକୁ ଡେଇଁବାରେ ଆଗ୍ରହ ରଖିବେ କି। ଏହାର ଉତ୍ତର ହୋଇପାରେ ଯେ ଉଚ୍ଚକୋଟୀର ଘରୋଇ କାର୍ଯ୍ୟକର୍ତ୍ତା ଏଭଳି ନିଆଁକୁ ଡେଇଁବେ ନାହିଁ। ସମ୍ଭବତଃ ଯେଉଁମାନେ ଘରୋଇ କମ୍ପାନୀ ଯଥା– ଟାଟା, ଅମ୍ବାନୀ ଓ ଜିନ୍ଦଲ ଇତ୍ୟାଦିର ଉଚ୍ଚପଦବୀକୁ ଯିବାରେ ଅସଫଳ ହୋଇଛନ୍ତି ଓ ସେମାନଙ୍କ ଦକ୍ଷତା ପ୍ରଶ୍ନବାଚୀରେ ରହିଛି, କେବଳ ସେଭଳି ବ୍ୟକ୍ତି ଏହି ସରକାରୀ ଜାଲରେ ପଡ଼ିବେ। ଏହାଦ୍ୱାରା ନିର୍ବାଚନ ପୂର୍ବରୁ ସରକାରୀ କଳକୁ କବ୍‌ଜାରେ ରଖିବାର ଉଦ୍ଦେଶ୍ୟ ଥାଇପାରେ। ଏକ୍‌ଜିକ୍ୟୁଟିଭ ଅର୍ଥାତ୍ ମନମୁଖି ନିଷ୍ପତ୍ତି ଯାହା ପାର୍ଲାମେଣ୍ଟ ମାଧ୍ୟମରେ ବିଧିବଦ୍ଧ ଆସି ନ ଥିବ, ସେସବୁକୁ ଏମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଇବାର ଲକ୍ଷ୍ୟ ଥାଇପାରେ। ତାହା କେତେଦୂର ସଫଳ ହେବ କେବଳ ସମୟ କହିବ।

## ଚିରନ୍ତନୀ

ପ୍ରଦୋଷ ଉଷାର ରଙ୍ଗମହଲ କୋଳେ
ରୂପାୟିତ ହୋଇ କେତେ ଋତୁ ମାସ ତଳେ
ସପତ ରଙ୍ଗେ ରଞ୍ଜିତ କରି ଧରା
ସପତ ସ୍ୱରରେ ସଙ୍ଗୀତ ହେଉ ଭରା
କୁସୁମ କୋରକ କହି ଉଠୁ ସେହି କଥା
ଫଗୁଣ ସମୀରେ ବାଜୁ ଦୁଇ ଗୁଣ ବ୍ୟଥା
କୋଟିଏ ବିଶ୍ୱ ଗୋଟିଏ କଥାରେ ଟାଣି
ସତ୍ୟ ହେଉ ଏ ସଚେତନ ରୂପବାଣୀ। –(ରୂପ ଓ ବାଣୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | 8 | | | | 3 |
| | | | | | 1 | | | 7 |
| 4 | | | | | | 1 | 2 | |
| | 7 | | | | | 5 | | 1 |
| 3 | | | 1 | 5 | | 6 | | |
| | 2 | | | | | | 3 | |
| | | 8 | | | 9 | | | 6 |
| | | | | | 8 | 9 | | |
| | | | 4 | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 1 | 3 | 6 | 7 | 5 | 9 | 4 |
| 6 | 3 | 7 | 5 | 4 | 9 | 1 | 2 | 8 |
| 9 | 5 | 4 | 8 | 1 | 2 | 7 | 3 | 6 |
| 4 | 7 | 5 | 9 | 3 | 6 | 2 | 8 | 1 |
| 3 | 9 | 2 | 1 | 8 | 5 | 6 | 4 | 7 |
| 1 | 6 | 8 | 7 | 2 | 4 | 9 | 5 | 3 |
| 2 | 1 | 3 | 6 | 9 | 8 | 4 | 7 | 5 |
| 5 | 8 | 9 | 4 | 7 | 1 | 3 | 6 | 2 |
| 7 | 4 | 6 | 2 | 5 | 3 | 8 | 1 | 9 |

ଗତକାଲିର ଉତ୍ତର

# ଶିକ୍ଷାନୀତି, ସ୍ଥାୟୀ ବିକାଶ ଓ ବିଶ୍ୱବିଦ୍ୟାଳୟ



ଡ. ପ୍ରୀତିଶ ସାହୁ

ଆଲବର୍ଟ ଆଇନଷ୍ଟାଇନ କହିଥିଲେ– ଶିକ୍ଷା କେବଳ ଜ୍ଞାନ ଅର୍ଜନ କରିବା ପାଇଁ ନୁହେଁ ବରଂ ମାନସିକ ବିକାଶ, ଚିନ୍ତାକରିବାର ଶକ୍ତି ଏବଂ ତାଲିମ ପାଇବା ପାଇଁ ଉଦ୍ଦିଷ୍ଟ ହେବା ଦରକାର। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ–୪ ଅନୁଯାୟୀ ସମସ୍ତଙ୍କ ପାଇଁ ସମାନତା ଗୁଣାତ୍ମକ ନ୍ୟାୟସଙ୍ଗତ ଶିକ୍ଷା ସୁନିଶ୍ଚିତ କରିବା ଏବଂ ସାରା ଜୀବନ ଶିଖିବାର ସୁଯୋଗ ପାଇଁ ପ୍ରୋତ୍ସାହନ ଦେବା ଦରକାର। ଏଭଳି ଅତି ଉଚ୍ଚ ଲକ୍ଷ୍ୟକୁ ହାସଲ କରିବାକୁ ହେଲେ ଆମର ଶିକ୍ଷା ବ୍ୟବସ୍ଥାରେ ଏକ ବୃହତ୍ ପରିବର୍ତ୍ତନର ଆବଶ୍ୟକତା ଥିଲା; ଯାହା କି ଶିକ୍ଷା ପଦ୍ଧତି ଓ ପ୍ରଣାଳୀରେ ଆବଶ୍ୟକୀୟ ପରିବର୍ତ୍ତନ ଦ୍ୱାରା ସ୍ଥାୟୀ ବିକାଶ ଲକ୍ଷ୍ୟର ସମସ୍ତ ୧୭ଟି ଲକ୍ଷ୍ୟକୁ ପୂରଣ କରିବାରେ ସାମର୍ଥ୍ୟ ସୃଷ୍ଟି କରିବ। ତାହା ସହିତ ନୂତନ ଶିକ୍ଷା ନୀତି ଓ ଶିକ୍ଷା ବ୍ୟବସ୍ଥାକୁ ନୂଆରୂପ ଦେବା ଏବଂ ଏହାର ନିୟମାବଳୀ, ସତର୍କତା, ନୀତିଗତ ପରିବର୍ତ୍ତନରେ ମଧ୍ୟ ଆବଶ୍ୟକତା ଥିଲା; ଯାହା କି ଏକବିଂଶ ଶତାବ୍ଦୀର ଶିକ୍ଷା ସହିତ ସ୍ଥାୟୀ ବିକାଶ, ଭାରତୀୟ ପରମ୍ପରା ଓ ମୂଲ୍ୟ ପ୍ରଣାଳୀକୁ ମଜଭୁତ କରି ଏକ ଧାଡ଼ିରେ ରଖିପାରିବ। ଏଭଳି ଏକ ନୂଆ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନାକୁ ଆଖି ଆଗରେ ରଖି ଜାତୀୟ ଶିକ୍ଷାନୀତି ୨୦୨୦ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳ ଦ୍ୱାରା ଜୁଲାଇ ୨୯ରେ ପାରିତ ହେବାପରେ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଇଥିଲା। ନୂତନ ଶିକ୍ଷା ନୀତିକୁ ଆଣିବା ପୂର୍ବରୁ ଏହା ବିଭିନ୍ନ ମହଲରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା ଏବଂ ପ୍ରାୟ ୨ ଲକ୍ଷରୁ ଅଧିକ ମତକୁ ବିଭିନ୍ନ ବର୍ଗର ଲୋକମାନଙ୍କ ପାଖରୁ ମଧ୍ୟ ସଂଗ୍ରହ କରାଯାଇଥିଲା। ଯେତେବେଳେ ସମଗ୍ର ବିଶ୍ୱର ଚାହିଦା ଓ ଶିକ୍ଷାବ୍ୟବସ୍ଥା ଏକରକମ ସମୟ ହିସାବରେ ବଦଳିଛି ସେତେବେଳେ ଭାରତର ପୂର୍ବ ଶିକ୍ଷାନୀତି–୧୯୮୬ରେ ପରିବର୍ତ୍ତନର ଆବଶ୍ୟକ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଏଭଳି ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟରେ ପହଞ୍ଚିବାକୁ ହେଲେ ବିଶ୍ୱବିଦ୍ୟାଳୟର ଭୂମିକା କ'ଣ ହେବା ଦରକାର? ଯେତେବେଳେ ଭାରତବର୍ଷରେ ପ୍ରାୟତଃ ୧୦୪୩ ବିଶ୍ୱବିଦ୍ୟାଳୟ, ୪୨,୩୪୩ ମହାବିଦ୍ୟାଳୟ, ୧୧,୭୭୯ ସ୍ୱୟଂଚାଳିତ ଶିକ୍ଷାସଂସ୍ଥାନ ଅଛି ସେ ସମୟରେ ଏହା ନିଶ୍ଚିତ ଏକ ବଡ଼ ପ୍ରଶ୍ନ ଯେ ଏହି ସବୁ ଶିକ୍ଷାନୁଷ୍ଠାନ ଏବେ ବିଶ୍ୱସ୍ତରରେ କେଉଁ ସ୍ଥାନରେ ଅଛି। ଯଦି ଆଜି ଆମେ ସ୍ୱଳ୍ପ ସମୟ ମଧ୍ୟରେ ଭାରତର ଅର୍ଥନୀତିକୁ ୫ ଟ୍ରିଲିଅନ ଡଲାର ଅର୍ଥାତ୍ ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ କରିବାକୁ ଯାଉଛନ୍ତି, ସେ ସମୟରେ ଆମ ବିଶ୍ୱବିଦ୍ୟାଳୟଗୁଡ଼ିକର ଭୂମିକାକୁ ଆହୁରି ପ୍ରଶସ୍ତ ଓ ମଜଭୁତ କରିବାର ଆବଶ୍ୟକତା ଅଛି। ଆଜି ଯେତେବେଳେ ଆମେ ବିଶ୍ୱଗୁରୁ ହେବାର ସ୍ୱପ୍ନ ଦେଖୁଛନ୍ତି ସେ ସମୟରେ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ, ମୌଳିକ, ଗୁଣାତ୍ମକ, ସମାଲୋଚନାମୂଳକ ଶିକ୍ଷା ପ୍ରକ୍ରିୟା ଓ ପ୍ରଣାଳୀରେ କ୍ରମାଗତ ପରିବର୍ତ୍ତନକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଯେତେବେଳେ ଆମେ ଅଭିନବୀକରଣ, ପ୍ରତିଯୋଗିତା ଓ ବ୍ୟାପାର ସରଳୀକରଣ ପ୍ରକ୍ରିୟାରେ ଊର୍ଦ୍ଧ୍ୱଗାମୀ ହୋଇଛୁ ତାହାଲେ ନୂଆ ଶିକ୍ଷା ବ୍ୟବସ୍ଥା ଏହାକୁ ଆଉ କେତେ ଦୂର ଅଗ୍ରଗତି କରାଇବାରେ ସକ୍ଷମ ହେବ। ଜଣେ ଶିକ୍ଷାବିତ୍ ହିସାବରେ ଏଭଳି ଅନେକ ପ୍ରଶ୍ନ ମନକୁ ଆସିବା ସ୍ୱାଭାବିକ। କିନ୍ତୁ ଏହା ସତ୍ୟ ଯେ ଭାରତର ପ୍ରାଚୀନ ନାଳନ୍ଦା ଓ ତକ୍ଷଶିଳା ପରି ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରରେ ନାମ କମାଇଥିବା ସମୟରେ ଆଜିର ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥାନ ବିଶ୍ୱସ୍ତରରେ ଦୁର୍ବଳ ଅଛି। 'ଟାଇମ୍ସ ହାୟର ଏଜୁକେଶନ ଓ କ୍ୱାକ୍‌କ୍ୱାରେଲି ସାଇମଣ୍ଡସ' (କ୍ୟୁଏସ୍)ର ରାଙ୍କିଙ୍ଗକୁ ଦେଖିବାକୁ ଗଲେ ଏହା ସ୍ପଷ୍ଟ ଯେ ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥାନ ଏକବିଂଶଶତାବ୍ଦୀରେ ଅନେକ ପଛରେ ଅଛି। କିନ୍ତୁ ଏକବିଂଶଶତାବ୍ଦୀର ପ୍ରଥମ ଶିକ୍ଷାନୀତି ହିସାବରେ ନୂତନ ଶିକ୍ଷାନୀତି ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇବାରେ କେତେ ଦୂର ସଫଳ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ। ସରକାର ଏବଂ ଶିକ୍ଷାମନ୍ତ୍ରୀଙ୍କ ଉପସ୍ଥାପନା ଓ ଦାୟିତ୍ୱବୋଧତାକୁ ଦେଖି ଲାଗେ ଯେ ଜାତୀୟ ଶିକ୍ଷାନୀତିର ପ୍ରଭାବ ଦେଶର ସ୍ଥାୟିତ୍ୱ ସମ୍ବଳ ବୃଦ୍ଧି ତଥା ବିଶ୍ୱ ଦରବାରରେ ଭାରତର ସ୍ଥିତିକୁ ମଜଭୁତ କରି ରାଷ୍ଟ୍ରର ଭାଗ୍ୟ ନିର୍ଦ୍ଧାରଣ ଓ ରୂପାୟନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ।

ଭାରତବର୍ଷରେ ୧୮୫୭ ମସିହାରେ କଲିକତା, ବମ୍ବେ, ମାଡ୍ରାସ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବା ସମୟରେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକର ସିଦ୍ଧାନ୍ତ ଥିଲା ଯେ ଜ୍ଞାନ ଲାଭ ସହିତ ଦକ୍ଷତା ଅର୍ଜନ କରିବା ଓ ଶିକ୍ଷା ମାଧ୍ୟମରେ ପ୍ରାକୃତିକ ମେଧା ଶକ୍ତିକୁ ପ୍ରୋତ୍ସାହନ କରିବ। ସେହିପରି ୧୯୬୪–୬୬ ମସିହାର କୋଠାରି କମିଶନ ସୁପାରିସ ଅନୁଯାୟୀ ଜିଡିପିର ୬ ପ୍ରତିଶତ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚହେବା ଦରକାର; ଯାହା କି ଭାଷାଶିକ୍ଷା, ସାମାଜିକ ଦାୟିତ୍ୱବୋଧତା, ଧନ୍ଦାମୂଳକ ପ୍ରଶିକ୍ଷଣ, ଶିକ୍ଷକ ପ୍ରଶିକ୍ଷଣ, ଗବେଷଣା ଓ ଅନୁସନ୍ଧାନ ପ୍ରଭୃତି ଲକ୍ଷ୍ୟକୁ ହାସିଲ କରିବା ସହିତ ଏହା ଏକ ସମୃଦ୍ଧ ଦେଶ ନିର୍ମାଣରେ ସହାୟକ ହେବ। କିନ୍ତୁ ଏହା ତିକ୍ତ ସତ୍ୟ ଯେ ଦୀର୍ଘବର୍ଷ ପରେ ମଧ୍ୟ ଆଜି ନୂତନ ଶିକ୍ଷାନୀତିରେ ଏହି ସବୁ ମୌଳିକ କଥାକୁ ମଧ୍ୟ ପୁନଶ୍ଚ ସୂଚିତ କରାଯାଇଛି। ନୂଆ ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ଏକ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ପାଇଁ ବହୁ ବିଷୟକ ସଂସ୍ଥା ହେବ; ଯାହା କି ଗୁଣାତ୍ମକ ଶିକ୍ଷା, ପ୍ରଶିକ୍ଷଣ, ଗବେଷଣା ସହିତ ସବୁଗୋଷ୍ଠୀ ଓ ସାମୂହିକ ଯୋଡ଼ିବାର କେନ୍ଦ୍ର ମଧ୍ୟ ପାଲଟିବ। ବିଶ୍ୱବିଦ୍ୟାଳୟର ସଂଜ୍ଞା ଉଭୟ 'ଗବେଷଣା କେନ୍ଦ୍ରିତ ବିଶ୍ୱବିଦ୍ୟାଳୟ' ଅର୍ଥାତ୍ ମୁଖ୍ୟତଃ ଗବେଷଣା ସହିତ ଅଧ୍ୟାପନାକୁ ସେତିକି ପ୍ରାଧାନ୍ୟ ଦିଆଯିବ ଓ 'ଅଧ୍ୟାପନା କେନ୍ଦ୍ରିତ ବିଶ୍ୱବିଦ୍ୟାଳୟ' ଅର୍ଥାତ୍ ଅଧ୍ୟାପନା ଉପରେ ପ୍ରଧାନ ଗୁରୁତ୍ୱ ଦେବା ସହିତ ଅର୍ଥବୋଧକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଗବେଷଣା ମଧ୍ୟ କରିବ। ନୂତନ ଶିକ୍ଷା ବ୍ୟବସ୍ଥାରେ ବର୍ତ୍ତମାନର 'ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ' (ଆଫିଲିଏଟିଂ ୟୁନିଭର୍ସିଟି) 'ଡିମ୍‌ଡ ଟୁ ବି ୟୁନିଭର୍ସିଟି', ଐକିକ ବିଶ୍ୱବିଦ୍ୟାଳୟ (ୟୁନିଟାରି ୟୁନିଭର୍ସିଟି) ପ୍ରଭୃତି ସଂଜ୍ଞାକୁ ବଦଳାଇ ସମୟାନୁକ୍ରମେ ଏଗୁଡ଼ିକୁ କେବଳ ବିଶ୍ୱବିଦ୍ୟାଳୟ ନାମରେ ନାମିତ କରାଇବାର କଳ୍ପନା ନିଶ୍ଚିତ ଭାବରେ ଆଗାମୀ ଦିନରେ ଅନେକ ତାରତମ୍ୟ ଦୂରୀଭୂତ କରିବ। ବିଶ୍ୱବିଦ୍ୟାଳୟଗୁଡ଼ିକର ଏଭଳି ବିଶେଷୀକରଣ ଓ ସରକାରଙ୍କ ଆବଶ୍ୟକୀୟ ସହଯୋଗ ନିଶ୍ଚିତ ଭାବରେ ଅଧ୍ୟାପନା ଓ ଗବେଷଣାକୁ ଅଧିକ ତୀବ୍ରକରିବା ସହିତ ଆଗାମୀ ଦିନରେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥାନ ବିଶ୍ୱସ୍ତରୀୟ ହୋଇପାରିବ ବୋଲି ବିଶ୍ୱାସ। ଏହା ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହନ ଦେବା ସହିତ ଅଭିନବକରଣର ସ୍ଥାୟିତ୍ୱ ମଧ୍ୟ ଭାରତ ଓ ଯୁବ ପିଢ଼ିକୁ ଦକ୍ଷ କରିବ ବୋଲି ବିଶ୍ୱାସ।

ଏହିସବୁ ଲକ୍ଷ୍ୟ ହାସଲ କରିବାକୁ ଗଲେ ଶିକ୍ଷାକ୍ଷେତ୍ରରେ ସରକାରୀ ଖର୍ଚ୍ଚକୁ ଅଭିବୃଦ୍ଧି କରାଇବାର ଆବଶ୍ୟକତା ଅଛି। ଅର୍ଥାତ୍ ଅନେକ ସରକାର ଆସିଲେ, ଗଲେ କିନ୍ତୁ ଶିକ୍ଷାକ୍ଷେତ୍ରରେ ଏବଂ ସରକାରଙ୍କ ଶିକ୍ଷା ବ୍ୟୟ ୬ ପ୍ରତିଶତ ପରିବର୍ତ୍ତେ ପ୍ରାୟତଃ ୩ ପ୍ରତିଶତ ପାଖାପାଖି ରହିଲା; ଯାହା ଏହି ସବୁ ଲକ୍ଷ୍ୟ ପୂରଣ କରିବାରେ ଅସମର୍ଥ ହେଲା। କିନ୍ତୁ ନୂତନ ଶିକ୍ଷାନୀତି ଅନୁଯାୟୀ ଶିକ୍ଷାକ୍ଷେତ୍ରରେ ଏହି ଖର୍ଚ୍ଚ ଯଥାଶୀଘ୍ର ଜିଡିପିର ୩ ପ୍ରତିଶତରୁ ବୃଦ୍ଧି ହୋଇ ୬ ପ୍ରତିଶତରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ଏପରି କି ଭାରତକୁ ଅନ୍ୟ ସମୃଦ୍ଧି ଦେଶ ସହିତ ତୁଳନା ନ କରି ଯଦି ବିକାଶଶୀଳ ଦେଶ ସହିତ ମଧ୍ୟ ତୁଳନା କରାଯାଏ ତା'ହେଲେ ଏହା ସତ୍ୟ ଯେ ଅନେକ ଦେଶ ଆମକୁ ଶିକ୍ଷା ଓ ସାକ୍ଷରତାରେ ଏହି ସମୟସୀମା ମଧ୍ୟରେ ଅତିକ୍ରମ କରିଥିବା ବେଳେ ଆମେ ଆଶାନୁରୂପକ ସଫଳତା ପାଇପାରିନାହୁଁ। ଉଦାହରଣ ସ୍ୱରୂପ, ଯେତେବେଳେ କୋଠାରି କମିଶନ ତାହାର ରିପୋର୍ଟ ସୁବିମ୍ବିତ କରିଥିଲା ସେହି ସମୟରେ ଭାରତ ଓ ଇଣ୍ଡୋନେସିଆ ଭଳି ଦେଶର ସାକ୍ଷରତା ପ୍ରାୟତଃ ସମାନ ଥିଲା, ମାତ୍ର ୨୦୨୦ରେ ଇଣ୍ଡୋନେସିଆର ସାକ୍ଷରତା ୯୫ ପ୍ରତିଶତ ପହଞ୍ଚିଥିବା ବେଳେ ଭାରତର ସାକ୍ଷରତା ପ୍ରାୟତଃ ୭୭ ପ୍ରତିଶତ ପାଖରେ ପହଞ୍ଚିଛି। ଏହି ବ୍ୟବସ୍ଥାକୁ ଊର୍ଦ୍ଧ୍ୱକୁ ଉଠାଇବାକୁ ହେଲେ ସରକାର, ଶିକ୍ଷାମନ୍ତ୍ରଣାଳୟ ଓ ଶିକ୍ଷାମନ୍ତ୍ରୀଙ୍କର ଦୂରଦୃଷ୍ଟି ଏବଂ ପ୍ରତିବଦ୍ଧିତା ନିତାନ୍ତ ଆବଶ୍ୟକ। ଏହି ପ୍ରତିବଦ୍ଧତା ନୂତନ ଶିକ୍ଷାନୀତିର ପ୍ରକୃତ ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କୋଟି କୋଟି ଭାରତୀୟଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ। ଏହା ସହିତ ଭାରତ ୨୦୪୦ ସୁଦ୍ଧା ନ୍ୟାୟସଙ୍ଗତ, ଅଦ୍ୱିତୀୟ, ଉଚ୍ଚକୋଟୀର ଗୁଣାତ୍ମକ ଶିକ୍ଷାବ୍ୟବସ୍ଥାର ଯେଉଁ ଲକ୍ଷ୍ୟ ରଖିଛି ତାହା ଯେକୌଣସି ସାମାଜିକ ଓ ଆର୍ଥିକ ବର୍ଗର ଲୋକ ପାଇପାରିବେ ବୋଲି ଆମର ବିଶ୍ୱାସ।

ପ୍ରାଧ୍ୟାପକ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି, ଭୁବନେଶ୍ୱର

# ଜନଜୀବନ ଓ ଆୟୁ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଅବ୍ୟବସ୍ଥିତ ଜୀବନଶୈଳୀ, ବେପରୁଆ ଜୀବନ, କର୍ମବ୍ୟସ୍ତତାର ଚାପ, ଯାବତୀୟ ଶାରୀରିକ ଓ ମାନସିକ ଷ୍ଟ୍ରେସ୍ ଭିତରେ ବି ଭାରତୀୟଙ୍କ ଆୟୁଷ ବଢ଼ୁଛି। ଗତ ଦୁଇବର୍ଷ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଶିଶୁ ଅତିକମ୍‌ରେ ୬୭ ବର୍ଷରୁ ଊର୍ଦ୍ଧ୍ୱ ବଞ୍ଚିବେ। ଜନ୍ମ, ମୃତ୍ୟୁ ଓ ରୋଗକୁ ନେଇ ହୋଇଥିବା ଗବେଷଣାର ରିପୋର୍ଟକୁ ଆଧାର କରି ଏହି ତଥ୍ୟରେ ଉଲ୍ଲେଖ ରହିଛି। ପୁରୁଷଙ୍କ ତୁଳନାରେ ମହିଳାମାନେ ୬୮ରୁ ୬୯ ବର୍ଷ ପର୍ଯ୍ୟନ୍ତ ବଞ୍ଚିବାକୁ ସକ୍ଷମ ହେଉଛନ୍ତି। କିନ୍ତୁ ଭାରତ ତୁଳନାରେ ଅନ୍ୟ ଉନ୍ନତ ଦେଶଗୁଡ଼ିକ ଯଥେଷ୍ଟ ଆଗରେ ରହିଛନ୍ତି। ଏ କ୍ଷେତ୍ରରେ ଜାପାନ ବିଶ୍ୱରେ ସବୁଠୁ ଆଗରେ ରହିଥିବା ଦେଖାଯାଇଛି। କାରଣ ଏହି ରାଷ୍ଟ୍ରର ଲୋକଙ୍କ ହାରାହାରି ଆୟୁଷ ପ୍ରାୟ ୮୪ ବର୍ଷ ଥିବାବେଳେ ଅନ୍ୟ ବିକଶିତ ରାଷ୍ଟ୍ର ଯଥା ଅଷ୍ଟ୍ରେଲିଆ, ଆମେରିକା, ସ୍ୱିଜରଲ୍ୟାଣ୍ଡ, ଇଟାଲୀ ଓ ସ୍ପେନ୍ ଭଳି ରାଷ୍ଟ୍ରଗୁଡ଼ିକରେ ଲୋକଙ୍କ ହାରାହାରି ଆୟୁଷ ୮୦ ବର୍ଷ ରହିଛି। କିନ୍ତୁ ଏହି ତୁଳନାରେ ଆଫ୍ରିକୀୟ ରାଷ୍ଟ୍ର ଯଥା ନାଇଜେରିଆ, ସୋମାଲିଆ, ଆଙ୍ଗୋଲା ଓ ମୋଜାମ୍ବିକ ଭଳି ଦେଶଗୁଡ଼ିକରେ ବିଭିନ୍ନ ରୋଗଜନିତ ମୃତ୍ୟୁ ଅଧିକ ହେଉଥିବାରୁ ଏଠାକାର ଲୋକଙ୍କ ହାରାହାରି ଆୟୁଷ ୫୦ ବର୍ଷ ମଧ୍ୟରେ ସୀମିତ ରହିଛି। ଏହି କ୍ରମରେ ଦେଖିଲେ ଭାରତର କେରଳରେ ଲୋକଙ୍କ ଆୟୁଷ ଅନ୍ୟ ରାଜ୍ୟଗୁଡ଼ିକଠାରୁ ଅଧିକ ରହିଛି। ଏହି ରାଜ୍ୟରେ ଲୋକଙ୍କ ହାରାହାରି ଆୟୁଷ ୭୪ ବର୍ଷ ଥିବାବେଳେ ଓଡ଼ିଶାରେ ଏହି ହାର ୫୯.୬ ରହିଥିବା ୟୁଏନ୍‌ଓପି ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ହ୍ୟୁମାନ୍ ଡେଭଲପ୍‌ମେଣ୍ଟ ଇଣ୍ଡେକ୍ସରେ ଦର୍ଶାଯାଇଛି। ତଥାପି ଭାରତ ଖାସ୍ କରି ଓଡ଼ିଶାରେ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ରହିବା ଆବଶ୍ୟକ ବୋଲି ଏହି ରିପୋର୍ଟର ମତ।

ଆଗପରି ଅବସ୍ଥା ଆଉ ନାହିଁ। ଏବେ ରୋଗ ନିରୂପଣ ସହଜ ହୋଇଯାଇଛି। ଲୋକେ ସ୍ୱାସ୍ଥ୍ୟ ପ୍ରତି ଅନେକ ମାତ୍ରାରେ ସଚେତନ ହୋଇ ପଡ଼ିଛନ୍ତି। ଏପରିକି ଘରେ ବସି ମଧ୍ୟ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବା ମାତ୍ରେ ଲୋକେ ବିଭିନ୍ନ ରୋଗର ଆଶଙ୍କା କରିପାରୁଛନ୍ତି, ଯାହା ୫୦ ବର୍ଷ ତଳେ ଲୋକେ ଜାଣିପାରୁ ନଥିଲେ। ଏବେ ସ୍ୱାସ୍ଥ୍ୟରେ ସାମାନ୍ୟ ଅସୁବିଧା ହେଲେ ଲୋକେ ଅବିଳମ୍ବେ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି। ମୁଖ୍ୟତଃ ଲାଇଫ୍ ଷ୍ଟାଇଲ୍ ଡିଜିଜ୍ ଯଥା ମଧୁମେହ, ରକ୍ତଚାପ, ବିଷାଦ, ମୋଟାପଣ ଓ ଲିଭରଜନିତ ଲିଭରସିରୋସିସ୍, ପେଟଜନିତ ଗ୍ୟାସ ସମସ୍ୟା ଭଳି ରୋଗ ବାବଦରେ ଲୋକେ ବେଶ ସଚେତନ ହେଉଛନ୍ତି। ସଂପ୍ରତି ମଦ୍ୟପାନ ଜନିତ ଜଟିଳ ରୋଗର ସମସ୍ୟା ସମାଜକୁ ଭାରାକ୍ରାନ୍ତ କରୁଥିବାବେଳେ ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍, ପେଟରେ ପାଣି ଜମିବା, ଲିଭର କ୍ୟାନ୍‌ସର ଦେଖାଯାଉଛି। ସେହିପରି ଭାବରେ ହେପାଟାଇଟିସ୍ ବି ଓ ସି ଭୂତାଣୁ ଦ୍ୱାରା ଯକୃତ ସଂକ୍ରମଣ ହେଲେ ୧୫ରୁ ୨୦ ବର୍ଷ ଭିତରେ ଲିଭର ସିରୋସିସ୍ ଓ ଲିଭର କ୍ୟାନ୍‌ସର ରୋଗ ହୁଏ। ତେଣୁ ଏହି ଦୁଇଟି ଭୂତାଣୁର ନିରାକରଣ କରିବା ଅତ୍ୟନ୍ତ ଜରୁରୀ। ହେପାଟାଇଟିସ୍ ବି ସଂକ୍ରମଣକୁ ପ୍ରତିହତ କରିବା ପାଇଁ ହେପାଟାଇଟିସ୍ ବିର ଟିକା ନେବା ବାଞ୍ଛନୀୟ। କିନ୍ତୁ ଯୁବାବସ୍ଥାରେ କେତେକ କ୍ଷେତ୍ରରେ ସଚେତନତା ବଢୁଥିବାରୁ ବା ପରୀକ୍ଷାନିରୀକ୍ଷା କରିବା ସହ ପାର୍ଶ୍ୱପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି କେତେକ ରୋଗୀ ନିୟମିତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଉଥିବାରୁ ଏହା ଜଟିଳ ସମସ୍ୟା ଭାବେ ଆଉ ଦେଖାଦେଉନି। ଆହୁରି ମଧ୍ୟ ନିର୍ଦ୍ଦିଷ୍ଟ ବୟସ ଅତିକ୍ରମ କରିବା ପରେ ଲୋକେ ଏମ୍‌ଆରଇ ବା ନିୟମିତ କେତେକ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେଉଛନ୍ତି। ୬୦ ବର୍ଷ ଅତିକ୍ରମ କରିବା ପରେ ଏବେ ହୃଦ୍‌ଘାତଜନିତ ମୃତ୍ୟୁର ଆଶଙ୍କା ଅଧିକ ରହୁଛି। ମାତ୍ର ଏଥିରୁ କିପରି ରକ୍ଷାମିଳିବ, ସେ ନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ବଢୁଛି। ଭାରତ ବିଶ୍ୱରେ ମଧୁମେହ ରୋଗର ରାଜଧାନୀ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ସର୍ବାଧିକ। ଅନେକ ସଂକ୍ରାମକ ରୋଗର ନିରାକରଣ, ଏବେ ଉନ୍ନତ ଚିକିତ୍ସା ବ୍ୟବସ୍ଥାର ସହଜ ଉପଲବ୍ଧ ଲୋକଙ୍କ ଆୟୁଷ ବୃଦ୍ଧିରେ ସହାୟକ ହୋଇଛି।

ସମଗ୍ର ବିଶ୍ୱରେ ଭାରତ ଆୟୁ ବୃଦ୍ଧି ରାଷ୍ଟ୍ର ତାଲିକାର ୧୩୯ କ୍ରମରେ ରହିଛି। ଅନ୍ୟ ଉନ୍ନତ ରାଷ୍ଟ୍ରଗୁଡ଼ିକ ଆମଠାରୁ ଢେର ଆଗରେ ରହିଛନ୍ତି। ସେମାନଙ୍କ ସମକକ୍ଷ ହେବା ପାଇଁ ୬୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଯତ୍ନବାନ୍ ହେବାକୁ ପଡ଼ିବ। ତେଣୁ ଆମକୁ ଆମ ଜୀବନ ଶୈଳୀରେ ଆହୁରି ପରିବର୍ତ୍ତନ ଆଣିବାକୁ ପଡ଼ିବ। ସାଧାରଣତଃ ୬୫ ବର୍ଷ ପରେ ମସ୍ତିଷ୍କରେ ଥିବା ସ୍ନାୟୁକୋଷର ଅବକ୍ଷୟ ଆରମ୍ଭ ହୋଇଥାଏ। ଫଳରେ ଏମାନଙ୍କ କ୍ଷେତ୍ରରେ ସ୍ମରଣଶକ୍ତି ହ୍ରାସ ପାଇବା ସହିତ ସେ ନିତିଦିନିଆ କାର୍ଯ୍ୟ କରିବାରେ ଭୁଲଭଟକା କରିଥା'ନ୍ତି। ତେଣୁ ଏହାକୁ ଡିମେନ୍‌ସିଆ ବା ବୁଦ୍ଧିହ୍ରାସ କୁହାଯାଏ। ଏବେ ଏହି ରୋଗର ଗୁଣସୂତ୍ର ବା ଜିନ୍ ଚିହ୍ନଟ ହୋଇସାରିଛି। ଏଣିକି ଏହାର ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ପାଇଁ ଉଦ୍ୟମ ଜାରି ରହିଛି। ବାଇଓ ଷ୍ଟାଟିଷ୍ଟିକ୍ସ ବା ଜୀବ ପରିସଂଖ୍ୟାନରୁ ଆୟୁ ବୃଦ୍ଧି ଘଟିଥିବା ଜଣାପଡ଼ିଛି। ତାହାର ମୁଖ୍ୟ କାରଣ ହେଉଛି ଚିକିତ୍ସା ବିଜ୍ଞାନର ବହୁଳ ପ୍ରସାର ଓ ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ରୋଗୀଙ୍କ ଚିକିତ୍ସା କରାଯାଉଛି। ସଂକ୍ରାମକ ରୋଗଗୁଡ଼ିକର ପ୍ରାଦୁର୍ଭାବ ଅନେକମାତ୍ରାରେ ପ୍ରଶମିତ ହୋଇଛି। ଦୈନିକ ଖାଲିପେଟରେ ସକାଳେ କିମ୍ବା ସନ୍ଧ୍ୟାରେ ୨ କିଲୋମିଟର ଚାଲିବା ଦ୍ୱାରା ଲାଇଫ୍ ଷ୍ଟାଇଲ୍ ଡିଜିଜ୍‌କୁ ୬୦ ପ୍ରତିଶତ ପ୍ରତିରୋଧ କରିପାରିବ। ପ୍ରାଚୀନ ଭାରତର ଯୋଗାସନ ବ୍ୟବସ୍ଥାକୁ ଆଜି ସମଗ୍ର ବିଶ୍ୱ ଆପଣାଇ ନେବା ସହ ମିଳିତ ଜାତିସଂଘ ଏକ ନିର୍ଦ୍ଦିଷ୍ଟ ଦିବସକୁ ବିଶ୍ୱ ଯୋଗ ଦିବସ ଭାବେ ଗ୍ରହଣ କରିଛି। ସରକାରୀ ବ୍ୟବସ୍ଥାରେ ବ୍ୟାପକ ମାତ୍ରାରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଯାଇ ଉନ୍ନତ ଚିକିତ୍ସା ସୂଚନା ପ୍ରଯୁକ୍ତି ସହାୟତା ନିଆଯାଇ ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଓ ପ୍ରସାରାଭିମୁଖୀ କରାଯାଉଛି। କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ସ୍ୱାସ୍ଥ୍ୟ ସଚେତନ ହେଲେଣି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦିନକୁ ଦିନ ଅଧିକ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚାଇବା ସହ ଭ୍ରାମ୍ୟମାଣ ଚିକିତ୍ସା ଦଳ ଘର ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଦ୍ୱାରା ପରିଣତ ବୟସର ରୋଗୀମାନେ ଅନେକ ସୁବିଧା ପାଇ ପାରୁଛନ୍ତି। ଲୋକମାନଙ୍କ ଜୀବନଶୈଳୀ ପରିବର୍ତ୍ତିତ ହେବା ସହ ସ୍ୱାସ୍ଥ୍ୟ ଜୀବନକୁ ଗୁରୁତ୍ୱ ଦେଉଥିବାରୁ ମୁମୂର୍ଷୁ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି ଯାହାକି ଅତ୍ୟନ୍ତ ଖୁସିର କଥା।

କଟିକଟା, ମଙ୍ଗଳପୁର, ଯାଜପୁର,
ମୋ: ୯୪୩୮୨୭୬୭୬୦

## ଏଇ ଭାରତରେ

ଜଣେ ମହିଳା ଚାଷୀ ବର୍ଷକୁ ୩୦ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ମହାରାଷ୍ଟ୍ରର ଏହି ଚାଷୀ ହେଉଛନ୍ତି ସଙ୍ଗୀତା ପିଙ୍ଗଳେ ଓ ରହୁଛନ୍ତି ନାସିକର ମାଟୋରି ଗାଁରେ। ୩୯ ବର୍ଷୀୟା ସଙ୍ଗୀତା ବିଜ୍ଞାନରେ ଡିଗ୍ରୀ ହାସଲ କରିଛନ୍ତି। ଏକ ରାସ୍ତା ଦୁର୍ଘଟଣାରେ ସ୍ୱାମୀଙ୍କୁ ହରାଇବା ପରେ ଯୌଥ ପରିବାରରେ ରହି ବାଧାବିଘ୍ନ ଅତିକ୍ରମ କରି ୨୦୧୭ରେ ଅଙ୍ଗୁର ଚାଷ ଆରମ୍ଭ କରିଥିଲେ। ପ୍ରଥମେ ଲୋକମାନେ ତାଙ୍କୁ କହିଥିଲେ,ସେ ଚାଷରେ ସଫଳ ହୋଇପାରିବେ ନାହିଁ; ହେଲେ ସେ ସଭିଙ୍କ ଆକଳନ ଭୁଲ୍ କରିଦେଇଛନ୍ତି। ଏବେ ୧୩ ଏକର ଜମିରେ ଅଙ୍ଗୁର ଚାଷ କରୁଛନ୍ତି। ବର୍ଷକୁ ୮୦୦ରୁ ୧,୦୦୦ ଟନ୍ ଅଙ୍ଗୁର ଉତ୍ପାଦନ ହେଉଛି ଓ ସେ ପାଉଛନ୍ତି ୨୫ରୁ ୩୦ ଲକ୍ଷ ଟଙ୍କା। ନିଜେ ଟ୍ରାକ୍ଟରରେ ହଳ କରିବା ସହ ଜୈବିକ ଖତ ପ୍ରସ୍ତୁତ କରି ବ୍ୟବହାର କରୁଛନ୍ତି। ଅଙ୍ଗୁର ବ୍ୟତୀତ ସେ ଟମାଟୋ ଚାଷ ମଧ୍ୟ କରୁଛନ୍ତି। ବହୁ ସମୟରେ ପ୍ରତିକୂଳ ପରିବେଶ ଏଥିରେ ବାଧା ଦେଉଛି, ହେଲେ ଏହାକୁ ଅତିକ୍ରମ କରି ଆହୁରି ଅଧିକ ଉତ୍ପାଦନ କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି କହନ୍ତି ସଙ୍ଗୀତା। ଏବେ ସେ ତାଙ୍କ ଉତ୍ପାଦିତ ଅଙ୍ଗୁରକୁ ରପ୍ତାନି କରିବାକୁ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଅକ୍ଟୋବର ୧୯୯୬

- ନରୱେ ପ୍ରଧାନମନ୍ତ୍ରୀ ଜି.ହାରଲେମ୍ ବ୍ରୁଣ୍ଟଲ୍ୟାଣ୍ଡ ତାଙ୍କ ସରକାରର ଇସ୍ତଫା ଦାଖଲ କରିଛନ୍ତି।
- ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କୁ 'ଇଲେକ୍‌ଟ୍ରୋନିକ୍ ମ୍ୟାନ୍ ଅଫ୍ ଦି ଇୟର୍' ସମ୍ମାନ ପ୍ରଦାନ କରାଯାଇଛି।
- ଜମ୍ମୁର ରାଜୋରା ଜିଲା ଅନ୍ତର୍ଗତ ଚିନାଉଠାରେ ଟ୍ରକ୍ ଦୁର୍ଘଟଣା ଘଟି ୫ ମହିଳା ସମେତ ୧୬ ଜଣଙ୍କ ମୃତ୍ୟୁ।
- ପେଟ୍ରୋକେମିକାଲ, ଇଞ୍ଜିନିୟରିଂ ଏବଂ ଅନ୍ତଃନିର୍ମାଣ ଯଥା ରାଜପଥ, ରେଳପଥ ଏବଂ ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ପୁଞ୍ଜିବିନିଯୋଗ କରିବା ନେଇ କୋରିଆ ସହ ଓଡ଼ିଶା ସରକାରଙ୍କ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ।

# ପାଠକ ଶ୍ରେଷ୍ଠ ବିଚାରକ

## ଜଙ୍ଗଲୀ ପଶୁଙ୍କ ସୁରକ୍ଷା

ମହାଶୟ,

ସାଧାରଣତଃ ଅଧିବାସୀମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାଆନ୍ତି। ତାହାକୁ ବିକ୍ରି କରି ସେମାନେ ଜୀବିକା ନିର୍ବାହ କରନ୍ତି। କିନ୍ତୁ ଏବେ କଳକାରଖାନା, ନୂତନ ସହର ଗଠନ ଓ ରାସ୍ତା ନିର୍ମାଣ ହେତୁ ବୃକ୍ଷଚ୍ଛେଦନ ଦ୍ୱାରା ଜଙ୍ଗଲ କ୍ରମଶଃ କ୍ଷୟ ହେବାରେ ଲାଗିଛି। ଫଳରେ ଜଙ୍ଗଲୀ ପଶୁଙ୍କ ବାସସ୍ଥାନ ନଷ୍ଟ ହୋଇଯାଉଛି। ସେମାନେ ବେଘର ହୋଇ ଏଣେତେଣେ ବୁଲୁଛନ୍ତି ଓ ଜନବସତି ଆଡ଼କୁ ଚାଲି ଆସୁଛନ୍ତି। ଏଥିସହ ଶିକାରୀମାନେ ବନ ସୁରକ୍ଷା କର୍ମୀମାନଙ୍କ ଆଖିରେ ଧୂଳି ଦେଇ ଅବାଧରେ ଜଙ୍ଗଲୀ ପଶୁମାନଙ୍କୁ ଶିକାର କରୁଛନ୍ତି। ହାତୀ, ବାଘ, ଭାଲୁ, ହରିଣ ଓ ଶମ୍ବର ପ୍ରଭୃତିଙ୍କୁ ଶିକାର କରି ସେମାନଙ୍କ ଦାନ୍ତ, ଚର୍ମ, ନଖ ଓ ହାଡ଼କୁ ବିକି ଅର୍ଥ ଉପାର୍ଜନ କରୁଛନ୍ତି। ସାପଗୁଡ଼ିକୁ ମାରି ସେମାନଙ୍କ ଚମଡ଼ା ଓ ବିଷକୁ ବିକୁଛନ୍ତି। ଏପରି କି ବଜ୍ରକାପ୍ତା ପରି ନିରୀହ ଜୀବକୁ ଧରି ବିକ୍ରୟ କରୁଛନ୍ତି। ମୋଟ ଉପରେ କହିବାକୁ ଗଲେ ରାଜ୍ୟରେ ବନ୍ୟପ୍ରାଣୀଙ୍କ ଶିକାର ଓ ଚୋରା ଚାଲାଣ ସବୁ ସମୟରେ ଚାଲିଛି। ପୂର୍ବାପେକ୍ଷା ଏବେ ଏହା ଅଧିକ ମାତ୍ରାରେ ଚାଲୁଥିବାରୁ ଏକ ଭୟାବହ ପରିସ୍ଥିତି ସୃଷ୍ଟି ହେଲାଣି। ଚୋର, ବେପାରୀମାନେ ଓ ବିଶିଷ୍ଟ ଲୋକମାନେ ଏହି କାର୍ଯ୍ୟରେ ଶିକାରୀଙ୍କୁ ପ୍ରୋତ୍ସାହିତ କରୁଥିବା ଖବର ମିଳୁଛି। ଏ ଦିଗରେ ବନ ବିଭାଗ କଠୋର ପଦକ୍ଷେପ ନେଇପାରୁନାହିଁ। କାରଣ ଜଙ୍ଗଲ ସମ୍ପତ୍ତି ରକ୍ଷା ପାଇଁ ଯଥେଷ୍ଟ ପରିମାଣର ସୁରକ୍ଷା କର୍ମୀଙ୍କ ଅଭାବ ପରିଦୃଷ୍ଟ ହୁଏ। ପଶୁ ଶିକାରୀମାନଙ୍କୁ ଦମନ କରିବାକୁ ସରକାରଙ୍କ ପାଖରେ ଆଇନ ଅଛି। ହେଲେ ତାହା ପର୍ଯ୍ୟାପ୍ତ ନୁହେଁ। ଯଥା ଜଙ୍ଗଲ ପଶୁମାନଙ୍କୁ ଶିକାର କରୁଥିବା ଅପରାଧୀ ପାଇଁ ମାତ୍ର ୭ ବର୍ଷ ଜେଲଦଣ୍ଡ ମିଳୁଛି। ଦଣ୍ଡ ପାଇଲା ପରେ ସେହି ଅପରାଧୀମାନେ ମୁକ୍ତ ହୋଇ ପୁନର୍ବାର ଶିକାରରେ ଲିପ୍ତ ରହୁଛନ୍ତି। ଆଶ୍ଚର୍ଯ୍ୟ କଥା, ଯେତେ ବାଘଛାଲ ଜବତ ହେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତା'ଠାରୁ ଅଧିକ ଛାଲ ଜବତ ହେଉଥିବାର ଜଣାଯାଏ। ଉକ୍ତ ପରିପ୍ରେକ୍ଷୀରେ ଜଙ୍ଗଲୀ ପଶୁଙ୍କୁ ସୁରକ୍ଷା ଦେବା ପାଇଁ କଠୋର ପଦକ୍ଷେପ ନେବା ଆବଶ୍ୟକ। ନଚେତ୍ କିଛିଦିନ ଅନ୍ତେ ସାରା ଜଙ୍ଗଲ ପଶୁଶୂନ୍ୟ ହୋଇଯିବ। ଆମ ପରପିଢ଼ିର ପିଲାମାନେ କାଗଜରେ ପଶୁମାନଙ୍କୁ ଦେଖିବା ଛଡ଼ା ଅନ୍ୟ ପନ୍ଥା ରହିବ ନାହିଁ।

–ମହେଶ୍ୱର ନାୟକ, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜିଓରେ ମେକିଂ ଅଫ୍ ଜିଓଫୋନ ନେକ୍ସଟ ଭିଡିଓ

**ନୂଆଦିଲ୍ଲୀ,୨୫।୧୦:** ରିଲାଏନ୍ସ ଜିଓ ପକ୍ଷରୁ 'ମେକିଂ ଅଫ୍ ଜିଓଫୋନ ନେକ୍ସଟ' ଭିଡିଓ ରିଲିଜ କରାଯାଇଛି। ଏହି କ୍ଷୁଦ୍ର ଭିଡିଓରେ ବର୍ତ୍ତମାନ ସମୟର ଅନ୍ୟତମ ସର୍ବାଧିକ ପ୍ରତୀକ୍ଷିତ ଫୋନ 'ଜିଓଫୋନ ନେକ୍ସଟ' ପ୍ରଚଳନ କରିବାର ଲକ୍ଷ୍ୟ ଏବଂ ଚିନ୍ତାଧାରା ପଛରେ ରହିଥିବା ଅନ୍ତର୍ଦୃଷ୍ଟି ପ୍ରଦାନ କରୁଛି। ଏହି ନୂଆ ଫୋନ ଭାରତକୁ ତାହାର ହୃଦୟ ମଧ୍ୟରେ ରଖି ଡିଜାଇନ କରାଯାଇଛି ବୋଲି କମ୍ପାନୀ କହିଛି। ଏହା ବିଶ୍ୱସ୍ତରରେ ଦୃଷ୍ଟି ଆକର୍ଷଣ କରିବା ଆରମ୍ଭ କରିଛି। ମାତ୍ର ୫ ବର୍ଷ ମଧ୍ୟରେ ଜିଓ ଭାରତରେ ଘରେ ଘରେ ପରିଚିତ ଏକ ନାମ ହୋଇପାରିଛି। ୪୩୦ ନିୟୁତ ବ୍ୟବହାରକାରୀଙ୍କୁ ନେଇ ଏହାର ସେବା ସମସ୍ତ ଭୌଗୋଳିକ ଅଞ୍ଚଳ, ଅର୍ଥନୀତି ଏବଂ ସାମାଜିକ ବର୍ଗଙ୍କ ମଧ୍ୟରେ ପରିବ୍ୟାପ୍ତ ହୋଇଛି। ଜିଓଫୋନ ନେକ୍ସଟ ସହିତ ଜିଓ ଭାରତରେ ଡିଜିଟାଲ ସଂଯୋଗୀକରଣକୁ ସାର୍ବଜନୀନ କରିବା ଦିଗରେ ନିଜର ଲକ୍ଷ୍ୟପଥରେ ଅଗ୍ରସର ହେବାରେ ଏକ ନିର୍ଣ୍ଣାୟକ ପଦକ୍ଷେପ ନେବା ଯୋଜନା କରିଛି।

# ସ୍ମାର୍ଟଫୋନ ଶିଳ୍ପରେ ଚିପ୍ ସଙ୍କଟ



- ପାର୍ବଣରେ ଲୋକପ୍ରିୟ ମଡେଲ ବଜାରରୁ ଗାଏବ
- ଚାହିଦା ଅଧିକ, ଯୋଗାଣ କମ୍

**ନୂଆଦିଲ୍ଲୀ,୨୫।୧୦**

ବର୍ତ୍ତମାନ ସ୍ମାର୍ଟଫୋନ ଶିଳ୍ପ ଏବଂ ପ୍ରିମିୟମ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଶିଳ୍ପରେ ଚିପ୍ ସଙ୍କଟ ଦେଖାଯାଇଛି। ଫଳରେ ଦୀପାବଳି ଆଗରୁ ଏହି ବର୍ଗରେ ଲୋକପ୍ରିୟ ମଡେଲଗୁଡିକ ଗାଏବ ହୋଇଯାଇଥିବା ଜଣାପଡ଼ିଛି। ବଜାରରେ ଚାହିଦା ଅଧିକ ରହିଥିବା ବେଳେ ଯୋଗାଣ କମିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ରିଟେଲର୍ସ ଏବଂ ଶିଳ୍ପ ବିଶେଷଜ୍ଞ କହିଛନ୍ତି, ଅଧିକ ବିକ୍ରି ହେଉଥିବା ବିଭିନ୍ନ ମଡେଲ ଯଥା- ଆଇଫୋନ, ୧୧,୧୨ ଏବଂ ୧୩ ସିରିଜ, ସାମ୍‌ସଙ୍ଗର ଗାଲାକ୍ସି ଫୋଲ୍ଡ, ମହଙ୍ଗା ଟିଭି ସେଟ୍, ଅଧିକାଂଶ ବ୍ରାଣ୍ଡର ଆମଦାନୀ ହେଉଥିବା ପ୍ରଡକ୍ଟର ଷ୍ଟକ୍ ବଜାରରେ ହୁଏତ ନାହିଁ କିମ୍ବା ବର୍ତ୍ତମାନ ଯୋଗାଣ ହେଉନାହିଁ।

ବଜାର ବିଶେଷଜ୍ଞଙ୍କ ମୁତାବକ, ଚାହିଦା ଏବଂ ଯୋଗାଣ କ୍ଷେତ୍ରରେ ୧୫-୩୦% ପାର୍ଥକ୍ୟ ରହିଛି। ଫ୍ଲିପ୍‌କାର୍ଟ ଏବଂ ଆମାଜନ ଭଳି ମାର୍କେଟ ପ୍ଲେସ୍, ରିଲାଏନ୍ସ ଡିଜିଟାଲ, କ୍ରୋମା, ବିଜୟ ସେଲ୍ସ ଏବଂ ଗ୍ରେଟ ଇଷ୍ଟର୍ନ ରିଟେଲ ଭଳି ଷ୍ଟୋରଗୁଡିକରେ ପାର୍ବଣରେ ବିକ୍ରି ଉନ୍ନତ ଥିବା ବେଳେ ଯୋଗାଣ ଅଭାବ ଦେଖାଯାଇଛି। ଦୀପାବଳି ଚାହିଦା ଥିବାରୁ ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟ ହ୍ୟାଣ୍ଡସେଟ୍, ପ୍ରିମିୟମ ଏବଂ ଆମଦାନୀ ହେଉଥିବା ମଡେଲଗୁଡିକ ଉପଲବ୍ଧତା ଉପରେ ପ୍ରଭାବ ପଡିଥିବା ଜଣାପଡ଼ିଛି। ଟାଟାର ଇଲେକ୍ଟ୍ରୋନିକ୍ସ ରିଟେଲ ଚେନ୍ କ୍ରୋମାର ଏମ୍‌ଡି ଅଭିଜିତ ମିତ୍ରା କହିଛନ୍ତି, ବିଭିନ୍ନ ମଡେଲଗୁଡ଼ିକର ଯୋଗାଣରେ ସମସ୍ୟା ରହିଛି। ଚିପ୍ ଅଭାବ ଯୋଗୁ ଆପ୍ଲାଏନ୍ସ କ୍ଷେତ୍ରରେ ଅଧିକ ସମସ୍ୟା ରହିଛି। ଫଳରେ ପ୍ରିମିୟମ ଏବଂ ଆମଦାନୀ ମଡେଲ କମ୍ ଆସୁଛି।

ନଭେମ୍ବର ୪ରେ ଦୀପାବଳି ପଡୁଛି। ଆପଲ ଫୋନ୍‌ର ଚାହିଦା ଅଧିକ ରହିଥିବାରୁ ଏହାର ଉପଲବ୍ଧତା ନେଇ ଆଶଙ୍କା କରାଯାଇଛି। ଗତ ୨ ତ୍ରୈମାସରେ ଆପଲ ଭାରତକୁ ପ୍ରାୟ ୨୦ ଲକ୍ଷରୁ ଅଧିକ ୟୁନିଟ ହ୍ୟାଣ୍ଡସେଟ୍ ପଠାଇଛି। ଆପଲ ଅନ୍‌ଲାଇନ ଷ୍ଟୋରରେ ୨ ବର୍ଷର ପୁରୁଣା ମଡେଲ ପାଇବା ପାଇଁ ମଧ୍ୟ ୨ ବର୍ଷ ଅପେକ୍ଷା କରିବାକୁ ପଡୁଛି। ଫ୍ଲିପ୍‌କାର୍ଟରେ ଆଇଫୋନ ୧୨ ଷ୍ଟକ୍ ନାହିଁ। ଆପଲ ଅନ୍‌ଲାଇନ ଷ୍ଟୋରରେ ଆଇଫୋନ ୧୩ ପ୍ରୋ ମଡେଲ ଡେଲିଭରି ପାଇବା ଲାଗି ଗ୍ରାହକଙ୍କୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି। ସୁପର ପ୍ରିମିୟମ ସ୍ମାର୍ଟଫୋନ କିଭଳି ଅଧିକ ଉପଲବ୍ଧ କରାଯାଇପାରିବ ତାକୁ ନେଇ ସାମ୍‌ସଙ୍ଗ ଏହା ମୁଖ୍ୟ କାର୍ଯ୍ୟାଳୟକୁ କହିଛି। ଆଗାମୀ ୭ରୁ ୧୦ ଦିନ ଲାଗି ସ୍ମାର୍ଟଫୋନ ଉପଲବ୍ଧତା ପ୍ରଭାବିତ ରହିପାରେ ବୋଲି ସାଓମି କହିଛି। କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ ଇଣ୍ଡଷ୍ଟ୍ରି ଗତ କିଛି ସପ୍ତାହ ହେବ ସେମିକଣ୍ଡକ୍ଟର ଅଭାବ ଜନିତ ସମସ୍ୟା ସହ ଜୁଝୁଛି। ସେମି କଣ୍ଡକ୍ଟର ସ୍ମାର୍ଟଫୋନ, ସ୍ମାର୍ଟଟିଭି ଏବଂ ହାଇ ଏଣ୍ଡ ଉପକରଣ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ହୋଇଥିବା ବେଳେ ଏହାର ଅଭାବରେ ବିଭିନ୍ନ ସମସ୍ୟା ଦେଖାଯାଇଛି।

## ଏଆଇସି-ନାଳନ୍ଦା ପକ୍ଷରୁ ଷ୍ଟାର୍ଟଅପ ଲଞ୍ଚପ୍ୟାଡ ଉନ୍ମୋଚନ




**ଭୁବନେଶ୍ୱର,୨୫।୧୦**

ଅଟଳ ଇନ୍‌କ୍ୟୁବେସନ ସେଣ୍ଟର (ଏଆଇସି) ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ପକ୍ଷରୁ ଏହାର ଷ୍ଟାର୍ଟ ଅପ୍ ଲଞ୍ଚ୍‌ପ୍ୟାଡ୍ ସିରିଜର ୩ୟ ସଂସ୍କରଣ ସୋମବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂହ, ନାଲ୍‌କୋ ନିର୍ଦ୍ଦେଶକ ରାଧାଶ୍ୟାମ ମହାପାତ୍ର ଏବଂ ପ୍ରକଳ୍ପ ବିଶେଷଜ୍ଞ ରଶ୍ମିରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇଆଇଆଇଟି ଭୁବନେଶ୍ୱରର ଛାତ୍ର ସାଇସମ୍ମିତ ଓ ସିଦ୍ଧାର୍ଥ ଶୁଭଙ୍କ ଦ୍ୱାରା ପ୍ରତିଷ୍ଠିତ ଷ୍ଟାର୍ଟଅପ୍ ଏୟୁୟୁଏମ୍ ଦ୍ୱାରା ପ୍ରସ୍ତୁତ ପିପିଇ-'ଶ୍ୱାସନେର'କୁ ଏହି ଅବସରରେ ଶୁଭାରମ୍ଭ କରାଯାଇଛି। ଓଡ଼ିଶାର ଏକମାତ୍ର ପ୍ରକଳ୍ପ ଭାବେ ଏହା ନୀତି ଆୟୋଗ ବୁକ୍‌ଲେଟରେ ସ୍ଥାନ ପାଇଥିବାରୁ ରାଜ୍ୟ ଲାଗି ଗୌରବ। ଏଆଇସି-ନାଳନ୍ଦା ଭୁବନେଶ୍ୱର ବର୍ତ୍ତମାନ ଏୟୁୟୁଏମ୍ ସମେତ ୩୫ଟି ଅତ୍ୟାଧୁନିକ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରୁଛି। ନୂତନ ପିଢ଼ିର ପିପିଇ ଶ୍ୱାସନେର ପରିବେଶ ଉପଯୋଗୀ, ସୁଲଭ ଏବଂ ଭବିଷ୍ୟତକୁ ନଜରରେ ରଖି ପ୍ରସ୍ତୁତ କରାଯାଇଛି ବୋଲି ସିଇଓ ସାଇ ସମ୍ମିତ ନାୟକ କହିଛନ୍ତି। ଏହି ପ୍ଲାଟଫର୍ମରେ କାର୍ଯ୍ୟ କରୁଥିବା ସମସ୍ତ ସଦସ୍ୟଙ୍କୁ ଆଇଆଇଆଇଟି ଭୁବନେଶ୍ୱର ପକ୍ଷରୁ ମଧ୍ୟ ସମର୍ଦ୍ଧିତ କରାଯାଇଛି।

## ଏସ୍‌ବିଆଇର ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୫।୧୦**

ଏସ୍‌ବିଆଇ ଆନୁକୂଲ୍ୟରେ ଋଣ ସମ୍ପ୍ରସାରଣ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଓଡ଼ିଶା ଗଠନରେ ମହିଳା ସଶକ୍ତୀକରଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କରୁ ଋଣ ନେଇ ତା'ର ଠିକ୍ ବିନିଯୋଗ ଏବଂ ଠିକ୍ ସମୟରେ ପରିଶୋଧ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାରେ ଉପଲବ୍ଧ ଥିବା ସୁଯୋଗକୁ ବ୍ୟବହାର କରି ବ୍ୟାଙ୍କର ସହଯୋଗ ଦ୍ୱାରା ଆଗକୁ ବଢ଼ିବାକୁ ଏସ୍‌ବିଆଇ ଏମ୍‌ଡି ଏସ୍.ସି.ସେଟ୍ଟୀ ଗୁରୁତ୍ୱାରୋପ କରିଥିଲେ। ଦେଶର ବିକାଶରେ ଏସ୍‌ବିଆଇ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ନାବାର୍ଡ ସିଜିଏମ୍ ସି.ଉଦୟ ଭାସ୍କର, ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି ଆବାହକ ଅରୁପାନନ୍ଦ ଜେନା, ବିତ୍ତୀୟ ପ୍ରତିଷ୍ଠାନ ନିର୍ଦ୍ଦେଶିକା ପ୍ରଜ୍ଞାସ୍ମିତା ସାହୁ, ଏସ୍‌ବିଆଇ ସିଜିଏମ୍ ବିଦ୍ୟା କ୍ରିଷ୍ଣନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୩୯୭ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଡିଜିଏମ୍ ଧ୍ରୁବ ଚରଣ ବଳ, ଡିଜିଏମ୍ ଆନନ୍ଦ ବିକ୍ରମ, ଆରଏମ୍ ଭୁପଦେବ ପ୍ରଧାନ ଏବଂ ସିଏମ୍ ଦିଲ୍ଲୀପ କୁମାର ଭୂଆଁ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ ହଜାର କୋଟି ନିବେଶ କରିବ ଟାଟା

**ନୂଆଦିଲ୍ଲୀ,୨୫।୧୦**

### ୧୦ ଇ-ଯାନ ଆଣିବା ଯୋଜନା

ଆଗାମୀ ୪ ବର୍ଷରେ ଟାଟା ମୋଟର୍ସ ଇ-ଯାନ କ୍ଷେତ୍ରରେ ୧୫ ହଜାର କୋଟି ଟଙ୍କା ବିନିଯୋଗ କରିବ। କମ୍ପାନୀ ୧୦ ନୂଆ ଇଲେକ୍ଟ୍ରିକ ଯାନ ଆଣିବାକୁ ଯୋଜନା ରଖିଛି। ଟାଟା ମୋଟର୍ସର ପାସେଞ୍ଜର ଯାନ ବିଜ୍‌ନେସ ୟୁନିଟ ସଭାପତି ଶୈଳେଶ ଚନ୍ଦ୍ରା କହିଛନ୍ତି, ଆସିବାକୁ ଥିବା ଯାନଗୁଡିକ ମଧ୍ୟରେ କିଛି କାର୍ ଏବଂ କିଛି ଏସ୍‌ୟୁଭି ରହିବ। କମ୍ପାନୀର କାରବାର ଗତ କିଛି ବର୍ଷ ହେବ ପ୍ରଭାବିତ ରହିଛି। ପାସେଞ୍ଜର ଯାନ ବିଜ୍‌ନେସ ଆସନ୍ତା ଆର୍ଥିକ ବର୍ଷରେ ଲାଭଜନକ ସ୍ଥିତିକୁ ଆସିବ ବୋଲି ଏହା ଆଶା ରଖିଛି। ଚନ୍ଦ୍ରା କହିଛନ୍ତି, ଇ-ଯାନ ଲାଗି ଦୃଢ଼ ଲଞ୍ଚ ପ୍ଲାନ ରଖାଯାଇଛି। ଆଗାମୀ ୪ରୁ ୫ ବର୍ଷରେ ଏହି ବର୍ଗରେ ପ୍ରାୟ ୨୦% ବିକ୍ରି ହାସଲ କରାଯାଇପାରେ। ୧୦ ନୂଆ ଇ-ଯାନ ସହ ଉତ୍ପାଦନ କ୍ଷମତା ଏବଂ ଚାର୍ଜିଂ ନେଟ୍‌ୱର୍କ ମଧ୍ୟ ବିକଶିତ କରିବା ଲକ୍ଷ୍ୟ ରଖାଯାଇଛି।

ବର୍ତ୍ତମାନ ଟାଟା ନେକ୍ସନ ଏବଂ ଟିଗୋଇ କେବଳ ଇ-ଯାନ ବର୍ଗରେ ଆସିଛି। କମ୍ପାନୀ ଇ-ଯାନ ବର୍ଗରେ ମାସିକ ପ୍ରାୟ ୩୫୦୦ ବୁକିଂ ମିଳୁଥିବା ବେଳେ କେବଳ ୧ ହଜାର ଗାଡ଼ି ଯୋଗାଣ କରିବାକୁ ଏହା ସକ୍ଷମ ହେଉଛି। କମ୍ପାନୀ ବର୍ତ୍ତମାନ ଟିଗୋର ଅପ୍‌ଗ୍ରେଡ ମଡେଲ ଲଞ୍ଚ କରିଛି।

### ୧ ହଜାରେ ଇଭି ଷ୍ଟେଶନ ବସାଇଲା ଟାଟା ପାୱାର

**ଭୁବନେଶ୍ୱର,୨୫।୧୦:** ଦେଶର ପ୍ରମୁଖ ଘରୋଇ କ୍ଷେତ୍ରର ବିଦ୍ୟୁତ୍ ୟୁଟିଲିଟି ସଂସ୍ଥା ଟାଟା ପାୱାର ପକ୍ଷରୁ ଦେଶରେ ୧୦୦୦ରୁ ଅଧିକ ଇଲେକ୍ଟ୍ରିକ୍ ଯାନ (ଇଭି) ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯାଇଛି। ଏହା ସବୁଜ ଗମନାଗମନ ଦିଗରେ ଭାରତର ଯାତ୍ରାରେ ଏକ ମାଇଲଖୁଣ୍ଟ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ୧୦୦୦ ଇଭି ଚାର୍ଜିଂ ଷ୍ଟେଶନର ନେଟ୍‌ୱର୍କ ବିଭିନ୍ନ କାର୍ଯ୍ୟାଳୟ, ମଲ୍, ହୋଟେଲ, ରିଟେଲ ଆଉଟ୍‌ଲେଟ୍ ଓ ସାର୍ବଜନୀନ ସ୍ଥାନ ଆଦିରେ ଟାଟା ପାୱାରର ଗ୍ରାହକଙ୍କୁ ଅଭିନବ ଓ ନିରବଚ୍ଛିନ୍ନ ଇଭି ଚାର୍ଜିଂ ଅନୁଭୂତି ପ୍ରଦାନ କରୁଛି। ଏହା ବ୍ୟତୀତ କମ୍ପାନୀ ପ୍ରାୟ ୧୦,୦୦୦ ହୋମ୍ ଇଭି ଚାର୍ଜିଂ ପଏଣ୍ଟ ପ୍ରଦାନ କରାଯାଇଛି। ଯାହା ଗାଡ଼ି ମାଲିକମାନଙ୍କୁ ଘରେ ଗାଡ଼ି ଚାର୍ଜ କରିବାର ସୁବିଧା ପ୍ରଦାନ କରୁଛି। ଟାଟା ପାୱାରର ଚାର୍ଜିଂ ବ୍ୟବସ୍ଥାରେ ରହିଛି ସାର୍ବଜନୀନ ଚାର୍ଜର, କ୍ୟାପ୍‌ଟିଭ୍ ଚାର୍ଜର, ବସ୍-ଫ୍ଲିଟ୍ ଚାର୍ଜର ଏବଂ ହୋମ୍ ଚାର୍ଜର ଆଦି ରହିଛି। ଦେଶର ଇଭି ବିପ୍ଳବ ଦିଗରେ ଆମର ଅନେକ ମାଇଲଖୁଣ୍ଟ ମଧ୍ୟରୁ ପ୍ରଥମଟିକୁ ଆରମ୍ଭ କରିଛି ବୋଲି ଟାଟା ପାୱାରର ଏମ୍‌ଡି ଓ ସିଇଓ ପ୍ରବୀର ସିହ୍ନା କହିଛନ୍ତି।

## ଫୁର୍‌ସତ୍

# ଚନ୍ଦ୍ରରେ ହେବ ସୁପର ହାଇୱେ

**ୱାଶିଂଟନ:** ମହାକାଶରେ ଭିତ୍ତିଭୂମି ବିକାଶ ପାଇଁ ଏବେ ବିଭିନ୍ନ ଦେଶ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଚାଇନା ମହାକାଶ ଅଭିଯାନ ଜାରି ରଖିଥିବାବେଳେ ଆମେରିକା ସୈନ୍ୟ ବାହିନୀ ଚନ୍ଦ୍ର ଯାତ୍ରାକୁ ସହଜ କରିବା ଲାଗି ସୁପର ହାଇୱେ ନିର୍ମାଣ ପାଇଁ ଯୋଜନା କରିଛି। ଏହି ହାଇୱେ ପାର୍ଶ୍ୱରେ ମହାକାଶ ଯାନରେ ଇନ୍ଧନ ଭର୍ତ୍ତି, ମହାକାଶଯାନ ମରାମତି ଏବଂ ଆବର୍ଜନା ପକାଇବା ଲାଗି ବ୍ୟବସ୍ଥା ମଧ୍ୟ ରହିବ। ଏହି ପ୍ରକଳ୍ପରେ ଆମେରିକୀୟ ବ୍ୟବସାୟିକ ସଂସ୍ଥା ଏବଂ ବନ୍ଧୁ ଦେଶଙ୍କୁ ସାମିଲ କରାଯିବ। ଏକ ସେମିନାରରେ ସ୍ପେସ ଫୋର୍ସର ବ୍ରିଗେଡିୟର୍ ଜେନେରାଲ ଜନ୍ ଓଲସନ କହିଛନ୍ତି ଯେ, ମହାକାଶରେ ବିଭିନ୍ନ ଦେଶର ଯୋଜନା ବିଶେଷ କରି ଚାଇନାର ପଦକ୍ଷେପକୁ ଦୃଷ୍ଟିରେ ରଖି ଏହି ମେଗା ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛୁ।



ଜେନେରାଲ ଜନ ଚାଇନାକୁ ଟାର୍ଗେଟ କରି କହିଛନ୍ତି ଯେ, ମହାକାଶ ଯାତ୍ରାରେ ଇଂଲିଶ ହେଉଛି ଅନ୍ତର୍ଜାତୀୟ ନାଗରିକ ଉଡାଣ ସଂଗଠନର ଭାଷା। ତାଙ୍କର ବିଶ୍ୱାସ ଏହା ପୂର୍ବଭଳି ରହିବ। ମାତ୍ର କୌଣସି ସ୍ଥଳେ ଚାଇନାର ମାଣ୍ଡାରିନ ଭାଷା ମହାକାଶର ଭାଷା ହେବା ଠିକ୍ ନୁହେଁ। ଚାଇନା ପୃଥିବୀର କକ୍ଷପଥରେ ଅନେକ କିଲୋମିଟର ଅଞ୍ଚଳରେ 'ମେଗାଷ୍ଟ୍ରକଚର' ନିର୍ମାଣ ପାଇଁ ପ୍ରସ୍ତୁତ ହେଉଛି। ଏଠାରେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର, ପର୍ଯ୍ୟଟନ କମ୍ପ୍ଲେକ୍ସ, ଗ୍ୟାସ ଷ୍ଟେସନ ଠାରୁ ଆରମ୍ଭ କରି ଆଷ୍ଟରଏଡ ଖଣି ପର୍ଯ୍ୟନ୍ତ ସୁବିଧା ଉପଲବ୍ଧ ହେବ। ପାଞ୍ଚ ବର୍ଷୀୟ ଯୋଜନା ଘୋଷଣା କରି ଚାଇନା ନିଜର ପ୍ରାକୃତିକ ବିଜ୍ଞାନ ଫାଉଣ୍ଡେସନ ଅନୁସନ୍ଧାନକାରୀଙ୍କୁ ଏ ସମ୍ପର୍କିତ ଟେକ୍ନୋଲୋଜି ଏବଂ କୌଶଳ ବିକାଶ କରିବାକୁ ନିର୍ଦ୍ଦେଶ ଦେଇଛି। ୨୦୩୫ ସୁଦ୍ଧା ଚାଇନା ମହାକାଶରେ ବିଦ୍ୟୁତ ଉତ୍ପାଦନ କରିବା ଲାଗି ଯୋଜନା ପ୍ରସ୍ତୁତ କରିଛି। ଏହି ପ୍ରକଳ୍ପ ପ୍ରାୟ ଏକ ମାଇଲ ଓସାର ହେବ ବୋଲି କୁହାଯାଇଛି।

# କେଶ ଦାନକଲେ ବାଳିକା

**ଚଣ୍ଡିଗଡ଼:** କ୍ୟାନସର ପୀଡ଼ିତଙ୍କ ମନୋବଳ ବଢାଇବା ପାଇଁ ଏବେ ଅନେକ ଆଗେଇ ଆସୁଛନ୍ତି। ଏମିତି ଏକ ଲକ୍ଷ୍ୟରେ ନିଜର କେଶ ଦାନ କରିଛନ୍ତି ଜଣେ ୧୩ ବର୍ଷୀୟ ବାଳିକା। ହରିୟାଣାର ରୋହତକ ସହରର ଅଷ୍ଟମ ଛାତ୍ରୀ ଜିୟା ବାହୀ ଏବେ କ୍ୟାନସରପୀଡିତଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି। ମାତ୍ର ୧୩ ବର୍ଷର ଏହି ବାଳିକା ତାଙ୍କର ୧୫ ଇଞ୍ଚ କେଶ ଦାନ କରିଛନ୍ତି। ତାମିଲନାଡୁର ଲକ୍ଷ୍ମୀପୁରମର ଏକ ସଂସ୍ଥାକୁ ସେ ଏହି କେଶ ଦାନ କରିଛନ୍ତି। କ୍ୟାନସର ପୀଡିତଙ୍କ ପାଇଁ ସେ କେଶ ଦାନ



କରିବା ପାଇଁ ବହୁ ଦିନ ପୂର୍ବରୁ ତାଙ୍କର ଇଚ୍ଛା ସମ୍ପର୍କରେ ଜଣାଇଥିଲେ। କିନ୍ତୁ ୧୦ ଇଞ୍ଚରୁ ଅଧିକ ଲମ୍ବା ଥିଲେ ଜଣେ କେଶ ଦାନ କରିପାରିବ ବୋଲି ସେ ଜାଣିବାକୁ ପାଇଥିଲେ। ଏହାପରେ ସେ ନିଜ କେଶ ବଢାଇବାରେ ଲାଗିଥିଲେ। ଏବେ ତାଙ୍କ କେଶର ଲମ୍ବା ଅଧିକ ହେବାରୁ ସେ ୧୫ ଇଞ୍ଚ କେଶ ଦାନ କରିଛନ୍ତି ଏବଂ ଏହାପରେ ସେ ପୁଣି ଥରେ କେଶ ବଢାଇ ଦାନ କରିବେ ବୋଲି କହିଛନ୍ତି। ଏବେ ଜିୟାଙ୍କର ଏଭଳି କାମ ପାଇଁ ତାଙ୍କୁ ବିଭିନ୍ନ ଆଡୁ ଶୁଭେଚ୍ଛା ମିଳୁଛି। କେଶ ଦାନ କରିଥିବା ସଂସ୍ଥା ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ଁଜଟିନ୍ଦ୍ର କୁମାର ରାୟ
କିତିକାର ସୁଆଁଳୋ, ଭିଙ୍ଗାରପୁର, ବାଲିଅନ୍ତା

ଚାହୁଁ ଚାହୁଁ ଆଖି ପିଛୁଳାକେ ଦୁଇବର୍ଷ ଚାଲିଗଲା। ଏପରି କୌଣସି ଦିନ ନାହିଁ କି ତୁମର ଅନୁପସ୍ଥିତି ଆମ୍ଭେ ଅନୁଭବ କରୁନାହୁଁ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ, ଝିଅ, ପୁଅ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୭୦୯୭୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଁମୃତ୍ୟୁଞ୍ଜୟ ପତ୍ରୀ
(ଅବସରପ୍ରାପ୍ତ ପଣ୍ଡିତ, ଅଡା ହାଇସ୍କୁଲ)
ଧରାବତରଣ: ୧୩।୦୩।୧୯୫୮
ତିରୋଧାନ:୧୬।୧୦।୨୦୨୧
ମାର୍କୋଣା, ସିମୁଳିଆ, ବାଲେଶ୍ୱର

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ବାବୁ, ଝୁମି, କବିତା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୨୨୦୬୦

## ଅଧାରୁ ପାଠ ଛାଡ଼ିଥିଲେ ପ୍ରିୟଙ୍କା



**ମୁମ୍ବାଇ:** ବଲିଉଡ୍‌ରୁ ହଲିଉଡ୍ ଯାଏ ଲୋକଙ୍କୁ ନିଜର ଅଭିନୟ ମାଧ୍ୟମରେ ବାନ୍ଧି ରଖିଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ପିଲାବେଳୁ ଅନେକ ସଂଘର୍ଷମୟ ଜୀବନ ବିତାଇଛନ୍ତି। ତାଙ୍କର ବାପା, ମା ଆର୍ମି ଡାକ୍ତର ଥିଲେ। ଯେଉଁଥିପାଇଁ ସେ ଅଲଗା ଅଲଗା ସହରରେ ରହି ପାଠ ପଢିଥିଲେ। ଫଳରେ ତାଙ୍କ ପଢା ଉପରେ ବିଶେଷ ପ୍ରଭାବ ପଡିଥିଲା। ସେ ଲକ୍ଷ୍ନୌ ସ୍କୁଲରେ ପାଠ ପଢିବା ଆରମ୍ଭ କରିଥିଲେ। କିଛି ବର୍ଷ ପରେ ସେ ବରେଲି ଏବଂ ଆମେରିକା ପଳାଇଥିଲେ। ପରେ ତାଙ୍କୁ ଦିଲ୍ଲୀ, ଲଦାଖ, ଚଣ୍ଡିଗଡ, ପୁଣେ ମଧ୍ୟ ଯିବାକୁ ପଡିଥିଲା। କିନ୍ତୁ ସେ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଜିତିବା ପରେ ତାଙ୍କୁ ଅଧାରୁ କଲେଜ ଛାଡିବାକୁ ପଡିଥିଲା। ଏହା ପରେ ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ ଆରମ୍ଭ କରିଦେଇଥିଲେ। ଯାହା ଫଳରେ ଅଧାରୁ ପାଠ ପଢା ଛାଡି ଦେଇଥିଲେ ପ୍ରିୟଙ୍କା।

**DIWALI DHAMAKA**
**AADARSH FINANCE**
ଦିପାବଳିର ଶୁଭ ଅବସରରେ ଆଦର୍ଶ ଫାଇନାନ୍ସ୍ ଆପଣଙ୍କୁ ୧ ଲକ୍ଷ ରୁ ୫୦ ଲକ୍ଷ ଲୋନ୍ ଯୋଗାଇଦେଉଛି।
୨% ସୁଧ, ୫୦% ଛାଡ।
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ।
9432985505, 9471160476
Whatsapp: 8797985140

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କେମିତି ମଦ ଛାଡ଼ିବେ**
ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିମ୍ବା ନ କହି। ସମୟ ଦିବା ୧୦ଟାରୁ ୨ଟା।
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁ ଡାଇମନ, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭ ତାରିଖ, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ ପାଖ, ଯାଜପୁର ରୋଡ୍। **କଟକ:** ୪ ଓ ୧୮ ତାରିଖ, ହୋଟେଲ ରକ୍ସି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ। **ଭୁବନେଶ୍ୱର:** ୫ ଓ ୧୯ ତାରିଖ, ହୋଟେଲ ଗ୍ରାଇଡେଣ୍ଟ, ଅଶୋକନଗର। **ପୁରୀ:** ୬ ଏବଂ ୨୦ ତାରିଖ, ହୋଟେଲ ପାରାଡାଇଜ, ଗ୍ରାଣ୍ଡରୋଡ଼। **ବାରିପଦା:** ୭ ଏବଂ ୨୧ ତାରିଖ, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏସ୍.ମାର୍ଗ। **ରାଉରକେଲା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ଼, ରେଲଓ୍ୱେଷ୍ଟେସନ ପାଖ। **ପାରାଦୀପ:** ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲ୍‌ଡେନ ପ୍ୟାଲେସ୍, ବସ୍‌ଷ୍ଟାଣ୍ଡ ପାଖ। **କେନ୍ଦୁଝର:** ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ପାଖ। **ଝାରସୁଗୁଡ଼ା:** ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ଼। **ଅନୁଗୁଳ:** ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍‌ଷ୍ଟାଣ୍ଡ ପାଖ। **ବ୍ରହ୍ମପୁର:** ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍‌ଷ୍ଟାଣ୍ଡ ପାଖ। **ଭବାନୀପାଟଣା:** ୧୩ ଏବଂ ୨୭ ତାରିଖ, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଏବଂ ୨୮ ତାରିଖ, ହୋଟେଲ ଶାରଳା, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ମଙ୍ଗଳବାର, ଅକ୍ଟୋବର ୨୬/୨୦୨୧ Rayagada, Tuesday, October 26/ 2021

# ସାଇନାଙ୍କୁ ରୌପ୍ୟ ପଦକ

## ଏସିଆନ ୟୁଥ୍ ଚେସ୍

ଭୁବନେଶ୍ୱର, ୨୫।୧୦(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା ନିଜ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ର ବ୍ୟକ୍ତିଗତ ବିଭାଗରେ ସାଇନା ରୌପ୍ୟ ପଦକ ହାସଲ କରିଛନ୍ତି। ଏସିଆନ ଚେସ୍ ଫେଡେରେଶନ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଅନ୍‌ଲାଇନ୍‌ରେ ଟୋରନେଲୋ ପ୍ଲାଟଫର୍ମରେ ଅନୁଷ୍ଠିତ ହୋଇଥିଲା। ଏହା ଗତ ୨୨ରୁ ଆରମ୍ଭ ହୋଇ ୨୪ରେ ସରିଥିଲା। ୮ ବର୍ଷରୁ କମ୍‌ଠାରୁ ଆରମ୍ଭ କରି ୧୮ ବର୍ଷରୁ କମ୍ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗରେ ୨୧ଟି ଏସୀୟ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସାଇନା ୧୮ ବର୍ଷରୁ କମ୍ ବାଳିକା କାଟେଗୋରିରେ ରୌପ୍ୟ ପଦକ ପାଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସାଇନା ୫ ବିଜୟ, ୩ ଡ୍ର ଏବଂ ଚାମ୍ପିୟନ ହୋଇଥିବା ପ୍ରତିଯୋଗୀଙ୍କଠାରୁ ଏକମାତ୍ର ପରାଜୟ ଲଭିଥିଲେ। ଏହି ବୟସ ବର୍ଗରେ ଭାରତର ସୁସ୍ମିତା ଭୌମିକ ସ୍ୱର୍ଣ୍ଣ ଏବଂ ଇରାନର ମହମ୍ମଦି ମେଲିକା ବ୍ରୋଞ୍ଜ ପଦକ ପାଇଥିଲେ। ରୌପ୍ୟ ପଦକ ବିଜୟ ପଥରେ ସାଇନା ୩ ଭିଏତନାମ, ୧ ଶ୍ରୀଲଙ୍କା ଓ ୧ ଭାରତୀୟ ଖେଳାଳିଙ୍କୁ ହରାଇଥିବାବେଳେ ୨ ଜଣ ଇରାନିଆନ ଓ ଜଣେ ଭାରତୀୟ ଖେଳାଳିଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଥିଲେ। ପୂର୍ବରୁ ୧୯ଟି ଅନ୍ତର୍ଜାତୀୟ ସ୍ତରର ପଦକ ପାଇ ସାରିଥିବା ସାଇନାଙ୍କ ଏହି ସଂଖ୍ୟା ଏବେ ୨୦ରେ ପହଞ୍ଚିଛି। ବିଶେଷ ସଫଳତା ପାଇଁ ଭାରତର ରାଷ୍ଟ୍ରପତିଙ୍କଠାରୁ ନ୍ୟାଶନାଲ ଚାଇଲ୍ଡ ଆୱାର୍ଡ ପାଇ ସାରିଥିବା ସାଇନା ୨୦୧୩ରେ ୟୁଏଇର ଅଲ୍ ଇନ୍‌ଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ନିଜ ବୟସ ବର୍ଗରେ ବିଶ୍ୱ ଚାମ୍ପିୟନ ହୋଇଥିଲେ। ଏପର୍ଯ୍ୟନ୍ତ ଏହା ତାଙ୍କର ସବୁଠାରୁ ଶ୍ରେଷ୍ଠ ସଫଳତା ହୋଇ ରହିଛି। କେନ୍ଦୁଝର ଜିଲା ହାଟଡିହି ବ୍ଲକ ସୁଲଣ ଗ୍ରାମର ସାଇନା ସମ୍ପ୍ରତି ମା ବବିତା ଜେନା ଓ ପିତା ଗଣେଶ୍ୱର ଜେନାଙ୍କ ସହ ଭୁବନେଶ୍ୱରରେ ରହୁଛନ୍ତି। ଚଳିତ ବର୍ଷ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ସେ ଦ୍ୱାଦଶ ସମ୍ପୂର୍ଣ୍ଣ କରିଛନ୍ତି। ସେ ୨ଟି ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ମଧ୍ୟ ହାସଲ କରିଛନ୍ତି।


ସାଇନା ସାଲୋନିକା

# ସଦର୍ନ ରେଲୱେ ଚାମ୍ପିୟନ

## ସର୍ବଭାରତୀୟ ଆରପିଏଫ୍ ହକି ଉଦ୍‌ଯାପିତ


ଚାମ୍ପିୟନ ସଦର୍ନ ରେଲୱେ ଦଳର ଖେଳାଳିମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର, ୨୫।୧୦ (କ୍ରୀଡ଼ା ପ୍ରତିନିଧି):** କିଟ୍ ପରିସରରେ ଅନୁଷ୍ଠିତ ସର୍ବଭାରତୀୟ ଆରପିଏଫ୍ ହକି ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ନର୍ଦ୍ଦର୍ନ ରେଲୱେକୁ ୧-୦ ଗୋଲରେ ହରାଇ ସଦର୍ନ ରେଲୱେ ଚାମ୍ପିୟନ ହୋଇଛି। ଆରପିଏଫ୍ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଇଷ୍ଟକୋଷ୍ଟ ରେଲୱେ ଜେନେରାଲ ମ୍ୟାନେଜର ବିଦ୍ୟାଭୂଷଣ ମୁଖ୍ୟ ଅତିଥି, ଆରପିଏଫ୍ ଆଇଜି ରାଜା ରାମ୍ ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ମୋଟ ୮ଟି ଆରପିଏଫ୍ ଦଳ ଅଂଶଗ୍ରହଣ କରିଥିଲେ।

# ‘ଫିଫା ଫୁଟବଲ ଫର୍ ସ୍କୁଲ୍ସ’ କର୍ମଶାଳା ଆରମ୍ଭ

ଭୁବନେଶ୍ୱର, ୨୫।୧୦(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍) ପରିସରରେ ସୋମବାର ଫିଫା ଫୁଟବଲ ଫର ସ୍କୁଲ୍ସ ‘ଟ୍ରେନ୍ ଦି ଟ୍ରେନର’ ୩ ଦିନିଆ କର୍ମଶାଳା ଆରମ୍ଭ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ ଚାନ୍ସଲର ସସ୍ମିତା ସାମନ୍ତ କର୍ମଶାଳାରେ ଅଂଶଗ୍ରହଣ କାରୀଙ୍କୁ ସ୍ୱାଗତ ଜଣାଇବା ସହ ଅଭିନନ୍ଦନ ଜଣାଇଛନ୍ତି। ଫେଡେରେଶନ ଇଣ୍ଟରନ୍ୟାଶନାଲ ଡି’ ଫୁଟବଲ ଆସୋସିଏଶନ (ଫିଫା) ପକ୍ଷରୁ ଏହି କର୍ମଶାଳା ଆୟୋଜନ କରାଯାଇଛି। ଫିଫା ଫୁଟବଲ ଫର ସ୍କୁଲ୍ସର ପ୍ରକଳ୍ପ ମୁଖ୍ୟ ଆଲେକଜାଣ୍ଡର ଗ୍ରସ୍, ସଂଯୋଜକ ଆଲେକଜାଣ୍ଡର ହୁଇତେ, ପରାମର୍ଶଦାତା ଆଲବର୍ଟୋ ଗାକୋମିନି ଓ ଆଣ୍ଟୋନିଓ ବୁଏନାନୋ କର୍ମଶାଳା ପରିଚାଳନା କରୁଛନ୍ତି। ଏହି କର୍ମଶାଳାରେ ମୋଟ ୧୨୦ ଜଣ ଶାରୀରିକ ଶିକ୍ଷା ଶିକ୍ଷକ, ଫୁଟବଲ କୋଚ୍ ଏବଂ ରାଜ୍ୟର ବିଭିନ୍ନ ଜିଲାର ପୂର୍ବତନ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସୋମବାର ଓ ମଙ୍ଗଳବାର ଏହି ଦୁଇଦିନିଆ କର୍ମଶାଳାରେ କ୍ଲାସରୁମ୍ ସେସନ ଏବଂ ଫିଲ୍ଡ ସେସନ ଅନୁଷ୍ଠିତ ହେଉଛି। ଭାରତରେ ପ୍ରଥମଥରପାଇଁ କିସ୍ ପରିସରରେ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଫିଫା ଫୁଟବଲ ଫର ସ୍କୁଲ୍ସର ଉଦ୍‌ଘାଟନ ହେବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ କର୍ମଶାଳାରେ ଭାଗ ନେଇଥିବା ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ବ୍ୟତୀତ ଭାରତରେ ପ୍ରଥମଥରପାଇଁ କିସ୍ ପରିସରରେ ଏପରି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିଥିବାରୁ ସେ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କୁ ଧନ୍ୟବାଦ ଜଣାଇଛନ୍ତି।


କର୍ମଶାଳାର କ୍ଲାସରୁମ୍ ସେସନରେ ଟ୍ରେନିଂ ଦିଆଯାଉଛି।

# ଶାମିଙ୍କୁ ସେହ୍ୱାଗ ଓ ହରଭଜନଙ୍କ ସମର୍ଥନ

## ଅନଲାଇନ୍‌ରେ ଦୁର୍ବ୍ୟବହାର ପ୍ରସଙ୍ଗ

ଦୁବାଇ, ୨୫।୧୦ (ପି.ଟି.)

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ପାକିସ୍ତାନଠାରୁ ଭାରତର ଶୋଚନୀୟ ପରାଜୟ ପରେ ପେସ୍ ବୋଲର ମହମ୍ମଦ ଶାମିଙ୍କ ପ୍ରତି କେତେଜଣ ଅନ୍‌ଲାଇନ୍‌ରେ ଦୁର୍ବ୍ୟବହାର କରିଛନ୍ତି। ଏହି ପ୍ରସଙ୍ଗରେ ବୀରେନ୍ଦ୍ର ସେହ୍ୱାଗ ଓ ହରଭଜନ ସିଂଙ୍କ ସମେତ ବହୁ ପୂର୍ବତନ ଓ ବର୍ତ୍ତମାନ ଖେଳାଳି ଶାମିଙ୍କ ପ୍ରତି ସେମାନଙ୍କ ସମର୍ଥନ ଜଣାଇଛନ୍ତି। ଶାମିଙ୍କ ଧର୍ମୀୟ ପରିଚୟକୁ ଟାର୍ଗେଟ କରି ସୋସିଆଲ ମିଡିଆରେ ଯେପରି ଭାବେ ଟ୍ରୋଲ୍ କରାଯାଇଛି ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ଓ ଲୋକ ସଭା ସଦସ୍ୟ ଅସାଦୁଦ୍ଦିନ ଓୱାସି ତାହାର ନିନ୍ଦା କରିଛନ୍ତି। ଭାରତ ଏହାର ଉଦ୍‌ଘାଟନୀ ମ୍ୟାଚରେ ୧୦ ଉଇକେଟରେ ପରାଜିତ ହୋଇଛି। ଏହି ମ୍ୟାଚରେ ଶାମି ୩.୫ ଓଭର ବୋଲିଂରେ ୪୩ରନ ଦେଇ ସବୁଠାରୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଭାରତର ପୂର୍ବତନ ଓପନର ସେହ୍ୱାଗ ଟୁଇଟ କରି କହିଛନ୍ତି, ମହମ୍ମଦ ଶାମିଙ୍କୁ ଅନ୍‌ଲାଇନ୍ ଆଟାକ୍ ଦୁଃଖର ବିଷୟ। ଶାମି ଜଣେ ଚାମ୍ପିୟନ ବୋଲର। ଅନ୍‌ଲାଇନ୍ ସହିତ ସମ୍ପୃକ୍ତ ଲୋକମାନଙ୍କ ତୁଳନାରେ ଭାରତୀୟ ଜର୍ସି ପରିଧାନ କରିଥିବା ଖେଳାଳିଙ୍କ ସମର୍ଥକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଆଗାମୀ ମ୍ୟାଚଗୁଡ଼ିକରେ ଜବରଦସ୍ତ ପ୍ରଦର୍ଶନ କରି ଶାମି ସମାଲୋଚକଙ୍କ ପାଟି ବନ୍ଦ କରିଦେବା ଲାଗି ସେ କହିଛନ୍ତି। ପୂର୍ବତନ ପେସ୍ ବୋଲର ଇର୍ଫାନ ପଠାନ ଏହାକୁ ଅଭୂତପୂର୍ବ ବୋଲି କହିଛନ୍ତି। ଅତୀତରେ ସେ ଏକ ଭାରତ-ପାକିସ୍ତାନ ମୁକାବିଲାରେ ସାମିଲ ଥିଲେ। ଏହି ମ୍ୟାଚରେ ଭାରତ ପରାସ୍ତ ହୋଇଥିଲା। ମାତ୍ର ସେତେବେଳେ କେହି ତାଙ୍କୁ ପାକିସ୍ତାନ ପଳାୟନ କରିବାକୁ କହି ନ ଥିଲେ।

# ଓଡ଼ିଶା ପରାସ୍ତ

ଭୁବନେଶ୍ୱର, ୨୫।୧୦(କ୍ରୀଡ଼ା ପ୍ରତିନିଧି)

ରାୟପୁର ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ସିନିୟର ପୁରୁଷ ୱାର୍ମଅପ୍ ଟି୨୦ ସିରିଜର ଏକ ମ୍ୟାଚରେ ଓଡ଼ିଶା ୫ ଉଇକେଟରେ ଛତିଶଗଡ଼ଠାରୁ ହାରି ଯାଇଛି। ଓଡ଼ିଶା ୨୦ ଓଭରରେ ୬ ଉଇକେଟ ହରାଇ ୧୪୮ ରନ କରିଥିଲା। ଅଭିଷେକ ଯାଦବ ୫୮ ଓ ସନ୍ଦିପ ପଟ୍ଟନାୟକ ୪୨ ରନ କରିଥିଲେ। ୧୪୯ ରନର ବିଜୟ ଲକ୍ଷ୍ୟକୁ ଛତିଶଗଡ଼ ୧୯.୨ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା।

# ଓଡ଼ିଶା ବାଳିକା ଦଳକୁ ବ୍ରୋଞ୍ଜ

## ଜାତୀୟ ସିନିୟର ଟେନିସ କ୍ରିକେଟ


ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା ବାଳିକା ଦଳ କର୍ମକର୍ତ୍ତାଙ୍କ ସହ।

**ଭୁବନେଶ୍ୱର, ୨୫।୧୦ (କ୍ରୀଡ଼ା ପ୍ରତିନିଧି):** ଉତ୍ତର ପ୍ରଦେଶର ମଥୁରାଠାରେ ଅନୁଷ୍ଠିତ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍‌ର ୬ଷ୍ଠ ସଂସ୍କରଣରେ ଓଡ଼ିଶା ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଜାତୀୟ ସ୍ତରରେ ଓଡ଼ିଶା ମହିଳା ଦଳର ଏହା ପ୍ରଥମ ପଦକ। ପ୍ରଥମ ଲିଗ୍ ମ୍ୟାଚରେ ଓଡ଼ିଶା ୨୮ ରନରେ ଛତିଶଗଡ଼କୁ, ଦ୍ୱିତୀୟ ମ୍ୟାଚରେ ୩୭ ରନରେ ବିଦର୍ଭକୁ, କ୍ୱାର୍ଟର ଫାଇନାଲରେ ଉତ୍ତର ପ୍ରଦେଶକୁ ୧୦ ଉଇକେଟରେ ହରାଇବାପରେ ଦଳ ସେମିଫାଇନାଲରେ ମୁମ୍ବାଇଠାରୁ ପରାଜିତ ହୋଇଥିଲା। ରଞ୍ଜିତା ନାୟକ, ପଦ୍ମାବତୀ ସିଂ, ରାଜେଶ୍ୱରୀ ନାଗ୍ ବିଭିନ୍ନ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ବାଳକ ଦଳ କ୍ୱାର୍ଟର ଫାଇନାଲରେ ପଶ୍ଚିମବଙ୍ଗଠାରୁ ହାରି ଯାଇଥିଲା। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସମ୍ପାଦକ ରିଷ୍ଟୁ ମିତ୍ର, ମହିଳା କମିଟି ଅଧ୍ୟକ୍ଷା ରାଗିଣୀ ମିତ୍ର ପ୍ରମୁଖ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ସେନା କବ୍‌ଜାରେ ସୁଦାନ

**ଉତ୍ତର ଆଫ୍ରିକୀୟ ଦେଶ ସୁଦାନରେ ଗମ୍ଭୀର ହୋଇଛି ରାଜନୈତିକ ସଙ୍କଟ। ଦୀର୍ଘ ଦିନ ହେଲା ସେନା ଓ ସରକାରଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଏବେ ଉଗ୍ରରୂପ ନେଇଛି। ସେନା ହାତକୁ ଦେଶ ଟେକିଦେବାରେ ସମର୍ଥନ ନ ଦେବାରୁ ପ୍ରଧାନମନ୍ତ୍ରୀ ଅବଦୁଲ୍ଲା ହମ୍‌ଦୋକ୍‌ଙ୍କୁ ସୋମବାର ସାମରିକ ବଳ ଅଜ୍ଞାତ ସ୍ଥାନକୁ ନେଇ ଗୃହବନ୍ଦୀ ରଖିଛି। ସେନାର ବିଦ୍ରୋହକୁ ବିରୋଧ କରି ଲୋକେ ବିଭିନ୍ନ ସ୍ଥାନରେ ଜଳାପୋଡ଼ା ସହ ବିକ୍ଷୋଭ କରିଛନ୍ତି। ସୁଦାନକୁ ସେନା କବ୍‌ଜା କରିବାକୁ ନେଇ ପରିବେଶ ଅଶାନ୍ତ ହୋଇପଡ଼ିବା ପରେ ସେଠାରେ ଜାରି ହୋଇଛି ଜରୁରିକାଳୀନ ସ୍ଥିତି।**


ଅବଦୁଲ୍ଲା ହମ୍‌ଦକ୍


ଜେନେରାଲ ଅବଦେଲ୍ ଫତେହ


ସୁଦାନ ରାଜଧାନୀ ଖର୍ଟୁମର ଏକ ରାସ୍ତାରେ ସେନା ବିରୋଧରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ପ୍ରଧାନମନ୍ତ୍ରୀଙ୍କୁ ଉଠାଇନେଇ ଗୃହବନ୍ଦୀ
- ଦେଶରେ ଜରୁରିକାଳୀନ ସ୍ଥିତି ଘୋଷଣା
- ରାସ୍ତାଘାଟରେ ଜଳାପୋଡ଼ା, ଇଣ୍ଟରନେଟ୍ ବନ୍ଦ
- ଚିନ୍ତା ପ୍ରକଟ କଲେ ବିଶ୍ୱ ସମୁଦାୟ

**ଖର୍ଟୁମ, ୨୫।୧୦**

ଗମ୍ଭୀର ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ସୁଦାନକୁ ଆହୁରି ଅସ୍ଥିର କରିଦେଇଛି ରାଜନୈତିକ ସଙ୍କଟ। ଦୀର୍ଘ ବର୍ଷ ଧରି ଶାସନରେ ରହିଥିବା ଓମାର ଅଲ୍ ବଶିରଙ୍କୁ ଦୁଇ ବର୍ଷ ପୂର୍ବେ କ୍ଷମତାଚ୍ୟୁତ କରିବା ପରେ ସେନା ଓ ନାଗରିକ ସରକାରଙ୍କୁ ନେଇ ଗଠନ ହୋଇଥିଲା ମଧ୍ୟବର୍ତ୍ତୀ ସରକାର। କିନ୍ତୁ ଏବେ ସେନା ସମ୍ପୂର୍ଣ୍ଣ କ୍ଷମତା ହାତକୁ ନେବାକୁ ସେଠାରେ ବିଦ୍ରୋହ କରିଛି। ଅନ୍ତରୀଣ ସରକାରରେ ପ୍ରଧାନମନ୍ତ୍ରୀ ଥିବା ଅବଦୁଲ୍ଲା ହମ୍‌ଦୋକ୍‌ଙ୍କ ଉପରେ ସେନାକୁ ସମର୍ଥନ ଦେବାକୁ ଚାପ ପଡ଼ିଥିଲେ ମଧ୍ୟ ସେ ବିରୋଧ କରିଥିଲେ। ଫଳରେ ସେନା ତାଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନେଇ ଗୃହବନ୍ଦୀ କରିଛି। ଏଥିସହ ସରକାରରେ ଥିବା ଅନ୍ୟୁନ୍ୟ ୫ ମନ୍ତ୍ରୀ ଓ ଅନ୍ୟ ସଦସ୍ୟଙ୍କୁ ମଧ୍ୟ ଉଠାଇନେଇଛି। ସୁଦାନର ସରକାରୀ ଟିଭି ଏବଂ ରେଡିଓ କାର୍ଯ୍ୟାଳୟକୁ ସେନା କବ୍‌ଜା କରିନେଇଛି।

ଏହାର ପ୍ରତିବାଦରେ ଦେଶରେ ସେନା ଶାସନ ଚଳିବ ନାହିଁ ବୋଲି ନାରା ଦେଇ ବହୁ ସଂଖ୍ୟାକ ଲୋକ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିଛନ୍ତି। ରାଜଧାନୀ ଖର୍ଟୁମ ସମେତ ବିଭିନ୍ନ ସ୍ଥାନରେ ଇଟା ପଥର ଦେଇ ରାସ୍ତା ଅବରୋଧ କରିବା ସହ ବ୍ୟାରିକେଡ ଜାଳିପୋଡ଼ି ଦେଇଛନ୍ତି। ହିଂସାକାଣ୍ଡ ବ୍ୟାପକ ହେବା ଆଶଙ୍କାରେ ସରକାରରେ ଥିବା ସେନାର ଜଣେ ବରିଷ୍ଠ ଅଧିକାରୀ ଜେନେରାଲ ଅବଦେଲ୍ ଫତେହ ଅଲ୍-ବୁର୍‌ହା ସରକାର ଭାଙ୍ଗିବା ନେଇ ଘୋଷଣା କରିବା ସହ ଦେଶରେ ଜରୁରୀସ୍ଥିତି ଘୋଷଣା କରିଛନ୍ତି। ରାଜନୈତିକ ସ୍ତରରେ ☞ପୃଷ୍ଠା-୬

## ହାଇକୋର୍ଟରେ ବାଣ ବିକ୍ରି ମାମଲା ଖାରଜ

**କଟକ ଅଫିସ,୨୫।୧୦:** ହାଇକୋର୍ଟରେ ସୋମବାର ବାଣ ବିକ୍ରି ମାମଲାର ଶୁଣାଣି ହୋଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଜନଜୀବନ ସୁରକ୍ଷା ଓ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏ ସଂକ୍ରାନ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ଦୀପାବଳିରେ ବାଣ ବିକ୍ରି ଓ ବ୍ୟବହାରକୁ ରାଜ୍ୟ ସରକାର ଗତ ସେପ୍ଟେମ୍ବର ୩୦ରେ ନିଷିଦ୍ଧ ଘୋଷଣା କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଅଲ୍ ଓଡ଼ିଶା ଫାୟାର ୱାର୍କସ ଡିଲର୍ସ ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା। ତେବେ ଏହି ସଂଘ ଏକ ପଞ୍ଜୀକୃତ ସଂସ୍ଥା ନୁହେଁ ବୋଲି ଦର୍ଶାଇ ହାଇକୋର୍ଟ ଉକ୍ତ ମାମଲାକୁ ଖାରଜ କରିଦେଇଛନ୍ତି।

## ଏଣ୍ଡେମିକ୍ ଷ୍ଟେଜ୍‌ରେ କରୋନା

**ଭୁବନେଶ୍ୱର, ୨୫।୧୦(ବ୍ୟୁରୋ):** ରାଜ୍ୟରେ କରୋନା ସକଂମ୍ରଣ ଏବେ ଏଣ୍ଡେମିକ୍ ଷ୍ଟେଜ୍‌ରେ ରହିଛି। ଏଣ୍ଡେମିକ୍ ଷ୍ଟେଜରେ ବି ସଂକ୍ରମଣ ବଢ଼ିବାର ସମ୍ଭାବନା ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ରାଜ୍ୟରେ କରୋନା ସ୍ଥିତି ସମ୍ପର୍କରେ ସୋମବାର ସୂଚନା ଦେଇ ସେ କହିଛନ୍ତି, କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ଆବଶ୍ୟକତା ରହିଛି। କିନ୍ତୁ ଟେକ୍ନିକାଲ ଟିମ୍‌ର ଷ୍ଟଡି ରିପୋର୍ଟ ଆସିନି। ରିପୋର୍ଟ ଆସିଲା ପରେ ଯାହା କରାଯାଇପାରିବ। ତେବେ ଭୁବନେଶ୍ୱରରେ ତଳ ଉପର ହୋଇ ପ୍ଲାଟୋ ଷ୍ଟେଜ୍‌ରେ ରହିଛି ସଂକ୍ରମଣ। ଟ୍ରାନ୍ସମିସନ ଭଳି ପରିବେଶ ସୃଷ୍ଟି କରିବା ନାହିଁ ସେହିପରି ଦୀପାବଳୀ ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସଚେତନ କରାଇଛନ୍ତି। ସେ କହିଛନ୍ତି, ଦୀପାବଳୀରେ ବାଣ ଫୁଟିଲେ ଫୁସଫୁସ୍ ଆକ୍ରାନ୍ତ ହେବ ଏବଂ କରୋନାରେ ଆକ୍ରାନ୍ତ ହେଲେ ଫୁସ୍‌ଫୁସ୍ ପ୍ରତି ଅଧିକ ବିପଦ ଥାଏ। ବର୍ତ୍ତମାନ କରୋନା ସଂକ୍ରମଣ ଯାଇ ନ ଥିବାବେଳେ ଯଦି ଆମେ ବାଣ ବ୍ୟବହାର କରିବା ତେବେ ତାହା ବିପଦ ହେବ। ତେଣୁ ଦୀପାବଳିରେ ବାଣ ନ ଫୁଟାଇବା ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସେପଟେ ରାଜ୍ୟରେ ଗତ କିଛି ଦିନ ହେଲା କରୋନା ସଂକ୍ରମଣ ☞ପୃଷ୍ଠା-୬



## ସୀମାନ୍ତରେ ଗୁଳି ବିନିମୟ, ୩ ମାଓବାଦୀ ନିହତ

**ମାଲକାନଗିରି,୨୫।୧୦(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ସୋମବାର ପୋଲିସ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩ ଜଣ ମାଓବାଦୀ ନିହତ ହୋଇଛନ୍ତି। ବିଜାପୁର ଜିଲା ସୀମାକୁ ଲାଗି ରହିଥିବା ମୁଲୁଗୁ ଜିଲା ସୀମାନ୍ତରେ ମାଓବାଦୀ ଦମନ ନେଇ ତେଲଙ୍ଗାନା ପୋଲିସର ଗ୍ରେହଣ୍ଡ ଯବାନ ଓ ଛତିଶଗଡ଼ ପୋଲିସର ଡିଆର୍‌ଜି ପକ୍ଷରୁ ସର୍ଚ୍ଚ ଅପରେଶନ ଚାଲିଥିଲା। ଏହି ସମୟରେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ପୋଲିସ ଗୁଳିର ସାମ୍ନା କରି ନ ପାରି ଶେଷରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସୀ ବେଳେ ପୋଲିସ ଗୁଳିରେ ୩ ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଥିଲା। ଘଟଣାସ୍ଥଳରୁ ୩ଟି ଅତ୍ୟାଧୁନିକ ବନ୍ଧୁକ ସହ ବିପୁଳ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଛି।


ସୋମବାରରୁ ଅଷ୍ଟମ ଶ୍ରେଣୀ ଖୋଲିଥିବା ପରେ ରେଭେନ୍ସା ହାଇସ୍କୁଲର କ୍ଲାସରୁମରେ ଉପସ୍ଥିତ ଛାତ୍ରୀ।

## ଲକ୍ଷ୍ନୌ, ଅହମଦାବାଦ ଆଇପିଏଲ୍‌ର ନୂଆ ଫ୍ରାଞ୍ଚାଇଜ୍

**ଦୁବାଇ, ୨୫।୧୦ (ପି.ଟି.)**

ବହୁ ପ୍ରତୀକ୍ଷିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨ ନୂଆ ଫ୍ରାଞ୍ଚାଇଜ୍ ସୋମବାର ଚୂଡ଼ାନ୍ତ ହୋଇଛି। କୋଲକାତା ବିଜ୍‌ନେସ ଟାଇକୁନ୍ ସଞ୍ଜୀବ ଗୋଏଙ୍କାଙ୍କ ଆର୍‌ପି-ଏସ୍‌ଜି ଗ୍ରୁପ୍ ୭୦୯୦ କୋଟି ଟଙ୍କା ବିନିମୟରେ ଲକ୍ଷ୍ନୌ ଫ୍ରାଞ୍ଚାଇଜ୍ ହାତେଇଥିବା ବେଳେ ଇଣ୍ଟରନ୍ୟାଶନାଲ ଇକ୍ୱିଟି ଇନ୍‌ଭେଷ୍ଟମେଣ୍ଟ ଫାର୍ମ ସିଭିସି କ୍ୟାପିଟାଲ ୫୬୨୫ କୋଟି ଟଙ୍କାରେ ଅହମଦାବାଦ ପାଇଁ ହୋଇଥିବା ବିଡ୍‌ରେ ବିଜୟ ଲାଭ କରିଛି। ଅପରପକ୍ଷରେ ନୂଆ ଫ୍ରାଞ୍ଚାଇଜ୍ ଦୌଡ଼ରେ ଥିବା ଓଡ଼ିଶାର କଟକ ସହର ଏଥିରୁ ବାଦ୍ ପଡ଼ିଛି।

### ବାଦ ପଡ଼ିଲା କଟକ ସହର




ଆଇପିଏଲ୍ ୨୦୨୨ରେ ଦୁଇ ନୂଆ ଟିମ୍ ସାମିଲ କରିବା ଦ୍ୱାରା ବିସିସିଆଇ ପ୍ରାୟ ୧୦,୦୦୦ କୋଟି ଟଙ୍କା ଆୟ କରିବ ବୋଲି ଆଶା ରଖିଥିଲା। ହେଲେ ଏହାର ପରିମାଣ ୧୨,୭୧୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବିଡ୍ ଦୌଡ଼ରେ ଗୋଏଙ୍କା ଅନ୍ୟତମ ଫେଭରାଇଟ୍ ବୋଲି ପୂର୍ବରୁ ଅନୁମାନ କରାଯାଇଥିଲା। ସେ ୨୦୧୬ ଓ ୨୦୧୭ରେ ଦୁଇବର୍ଷ ଧରି ଆଇପିଏଲ୍ ସହିତ ସଂଶ୍ଳିଷ୍ଟ ଥିଲେ। ରାଇଜିଂ ପୁଣେ ସୁପର ଜ୍ୟାଣ୍ଟ୍ସର ସେ ମାଲିକ ଥିଲେ। ବିଡ୍‌ରେ ହାରିଯାଇଥିବା ପ୍ରମୁଖ କମ୍ପାନୀ ମଧ୍ୟରେ ରହିଛି ଗୌତମ ଆଦାନୀଙ୍କର ଆଦାନୀ ଗ୍ରୁପ୍। ଏହି କମ୍ପାନୀ ୫୦୦୦ କୋଟି ଟଙ୍କାର ବିଡ୍ ଦାଖଲ କରିଥିଲା। ଅନ୍ୟପକ୍ଷରେ ମାଞ୍ଚେଷ୍ଟର ୟୁନାଇଟେଡ୍ ଓ ଟରେଣ୍ଟ ଗ୍ରୁପ୍ ତରଫରୁ ଗ୍ଲେଜର୍ସ ଦୌଡ଼ରେ ପଛେଇଯାଇଥିଲା। ଦୁଇଟି ନୂଆ ଫ୍ରାଞ୍ଚାଇଜ୍ ଲାଗି ୨୨ଟି କମ୍ପାନୀ ୧୦ ଲକ୍ଷ ଟଙ୍କା ମୂଲ୍ୟର ଟେଣ୍ଡର ଡକ୍ୟୁମେଣ୍ଟ କ୍ରୟ କରିଥିଲେ। ନୂଆ ଟିମ୍ ☞ପୃଷ୍ଠା-୬

## '୧୦% ଅଧିକ ସଂକ୍ରମିତ କରିବ ନୂଆ ଭାରିଆଣ୍ଟ'

**ଭୁବନେଶ୍ୱର, ୨୫।୧୦(ବ୍ୟୁରୋ):** ନୂଆ ଭ୍ୟାରିଆଣ୍ଟ AY-୪.୨ ସମ୍ପର୍କରେ ଡିଏମ୍‌ଇଟି ସିବିକେ ମହାନ୍ତି ସୋମବାର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଇନ୍ଦୋରରେ ୭ ଓ ମହାରାଷ୍ଟ୍ରରେ କିଛି ସ୍ଥାନରେ ଏହି ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଛି। ଏହା ୧୦ ପ୍ରତିଶତ ଅଧିକ ସଂକ୍ରମିତ କରିବ ବୋଲି ସନ୍ଦେହ କରାଯାଉଛି। ଡେଲ୍‌ଟା ପ୍ଲସ ପ୍ରଜାତିର ଏହା ନୂଆ ଭାରିଆଣ୍ଟ। ଯଦିଓ ପ୍ରାଥମିକ ପର୍ଯ୍ୟାୟରେ ଡିଟେକ୍ଟ ହୋଇଛି ତାକୁ ଭାରିଆଣ୍ଟ ଅଫ୍ ଇନଭେଷ୍ଟିଗେଶନରେ ରଖାଯାଇଛି। ତା'ପରେ ଭାରିଏଣ୍ଟ ଅଫ୍ ଇଣ୍ଟ୍ରେଷ୍ଟ, ତା'ପରେ କନ୍‌ସର୍ଣ୍ଣ ହେବ। ଏ ପର୍ଯ୍ୟନ୍ତ ଏହି ନୂଆ ଭାରିଆଣ୍ଟକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲୁଏଚ୍‌ଓ) ଭାରିଆଣ୍ଟ ଅଫ୍ କନ୍‌ସର୍ଣ୍ଣ ଷ୍ଟେଜ୍ ବୋଲି ଘୋଷଣା କରିନାହିଁ। ଏହା ଭ୍ୟାରିଆଣ୍ଟ ଅଫ୍ ଇନଭେଷ୍ଟିଗେଶନ ବୋଲି ବ୍ରିଟେନ୍ ଘୋଷଣା କରିଛି।

ଡିଏମ୍‌ଇଟି ଆହୁରି ମଧ୍ୟ କହିଛନ୍ତି, ଇଂଲଣ୍ଡରେ ୧୦ ପ୍ରତିଶତ ଲୋକଙ୍କ ପାଖରେ ଏହି ନୂଆ ଭାରିଆଣ୍ଟ ଦେଖାଯାଉଛି। ଭାରତରେ ଦେଖିଲେ ଏହା ଅତି ନଗଣ୍ୟ। ତେଣୁ ବ୍ୟସ୍ତ ହେବାର ସମୟ ଆସିନି। ଡବ୍ଲ୍ୟୁଏଚ୍‌ଓ ଏବଂ ବ୍ରିଟେନ୍ ଏଜେନ୍ସି ଅନୁସାରେ ଏହା ମାର୍ଜିନାଲି ଅଧିକ ସଂକ୍ରମଣ କରେ। ତେବେ ଏହା ଅଧିକ ସଂକ୍ରମଣକ୍ଷମ ନା ନାହିଁ ଜଣାପଡ଼ିନି। ଏହା କେତେଦୂର ଅଧିକ ରୋଗାକ୍ରାନ୍ତ କରୁଛି, ତାହା ତଦନ୍ତ ସାପେକ୍ଷ। ଭ୍ୟାରିଆଣ୍ଟ ଅଫ୍ ଇନଭେଷ୍ଟିଗେଶନରେ ଥିବାରୁ ଏହା କେତେଦୂର ପରିସ୍ଥିତିକୁ ବିଗାଡ଼ିବ ତାହା ସମୟ କହିବ। ଡେଲ୍‌ଟା ☞ପୃଷ୍ଠା-୬

# ସୀମା ଉଲ୍ଲଂଘନ କରି ତଦନ୍ତ କରୁଛନ୍ତି ଡିଆଇଜି

***ମମିତା ମେହେର ହତ୍ୟା ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଛି। ଏହି ଘଟଣାକୁ ନେଇ ରାଜ୍ୟବାସୀଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଛି। ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକୁ ନେଇ ଧରିତ୍ରୀ ତରଫରୁ ଉତ୍ତରାଞ୍ଚଳ ଡିଆଇଜି ଡା. ଦୀପକ କୁମାରଙ୍କୁ ଭେଟିଥିଲେ ଆମ ବଲାଙ୍ଗୀର ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର।***


ଡା. ଦୀପକ କୁମାର

**ପ୍ରଶ୍ନ-୧:** ଗିରଫ ଲୋକଙ୍କୁ ଥାନାରେ ରଖାଯାଏ। ପୋଲିସ ବାରାକ କେବଳ କର୍ମଚାରୀଙ୍କ ରହିବା ପାଇଁ ଉର୍ଦ୍ଦିଷ୍ଟ। ଅପରାଧୀଙ୍କୁ ହାତକଡି ପଡିଲାନି କିମ୍ବା ହାଜତରେ ରଖାଗଲାନି। ପୋଲିସ ବାବୁମାନେ ସସମ୍ମାନେ ଅପରାଧୀଙ୍କୁ ନିଜ ଘରେ ନେଇ ରଖିଲେ। ଏହା ସମ୍ପୂର୍ଣ୍ଣ ଭାବେ ପୋଲିସ ମାନୁଆଲ ରୁଲ୍‌ର ଭଙ୍ଗ କରୁଛି। ତେଣୁ ଏହି ନିଷ୍ପତ୍ତି ଯେଉଁ କନଷ୍ଟେବଲମାନେ ନିଲମ୍ବିତ ହୋଇଛନ୍ତି ସେମାନେ ନେଇଥିଲେ ନା ଉପରିସ୍ଥ କର୍ମଚାରୀ ନେଇଥିଲେ। ଅନୁଭବୀ ପୋଲିସ ଅଫିସରମାନେ କହୁଛନ୍ତି ଏଭଳି ନିଷ୍ପତ୍ତି ତଳ କର୍ମଚାରୀ ନେବା ଅସମ୍ଭବ। ତେଣୁ ଏହି ନିଷ୍ପତ୍ତି ନେଇଥିଲା କିଏ ?

**ଡିଆଇଜି:** ପ୍ରଥମେ ସିନ୍ଧେକେଲା ଥାନାରେ ମମିତା ଅପହରଣ ମାମଲା ରୁଜୁ ହୋଇଥିଲା। ଏହି ମାମଲା ରୁଜୁହେବା ପରେ ତଦନ୍ତ ଆରମ୍ଭ କରାଗଲା। ବଲାଙ୍ଗୀର ପୋଲିସ ଏହି ଅଭିଯୋଗର ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ପଚରାଉଚରା ପାଇଁ ଥାନାକୁ ଆଣି ଅଟକ ରଖିଥିଲା। ସେତେବେଳେ ତାକୁ ଗିରଫ କରାଯାଇ ନ ଥିଲା। ସିନ୍ଧେକେଲା ଥାନା ଟିଟିଲାଗଡ ଏସ୍‌ଡିପିଓଙ୍କ ଅଧୀନରେ ଆସୁଥିବାରୁ ଅଧିକ ପଚରାଉଚରା ପାଇଁ ଅଭିଯୁକ୍ତଙ୍କୁ ଟିଟିଲାଗଡ ଥାନାକୁ ନିଆଯାଇଥିଲା। ଏସ୍‌ପିଙ୍କ ଲିଖିତ ନିର୍ଦ୍ଦେଶ ବଳରେ ଅଭିଯୁକ୍ତ ଗୋବିନ୍ଦକୁ ସିନ୍ଧେକେଲା ଥାନାରୁ ଟିଟିଲାଗଡ ଥାନାକୁ ନିଆଯାଇଥିଲା। ଏସ୍‌ଡିପିଓଙ୍କ ନିରୀକ୍ଷଣରେ ପଚରାଉଚରା ହୋଇଥିଲା। ସେଠାରେ ଅଭିଯୁକ୍ତଙ୍କ ସୁରକ୍ଷା ପାଇଁ ତିନିଜଣ କନଷ୍ଟେବଲଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଟିଟିଲାଗଡ ଥାନାରୁ ବାରାକକୁ ଖାଇବା ପାଇଁ ଅଭିଯୁକ୍ତଙ୍କୁ ନିଆଯାଇଥିଲା। ସେଠାରୁ ସେ ହାତଧୋଇ ଆସୁଛି କହି ଫେରାର ହୋଇଯାଇଥିଲା। ସୁରକ୍ଷାଜନିତ କର୍ତ୍ତବ୍ୟ ଅବହେଳା କରିଥିବାରୁ ତିନିଜଣ କନଷ୍ଟେବଲଙ୍କୁ ନିଲମ୍ବିତ କରାଯାଇଥିଲା।

**ପ୍ରଶ୍ନ-୨:** ଗୋବିନ୍ଦଙ୍କୁ ଅତିଥି ଓ ଭିଆଇପି ଭଳି ସମ୍ମାନ ଦେବାକୁ କିଏ କହିଥିଲା ?

**ଡିଆଇଜି:** ଅଭିଯୁକ୍ତ ଗୋବିନ୍ଦଙ୍କୁ ଅଧିକ ପଚରାଉଚରା ପାଇଁ ଟିଟିଲାଗଡ ଥାନାକୁ ନିଆଯାଇଥିଲା।

**ପ୍ରଶ୍ନ-୩:** ଗିରଫ ପରେ ଅପରାଧୀଙ୍କ 'ଆରେଷ୍ଟ ମେମୋ' ତିଆରି ହୁଏ ଓ ଗିରଫ ବ୍ୟକ୍ତିର ନିକଟ ସମ୍ପର୍କୀୟଙ୍କୁ ଜଣାଯାଏ। ଆରେଷ୍ଟ ମେମୋରେ ଗିରଫର ସ୍ଥାନ, ସମୟ ଓ କାରଣ ଲେଖାଯାଏ। ଏବେ ଯେହେତୁ ସବୁ କାଗଜ କାମ କମ୍ପ୍ୟୁଟରରେ ହେଉଛି, ପ୍ରଶ୍ନ ହେଲା ଗୋବିନ୍ଦକୁ କେବେ ଓ କିଏ ଗିରଫ କରିଥିଲା ? ଗିରଫ ପରେ କିଏ ଘରେ ନେଇ ରଖିଥିଲା ? କାହିଁକି ?

**ଡିଆଇଜି:** ପ୍ରଥମରୁ କହିଛି ଯେ, ସିନ୍ଧେକେଲା ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ଗୋବିନ୍ଦକୁ ପଚରାଉଚରା ପାଇଁ ଥାନାକୁ ଅଣାଯାଇଥିଲା। ସେତେବେଳ ପର୍ଯ୍ୟନ୍ତ ତା' ବିରୋଧରେ ପ୍ରାଇମାଫେସି ନଥିଲା। ଟିଟିଲାଗଡ ବାରାକ୍‌ରୁ ଫେରାର ମାରିବା ପରେ ପୂର୍ବ ମାମଲା ସହ ତା ବିରୋଧରେ ଆଉ ଏକ ମାମଲା ରୁଜୁ କରାଗଲା ଏବଂ ପରେ ବଙ୍ଗୋମୁଣ୍ଡା ନିକଟରୁ ତାକୁ ଗିରଫ କରାଗଲା।

**ପ୍ରଶ୍ନ-୪:** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଭାରତର ସବୁ ଥାନା ହାଜତରେ ସିସି କ୍ୟାମେରା ଲାଗିଛି। କ୍ୟାମେରାରେ ଗୋବିନ୍ଦର ଫଟୋ ନ ଆସୁ ସେଥିପାଇଁ ତାକୁ କନଷ୍ଟେବଲମାନଙ୍କ ସାଥିରେ ରହିବାକୁ ଦିଆଯାଇଥିଲା। ଏଥିରୁ ସ୍ପଷ୍ଟ ଯେ ମୂଳରୁ ଗୋବିନ୍ଦଙ୍କୁ ଭିଆଇପି ଭଳି ଅତିଥି ସତ୍କାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦ୍ୱିତୀୟ, ଯଦି ତାକୁ ବାରାକ୍‌ରେ ଅଟକ ରଖାଯାଇଥିଲା ତାହା ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୩୪୨ ଅନୁସାରେ ଏକ ଧର୍ତ୍ତବ୍ୟ ଅପରାଧ ନୁହେଁ କି ? ଏସବୁ ଏସ୍‌ଡିପିଓ ଏବଂ ଏସ୍‌ପିଙ୍କ ଅଜାଣତରେ ହେବା ସମ୍ଭବପର ନୁହେଁ। ପ୍ରତ୍ୟେକ ଦିନ କେଉଁ ଥାନାରେ କିଏ ଗିରଫ ହେଲେ ତାହାର ବିବରଣୀ ଏସ୍‌ପିଙ୍କୁ ଦିଆଯାଏ। ଏହାଛଡା କମ୍ପ୍ୟୁଟରରେ ଆରେଷ୍ଟ ମେମୋ ତିଆରି ହେବା ଯୋଗୁଁ ଯେକେହି ଚାହିଁଲେ ସେମାନଙ୍କ ନାମ, ଠିକଣା ଓ ଗିରଫର କାରଣ ଓଡିଶା ପୋଲିସର ନାଗରିକ ସେବା ୱେବ୍‌ସାଇଟ୍‌ରୁ ମଧ୍ୟ ପାଇପାରିବ।

**ଡିଆଇଜି:** ସବୁ ଥାନାରେ ସିସିଟିଭି କ୍ୟାମେରା ଲଗାଯିବା କାମ ଚାଲିଛି। ଏହି କାମ ଗୋଟିଏ ସଂସ୍ଥାକୁ ଦିଆଯାଇଛି। ସେ କାମ କରୁଛନ୍ତି। ପର୍ଯ୍ୟାୟକ୍ରମେ ସବୁ ଥାନାରେ ସିସିଟିଭି ଲାଗିବ। ଏହା ସହିତ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୪୨ କଥା ଯେଉଁ ପଚାରୁଛନ୍ତି, ଅଭିଯୋଗ ହେଲା ପରେ ଆମ ପୋଲିସ ଯାଇ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପାଇଁ ଆଣି ଅଟକ ରଖିଥିଲେ। ତାଙ୍କ ବିରୋଧରେ ପ୍ରାଇମାଫେସି ନ ଥିବାରୁ ଆମେ ତାଙ୍କୁ ଆରେଷ୍ଟ କରି ନ ଥିଲୁ। ପରେ ସେ ବାରାକ୍‌ରୁ ଫେରାର ହେଲେ ଓ ପରେ ଗିରଫ ହୋଇଛନ୍ତି।

**ପ୍ରଶ୍ନ-୫:** ଗୋଟିଏ ମିଛକୁ ଲୁଚେଇବାକୁ ଯାଇ ଏତେ ମିଛ କୁହାଗଲାଣି ଯେ ଏବେ ଆଉ ପ୍ରମାଣ ମିଳିବାକୁ ଅସୁବିଧା ହେବନି। ଏ ସଂକ୍ରାନ୍ତରେ ସତ୍ୟ ସ୍ୱୀକାର କରାଗଲେ ସରକାରଙ୍କ ଉପରେ ଉଠିଥିବା ସନ୍ଦେହ ବରଂ କମିପାରେ କି ?

**ଡିଆଇଜି:** ଏହି ମାମଲାର ତଦନ୍ତ ସିଆରପିସି ଆଧାରରେ କରୁଛୁ। ସାଇଣ୍ଟିଫିକାଲି, ଟେକ୍‌ନିକାଲି ଏହାର ତଦନ୍ତ କରାଯାଉଛି। ତଦନ୍ତରୁ ଦୁଇଜଣ ଅଭିଯୁକ୍ତଙ୍କୁ ଧରାଯାଇ ସାରିଛି। ଅନ୍ୟମାନଙ୍କ ଉପରେ ଯାହା ସନ୍ଦେହ ଥିଲା ତାଙ୍କୁ ପଚରାଉଚରା କରାଯାଇ ଛାଡି ଦିଆଯାଇଛି। ଏହି ମାମଲାରେ ଅନ୍ୟ କୌଣସି ଲୋକଙ୍କ ବିରୋଧରେ ଅଭିଯୋଗ ନାହିଁ। ଅପରାଧ ପୂରାପୂରି ବ୍ୟକ୍ତିଗତ କାରଣରୁ ଘଟିଛି। ଶୁଣାକଥାର ଅଭିଯୋଗ ସ୍ୱୀକୃତିପ୍ରାପ୍ତ ନୁହେଁ।

**ପ୍ରଶ୍ନ-୬:** ଦକ୍ଷିଣାଞ୍ଚଳ ଡିଆଇଜି ଅଧୀନ କଳାହାଣ୍ଡି ଜିଲାରେ ଅଭିଯୁକ୍ତ ଅପରାଧ ଘଟାଇ ଥିବାବେଳେ ଉତ୍ତରାଞ୍ଚଳ ଡିଆଇଜିଙ୍କ ସୀମା ଅନ୍ତର୍ଗତ ବଲାଙ୍ଗୀର ପୋଲିସ କାହିଁକି ତଦନ୍ତ କରୁଛି। ପରବର୍ତ୍ତୀ ସମୟରେ ଏହି କାରଣକୁ ନେଇକରି ଏହି ମାମଲା କୋର୍ଟରେ ଗୁରୁତ୍ୱ ହରାଇବନି ତ ?

**ଡିଆଇଜି:** ଅଭିଯୁକ୍ତ ଯେଉଁ ସ୍ଥାନରୁ ଅପରାଧ କରି ଯେଉଁ ଯେଉଁ ସ୍ଥାନକୁ ଯାଇଥିବ ସେ ସମସ୍ତ ସ୍ଥାନରେ ମାମଲା ରୁଜୁ ହୋଇପାରିବ। ପୀଡିତ ପରିବାର ଅଭିଯୋଗ କରିବାକୁ କଳାହାଣ୍ଡି ଜିଲା କେଗାଁ ଥାନାକୁ ଯାଇଥିଲେ। ସେଠାରେ ଅଭିଯୋଗ ରଖିଲେ ନାହିଁ। ତେଣୁ ସେଠାକାର ଥାନାଧିକାରୀ ନିଲମ୍ବିତ ହୋଇଛନ୍ତି। ପୀଡିତ ପରିବାର ଯେତେବେଳେ ବଲାଙ୍ଗୀର ଜିଲାର ସିନ୍ଧେକେଲା ଥାନାକୁ ଆସିଲେ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କୁ ଏ ସମ୍ପର୍କରେ ଖବର ମିଳିବା ପରେ ତତ୍‌କ୍ଷଣାତ୍ ଅଭିଯୋଗ ରଖି ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଗୋବିନ୍ଦଙ୍କୁ ପଚରାଉଚରା ପାଇଁ ଥାନାକୁ ଆଣିଥିଲେ।

**ଡିଆଇଜିଙ୍କ ଉପରୋକ୍ତ ଉତ୍ତରଗୁଡିକରୁ ଜଣାପଡୁଛି ଯେ, ପୋଲିସ ତାହାର କାର୍ଯ୍ୟରେ ଆରମ୍ଭରୁ ଅସ୍ପଷ୍ଟ ରହିଛି। ଏହାଦ୍ୱାରା ମାମଲାଟି ଦୁର୍ବଳ ହୋଇଯିବ ବୋଲି ଆଇନ ବିଶେଷଜ୍ଞମାନେ ମତ ଦେଉଛନ୍ତି।**

## ସଂକ୍ଷେପରେ

### କେସିଆର୍ ପୁଣି ଟିଆର୍‌ଏସ୍ ଅଧ୍ୟକ୍ଷ ନିର୍ବାଚିତ



**ହାଇଦ୍ରାବାଦ, ୨୫।୧୦:** ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ସୋମବାର ନିର୍ଦ୍ୱନ୍ଦ୍ୱରେ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍)ର ଅଧ୍ୟକ୍ଷ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ସେ କ୍ରମାଗତ ନବମ ଥର ପାଇଁ ଏହି ପଦକୁ ନିର୍ବାଚିତ ହୋଇଥିବା ଟିଆର୍‌ଏସ୍ ସାଧାରଣ ସମ୍ପାଦକ ଏମ୍. ଶ୍ରୀନିବାସ ରେଡ୍ଡୀ ଘୋଷଣା କରିଛନ୍ତି। ନିର୍ବାଚନ ପାଇଁ ଅନୁଷ୍ଠିତ ବୈଠକରେ ସାରା ରାଜ୍ୟରୁ ଦଳର ୬,୦୦୦ ପ୍ରତିନିଧି ଯୋଗ ଦେଇଥିଲେ। କେସିଆର୍‌ଙ୍କ ବିରୋଧରେ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ଘୋଷଣା କରାଯାଇଥିଲା।

### ଆନ୍ଧ୍ରରେ ରାଷ୍ଟ୍ରପତି ଶାସନ ଦାବି

#### କୋବିନ୍ଦଙ୍କୁ ଭେଟିଲେ ଟିଡିପି ମୁଖ୍ୟ



**ନୂଆଦିଲ୍ଲୀ, ୨୫।୧୦(ପି.ଟି.):** ଆନ୍ଧ୍ରପ୍ରଦେଶରେ ରାଜ୍ୟ ପ୍ରାୟୋଜିତ ଆତଙ୍କ ଚରମ ସୀମାରେ ପହଞ୍ଚିଥିବାରୁ ଗଣତନ୍ତ୍ର ଓ ବିଭିନ୍ନ ସଂସ୍ଥା ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯିବାକୁ ତେଲୁଗୁ ଦେଶମ ପାର୍ଟି (ଟିଡିପି) ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ ଦାବି କରିଛନ୍ତି। ସୋମବାର ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ନିଜର ଦାବି ସମ୍ପର୍କରେ ଅବଗତ କରାଇଛନ୍ତି। ଆନ୍ଧ୍ରପ୍ରଦେଶ ଏବେ ଚୋରା ନିଶା କାରବାରର ପେଣ୍ଠସ୍ଥଳ ପାଲଟିଛି। କରୋନା ମହାମାରୀ ବେଳେ ଟିଡିପି ନେତାଙ୍କୁ ଟାର୍ଗେଟ କରି ଅନେକ ଥର ଆକ୍ରମଣ କରାଗଲାଣି। ଏହା ପଛରେ ଥିବା ଅପରାଧ ନେଟ୍‌ୱର୍କର ସିବିଆଇ ତଦନ୍ତ ଲାଗି ଚନ୍ଦ୍ରାବାବୁ ଦାବି କରିଛନ୍ତି। ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ସହ ଭିତିରି ସମ୍ପର୍କ ରଖି ନିଜର ସାମ୍ବିଧାନିକ ଦାୟିତ୍ୱ ଓ କର୍ତ୍ତବ୍ୟ ଭୁଲିଯାଇଥିବା ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ହଟାଯାଉ ବୋଲି ଚନ୍ଦ୍ରବାବୁ କହିଛନ୍ତି। କ୍ରମାଗତ ଭାବେ ସମ୍ବିଧାନର ଉଲ୍ଲଂଘନ କରିଚାଲିଥିବା ୱାଇଏସ୍‌ଆର୍‌ସିପି ସରକାର ବିରୋଧରେ କେନ୍ଦ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ରାଷ୍ଟ୍ରର ବିଘଟନ ମଞ୍ଜି ବୁଣାଯିବା ସମ୍ଭାବନା ସୃଷ୍ଟି ହେବ ବୋଲି ଟିଡିପି ଅଧ୍ୟକ୍ଷ କହିଛନ୍ତି।

### ଦିଲ୍ଲୀ କଂଗ୍ରେସର 'ପୋଲ୍ ଖୋଲ ଯାତ୍ରା'

**ନୂଆଦିଲ୍ଲୀ, ୨୫।୧୦(ପି.ଟି.):** ଆସନ୍ତାବର୍ଷ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନ ଥିବାବେଳେ ଏହା ପୂର୍ବରୁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ମିଛ ପ୍ରତିଶ୍ରୁତି ଏବଂ ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାରର ଅପାରଗତାକୁ ପଦାରେ ପକାଇବା ପାଇଁ ସୋମବାର କଂଗ୍ରେସ ଦଳ ପକ୍ଷରୁ ସେଠାରେ 'ପୋଲ୍ ଖୋଲ ଯାତ୍ରା' ଆରମ୍ଭ ହୋଇଛି। ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି ସଭାପତି ଅନିଲ ଚୌଧରୀଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ଉକ୍ତ ଯାତ୍ରାରେ ସାମିଲ ହୋଇଥିଲେ। ଆଗାମୀ ୭୦ ଦିନ ମଧ୍ୟରେ ଦଳ ପକ୍ଷରୁ ସମସ୍ତ ୭୦ ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୨୭୨ ୱାର୍ଡରେ 'ପୋଲ୍ ଖୋଲ ଯାତ୍ରା' କରାଯିବ। ଦିଲ୍ଲୀକୁ ବିଶ୍ୱର ସବୁଠୁ ସୁନ୍ଦର ସହର କରିବାକୁ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହାକୁ ସବୁଠୁ ପ୍ରଦୂଷିତ ସହରରେ ପରିଣତ କରିଛନ୍ତି। ଦିଲ୍ଲୀ ଦେଶର ସର୍ବାଧିକ ବେରୋଜଗାରୀଙ୍କ ସହର ପାଲଟିଥିବା ଚୌଧରୀ ଅଭିଯୋଗ କରିଛନ୍ତି। କୋଭିଡ୍ ସଙ୍କଟ ବେଳେ ଲୋକେ ହସ୍ପିଟାଲରେ ବେଡ୍ ଓ ଅକ୍ସିଜେନ୍ ବିନା ମରୁଥିବାବେଳେ କେଜ୍‌ରିୱାଲ ମହାମାରୀର ଉପଯୁକ୍ତ ପରିଚାଳନା କରିଥିବା ଦାବି କରୁଛନ୍ତି। ମୌସୁମୀ ବର୍ଷାରେ ରାଜଧାନୀ ସହର ଜଳାର୍ଣ୍ଣବ ହୋଇଯାଉଛି। ଏଠାରେ ମହିଳାଙ୍କ ପ୍ରତି ଅପରାଧ ମାତ୍ରା ବଢ଼ିଚାଲିଛି। ଦିଲ୍ଲୀରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇଛି। ପୋଲ୍ ଖୋଲ ଯାତ୍ରାରେ ସରକାରଙ୍କ ଅପାରଗତାକୁ ପଦାରେ ପକାଯିବ ବୋଲି ପ୍ରଦେଶ କଂଗ୍ରେସ ସଭାପତି କହିଛନ୍ତି।

# ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ ନେଇ ଉତ୍ତେଜନା

**ବାରିପଦା ଅଫିସ,୨୫।୧୦**

ମୟୂରଭଞ୍ଜ ଜିଲା ବାରିପଦା ସହର ମଧ୍ୟଭାଗରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଜେଏମ୍‌ଏମ୍ (ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା) କର୍ମୀମାନେ ଅସମ୍ମାନ ପ୍ରଦର୍ଶନ କରିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ବିଜେଡି ନେତା ଓ କର୍ମୀମାନେ ଧାରଣା ଦେଇଥିବା ବେଳେ ପୋଲିସ ୬ ଜେଏମ୍‌ଏମ୍ କର୍ମୀଙ୍କୁ ଗିରଫ କରିଛି। ସେମାନେ ହେଲେ ବାରିପଦା ସଦର ଥାନା ଜମ୍ବିରାଡିହା ଅଞ୍ଚଳର ସୁନାରାମ ସୋରେନ, ମାଧୁପୁରର ପୃଥ୍ୱୀରାଜ ହାଁସଦା, ରାଇକଦଝରଣର ବାଜୁନ ସୋରେନ, ଦାମୋଦରପୁରର ବିଜୁ ମୁର୍ମୁ, ଚାନ୍ଦୁଆ ଥାନା ମାରାଂଡାଣ୍ଡି ଅଞ୍ଚଳର ଅର୍ଜୁନ ମୁର୍ମୁ ଓ ବାରିପଦାର ଶିବାଜୀ ମୌଳିକ।

ସୂଚନା ଅନୁଯାୟୀ, ସୋମବାର ଜିଲାରେ ଭାଜପା ପକ୍ଷରୁ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ଚାଲିଥିବା ସମୟରେ ଜେଏମ୍‌ଏମ୍ କର୍ମୀମାନେ ବିଜୁ ପଟ୍ଟନାୟକ ଗୋଲାଇରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। କେତେଜଣ କର୍ମୀ ଉତ୍ତ୍ୟକ୍ତ ହୋଇ ସେଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଜୁ ଜନତା ଦଳକୁ ଆକ୍ଷେପ କରି ଲେଖାଥିବା ଏକ ପ୍ଲାକାର୍ଡ ଓ ଜେଏମ୍‌ଏମ୍ ପତାକା ଝୁଲାଇ ଦେଇଥିଲେ। ତେବେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନିତ କରାଯିବା ଘଟଣାକୁ ବିଜେଡି କର୍ମୀମାନେ ବିରୋଧ କରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟ ବିଜେଡି କର୍ମକର୍ତ୍ତା ପହଞ୍ଚି ଏହାକୁ ବିରୋଧ କରିଥିଲେ। ପରେ ଜିଲା ବିଜେଡି ସଭାପତି ତଥା ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି,





ଧାରଣାରେ ବସିଥିବା ବିଜେଡି ନେତା ଓ କର୍ମୀ। ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଜେଏମ୍‌ଏମ୍ କର୍ମକର୍ତ୍ତାମାନେ ପ୍ଲାକାର୍ଡ ଝୁଲାଉଛନ୍ତି।

- ୬ ଜେଏମ୍‌ଏମ୍ କର୍ମୀ ଗିରଫ
- ପ୍ରତିବାଦରେ ବିଜେଡିର ଧାରଣା

ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ଟାଉନ ସଭାପତି କୃଷ୍ଣାନନ୍ଦ ମହାନ୍ତି, ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଛାତ୍ର ବିଜେଡି ସଭାପତି ସୁନୀଲ ନାଏକଙ୍କ ସମେତ ବହୁ ନେତା ଓ କର୍ମୀ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଧାରଣାରେ ବସିଥିଲେ। ଖବରପାଇ ଏସ୍‌ପି କେ.ଆର୍ ଦ୍ୟାନଦେଓ ଘଟଣାସ୍ଥଳରେ ପହଞ୍ଚି ଅସମ୍ମାନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଜେଏମ୍‌ଏମ୍ କର୍ମୀମାନେ ପୂର୍ବରୁ କୌଣସି ସୂଚନା ନ ଦେଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏଭଳି ଅଭାବନୀୟ କାଣ୍ଡ ଭିଆଇଛନ୍ତି ବୋଲି ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତି କହିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୯୧୦/୨୧) ରୁଜୁ ହୋଇଛି ଓ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।

# ଆଜି ଛାତ୍ର କଂଗ୍ରେସର ନବୀନ ନିବାସ ଘେରାଉ

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

- ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ଗିରଫ ଦାବି
- ଡିଜିପି ଅଫିସ ଘେରାଉ କରିବ ଯୁବ କଂଗ୍ରେସ

କଳାହାଣ୍ଡି ଜିଲା ମହାଲିଙ୍ଗ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଛି। ତେଣୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ସହ ତୁରନ୍ତ ଗିରଫ ଏବଂ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଓଡ଼ିଶା ପ୍ରଦେଶ ଯୁବ ଏବଂ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଅକ୍ଟୋବର ୨୨ ଓ ୨୪ ରେ ଯଥାକ୍ରମେ ଓଡ଼ିଶା ପ୍ରଦେଶ ଯୁବ ଏବଂ ଛାତ୍ର କଂଗ୍ରେସ ଗଣମାଧ୍ୟମ ସମ୍ମୁଖରେ ମମିତାଙ୍କ ହତ୍ୟାକୁ ନେଇ ଦାବି ଉପସ୍ଥାପନ କରିଥିଲେ। ଯୁବ କଂଗ୍ରେସ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ତୁରନ୍ତ ପଦରୁ ବରଖାସ୍ତ ସହ ଗିରଫ ଦାବି ରଖିଥିବାବେଳେ ଛାତ୍ର କଂଗ୍ରେସ ଏହି ଦାବି ଦୋହରାଇବା ସହ ମମିତାଙ୍କ ପରିବାରକୁ କୋଟିଏ ଟଙ୍କା କ୍ଷତିପୂରଣ ଦାବି ଯୋଡିଥିଲା। ହେଲେ ଦାବି ଏପର୍ଯ୍ୟନ୍ତ ପୂରଣ ହୋଇ ନ ଥିବାରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଏବଂ ଯୁବ କଂଗ୍ରେସ ପକ୍ଷରୁ କଟକସ୍ଥିତ ପୋଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ ଡାକରା ଦେଇଛନ୍ତି।

ଘଟଣାରେ ମନ୍ତ୍ରୀଙ୍କ ଆପତ୍ତିଜନକ ଭିଡିଓ ମମିତାଙ୍କ ହତ୍ୟା କରିବା ପଛର କାରଣ ହୋଇଥିବା କଂଗ୍ରେସପକ୍ଷରୁ କୁହାଯାଇଛି। ମମିତାଙ୍କ ନିକଟରେ ମନ୍ତ୍ରୀଙ୍କ ଆପତ୍ତିଜନକ ଅବସ୍ଥାରେ ଥିବା ସମୟର ଭିଡିଓ ରହିଥିଲା। ସେଥିପାଇଁ ମନ୍ତ୍ରୀ ମିଶ୍ରଙ୍କ ନିର୍ଦ୍ଦେଶରେ ମମିତାଙ୍କୁ ହତ୍ୟା କରିଥିବା କଂଗ୍ରେସ ଅଭିଯୋଗ କରିଛି। ସେହିପରି ମହାଲିଙ୍ଗ କଲେଜ୍ କାର୍ଯ୍ୟକ୍ଷମ ହେବା ପୂର୍ବରୁ କଳାହାଣ୍ଡି ଜିଲାରେ ଅନେକ ବେସରକାରୀ ଅନୁଷ୍ଠାନ ଥିବା ସତ୍ତ୍ୱେ କେବଳ ଏହି କଲେଜକୁ ସରକାରୀ ଅନୁଦାନ ଏବଂ ବହୁ ସରକାରୀ ଯୋଜନାର ଅର୍ଥ ବେଆଇନଭାବେ ଏହି ଅନୁଷ୍ଠାନର ଆନୁସଙ୍ଗିକ କାର୍ଯ୍ୟରେ ଖର୍ଚ୍ଚ ହେବା ସନ୍ଦେହ ସୃଷ୍ଟି କରୁଛି। ଏପରି କି ଏହାକୁ ନେଇ ୨୦୧୪ ସିଏଜି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିବା ଆଦିକୁ ଲକ୍ଷ୍ୟ କଲେ ଉଭୟ ପୋଲିସ ଓ ମୁଖ୍ୟମନ୍ତ୍ରୀ ସବୁ ଜାଣିଶୁଣି ଚୁପ ରହିଥିବା କଂଗ୍ରେସ ଅଭିଯୋଗ କରିଛି।

# ମନ୍ତ୍ରୀଙ୍କ ଗିରଫ ଦାବିରେ ମହିଳା ମୋର୍ଚ୍ଚାର ମୌନ ଧାରଣା



ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ଠାରେ ସୋମବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ମୌନ ଧାରଣା।

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବାରେ ଲାଗିଛି । କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ଜାଣି ମଧ୍ୟ ନୀରବ ଅଛନ୍ତି। ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ମନ୍ତ୍ରୀ ମିଶ୍ରଙ୍କ ଘନିଷ୍ଠ ସମ୍ପର୍କ ଏବଂ ପ୍ରାୟଦିନ ମହାଲିଙ୍ଗସ୍ଥିତ ସନ୍‌ସାଇନ ସ୍କୁଲକୁ ଆସି ରାତ୍ରଯାପନ କରିଥିବା ଅଭିଯୋଗ ଆସିଛି। ବେସରକାରୀ ଶିକ୍ଷାନୁଷ୍ଠାନ ହୋଇଥିବା ସତ୍ତ୍ୱେ ସନ୍‌ସାଇନ ସ୍କୁଲକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଅଜସ୍ର ପରିମାଣର ଆର୍ଥିକ ଅନୁଦାନ ପ୍ରଦାନ କରାଯିବା ଏବଂ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦା ମନ୍ତ୍ରୀଙ୍କ ବିରୋଧରେ ଆସୁଥିବା ଅଭିଯୋଗକୁ ଦେଖିଲେ ଏଥିରେ ତାଙ୍କ ସମ୍ପୃକ୍ତି ସ୍ପଷ୍ଟ ପ୍ରମାଣିତ ହେଉଥିବା ଭାଜପା ଅଭିଯୋଗ କରିଛି । କ୍ଷମତାର ଅପବ୍ୟବହାର କରି ମନ୍ତ୍ରୀ ମିଶ୍ର ଅଭିଯୁକ୍ତ ଗୋବିନ୍ଦ ସାହୁକୁ ସୁରକ୍ଷା ଯୋଗାଇଦେବା ସହ ହତ୍ୟାକାଣ୍ଡ ସମ୍ପର୍କରେ ସମସ୍ତ ତଥ୍ୟ ଓ ପ୍ରମାଣକୁ ନଷ୍ଟ କରିବା ଷଡ଼ଯନ୍ତ୍ର କରିଛନ୍ତି। ଏହି ପ୍ରସଙ୍ଗରେ ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ମଙ୍ଗଳବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକଠାରେ ମୌନ ଧାରଣାରେ ବସିଛନ୍ତି। ତେଣୁ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାରକରି ଗିରଫ ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଦାବି କରିଛନ୍ତି ।

# ଅଞ୍ଜଳିଙ୍କ ସହ ରାଜନୈତିକ ସମ୍ପର୍କ ତୁଟାଇଲେ ଅଶୋକ

**ଢେଙ୍କାନାଳ ଅଫିସ,୨୫।୧୦**

- ଭାଜପା ଛାଡି ବିଜେଡିରେ ଯୋଗଦେଲେ
- ହିନ୍ଦୋଳ ରାଜନୀତି ସରଗରମ

ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ପାଣିପାଗ ସରଗରମ ହୋଇଛି। ୨୦୧୯ ସାଧାରଣ ନିର୍ବାଚନରେ ଏଠାରୁ ଭାଜପାର ବିଧାୟକ ପ୍ରାର୍ଥୀ ହୋଇଥିବା ତଥା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ଅଶୋକ ନାୟକ ସୋମବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇ ଦେବା ସହ ସନ୍ଧ୍ୟାରେ ଭୁବନେଶ୍ୱର ଯାଇ ବିଜେଡିରେ ଯୋଗ ଦେଇଥିବା ଫୋନ୍ ମାଧ୍ୟମରେ ସୂଚନା ଦେଇଛନ୍ତି। ଗତ ୧୮ ତାରିଖରେ ଭଉଣୀ ତଥା ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ଭାଜପାରେ ମିଶିଥିବା ବେଳେ ତାଙ୍କ ସହ ରାଜନୈତିକ ସମ୍ପର୍କ ତୁଟାଇ ଭାଇ ଅଶୋକ ଭାଜପା ଛାଡ଼ି ବିଜେଡିରେ ଯୋଗଦେବା ହିନ୍ଦୋଳରେ ଚର୍ଚ୍ଚାର ବିଷୟ ହୋଇଛି। ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ, ଢେଙ୍କାନାଳ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଅଶୋକ ବିଜେଡିରେ ଯୋଗଦେଇଛନ୍ତି। ତେବେ ଅଶୋକଙ୍କ ଯୋଗଦାନକୁ ବିଧାୟିକାଙ୍କ ଅନେକ ସମର୍ଥକ ସହଜରେ ଗ୍ରହଣ କରିପାରି ନ ଥିବାରୁ ବିଜେଡି ନେତୃବୃନ୍ଦ ସେମାନଙ୍କୁ ବୁଝାଶୁଝା କରିଥିବା ଜଣାପଡ଼ିଛି। ଏ ନେଇ ଅଶୋକ କହିଛନ୍ତି, ଅଞ୍ଜଳିଙ୍କ ସହ ତାଙ୍କର ପାରିବାରିକ ସମ୍ପର୍କ ଅକ୍ଷୁଣ୍ଣ ରହିବ। କିନ୍ତୁ ରାଜନୈତିକ ସମ୍ପର୍କ ରହିବ ନାହିଁ। ତେବେ ଅଞ୍ଜଳି ଭାଜପାରେ ଯୋଗଦେବାରୁ ଅସନ୍ତୋଷର ସହ ଦଳ ଛାଡିଥିବା ଚର୍ଚ୍ଚାକୁ ଅଶୋକ ଏଡ଼ାଇଦେଇ କହିଛନ୍ତି, ଲୋକଙ୍କ ପାଇଁ କାମ କରିବାର ଉପଯୁକ୍ତ ସୁଯୋଗ ଭାଜପାରେ ନ ଥିବାରୁ ମନରେ ଅସନ୍ତୋଷ ଥିଲା। ତେଣୁ ଜନସେବା ପାଇଁ ବିଜେଡି ଏକମାତ୍ର ବିକଳ୍ପ ବୋଲି ଅନୁଭବ କରିବା ପରେ ଏହି ଦଳରେ ଯୋଗ ଦେଇଥିବା ଅଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ବିଧାନସଭା ନିର୍ବାଚନରେ ହିନ୍ଦୋଳରୁ ଭାଜପାର ବିଧାୟକ ପ୍ରାର୍ଥୀ ହୋଇଥିବା ଅଶୋକ ନାୟକ ବିଜେଡି ପ୍ରାର୍ଥୀ ସୀମାରାଣୀ ନାୟକଙ୍କଠାରୁ ପରାଜିତ ହୋଇଥିଲେ। ଅପରପକ୍ଷରେ ଅଞ୍ଜଳି ବେହେରାଙ୍କ ମୋବାଇଲ ନଂ. ୯୪୩୭୦୫୪୦୧୮ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିବାରୁ ମତାମତ ମିଳିପାରି ନାହିଁ।



ଅଶୋକ ନାୟକ।

# ୨୬, ୨୭ରେ ସବୁ ଏସ୍‌ପି ଅଫିସ୍ ଘେରିବ ଭାଜପା ଯୁବମୋର୍ଚ୍ଚା

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ମମିତା ମେହେର ହତ୍ୟା ଘଟଣାକୁ ନେଇ ବିରୋଧୀ ଚୁପ୍ ବସିବାର ନାଁ ଧରୁନାହାନ୍ତି। ମମିତାଙ୍କୁ ହତ୍ୟା କରିଥିବା ଗୋବିନ୍ଦ ସାହୁଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପର୍କ ରହିଥିବା ଦର୍ଶାଇବା ସହ ଭାଜପା ପ୍ରତିଦିନ ରାସ୍ତାକୁ ଓହ୍ଲାଇବାରେ ଲାଗିଛି। ଏହି ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଭୂମିକା ରହିଥିବା ଅଭିଯୋଗ ଆଣି ତାଙ୍କୁ ବହିଷ୍କାର କରିବା ସହ ଗିରଫ କରାଯାଉ ଓ ଘଟଣାର ସିବିଆଇ ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଉ ବୋଲି ଭାଜପା ଯୁବମୋର୍ଚ୍ଚା ଦାବି କରିଛି। ନଚେତ୍ ୨୬ ଓ ୨୭ ତାରିଖରେ ଯୁବମୋର୍ଚ୍ଚା ତରଫରୁ ରାଜ୍ୟର ସବୁ ଏସ୍‌ପି ଅଫିସ ଘେରାଉ କରିବାକୁ ଚେତାବନୀ ମଧ୍ୟ ଦିଆଯାଇଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟ ସରକାରଙ୍କ ୨୧ ବର୍ଷ ଶାସନ କାଳରେ ନାରୀ ନିର୍ଯାତନାର ଆଉ ଏକ କଳାଫର୍ଦ୍ଦ ଯୋଡ଼ିହୋଇଛି। ମମିତା ହତ୍ୟା ଏବଂ ଏହାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରାଜ୍ୟବାସୀଙ୍କ ଜନମାନସକୁ ଆନ୍ଦୋଳିତ କରୁଛି। ଏହି ଘଟଣାରେ ମନ୍ତ୍ରୀ ମିଶ୍ରଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇ ଗିରଫ କରାଯିବା ଦାବିରେ ଆସନ୍ତା ୨୬ ଓ ୨୭ ତାରିଖରେ ଯୁବମୋର୍ଚ୍ଚା ତରଫରୁ ରାଜ୍ୟର ସବୁ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ଧାରଣା ପ୍ରଦର୍ଶନ କରାଯିବ।

## ମମିତା ହତ୍ୟା ପ୍ରସଙ୍ଗ

- ଦରବୃଦ୍ଧି ପ୍ରସଙ୍ଗ ଲୁଚାଇବାକୁ ପ୍ରୟାସ: ବିଜେଡି

ଭାଜପାର ଖବରଦାତା ସମ୍ମିଳନୀକୁ ନେଇ ପାଲଟା ବର୍ଷିଛି ବିଜେଡି। ବିଜେଡି ମୁଖପାତ୍ର ଚିନ୍ମୟ ସାହୁ କହିଛନ୍ତି, ଖବରଦାତା ସମ୍ମିଳନୀ କରି ଭାଜପା ପୁଣିଥରେ ପ୍ରମାଣ କରିଛି ସେମାନେ ରାଜନୀତିରେ ତିଷ୍ଠିବା ପାଇଁ ଟିଭିରେ ମୁହଁ ଦେଖାଇବାକୁ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଏମାନଙ୍କ ପ୍ରକୃତ ଉଦ୍ଦେଶ୍ୟ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ନୁହେଁ ବରଂ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜନୀତିକରଣ କରିବା ଓ ଟିଭିରେ ଦେଖାଦେବା। ଖବରଦାତା ସମ୍ମିଳନୀ ପାଇଁ ଭାଜପା କୌଣସି ନେତାଙ୍କୁ ପାଇଲାନି ଶେଷରେ ଇରାଶିଷ୍ ଆଚାର୍ଯ୍ୟ ନାମକ ଜଣେ ହତ୍ୟା ମାମଲାରେ ଜଡିତ ଅପରାଧୀ ଏଥିପାଇଁ ମିଳିଲେ। ଯିଏ ସଂଯୋଗବଶତଃ ଭାଜପାରେ ଅଛନ୍ତି । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୀତି କରିବା ପଛରେ ଭାଜପାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଖାଉଟି ସାମଗ୍ରୀ ଓ ଇନ୍ଧନ ମୂଲ୍ୟ ବୃଦ୍ଧି, ଚାଷୀଙ୍କ କ୍ରୋଧ, ଜାତୀୟ ବେକାରି ଭଳି ବାସ୍ତବ ଜନ ପ୍ରସଙ୍ଗରୁ ଲୋକଙ୍କ ଦୃଷ୍ଟି ଅନ୍ୟ ଆଡ଼େ ହଟାଇବା ବୋଲି ଚିନ୍ମୟ କହିଛନ୍ତି ।

# ଆଜି କଳାହାଣ୍ଡି, ବଲାଙ୍ଗୀର ଯିବେ ଭାଜପାର ୧୫ ଜଣିଆ ଟିମ୍

**ଭୁବନେଶ୍ୱର,୨୫।୧୦(ବ୍ୟୁରୋ)**

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡକୁ ଶାସକ ବିଜେଡି ତଦନ୍ତ ଆଳରେ ସମସ୍ତ ତଥ୍ୟ ପ୍ରମାଣକୁ ଲିପାପୋଛା କରି ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଖସାଇଦେବାର ପୂର୍ଣ୍ଣ ଉଦ୍ୟମ କରୁଛି । ଏହି ବୀଭତ୍ସ ହତ୍ୟାକାଣ୍ଡର ତଦନ୍ତ ପୋଲିସ ଠିକ୍ ଭାବେ କରୁନାହିଁ । ଗୋବିନ୍ଦ ସାହୁକୁ ବାରାକରୁ ଫେରାର ହେବା ଏବଂ ଏହି ସମୟରେ ବିଦ୍ୟୁତ୍ ସରୋବରାହ ବନ୍ଦ କରାଯିବା, ଗୋଡ଼ରେ ଆହତ କାରଣରୁ ଠିକ୍ ଭାବେ ଚାଲି ପାରୁ ନ ଥିବା ଅଭିଯୁକ୍ତ ଗୋବିନ୍ଦ ସାହୁ ୧୨ ଫୁଟ ଉଚ୍ଚତାର ପାଚେରି ଡେଇଁ ଖସି ପଳାଇବା ଆଦି ଅନେକ ଘଟଣା ବହୁ ସନ୍ଦେହ ସୃଷ୍ଟି କରିଛି ବୋଲି ଭାଜପା ଅଭିଯୋଗ କରିଛି। ଏଭଳି ବୀଭତ୍ସ ହତ୍ୟାକାଣ୍ଡର ସତ୍ୟାସତ୍ୟ ସମ୍ପର୍କରେ ଜାଣିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳବାର ୧୫ ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବଲାଙ୍ଗୀର ଓ କଳାହାଣ୍ଡି ଜିଲା ଗସ୍ତକରି ଘଟଣାସ୍ଥଳକୁ ଯିବେ। ମୃତ ମମିତାଙ୍କ ପରିବାରବର୍ଗଙ୍କୁ ସାକ୍ଷାତକରି ଆଲୋଚନା କରିବେ। ପ୍ରତିନିଧି ଦଳରେ ବହୁ ବରିଷ୍ଠ ନେତା ବିଧାୟକ ସାମିଲ ହେବେ ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ମହାଲିଙ୍ଗ କଲେଜରେ ପାଠ ପଢ଼ା ଆରମ୍ଭ

**ଭବାନୀପାଟଣା,୨୫।୧୦(ସ୍ୱ.ପ୍ର.)**

### ଅନୁଷ୍ଠାନ ବିରୋଧୀଙ୍କ ଉପରେ ବର୍ଷିଲେ ଅଭିଭାବକ

ବହୁ ବାଦ ବିବାଦ ପରେ ସୋମବାର କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ କଲେଜରେ ପାଠପଢ଼ା ଆରମ୍ଭ ହୋଇଛି । କଲେଜକୁ ବଦନାମ କରାଯାଉଥିବାରୁ କଲେଜ କର୍ତ୍ତୃପକ୍ଷ, ଅଭିଭାବକ ଓ ଛାତ୍ର ଅନୁଷ୍ଠାନ ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡ ରାଜ୍ୟରେ ହଇଚଇ ସୃଷ୍ଟି କରିଛି । କେଗାଁ ଥାନା ମହାଲିଙ୍ଗସ୍ଥିତ ଯେଉଁ ପବ୍ଲିକ ସ୍କୁଲର ମମିତା ଅଧ୍ୟକ୍ଷା ଥିଲେ ସେହି ସ୍କୁଲ ଅଲଗା ଓ କଲେଜ ଅଲଗା । ଉକ୍ତ ପବ୍ଲିକ ସ୍କୁଲର ମାଲିକ ଗୋବିନ୍ଦ ସାହୁ । ଯେ କି ମମିତା ହତ୍ୟା ମାମଲାରେ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ରହିଛନ୍ତି । କିନ୍ତୁ ଆଞ୍ଚଳିକ କଲେଜର ପରିଚାଳନା କମିଟି ଅଛି । ଗୋବିନ୍ଦ କେବଳ ଏହି କମିଟିର ଜଣେ ସଦସ୍ୟ । ହେଲେ ବିରୋଧୀ ରାଜନୈତିକ ଦଳ ଜାଣିଶୁଣି କଲେଜକୁ ବନ୍ଦ କରିବାକୁ ଚାହୁଁଥିବା ଅଭିଯୋଗ ହୋଇଛି । କଲେଜରେ ଯୁକ୍ତ ୨ ଓ ୩ ବିଜ୍ଞାନ ବିଭାଗରେ ପ୍ରାୟ ୨ ହଜାର ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସେମାନଙ୍କ ଭବିଷ୍ୟତକୁ ଦୃଷ୍ଟି ଦିଆ ନ ଯାଇ ଅନ୍ଧାରକୁ ଠେଲି ଦିଆଯାଉଛି । ଏପରି କି କେତେଜଣ ଲୋକଙ୍କ ନାଁ ନେଇ କଲେଜକୁ ବଦନାମ କରିବାକୁ ଚେଷ୍ଟା କରାଯାଉଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# କଲେଜକୁ ଅଯଥାରେ ବଦନାମ କରା ନ ଯାଉ

**ଗୋଲାମୁଣ୍ଡା,୨୫।୧୦(ଡି.ଏନ.ଏ)**

ଦୀର୍ଘ ଦିନ ପରେ ସୋମବାର ଗଣମାଧ୍ୟମ ପ୍ରତିନିଧିଙ୍କ ପାଖରେ ମୁହଁ ଖୋଲିଛନ୍ତି କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ ମହାଲିଙ୍ଗ ଆଞ୍ଚଳିକ ବିଜ୍ଞାନ କଲେଜ ପରିଚାଳନା କମିଟିର ସଦସ୍ୟମାନେ। କଲେଜ ପରିସରରେ ହୋଇଥିବା ଖବରଦାତା ସମ୍ମିଳନୀରେ ପରିଚାଳନା କମିଟିର ସଂପାଦକ କିରଣ କୁମାର ସିଂହ କହିଥିଲେ ଯେ, କଲେଜ ପରିଚାଳନାରେ କମିଟିର ମୁଖ୍ୟ ଭୂମିକା ରହିଛି । ତେବେ ଗତ କିଛି ଦିନ ହେଲା କଲେଜକୁ ଯେଉଁ ବଦନାମ କରାଯାଉଛି ତାହା କରା ନ ଯାଇ କଲେଜରେ ପାଠ ପଢୁଥିବା ଛାତ୍ରୀଛାତ୍ର କିପରି ଚାପମୁକ୍ତ ହୋଇ ଆଗାମୀ ଦିନରେ ଅଧ୍ୟୟନ କରିବେ ତାହା ଉପରେ ଦୃଷ୍ଟି ଦିଆଯାଉ। କଲେଜର ସମସ୍ତ ପରିଚାଳନା କ୍ଷେତ୍ରରେ ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କର କୌଣସି ଏକତରଫା ଭୂମିକା ନ ଥିଲା ବୋଲି କହିଥିଲେ । ସେହିପରି ଯେ କୌଣସି କାର୍ଯ୍ୟ କରିବା ପାଇଁ ହେଲେ ପରିଚାଳନା କମିଟିର ମତାମତ ଅନୁସାରେ ହୋଇଥାଏ । ବିଗତ ବର୍ଷଗୁଡିକ ଭଳି ପୁଣିଥରେ ଏହି କଲେଜରେ ଭଲ ଭାବେ ପାଠ ପଢା ସହିତ ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ଦାୟିତ୍ୱ ନିଜେ ପରିଚାଳନା କମିଟି ନେବ ବୋଲି କମିଟି ସଦସ୍ୟମାନେ କହିଥିଲେ। ଅପରପକ୍ଷରେ ରାତି ସମୟରେ କଲେଜକୁ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଆସିବା ନେଇ ଯେଉଁ ଅପପ୍ରଚାର ହେଉଛି ତାହାକୁ ସମ୍ପାଦକ ସିଂହ ଖଣ୍ଡନ କରିଥିଲେ । କଲେଜ ତରଫରୁ ନିମନ୍ତ୍ରଣ କଲେ ମନ୍ତ୍ରୀ କଲେଜ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ କଲେଜକୁ ଆସିଥାନ୍ତି ବୋଲି ସେ କହିଥିଲେ । କଲେଜରେ ଗୁପ୍ତକୋଠରି ଓ ଗେଷ୍ଟ ହାଉସ ଥିବା ନେଇ ଯେଉଁ ଅପପ୍ରଚାର ହେଉଛି ତାହାକୁ ମଧ୍ୟ ଖଣ୍ଡନ କରିଥିଲେ। ୨୦୧୦ ମସିହା ପରଠାରୁ ସମସ୍ତ ନିର୍ବାଚିତ ପ୍ରତିନିଧି ଉକ୍ତ କଲେଜକୁ ବିଭିନ୍ନ ସମୟରେ ଆସିଛନ୍ତି ବୋଲି କହିଥିଲେ । ଆଗାମୀ ଦିନରେ କଲେଜ କିପରି ସୁରୁଖୁରୁରେ ଚାଲିବ ଏଥିପାଇଁ ମଙ୍ଗଳବାର ପରିଚାଳନା କମିଟି କଳାହାଣ୍ଡି ଜିଲାପାଳଙ୍କୁ ଭେଟିବ ବୋଲି ମଧ୍ୟ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ମହାଲିଙ୍ଗ ଆଞ୍ଚଳିକ ବିଜ୍ଞାନ କଲେଜର ପୂର୍ବତନ ଉପସଭାପତି ନିଧି ମୋହନ ସିଂହ,ସଂପାଦକ କିରଣ କୁମାର ସିଂହ,ସଭ୍ୟ ପବନ ଅଗ୍ରୱାଲ,ଲବଜି ପୁଟେଲ ଓ କୃତ୍ତିବାସ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ କଲେଜ ପରିଚାଳନା କମିଟି ସମ୍ପାଦକ ଓ ଅନ୍ୟମାନେ।

# ଏସ୍‌ସିବିକୁ ବିଶ୍ୱସ୍ତରୀୟ କରିବାକୁ ପଦକ୍ଷେପ

■ ଏସ୍‌ସିବିରେ ଲିଭର ଟ୍ରାନ୍ସପ୍ଲାଣ୍ଟ, ଶିଶୁ ଆଲର୍ଜି ଓପିଡି

■ ରୋଗୀଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବନି

**କଟକ ଅଫିସ, ୨୫।୧୦**

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ବିକାଶରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଜନସାଧାରଣଙ୍କୁ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବା ନିମନ୍ତେ ସୋମବାର ଏଠାରେ ୨ଟି ନୂତନ ବିଭାଗ ଉଦ୍‌ଘାଟିତ ହୋଇଛି। ଲିଭର ଟ୍ରାନ୍ସପ୍ଲାଣ୍ଟ (ଯକୃତ ପ୍ରତିରୋପଣ କେନ୍ଦ୍ର) ଏବଂ ଶିଶୁ ଆଲର୍ଜି, ଶ୍ୱାସ ଓ ଫୁସଫୁସ ରୋଗ ବହିର୍ବିଭାଗକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଉଦ୍‌ଘାଟନ କରିଛନ୍ତି। ଏଥିସହ ହସ୍ପିଟାଲ ପରିସରରେ ଯାନବାହନ ରହଣି ଲାଗି ପାର୍କିଂସ୍ଥଳ ମଧ୍ୟ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମନ୍ତ୍ରୀ ଦାସ କହିଛନ୍ତି, ଏସ୍‌ସିବିକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏବେ ଏଠାରେ ଲିଭର ଟ୍ରାନ୍ସପ୍ଲାଣ୍ଟ, ଶିଶୁ ଆଲର୍ଜି, ଶ୍ୱାସରୋଗ ଓ ଫୁସ୍‌ଫୁସ୍ ରୋଗ ବହିର୍ବିଭାଗ ଖୋଲାଯିବା ଦ୍ୱାରା ରୋଗୀଙ୍କୁ ଆଉ ଅଯଥା ଖର୍ଚ୍ଚାନ୍ତ ହୋଇ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ ବୋଲି ମନ୍ତ୍ରୀ ଦାସ ପ୍ରକାଶ କରିଛନ୍ତି।

ଉଦ୍‌ଘାଟନ ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନିଜେ ପ୍ରଥମ ରୋଗୀଙ୍କ ନାମ ପଞ୍ଜୀକରଣ କରିଛନ୍ତି। ରୋଗୀ ଜଣକ ରାଉରକେଲା ଅଞ୍ଚଳର ବିଚିତ୍ରାନନ୍ଦ ଖଟୁଆ। ତାଙ୍କର ପୁତ୍ର ଯକୃତ ଦାନ କରିବେ। ରାଜ୍ୟରେ ଯକୃତ ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ ସରକାର ୨୨କୋଟି ଟଙ୍କା ଖର୍ଚ୍ଚ କରି ଏସ୍‌ସିବି ମେଡିକାଲରେ ଏହି ସ୍ୱତନ୍ତ୍ର ୟୁନିଟ୍ ଖୋଲିଛନ୍ତି। ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ୨୫ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ପୂର୍ବରୁ ଓଡ଼ିଶାରେ ଏଭଳି ସୁବିଧା ନ ଥିଲା। ଫଳରେ ରୋଗୀଙ୍କୁ ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ, ହାଇଦ୍ରାବାଦ, ଅହମ୍ମଦାବାଦ ଓ ନୂଆଦିଲ୍ଲୀ ପ୍ରଭୃତି ସ୍ଥାନକୁ ଯିବାକୁ ପଡୁଥିଲା। ମାତ୍ର ଏବେ ଏସ୍‌ସିବିରେ କମ୍ ଖର୍ଚ୍ଚରେ ଏହି ସେବା ମିଳିପାରିବ। ସେହିପରି ଏସ୍‌ସିବି ପାଇଁ ୧୨ କୋଟି ଟଙ୍କା ବ୍ୟୟରେ ଯନ୍ତ୍ରପାତି କ୍ରୟ କରାଯାଇଥିବାବେଳେ ମେଡିକାଲ ଭିତ୍ତିଭୂମି ବିକାଶରେ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଏସ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଏସ୍‌ସିବି ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଦଣ୍ଡେଶ୍ୱର ହୋତା, ଅଧୀକ୍ଷକ ପ୍ରଫେସର ଡା. ଲୁସି ଦାସ, ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା, ଯକ୍ଷ୍ମା ଓ ଛାତି ରୋଗ ବିଭାଗ ମୁଖ୍ୟ ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ, ସର୍ଜରି ବିଭାଗ ମୁଖ୍ୟ ପ୍ରଫେସର ଡା. ବନବିହାରୀ ମିଶ୍ର, ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା, ଦନ୍ତବିଭାଗ ମୁଖ୍ୟ ପ୍ରଫେସର ଡା. ଇନ୍ଦୁଭୂଷଣ କର, ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଲିଭର ଟ୍ରାନ୍ସପ୍ଲାଣ୍ଟ, ଶିଶୁ ଆଲର୍ଜି, ଶ୍ୱାସ ଓ ଫୁସ୍‌ଫୁସ୍ ରୋଗ ବହିର୍ବିଭାଗକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଉଦ୍‌ଘାଟନ କରୁଛନ୍ତି।

# ଆଦିତ୍ୟ ବିର୍ଲା ମୁଖ୍ୟ ଗେଟ୍ ୬ ଘଣ୍ଟା ବନ୍ଦ



କମ୍ପାନୀ ଗେଟ ବନ୍ଦକରି ଧାରଣା ଦେଇଛନ୍ତି ବିସ୍ଥାପିତ।

## ୧୦ବର୍ଷ ହେଲା ଠକିଚାଲିଛି କମ୍ପାନୀ

**ସମ୍ବଲପୁର, ୨୫।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ଲପଙ୍ଗାସ୍ଥିତ ଆଦିତ୍ୟ ବିର୍ଲା କମ୍ପାନୀ ବିରୋଧରେ ସୋମବାର ବିସ୍ଥାପିତମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଲୁଧାପାଲି (ଆର୍‌ଆର୍ କଲୋନୀ) ମହିଳାମାନେ କମ୍ପାନୀ ମୁଖ୍ୟ ଗେଟ୍ ବନ୍ଦକରି ଧାରଣାରେ ବସିଥିଲେ। ଫଳରେ ପ୍ରାୟ ୬ ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା। କମ୍ପାନୀ ପକ୍ଷରୁ ଆଲୋଚନା ପାଇଁ ମାନବ ସମ୍ବଳ ଅଧିକାରୀ ବିବେକା ମିଶ୍ର, ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ସଦର ଏସ୍‌ଡିପିଓ ପ୍ରଦୀପ ସାହୁ, ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରମୁଖ ପହଞ୍ଚିଥିଲେ।

ବିସ୍ଥାପିତମାନେ ଅଭିଯୋଗ କରିଥିଲେ, କମ୍ପାନୀ ଆରମ୍ଭ ସମୟରେ ପ୍ରତିଶ୍ରୁତି ଦେଇ ଠକିଚାଲିଛି। ୧୦ବର୍ଷ ହେଲା ସେମାନଙ୍କ ଦାବି ପୂରଣ କରାଯାଉ ନାହିଁ। ଜମି ପଟ୍ଟା କିମ୍ବା ବିସ୍ଥାପିତ ପରିଚୟ ପତ୍ର ଦିଆଗଲା ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଅନେକ ଲୋକଙ୍କୁ ଚାକିରି ଦିଆଯିବା ପରେ ବିଭିନ୍ନ ଆଳ ଦେଖାଇ ଛଟେଇ କରି ଦିଆଯାଇଛି। ପୂର୍ବରୁ ଚାଷ ଜମି ହରାଇ ବସିଥିବାରୁ ଏବେ ସେମାନେ କୁଆଡେ ଯିବେ, କିଭଳି ପରିବାର ପ୍ରତିପୋଷଣ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି କହିଥିଲେ। ପରେ କମ୍ପାନୀ ପକ୍ଷରୁ ଏକମାସ ସମୟ ନିଆଯାଇଥିଲା। ଜମି ପଟ୍ଟା ଦେବା ପାଇଁ ପ୍ରକ୍ରିୟା ଶେଷ ହୋଇଛି। ଛଟେଇ ହୋଇଥିବା ଯୁବକମାନଙ୍କୁ ପୁଣି ଥରେ ଚାକିରି ଦେବା ପାଇଁ କମ୍ପାନୀ ସହ ଆଲୋଚନା କରାଯିବ। ଏଭଳି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ ଆଦିତ୍ୟ ଆଲୁମିନିୟମ କମ୍ପାନୀ ବିସ୍ଥାପିତଙ୍କୁ ଲୁଧାପାଲିଠାରେ ଥଇଥାନ କରିଛି। ହେଲେ ବିଭିନ୍ନ ସମସ୍ୟା ନେଇ ସେମାନେ ଆନ୍ଦୋଳନ କରିଆସୁଛନ୍ତି। ୨୦୨୧ ଅଗଷ୍ଟ ୩ରେ ସେମାନେ ଜିଲାପାଳଙ୍କ ଅଫିସ ଆସି ଅଭିଯୋଗ କରିଥିଲେ। ୨ ମାସ ଭିତରେ ସମସ୍ତ ଦାବି ପୂରଣ କରାଯାଉ, ନ ହେଲେ ମୁଖ୍ୟ ଫାଟକ ବନ୍ଦ କରିବେ ବୋଲି ଚେତାବନୀ ଦେଇଥିଲେ।

**ହାଇକୋର୍ଟରେ ପୌର ନିର୍ବାଚନ ବିଳମ୍ବ ମାମଲା**

# ନିର୍ବାଚନ ଆୟୋଗ, ସରକାରଙ୍କ ଜବାବ ଦାଖଲ

**କଟକ ଅଫିସ, ୨୫।୧୦**

ହାଇକୋର୍ଟରେ ସୋମବାର ପୌର ନିର୍ବାଚନ ବିଳମ୍ବ ମାମଲାର ଶୁଣାଣି ହୋଇଛି। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ବି.ପି. ରାଉତରାୟଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଉପସ୍ଥାପନ କରିଥିବାବେଳେ ହାଇକୋର୍ଟରେ ରାଜ୍ୟ ନିର୍ବାଚନ ଆୟୋଗ ଏବଂ ରାଜ୍ୟ ସରକାର ଜବାବ ଦାଖଲ କରିଛନ୍ତି। ଆସନ୍ତା ଜାନୁୟାରୀ ୧୦ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଜାନୁୟାରୀ ୧୦ରେ ପରବର୍ତ୍ତୀ ଶୁଣାଣି

ପୌର ନିର୍ବାଚନ ବିଳମ୍ବ ନେଇ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ସମୀର ଦେ ଏବଂ ପୂର୍ବତନ ପ୍ରଶାସକ ପ୍ରସନ୍ନ ମିଶ୍ର ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ୩ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ବାଚନ ବିଳମ୍ବ ହୋଇଥିବାରୁ ହାଇକୋର୍ଟ କ୍ଷୁବ୍ଧ ହେବା ସହ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ନୋଟିସ ଜାରି କରିଥିଲେ। ଏନେଇ ଜବାବ ଦାଖଲ କରିବାପାଇଁ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜ୍ୟ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ ଏବଂ ନଗର ଉନ୍ନୟନ ବିଭାଗର ସଚିବଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। କେଉଁ ପରିସ୍ଥିତିରେ ବର୍ତ୍ତମାନ ସୁଦ୍ଧା ନିର୍ବାଚନ କରାଯାଇନାହିଁ ଏବଂ କେବେ ସୁଦ୍ଧା ନିର୍ବାଚନ ହେବ ସେନେଇ ହାଇକୋର୍ଟ ଜବାବ ତଲବ କରିଥିଲେ। ସୂଚନାଯୋଗ୍ୟ, ୨୦୧୮ ସେପ୍ଟେମ୍ବରରୁ ରାଜ୍ୟର ଏନ୍‌ଏସି, ପୌର ପାଳିକା ଓ ମହାନଗର ନିଗମଗୁଡ଼ିକର କାର୍ଯ୍ୟକାଳ ଶେଷ ହୋଇଯାଇଛି। ତେବେ ପୌର ନିର୍ବାଚନ ଲାଗି ରାଜ୍ୟ ସରକାର ପଦକ୍ଷେପ ନେଉ ନ ଥିବା ଭାଜପା ଅଭିଯୋଗ ଆଣିଥିଲା। ଏଥିସହ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲା। ପରେ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ସମେତ ଅନ୍ୟ ୨ଜଣଙ୍କ ପକ୍ଷରୁ ପୃଥକ ଭାବେ ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା। ରାଜ୍ୟ ସରକାରଙ୍କ ଚାପରେ ନିର୍ବାଚନ ଆୟୋଗ ପୌର ନିର୍ବାଚନ କରିବା ପାଇଁ ପଦକ୍ଷେପ ନେଉନାହାନ୍ତି ବୋଲି ଆବେଦନକାରୀମାନେ ସେମାନଙ୍କ ପିଟିଶନରେ ଦର୍ଶାଇଥିଲେ।



**ଉତ୍କଳ ଗ୍ରାମିଣ ବ୍ୟାଙ୍କରେ କର୍ମଚାରୀ ଅଶାନ୍ତି**

ଜୟପୁର,(ନି.ପ୍ର.): ଉତ୍କଳ ଗ୍ରାମିଣ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପରିଚାଳନା ମଣ୍ଡଳୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ କର୍ମଚାରୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହାକୁ କର୍ମଚାରୀ ସଂଘ ବିରୋଧ କରିଛି। ଗତ ୧୭ରେ ସଂଘର କାଯ୍ୟକାରିଣି ବୈଠକ ବସି ସଂଘର ନାର୍ଯ୍ୟ ଦାବି ଉପରେ ଆଲୋଚନା ପାଇଁ ସଂଘ କର୍ମକର୍ତ୍ତାଙ୍କୁ ଆମନ୍ତ୍ରଣ କରିବାକୁ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ଏଯାଏ ସଂଘକୁ ଆଲୋଚନା ଲାଗି ଡାକିନାହାନ୍ତି। ଫଳରେ ଆଗାମୀ ଦିନରେ ସଂଘ ବାଧ ହୋଇ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସଂଘର ଉପଖଣ୍ଡସ୍ତରୀୟ ଆଞ୍ଚଳିକ ସମ୍ପାଦକ ରିତେଶ ଷଡଙ୍ଗୀ ଓ ରୋହିତ ପଟ୍ଟନାୟକ କହିଛନ୍ତି। ନଭେମ୍ବର ୯ ଓ ୧୦ରେ ବ୍ୟାଙ୍କର ୪୩୫ଟି ଶାଖାର କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଟାଉନ ଥାନା ଘେରିଲେ ବସ୍ତିବାସିନ୍ଦା

■ ଉଚ୍ଛେଦ ବସ୍ତି ଲୋକଙ୍କୁ ଥଇଥାନ ଦାବି
■ ଭାଜପାର ୧୨ ଘଣ୍ଟିଆ ବନ୍ଦ ପାଳନ
■ ବିକ୍ଷୋଭବେଳେ ୧୫ ନେତା, କର୍ମୀ ଗିରଫ

ରାୟଗଡ଼ା ଅଫିସ,୨୫।୧୦

ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ଥଇଥାନ ଏବଂ ଜମି ପଟ୍ଟା ପ୍ରଦାନ ଦାବିରେ ସୋମବାର ରାୟଗଡ଼ା ଭାଜପା ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ରାୟଗଡ଼ା ସହରରେ ଥିବା ବିଭିନ୍ନ ବସ୍ତିରେ ଲୋକେ ଦୀର୍ଘ ଦିନରୁ ରହି ଆସୁଛନ୍ତି। ଏବେ ରାୟଗଡ଼ାରେ ଡିଆର୍‌ଏମ୍(ଡିଭିଜନାଲ ରେଲ୍‌ୱେ ମ୍ୟାନେଜର)ଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ସହରରେ ଥିବା ରେଳବାଇ ଜାଗାରୁ ବସ୍ତି ଉଚ୍ଛେଦ କରାଯାଉଛି। ତେବେ ଦୀର୍ଘ ବର୍ଷ ଦିନରୁ ଠୋରେ ରହୁଥିବା ଲୋକଙ୍କୁ ଥଇଥାନ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ରାସ୍ତାରୋକୋ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ସମୟରେ ୧୫ ଭାଜପା କର୍ମୀଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରିଥିଲା। ଗିରଫ ଘଟଣାର ପ୍ରତିବାଦରେ ବସ୍ତିବାସିନ୍ଦା ଥାନା ଘେରାଉ କରିଥିଲେ।



ଥାନା ଘେରାଉ କରିଥିବା ବସ୍ତିବାସିନ୍ଦା ଓ ଭାଜପା କର୍ମକର୍ତ୍ତା।

ସୂଚନାଯୋଗ୍ୟ, ନୂତନ ରେଳ ଡିଭିଜନ ଘୋଷଣା ପରେ ଷ୍ଟାଫ କଲୋନୀ, କ୍ୱାର୍ଟର୍ସ, ପାର୍କିଂ ଏବଂ ଅଫିସ ପାଇଁ ଅନେକ ଜାଗର ଆବଶ୍ୟକ ପଡୁଛି। ଫଳରେ ରେଲ୍‌ୱେ ଜାଗାରୁ ଲୋକଙ୍କୁ ଉଚ୍ଛେଦ କରାଯାଉଛି। ଉଚ୍ଛେଦ କରିବାକୁ ରେଳ ବିଭାଗ ପକ୍ଷରୁ ପୂର୍ବରୁ ନୋଟିସ ଜାରି କରାଯାଇଥିଲା। ଏହି କ୍ରମରେ କେତୋଟି ବସ୍ତିରୁ ଉଚ୍ଛେଦ କରାଗଲାଣି। ତେବେ ସହରର ପ୍ରମୁଖ ବସ୍ତି କୋଇଲାପଡ଼ା, ଦୈନିକ ବଜାର, କୁକୁଡ଼ା ଫର୍ମ, ଭିମା ସାହି, କାମିନୀ ସାହି, ନୁଆସାହି ସମେତ ଅନ୍ୟ କେତୋଟି ବସ୍ତିରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହି ଆସୁଥିବା ଲୋକେ ଉଚ୍ଛେଦ ପରେ ଯିବେ କୁଆଡ଼େ ବୋଲି ପ୍ରଶ୍ନ କରିଛନ୍ତି। ସହରର ୧୪ ବସ୍ତିରେ ପ୍ରାୟ ୧୦୦୦ ରୁ ଊର୍ଦ୍ଧ୍ୱ ଲୋକ ରହୁଥିବାବେଳେ ଏ ନେଇ ଅନେକ ଥର ଜିଲାପାଳଙ୍କୁ ଜଣାଇଛନ୍ତି। ତଥାପି କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ସେମାନଙ୍କୁ ଥଇଥାନ କରିବାକୁ ଭାଜପା ଦାବି କରିଛି। ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ନଗର ସଭାପତି ଶ୍ୟାମ କୁମାର ଦାସ, ଦଳୀୟ ନେତା ବସନ୍ତ ଉଲାକାଙ୍କ ସମେତ କର୍ମୀମାନେ ସହରର ୩ ପ୍ରବେଶ ପଥ ଶିରିକଣା ଛକ, ରିଲାଏନ୍ସ ପେଟ୍ରୋଲ ପମ୍ପ ଛକ ଏବଂ ମଝିଘରିଆଣୀ ମନ୍ଦିର ଛକରେ ଆନ୍ଦୋଳନ ସହ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ନଗର ସଭାପତି ଶ୍ୟାମ କୁମାର ଦାଶ, ନଗର ସାଧାରଣ ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, ଜିଲା ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ବିଦ୍ୟାଭୂଷଣ ପଣ୍ଡା, ନଗର ସାଧାରଣ ସମ୍ପାଦକ ଅଜୟ କୁମାର ଟୁଲେଟଙ୍କ ସମେତ ୧୫ ଦଳୀୟ କର୍ମୀଙ୍କୁ ଗିରଫ କରିଥିଲା। ଏହାର ପ୍ରତିବାଦ କରି ବସ୍ତିବାସିନ୍ଦାମାନେ ଥାନା ଘେରାଉ କରିବା ପରେ ଦିନ ୧୨ଟାରେ ସେମାନଙ୍କୁ ଛଡ଼ାଯାଇଥିଲା।

## ସଂକ୍ଷେପରେ

### ବାଥ୍‌ରୁମ୍‌ରେ ପଡ଼ି ଗର୍ଭବତୀଙ୍କ ମୃତ୍ୟୁ

ନବରଙ୍ଗପୁର,୨୫।୧୦(ବି.ପ୍ର.): ଅସାବଧାନତାବଶତଃ ଗାଧୁଆଘରେ ଗୋଡ଼ ଖସିଯିବାରୁ ଜଣେ ୮ମାସର ଗର୍ଭବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କୁକୁଡ଼ାବାଇ ଗ୍ରାମର ସୁବାସ ଚନ୍ଦ୍ର ଗୌଡ଼ଙ୍କ ସ୍ତ୍ରୀ ଜୟନ୍ତୀ (୨୧ବର୍ଷ)। ଜୟନ୍ତୀ ୮ ମାସର ଗର୍ଭବତୀ ଥିଲେ। ଦୁର୍ଘଟଣାରେ ତାଙ୍କ ଗର୍ଭସ୍ଥ ଶିଶୁର ମଧ୍ୟ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଜୟନ୍ତୀ ସୋମବାର ସକାଳେ ଗାଧୋଇବାକୁ ବାଥ୍‌ରୁମ୍ ଯାଇଥିଲେ। ଅଚାନକ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ସମ୍ପର୍କୀୟ ବାଥ୍‌ରୁମ୍‌କୁ ଯାଇ ତାଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଜୟନ୍ତୀ ଓ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଛି। ମୃତ ଜୟନ୍ତୀଙ୍କ ଏକ ୩ବର୍ଷର ପୁଅ ଥିବା ଜଣାପଡ଼ିଛି। ବର୍ତ୍ତମାନ ତାଙ୍କ ଖବର ପାଇ ନବରଙ୍ଗପୁର ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ୭୬ ୟୁନିଟ୍ ରକ୍ତ ସଂଗ୍ରହ

ଝରିଗାଁ, ୨୫।୧୦(ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଭିକ୍ଷା ଗ୍ରାମରେ ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଉପସ୍ଥିତ ଥିଲେ। ଶିବିରରେ ୭୬ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସେମାନଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ ପାଢ଼ୀ, ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବିଧାୟକଙ୍କ ବ୍ଲକ ପ୍ରତିନିଧି ରାମଧର ମାଝି, ସରପଞ୍ଚ ରକିରାମ ବଞ୍ଜାରା, ବିଜେଡି ବ୍ଲକ ଯୁବ ସଭାପତି ଦୁର୍ଗାପ୍ରସାଦ ମାଝି, ପ୍ରଦୀପ ଗାଉଁଟିଆ, ମଦନ ସାମଲ , ଲ୍ୟାମ୍ପସ ସଭାପତି ବାସନ୍ତୀ ଗଣ୍ଡଙ୍କ ସହ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଇଚ୍ଛାପୁର ପଞ୍ଚାୟତ ସଭାପତି ନିଲମ୍ବିତ



ଝରିଗାଁ, ୨୫।୧୦ (ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର ଗ୍ରାମପଞ୍ଚାୟତ ସଭାପତି ଚିତ୍ରପ୍ରସାଦ ତିୱାରୀଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗରେ ଦଳର ଜିଲା ସଭାପତି ରମେଶ ଚନ୍ଦ୍ର ମାଝି ତାଙ୍କୁ ନିଲମ୍ବନ କରିଛନ୍ତି। ଏପରି ଦଳ ବିରୋଧୀ କାର୍ଯ୍ୟ କରୁଥିବା କର୍ମୀଙ୍କ ବିରୋଧରେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲ ଜିଲା ସଭାପତି ପ୍ରକାଶ କରିଛନ୍ତି।

### ନିର୍ବାଚନ ପାଇଁ ଏକଜୁଟ ହୋଇ କାମ କରିବାକୁ ଶପଥ

### ଭାଜପାର ମିଶ୍ରଣ ପର୍ବ

ମୁନିଗୁଡ଼ା,୨୫।୧୦(ଡି.ଏନ୍.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ପରେ ବିଭିନ୍ନ ରାଜନୈତିକ ଦଳ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ବିଭିନ୍ନ ସ୍ଥାନରେ ଦଳୀୟ ନେତା ଓ କର୍ମୀଙ୍କ ଦଳ ବଦଳ ଦେଖିବାକୁ ମିଳୁଛି। ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ମଣ୍ଡଳ ଭାଜପା ପକ୍ଷରୁ ସୋମବାର ରାଣିପିଣ୍ଡା ପଞ୍ଚାୟତର କୁଟୁରୁପାଲି ଗ୍ରାମ ନିକଟ ଶୈବପୀଠ ପରିସରରେ ଏକ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଦଳର କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ତଥା ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା, ଜିଲା ଉପସଭାପତି ରାମକୃଷ୍ଣ ପଣ୍ଡା, ଦୁର୍ଯ୍ୟୋଧନ ପାଳ, ଜିଲା ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାମନ୍ତ, ଜିଲା ସମ୍ପାଦିକା ଶୁଶିଳା ସରାଫ, ଜିଲା ଯୁବମୋର୍ଚ୍ଚା ଉପସଭାପତି ଲାଲା ମହାନ୍ତି, ଭାଜପା ସାଧାରଣ ସମ୍ପାଦକ ରମେଶ ସାମନ୍ତ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଏବଂ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚାଇବା ଉପରେ ଆଲୋଚନା କରିଥିଲେ। ନିର୍ବାଚନ ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଏଠାରେ ଶପଥ ନେଇଥିଲେ।

## ସେବା, ତ୍ୟାଗର ବାର୍ତ୍ତା ଦେଉଛି ରେଡ୍‌କ୍ରସ୍




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ରାଇଘର, ୨୫।୧୦(ଡି.ଏନ୍.ଏ.)

ରାଇଘରସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ୩ଦିନିଆ କ୍ଲଷ୍ଟରସ୍ତରୀୟ ରେଡ୍‌କ୍ରସ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ରେଡ୍‌କ୍ରସ୍ ପତାକା ଉତ୍ତୋଳନକରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହାପରେ ଆୟୋଜିତ ଶିକ୍ଷା ଓ ତାଲିମ ଶିବିର ମଞ୍ଚରେ ସଭାପତିଭାବେ ଅଧ୍ୟକ୍ଷ ପରୀକ୍ଷିତ ସାହୁ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ଗଣ୍ଡ, ତାଲିମଦାତା ଭାବେ ଡାକ୍ତର ସତ୍ୟରଞ୍ଜନ ସାହୁ, ଜିଲା ସଂଯୋଜକ ଅଖିଳ ଭଟ୍ଟ ଏବଂ କାଉନସିଲର ଦିବାକର ଦେ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ରେଡ୍‌କ୍ରସ୍ ସେବା ଓ ତ୍ୟାଗର ବାର୍ତ୍ତା ଦେଉଛି ବୋଲି ଅତିଥିମାନେ କହିଥିଲେ। ଅଧ୍ୟାପକ ରମେଶ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଉମରକୋଟ ମହାବିଦ୍ୟାଳୟ ଅଧ୍ୟାପକ ରାମଶଙ୍କର ପଟ୍ଟନାୟକ, ମହିଳା ମହାବିଦ୍ୟାଳୟର ନିରଞ୍ଜନ ପଣ୍ଡା, ରେଣୁକା ସାମଲ, ଦୀନବନ୍ଧୁ ନନ୍ଦୀ, ଜଗଦୀଶ ପଟ୍ଟନାୟକ, ପିଇଟି ପୂର୍ଣ୍ଣଚନ୍ଦ୍ର ମିଶ୍ର ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟନାରାୟଣ ନାୟକ, ପ୍ରଲ୍ଲିଭା ଭୂୟାଁ, ଶକ୍ତିକାନ୍ତ ଜେନା, ସଦାରାମ କେଉଟ, ବୁଦ୍ଧେଶ୍ୱର ମଣ୍ଡଳ, ବିଭୀଷଣ ଗଣ୍ଡ, ଭବାନୀ ପନକା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲକୁ ଗଲେ ୮ମ ଶ୍ରେଣୀ ଛାତ୍ରୀଛାତ୍ର

ଉମରକୋଟ, ୨୫।୧୦(ସ୍ୱ.ପ୍ର.)

ସରକାରଙ୍କ ସମସ୍ତ ନିର୍ଦ୍ଦେଶ ପାଳନ କରି ସୋମବାର ନବରଙ୍ଗପୁର ଜିଲା ଉମରକୋଟ ବ୍ଲକରେ ଥିବା ୮୫ ଉଚ୍ଚ ବିଦ୍ୟାଳୟ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଖୋଲାଯାଇଛି। ସ୍କୁଲରେ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠପଢା ଆରମ୍ଭ ହୋଇଛି। ସମସ୍ତ ସ୍କୁଲର ପିଲା ସଂଖ୍ୟା ୩୧୧୬ ଥିବାବେଳେ ସୋମବାର ୧୨୩୬ ପିଲା ସ୍କୁଲରେ ଉପସ୍ଥିତ ଥିଲେ। ଅଭିଭାବକଙ୍କ ଠାରୁ ଅଣ୍ଡରଟେକିଂ ରଖାଯାଇଛି। ପିଲାଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ପିଲାଙ୍କୁ ରନ୍ଧାଖାଦ୍ୟ ଦିଆଯିବ ନାହିଁ। ୯ଟାରୁ ୧୨.୩୦ଯାଏ ସ୍କୁଲ ଖୋଲିବ। ସ୍କୁଲକୁ ଆସୁଥିବା ସମସ୍ତ ଶିକ୍ଷକ ଦୁଇଟି କରୋନା ଟିକା ନେଇଥିବା ବାଧ୍ୟତା ମୂଳକ କରାଯାଇଛି ବୋଲି ବିଇଓ ବିକାଶ ଚନ୍ଦ୍ର ସରକାର ସୂଚନା ଦେଇଛନ୍ତି। କେତେଜଣ ପିଲା ଅନ୍‌ଲାଇନରେ ପଢୁଛନ୍ତି ବୋଲି ସେ କହିଛନ୍ତି।



ସ୍କୁଲରେ ପ୍ରବେଶ ପୂର୍ବରୁ ପିଲାମାନଙ୍କ ଥର୍ମାଲ ସ୍କ୍ରିନିଂ ସହ ହାତ ସାନିଟାଇଜ୍ କରାଯାଉଛି।

## ପିଡିଏସ୍ ଚାଉଳ ଚାଲାଣ ହେଉଥିଲା, ୫ ଗିରଫ

**ଥାନାରେ ଚାଉଳ ବୋଝେଇ ଟ୍ରକ୍ ଅଟକ ଘଟଣା**

ମୁନିଗୁଡ଼ା,୨୫।୧୦(ଡି.ଏନ୍.ଏ.)

ଚୋରାଚାଲାଣ ବେଳେ ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ୧୨ ଟନ୍ ପିଡିଏସ୍ ଚାଉଳ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହାଦେବ ସାହୁ, ଏମ୍. ନାଗା, ଦୁଷ୍ମନ୍ତ ନରେଶ ପରିଡ଼ା, ବିସିକେଶନ ପିଡିକାକା ଓ ଆଦି ଉଲାକା।

ସୂଚନା ଅନୁଯାୟୀ, ମୁନିଗୁଡ଼ା ଥାନା ଅଧୀନ ଭୈରବଗଡ଼ ଗ୍ରାମରୁ ଏକ ମିନି ଟ୍ରକ୍ ଯୋଗେ ପିଡିଏସ୍ ଚାଉଳ ଚାଲାଣ ହେଉଥିବା ନେଇ ଗତ କୁମାର ପୂର୍ଣ୍ଣିମା ଦିନ ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇଥିଲା। ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ନରସିଂହ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଭୈରବଗଡ଼ ଗ୍ରାମରେ ଚଢ଼ାଉ କରିଥିଲେ। ମିନି ଟ୍ରକ୍(ଓଡି ୦୨ ଏଭି ୬୯୨୨)ରେ ଚାଉଳ ଲୋଡ୍ ସମୟରେ ଗାଡ଼ି ଜବତ କରାଯାଇଥିଲା। ଉକ୍ତ ପିଡିଏସ୍ ଚାଉଳ ଭୈରବଗଡ଼ରୁ ବିଷମକଟକକୁ ଚାଲାଣ ହେଉଥିବା ଓ ଏଥିରେ ୨ ଶହ ବସ୍ତା(୧୨ ଟନ୍) ଚାଉଳ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଏ ନେଇ ମୁନିଗୁଡ଼ା ଥାନାରେ ୧୪୬/୨୧ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସ୍ଥାନୀୟ ଏସ୍‌ଡିପିଓ ସୂଚନା ଦେଇଛନ୍ତି। ତେବେ ଏତେ ପରିମାଣରେ ପିଡିଏସ୍ ଚାଉଳ କିଏ ଚାଲାଣ କେଉଁଠାରୁ ଚାଲାଣ ହେଉଥିଲା ଏବଂ ବିଷମକଟକର କାହା ପାଖକୁ ଚାଉଳ ଯାଉଥିଲା ସେ ବିଷୟରେ ପୋଲିସ ଅଧିକ ସୂଚନା ଦେଇନାହିଁ। ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି। ୫ ଦିନ ହେଲା ଥାନାରେ ଚାଉଳ ଭର୍ତ୍ତି ଗାଡ଼ି ଥାନାରେ ଅଟକ ରଖାଯାଇଥିବାବେଳେ କେଉଁ କାରଣରୁ ଗାଡ଼ି ଜବତ କରାଯାଇଛି ତାହାର ସୂଚନା ମିଳୁ ନ ଥିବା ନେଇ ସୋମବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

## ବୁଢ଼ିବାଲି ପଞ୍ଚାୟତରେ ବିଏସ୍‌ଏନ୍‌ଏଲ୍ ଟାୱାର ଦାବି

ଚନ୍ଦ୍ରପୁର,୨୫।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ବୁଢ଼ିବାଲି ପଞ୍ଚାୟତ ଏକ ଦୁର୍ଗମ ଅଞ୍ଚଳ ରୂପେ ପରିଚିତ। ପଞ୍ଚାୟତରେ ୩୦ରୁ ଊର୍ଦ୍ଧ୍ୱ ଗାଁ ରହିଛି। ପରିତାପର ବିଷୟ ପଞ୍ଚାୟତ ସଦରଠାରେ ଏକମାତ୍ର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେହିପରି ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ପଞ୍ଚାୟତର କୌଣସି ଗ୍ରାମକୁ ଟେଲିଫୋନ୍ ସେବା ପହଞ୍ଚିପାରିନାହିଁ। ଜରୁରୀ ସମୟରେ ୧୦୮ ଆମ୍ବୁଲାନ୍ସ ସେବା ପାଇବା ମଧ୍ୟ ଏମାନଙ୍କ ପାଇଁ ସ୍ୱପ୍ନ ହୋଇଛି। ଏ ବିଷୟରେ ପଞ୍ଚାୟତବାସୀ ଅନେକ ଥର ଜିଲାପାଳ ଏବଂ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିବା ଅଞ୍ଚଳର ମଲ ଗଗେରଙ୍ଗା, ଅବିନାଶ ଗଗେରଙ୍ଗା ପ୍ରମୁଖ ଦାବି କରିଛନ୍ତି। ସେହିପରି ଶୀଘ୍ର ବୁଢ଼ିବାଲି ସଦରଠାରେ ବିଏସ୍‌ଏନ୍‌ଏଲ୍ ଟାୱାର ସ୍ଥାପନ ପାଇଁ ଦାବି କରିଛନ୍ତି। ଏ ନେଇ ସୋମବାର ପଞ୍ଚାୟତ ଆଦିବାସୀ ସୁରକ୍ଷା ସମିତି ପକ୍ଷରୁ ଏକ ଦାବିପତ୍ର କୋରାପୁଟ ଏମ୍‌ପିଙ୍କ ନିକଟକୁ ଡାକ ଯୋଗେ ପ୍ରେରଣ କରାଯାଇଛି। ଏଥିରେ ଆଦିବାସୀ ସୁରକ୍ଷା ସମିତିର ସଭାପତି ଭଡୁଡୁ ପାଟ୍‌ମାଝି, ସମ୍ପାଦକ ଶମ୍ଭୁ ଗଗେରଙ୍ଗାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀଙ୍କ ଦସ୍ତଖତ ରହିଥିବା ଜଣାପଡ଼ିଛି।

## ସ୍ଥିତି ନ ସୁଧୁରିଲେ ଭୋଟ ବର୍ଜନ ଧମକ

ତେନ୍ତୁଳିଖୁଣ୍ଟି, ୨୫।୧୧(ଡି.ଏନ୍.ଏ.)

ଗାଁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି। ଫଳରେ ଲୋକେ ଏଠାରେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ କିଛି ସୁଫଳ ମିଳୁନି। ତୁରନ୍ତ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆ ନ ଗଲେ ଭୋଟ ବର୍ଜନ କରିବୁ ବୋଲି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ସଦର ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ସୋମବାର ୱାର୍ଡ ସଭ୍ୟ ଲେଲି ମାଝି ଓ ସୁମିତ୍ରା ହରିଜନଙ୍କ ନେତୃତ୍ୱରେ ଗ୍ରାମବାସୀ ନିଜ ଦାବି ସମ୍ବଳିତ ଏକ ଦାବିପତ୍ର ବିଡିଓ ପଦ୍ମନାଭ ତ୍ରିପାଠୀଙ୍କୁ ପ୍ରଦାନ କରିଛନ୍ତି। ପଞ୍ଚାୟତର ମଧୁଗୁଲୁମିରୁ ବରଡା ଝଡି ରାସ୍ତା ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ପଞ୍ଚାୟତର ଲଦୀପଦର, ମଧୁଗୁଲୁମି, ପାଙ୍ଗନମରା, ବରଡାଝଡ, ବିଜାପଦର ଗାଁରେ ଭଲ ରାସ୍ତା ନାହିଁ। ରାସ୍ତା ନ ଥିବାରୁ ନଳକୂପ ଖୋଳା ଯାଇପାରୁନି। ଲଦୀପଦରରେ ପାହାଡ଼ରୁ ନିସୃତ ଝରରୁ ଜଳ ସଂଗ୍ରହ କରି ପ୍ରଶାସନ ଯୋଗାଇ ଦେଉଛି। ତାହାକୁ ଗ୍ରାମବାସୀ ବ୍ୟବହାର କରୁଛନ୍ତି। ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସିପାରୁନାହିଁ। ତ୍ରିସ୍ତରୀୟ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ବୀର ଜାନି, ଜୟ ଲହରା, ସଦନ ଜାନି, ସାନୁ ଜାନି, ମତି ଜାନି, ଧନ ସିଂ ଜାନି ,ଈଶ୍ୱର ଜାନି ଉପସ୍ଥିତ ଥିଲେ।

## ମୃତ ବ୍ୟକ୍ତିଙ୍କୁ ମିଳୁଛି ଭତ୍ତା

ଗୁଣପୁର,୨୫।୧୦(ଡି.ଏନ୍.ଏ.)

**ଉପଜିଲାପାଳଙ୍କୁ ଭେଟିଲା ଭାଜପା ଟିମ୍**



ବିଭିନ୍ନ ସମସ୍ୟା ନେଇ ରାୟଗଡ଼ା ଜିଲା ଗୁଣପୁର ଭାଜପା ପକ୍ଷରୁ ସୋମବାର ଉପଜିଲାପାଳ ଜେ. ସୋନାଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଗୁଣପୁର ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଯାଇଥିଲା। ବଳରାମନଗର ବାଇପାସ ଛକରେ ହାଇମାଷ୍ଟ ଲାଇଟ ଲଗାଇବା, ସହରର ପରିମଳ ସମସ୍ୟାର ସମାଧାନ, ମୁଖ୍ୟରାସ୍ତାରୁ ଗୋରୁଙ୍କୁ ହଟାଇବା ନିମନ୍ତେ ଦଳୀୟ କର୍ମୀମାନେ ଉପଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ହେବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଶିରିଝୋଲି ପଞ୍ଚାୟତରେ ଜଣେ ମୃତ ବ୍ୟକ୍ତିଙ୍କୁ ଭତ୍ତା ଦିଆଯାଉଥିବା ନେଇ ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା। ପରେ କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ଦାବିରେ ଗୁଣପୁର ଆଦର୍ଶ ଥାନା ଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ଜିଲା ଭାଜପା ଉପସଭାପତି ୱାଇ. ଗଣପତି ଓ ନଗର ସଭାପତି ଶ୍ରୀନିବାସ ସ୍ୱାଇଁଙ୍କ ନେତୃତ୍ୱରେ ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀ, ଉପସଭାପତି ଉଦୟନାଥ ପାଢ଼ୀ, ଜିଲା କାର୍ଯ୍ୟାଳୟ ପ୍ରମୁଖ ବୃନ୍ଦାବନ ସେନାପତି, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଅମର କୁମାର ସାହୁ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ ଫାଲଗୁନି ଶବର, ନଗର ଯୁବମୋର୍ଚ୍ଚା ସଭାପତି ମୁଖି ଦିବାକର, ନଗର ସମ୍ପାଦକ କିର୍ତ୍ତୀ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀଙ୍କ ଦୀପଯଜ୍ଞ, ବିସର୍ଜନ

ନନ୍ଦାହାଣ୍ଡି , ୨୫।୧୦(ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଏକମ୍ବା ଗ୍ରାମରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାରେ ପଣ୍ଡିତ ଉମାକାନ୍ତ ଦାଶଙ୍କ ପୌରୋହିତ୍ୟରେ ଏକ ଦୀପଯଜ୍ଞ କରାଯାଇଛି। ଗ୍ରାମବାସୀ ଏବଂ ଆଖପାଖ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ମାନସିକ କରି ଦୀପ ପ୍ରଜ୍ୱଳନ କରିଥିଲେ। ଉକ୍ତ ପୂଜାରେ ଦୀପ ପ୍ରଜ୍ୱଳନ କରିଥିବା ଭକ୍ତଙ୍କ ମାନସିକ ପୂରଣ ହେଉଥିବା ବିଶ୍ୱାସ ରହିଛି। ୭ଦିନ ଧରି କର୍ତ୍ତା ନରସିଂହ ପାତ୍ରଙ୍କ ସହାୟତାରେ ସମସ୍ତ ନୀତିକାନ୍ତି ସହ ପୂଜା କରାଯାଇଥିଲା। ସୋମବାର ମା'ଙ୍କ ବିସର୍ଜନ କରାଯାଇଛି। ୧୧ ବର୍ଷ ଧରି ପ୍ରତିବର୍ଷ ପୂଜା କମିଟି ଏବଂ ଗ୍ରାମବାସୀଙ୍କ ସହଯୋଗରେ ଗଜଲକ୍ଷ୍ମୀ ପୂଜା ପାଳନ କରାଯାଉଛି ।

## ଦୁର୍ଘଟଣାରେ ଜଣେ ମୃତ

ରାଇଘର, ୨୫।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ବୋବେଇ ଛକ ନିକଟରେ ସୋମବାର ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ଜଣ ଆହତ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଗଞ୍ଜାପାରା ପଞ୍ଚାୟତର ରାଜାପୁଟି ଗ୍ରାମର ରାମନାଥ ଗଣ୍ଡ (୩୯)। ସୂଚନାନୁଯାୟୀ, କଚରାପାରା ପଞ୍ଚାୟତର ରଘୁଡଙ୍ଗରୀ ଗ୍ରାମର ଫାଗୁରାମ ରାଉତ ତାଙ୍କ ୫ ବର୍ଷର ପୁଅ ଜଗନ୍ନାଥ ଓ ସାଙ୍ଗ ମଙ୍ଗତୁ ଗଣ୍ଡଙ୍କ ସହ ବାଇକରେ ଛତିଶଗଡ଼ ସୀମାନ୍ତ ଖୁଡୁକ ଗ୍ରାମକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ରାମନାଥଙ୍କ ଗାଡ଼ି ସହ ଫାଗୁରାମଙ୍କ ଗାଡ଼ି ମୁହାଁମୁହିଁ ହୋଇଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାରକରି ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରାମନାଥଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ରାଇଘର ପୋଲିସ ପହଞ୍ଚି ଗାଡ଼ି ଦୁଇଟି ଜବତ କରିବା ସହ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଏଥିସହ ମେଡିକାଲଠାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛି ।

## ଟ୍ରାନ୍ସଫର୍ମରରୁ ତାର ଚୋରି

ପାପଡାହାଣ୍ଡି/ମଇଦଲପୁର, ୨୫।୧୦(ଡି.ଏନ୍.ଏ.)

ମାତିଛନ୍ତି ଟ୍ରାନ୍ସଫର ଲୁଟେରା। ରାତା ରାତି ଗାଁ ଗାଁ ବୁଲି ଚୋରି କରି ନେଇ ଯାଉଛନ୍ତି ଟ୍ରାନ୍ସଫର ମଧ୍ୟରେ ଥିବା ବିଭିନ୍ନ ଯନ୍ତ୍ରାଂଶ। ଗତ କିଛିଦିନ ହେଲା ପାପଡାହାଣ୍ଡି ଅଞ୍ଚଳରୁ ବହୁତମାତ୍ରାରେ ଟ୍ରାନ୍ସଫର୍ମର ଚୋରି ହେବାରେ ଲାଗିଛି। ସୋମବାର ଏପରି ଏକ ଘଟଣା ସାମ୍ନାକୁ ଆସିଛି। ମଇଦଲପୁର କାକୁଡିଆମ ଗ୍ରାମ ନିକଟସ୍ଥ ପୋଲ ପାଖରେ ଥିବା ଟ୍ରାନ୍ସଫର୍ମରରୁ ତମ୍ବା ତାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି କେହି ନେଇଯାଇଛନ୍ତି। ରବିବାର ବିଳମ୍ବିତ ରାତ୍ରରେ ଏହି ଘଟଣା ଘଟିଥିବା ଜଣାପଡିଛି। ଉକ୍ତ ଟ୍ରାନ୍ସଫର୍ମରଟି ଖରାପ ଥିଲା। ଚୋର ସେଥିରୁ ତମ୍ବା ତାର ନେଇ ଯାଇଥିବେ। ତମ୍ବା ତାର ଓ ଅନ୍ୟ ସାମଗ୍ରୀର ଚାହିଦା ଥିବାରୁ ଏଭଳି କାଣ୍ଡ ହେଉଛି ବୋଲି ବିଦ୍ୟୁତ୍ ବିଭଗ ପକ୍ଷରୁ କୁହାଯାଇଛି। ଖବରପାଇ ମଇଦଲପୁର ଫାଣ୍ଡି ଅଧିକାରୀ ଅନାମ ଦିଆନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

## କୋରାପୁଟ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନକୁ ବିରୋଧ

ପଟ୍ଟାଙ୍ଗୀ,୨୫।୧୦(ଡି.ଏନ.ଏ.)

ସୁପ୍ରିମକୋର୍ଟଙ୍କ ଜାରି ସ୍ଥିତାବସ୍ଥାକୁ ଉଲ୍ଲଂଘନ କରି ବାରମ୍ବାର କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରୁଛି ଆନ୍ଧ୍ର। ଏହାକୁ ରୋକିବାକୁ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ପଦକ୍ଷେପମାନ ନିଆଯାଇଛି। ପୂର୍ବରୁ ଅନ୍ଧ୍ର ଫଗୁଣ ସିନେରି ଗ୍ରାମରେ ବୈଠକ ଚଳାଇଥିବା ବେଳେ ବିଧାୟକ ପ୍ରୀତମ ପାଢୀ ଏହାର କଡା ବିରୋଧ କରିଥିଲେ। ଏହାସତ୍ତ୍ୱେ ଆନ୍ଧ୍ର ନିଜ ମନମାନି ଜାରି ରଖିଥିଲା। ଏହାର ପ୍ରତିବାଦ ଜଣାଇ କୋରାପୁଟ ଜିଲା ପ୍ରଶାସନ କୋଟିଆର ୨ଟି ଗ୍ରାମରେ ଚଳାଇଥିବା ସ୍ୱାସ୍ଥ୍ୟସେବା ଶିବିରକୁ ଭଣ୍ଡୁର କରି ନିଜେ ସ୍ୱାସ୍ଥ୍ୟସେବା ଶିବିର କରି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଥିଲା। ରବିବାର କୋଟିଆ ପଞ୍ଚାୟତର ମାଡକାର , ବର୍ଣ୍ଣାପାଡୁ ଓ ଡୋଲିଆମ୍ବ ଗ୍ରାମ ପାଇଁ ୪ଟି ନାମଫଳକ ଧରି ଗ୍ରାମବାସୀ ଯାଉଥିବା ସମୟରେ ସୁନାବେଡା ଏସଡିପିଓ ମନୋଜ କୁମାର ବେହେରା,ପଟ୍ଟାଙ୍ଗୀ ଥାନା ଅଧିକାରୀ କୈବଲ୍ୟ ସେଠ, କୋଟିଆ ଥାନାର ଦୁଇଏଏସଆଇଙ୍କ ସହ ପୋଲିସ ଫୋର୍ସ ଗ୍ରାମବାସୀଙ୍କୁ ଅଟକାଇ ସବୁ ନାମଫଳକକୁ ସିଜ କରିଥିଲେ। ଅନୁପ୍ରବେଶକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ପ୍ରଶାସନ ସୁରକ୍ଷା ବ୍ୟବସ୍ଥା କଡାକଡି କରି ଆନ୍ଧ୍ରର ଏଜେଣ୍ଟମାନଙ୍କୁ ତାଗିଦ କରିଥିଲା। ଉକ୍ତ ରାଜ୍ୟର ସରକାରୀ କର୍ମଚାରୀଙ୍କୁ ମଧ୍ୟ ପ୍ରବେଶ କରିବାକୁ ଦେଇ ନ ଥିଲା। କୋରାପୁଟ ଜିଲା ପ୍ରଶାସନର ଏପରି ସୁରକ୍ଷା ବ୍ୟବସ୍ଥା କଡାକଡିକୁ ବିରୋଧ କରି ସୋମବାର ଆନ୍ଧ୍ରର ପୂର୍ବତନ ସରପଞ୍ଚ ବିଶୁ ଗେମେଲ ଓ ଫଗୁଣସିନେରି ଗ୍ରାମର ଚୋଡ ପେଲି ବିଶୁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ପାର୍ବତୀପୁରମ ପିଓ ଆଇଟିଡିଏ କାର୍ଯ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ଅଧିକାରୀଙ୍କ ସହ ସାଲୁର ବିଧାୟକ, ବିଜୟନଗରମ ଆରକ୍ଷୀ ଅଧୀକ୍ଷକ ଏବଂ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆମେ ଆନ୍ଧ୍ର ସହ ରହିଛୁ, ରହିଥିବୁ। ଓଡିଶା ପୋଲିସର ଆଭିମୁଖ୍ୟରେ ଆମେ ଅସୁରକ୍ଷିତ ବୋଲି ପ୍ରକାଶ କରିଛନ୍ତି।

**ଆନ୍ଧ୍ର ପ୍ରଶାସନକୁ ଦାବିପତ୍ର ଦେଲେ ପୂର୍ବତନ ସରପଞ୍ଚ**



ବିଜୟନଗରମ ଏସ୍‌ପିଙ୍କୁ ପୂର୍ବତନ ସରପଞ୍ଚ ବିଶୁ ଗେମେଲ ଓ ଚୋଡପେଲି ବିଶୁ ଦାବିପତ୍ର ଦେଉଛନ୍ତି।

## ବିରୁଡ଼ି ଆକ୍ରମଣରେ ମହିଳା ମୃତ

ଦଶମନ୍ତପୁର,( ଡ଼ି.ଏନ.ଏ ): ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜା ବେଡ଼ାପଦର ପଞ୍ଚାୟତର ଭଞ୍ଜାଗୁଡ଼ା ଗ୍ରାମର ଜଣେ ମହିଳା ନିଜ ଜମିରେ କାର୍ଯ୍ୟ କରୁଥିବା ସମୟରେ ବିରୁଡ଼ି ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ମକର ମୁଦୁଲିଙ୍କ ସ୍ତ୍ରୀ ସୁବର୍ଣ୍ଣ ମୁଦୁଲି ( ୩୫ )। ତାଙ୍କ ସୁବର୍ଣ୍ଣ ଗାଁଠାରୁ ୪ କି.ମି ଦୂର ଡ଼ାଲିଗୁଡ଼ା ଡ଼ଙ୍ଗରକୁ ନିଜ ଜମିରେ ଧାନଖଳାରେ ଧାନ ଅମଳ କରୁଥିଲେ। ମକର ଓ ସୁବର୍ଣ୍ଣା ଉଭୟେ ଦ୍ୱିପହରରେ ଖାଉଥିବା ସମୟରେ ୧୦୦ ମିଟର ଦୂରରେ ଥିବା ଏକ ଗଛରୁ ହଠାତ୍ ବିରୁଡ଼ିମାନେ ଆସି ଉଭୟଙ୍କୁ ଆକ୍ରମଣ କରିଥିଲେ।ମକର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ସୁବର୍ଣ୍ଣାଙ୍କ ମୃତ୍ୟୁ ହୋଇଥିଲା।

**ସଂକ୍ଷେପରେ**

## ବିକ୍ରମଦେବ ସ୍ୱୟଂଶାସିତ କଲେଜରେ ଏନସିସି ମହାନିର୍ଦ୍ଦେଶକ



ଜୟପୁର, ୨୫।୧୦ (ନି.ପ୍ର.): ଏନସିସି ମହାନିର୍ଦ୍ଦେଶକ ସୋମେନ ବାନାର୍ଜୀ ସୋମବାର ଜୟପୁର ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଗସ୍ତ କରିଥିଲେ। ତାଙ୍କ ସହ ୱାନ ଓଡିଶା ଆଇଏନଏଫ ଆଇନଡିଇଏଫ ସିଗ୍ନା ଏନସିସିର କମାଣ୍ଡିଂ ଅଫିସର ଲେପଟନାଣ୍ଟ କର୍ଣ୍ଣେଲ ନବୀନ ପରାସର ଥିଲେ। ଉଭୟେ କଲେଜ ଅଧକ୍ଷ ଗୋପାଳ ହାଲଦାରଙ୍କ ସହ ଆଲୋଚନା କରିଥିଲେ। ତାଙ୍କୁ କଲେଜ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଏହି ଅବସରରେ ମହାନିଦେଷକ ବାନାର୍ଜୀ ଏନସିସି ଛାତ୍ରମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଲେପଟ୍ନାଣ୍ଟ ଲକ୍ଷ୍ମଣ ପାତ୍ର ଏନସିସିର ବିଭିନ୍ନ କାଯ୍ୟକ୍ରମ ସମ୍ପର୍କରେ ତାଙ୍କସହ ଆଲୋଚନା କରିଥିଲେ।

# ୨୦ରୁ କୋଟିଆର ନେରେଡିବାଲସାରୁ ଆରମ୍ଭ ହେବ ପରବ

କୋରାପୁଟ,୨୫।୧୦(ସ୍ୱ.ପ୍ର.)

ନଭେମ୍ବର ୨୦ରୁ ମୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତର ନେରେଡିବାଲସାରୁ ଆରମ୍ଭ ହେବ ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ–୨୦୨୧। ଡିସେମ୍ବର ୧୭,୧୮ ଓ ୧୯ ତିନିଦିନ ଧରି କୋରାପୁଟର ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟର ପଡିଆଠାରେ ପରବର ମୁଖ୍ୟ ସମାରୋହ ହେବ। ପଞ୍ଚାୟତସ୍ତରୀୟ, ବ୍ଲକସ୍ତରୀୟ ଓ ଜିଲାସ୍ତରୀୟ ଏପରି ତ୍ରିସ୍ତରୀୟ ଭାବେ ଉତ୍ସବ ପାଳନ କରାଯିବ। ଏନେଇ ସୋମବାର କୋରାପୁଟ ମେଡିକାଲ କଲେଜର ଅଡିଟୋରିୟମଠାରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ପରବ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ ଜିଲା ସଂସ୍କୃତି ବିଭାଗ ଅଧକ୍ଷ ତଥା ଜିଲାପାଳ ଅବଦାଲ ଏମ. ଅଖତାର ଅଧକ୍ଷତା କରିଥିଲେ। ବୈଠକରେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜିଲା ପରିଷଦ ଅଧକ୍ଷା ତୁଳସି କିରସାନୀ, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ହେମକାନ୍ତ ସାଏ, ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ, ରାଜେନ୍ଦ୍ର ମାଝି, ମେଡିକାଲ କଲେଜ ଡିନ କୃଷ୍ଣଚନ୍ଦ୍ର ବିଶ୍ୱାଳ, ନବରଙ୍ଗପୁର ଓ କୋରାପୁଟ ଏମ୍ପି ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଏହି ଲୋକ ମହୋତ୍ସବ କିପରି ମହାସମାରୋହରେ ପାଳିତ ହେବ ସେନେଇ ନିଜ ମତ ରଖିଥିଲେ। ଚଳିତ ବର୍ଷ ପରବ ୨୫ ବର୍ଷରେ ପହଞ୍ଚିଛି। ପରବର ରୌପ୍ୟ ଜୟନ୍ତୀ ପାଳନ ହେବ। ଏହାକୁ ଅଧିକ ଲୋକାଭିମୁଖୀ କରିବାକୁ ରାଜ୍ୟସରକାର ପ୍ରାୟ ୧ କୋଟି ଟଙ୍କାର ସହାୟତା ପ୍ରଦାନ କରିବେ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଜିଲାର ଆଦିବାସୀ ସଂସ୍କୃତି ଓ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀଗୁଡିକର ପ୍ରଚାରପ୍ରସାର କରି ଜାତୀୟ ସ୍ତରରେ ଜିଲାର ନାମକୁ ଶୀର୍ଷରେ ପହଞ୍ଚାଇବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। କୋଟିଆର ନେରେଡିବାଲସାରୁ ପରବର ମୁଖ୍ୟ ମଶାଲ ପ୍ରଜ୍ୱଳନ କରାଯାଇ ରାଜ୍ୟସ୍ତରୀୟ ପରବର ଭାବେ ଶୁଭାରମ୍ଭ ହେବ। ଜିଲାର ସେମିଳିଗୁଡାର ପୁଟସିଲର ପେଣ୍ଡାଜାମ ଅଞ୍ଚଳକୁ ନଭେମ୍ବର ୧୫ରୁ ଇକୋରିଟ୍ରିଟ ହବ ଘୋଷଣା କରାଯାଇ ସେଠାରେ ପର୍ଯ୍ୟଟକମାନଙ୍କ ପାଇଁ ୨୦ରୁ ଉର୍ଦ୍ଧ୍ୱ କଟେଜ ନିର୍ମାଣ କରାଯିବ ବୋଲି ଜିଲାପାଳ କହିଥିଲେ। ବୈଠକକୁ ଜିଲା ସଂସ୍କୃତି ଅଧିକାରୀ ମାଧବ କୁମାର ପାଙ୍ଗି ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ ପରବ ସମ୍ପର୍କରେ ଆଲୋଚନା କରୁଛନ୍ତି।

- ତିନିଦିନ ଧରି କୋରାପୁଟରେ ହେବ ମୁଖ୍ୟ ସମାରୋହ
- ଆଦିବାସୀ ସଂସ୍କୃତି, ପର୍ଯ୍ୟଟନସ୍ଥଳୀର ଉନ୍ନତି ଉପରେ ଗୁରୁତ୍ୱ
- ପେଣ୍ଡାଜାମ ଅଞ୍ଚଳରେ ପର୍ଯ୍ୟଟକଙ୍କ ପାଇଁ କଟେଜ ନିର୍ମାଣ

## ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

କୁଡୁମୁଲୁଗୁମ୍ମା,୨୫।୧୦(ଡି.ଏନ.ଏ.)

ମାଲାକନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବୁଟିଗୁଡା କଲୋନୀ ଗ୍ରାମର ସନ୍ୟାସୀ ପାଙ୍ଗିଙ୍କ ପୁଅ ସରୋଜ କୁମାର ପାଙ୍ଗି(୨୫)ଙ୍କ ମୃତଦେହ ତାଙ୍କ ଘରଠାରୁ ୧୦୦ ମିଟର ଦୂରରେ ଥିବା ଗୀତା ଖରା ନାମକ ଜଣେ ମହିଳାଙ୍କ ଘରୁ ଉଦ୍ଧାର ହୋଇଛି। ଏନେଇ ପରିବାର ଲୋକେ ଜାଣିବା ପରେ ରାତି ଗୋଟାଏରେ ସେଠାରେ ପହଞ୍ଚି ସରୋଜଙ୍କ ମୃତଦେହ ନିଜ ଘରକୁ ନେଇଥିଲେ। ସୋମବାର ପରିବାର ଲୋକେ ସ୍ଥାନୀୟ ଫାଣ୍ଡି ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଚିତ୍ରକୋଣ୍ଡା ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ଓ କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହି ସମୟରେ ସେମାନେ ସରୋଜଙ୍କ ଗଳାରେ ଏକ କଟାଦାଗ ଥିବା ଦେଖିବାକୁ ପାଇଥିଲେ। ପରେ ଗୀତା ଖରାଙ୍କୁ ପଚରାଉଚରା କରିଥିଲେ। ଏହି ସମୟରେ ଗ୍ରାମର ଅଧିକାଂଶ ଲୋକ ଏହା ଏକ ପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ୧୯୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଲେ ଯେ, ପ୍ରାଥମିକ ତଦନ୍ତ ଜାରି ରହିଛି।

## ଶହୀଦ ଅଜିତ ସୋଡ଼ିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲା ପୋଲିସ ବିଭାଗ



ଏମ୍‌ଭି ୭୯, ୨୫।୧୦(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାବର୍ତ୍ତୀ ପଡିଆ ବ୍ଲକ ଶିମିଳିବାଞ୍ଚା ଗ୍ରାମର ଅଜିତ ସୋଡ଼ି ପୋଲିସ ବିଭାଗରେ ଜଣେ ଏସ୍‌ପିଓ ଭାବେ କାର୍ଯ୍ୟରତ ଥିବାବେଳେ ଶହୀଦ ହୋଇଥିଲେ। ଏଥିପାଇଁ ସୋମବାର ଶହୀଦ ଅଜିତଙ୍କ ସମ୍ମାନରେ ଏମଭି-୭୯ ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ତାଙ୍କ ପରିବାର ଲୋକଙ୍କୁ ସମ୍ମାନିତ କରାଯାଇଛି। ଅଜିତ ୨୦୦୯ରୁ ପୋଲିସ ବିଭାଗରେ ଜଣେ ଏସ୍‌ପିଓ ଭାବେ କାର୍ଯ୍ୟ କରି ଆସୁଥିଲେ। ଦୁର୍ଗମ ଅଞ୍ଚଳରେ ମାଓବାଦୀ ଦମନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସୂଚନା ସଂଗ୍ରହ କରୁଥିଲେ। ତେବେ ୨୦୧୨ ଜୁଲାଇ ୨୯ରେ ଅଜିତ୍ ଯବାନଙ୍କ ସହ ମିଶି ମାଓବାଦୀ ମୁକାବିଲା କରୁଥିବା ବେଳେ ମାଓବାଦୀଙ୍କ ଗୁଳିର ଶିକାର ହୋଇ ଶହୀଦ ହୋଇଥିଲେ। ଏହି ଶହୀଦଙ୍କ ବଳିଦାନକୁ ପୋଲିସ ବିଭାଗ ସ୍ମରଣ କରି ତାଙ୍କ ସମ୍ମାନରେ ପ୍ରତି ବର୍ଷ ଆଜିର ଦିନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଥାନା ଅଧିକାରୀ ଜୟପ୍ରକାଶ ନାରାୟଣ ହୋତାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଅଜିତଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ତାଙ୍କ ପୈତୃକ ଗ୍ରାମ ଶିମିଳିବାଞ୍ଚାକୁ ଯାଇ ପରିବାର ଲୋକଙ୍କୁ ଭେଟି ସମ୍ମାନିତ କରି ସମବେଦନା ଜଣାଇଥିଲେ।

## ପଟ୍ଟାଙ୍ଗୀ ସଦର ମହକୁମାରେ ପେଟ୍ରୋଲ ପମ୍ପ ଉଦ୍‌ଘାଟିତ

ପଟ୍ଟାଙ୍ଗୀ,୨୫।୧୦(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାରେ ସୋମବାର ଏକ ପେଟ୍ରୋଲ ପମ୍ପ ଉଦ୍‌ଘାଟିତ ହୋଇଯାଇଛି। ତହସିଲଦାର ହରିପଦ ମଣ୍ଡଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପଟ୍ଟାଙ୍ଗୀ ବ୍ଲକର ଜନସାଧାରଣ ପେଟ୍ରୋଲ, ଡିଜେଲ ପାଇଁ ଏଠାରୁ ୨୨ କି.ମି. ଦୂର ସେମିଳିଗୁଡ଼ା ବ୍ଲକ ଉପରେ ନିର୍ଭର କରୁଥିଲେ। ଏନେଇ ବ୍ଲକ ବାସିନ୍ଦା ବ୍ଲକ ସଦରରେ ଏକ ପେଟ୍ରୋଲ ପମ୍ପ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାଲାଗି ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ବ୍ଲକର ଅନୁପ କୁମାର ଚୌଧୁରୀଙ୍କୁ ପ୍ରଶାସନ ପେଟ୍ରୋଲ ପମ୍ପ ପ୍ରତିଷ୍ଠା କରିବାକୁ ଅନୁମତି ଦେଇଥିଲେ। ଅରୁନଦେବୀ ଫିଲିଂ ସେଣ୍ଟର ନାମରେ ପେଟ୍ରୋଲ ପମ୍ପ ଉଦ୍‌ଘାଟନ ପରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ପ୍ରତୀକ୍ଷାର ଅବସାନ ଘଟିଛି। ଏହି ସମୟରେ ରାମପ୍ରସାଦ ଚୌଧୁରୀ, ଲୋକେଶ୍ୱର ଚୌଧୁରୀ, ଜଗଦୀଶ ଚୌଧୁରୀ, ଉତ୍କଳ ସମ୍ମିଳନୀର ବ୍ଲକ ସଭାପତି ଶରତ କୁମାର ଧଳ, ପ୍ରତାପ ଚୌଧୁରୀ, ବଳରାମ ବାରିକ, ଜି. କୋଟେଶ୍ୱର ରାଓ, ସୁମିତ ଚୌଧୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ପେଟ୍ରୋଲ ପମ୍ପ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।





ଦଶମନ୍ତପୁରରେ ଛାତ୍ରୀଛାତ୍ରଙ୍କୁ ଖାତା, ପେନ୍ ଦେଇ ସ୍ୱାଗତ କରାଯାଉଛି, କୋରାପୁଟରେ ଜଣେ ଛାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି।

## କୋରାପୁଟ ବ୍ଲକର ୭୫ ସ୍କୁଲରେ ଖୋଲିଲା ଅଷ୍ଟମ ଶ୍ରେଣୀ

କୋରାପୁଟ/ଦଶମନ୍ତପୁର, ୨୫।୧୦(ସ୍ୱ.ପ୍ର./ଡି.ଏନ.ଏ.)

କୋଭିଡ କଟକଣା ଯୋଗୁ ଦୀର୍ଘଦିନ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିବା ପରେ ଏବେ ସରକାର ପର୍ଯ୍ୟାୟକ୍ରମେ ବିଦ୍ୟାଳୟ ଖୋଲି ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଲାଗି ବିଭିନ୍ନ ଶ୍ରେଣୀ ଖୋଲୁଛନ୍ତି। ଏହି କ୍ରମରେ ପୂର୍ବରୁ ନବମ, ଦଶମ ଶ୍ରେଣୀ ଖୋଲିଥିବା ବେଳେ ସୋମବାର କୋରାପୁଟ ବ୍ଲକର ୭୫ଟି ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଖୋଲାଯାଇଥିବା ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି କହିଛନ୍ତି। ପ୍ରଥମ ଦୁଇ ଦିନ ପ୍ରବେଶ ବୈଠକ ଓ ପରେ ୩ ଦିନ ପର୍ଯ୍ୟନ୍ତ ପ୍ରାରମ୍ଭିକ ଆକଳନ କରାଯିବ। ସେହିଭଳି ବିଦ୍ୟାଳୟରେ କୋଭିଡ ଗାଇଡଲାଇନ ତଦାରଖ ନେଇ ଏକ କମିଟି ଗଠନ କରାଯାଇଥିବା ଜାନି କହିଛନ୍ତି। ବିଦ୍ୟାଳୟର ମୁଖ୍ୟ ଫାଟକଠାରେ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯିବା ସହ ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜ କରିବା ପରେ ଶ୍ରେଣୀକୁ ଛଡାଯାଇଥିଲା। ଦୀର୍ଘ ଦିନ ଧରି ବିଦ୍ୟାଳୟ ବନ୍ଦ ରହିଥିବଯୋଗୁଁ ଘରେ ଭଲଲାଗୁନଥିଲା ଏବେ ବିଦ୍ୟାଳୟ ଖୋଲିବାରୁ ଆମକୁ ବହୁତ ଖୁସି ଲାଗୁଛି ବୋଲି ଛାତ୍ରୀ ଭାରତୀ ଖିଲ କହିଛନ୍ତି। ଦଶମନ୍ତପୁର ବ୍ଲକରେ ମଧ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଖୋଲିଛି। ଗାଦିଆଗୁଡା ପଞ୍ଚାୟତର ପାଇକପୁଟି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ମାନେ ବିଦ୍ୟାଳୟରେ ପହଞ୍ଚିବା ପରେ ଗୁରୁମାଗୁରୁଜୀମାନେ ସେମାନଙ୍କୁ ନୂତନ ଖାତାକଲମ ଦେଇ ସ୍ୱାଗତ କରିବା ବ୍ୟବସ୍ଥା ହୋଇଥିଲା ବୋଲି ପ୍ରଧାନ ଶିକ୍ଷକ ସୁଖରାମ ଗଣ୍ଡ କହିଛନ୍ତି।

## ଶବରୀ ନାରାୟଣ ଜଗନ୍ନାଥ ମନ୍ଦିରରେ କାର୍ତ୍ତିକବ୍ରତ



କୋରାପୁଟ,୨୫।୧୦(ସ୍ୱ.ପ୍ର)

କୋରାପୁଟ ଜିଲାର ବିଲାପୁଟ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିରଠାରେ କାର୍ତ୍ତିକବ୍ରତ ଆରମ୍ଭ ହୋଇଛି। ବିଲାପୁଟ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ କୀର୍ତ୍ତନ ସହ ପୂଜାର୍ଚ୍ଚନା କରିଥିଲେ। କୋଭିଡ ନିୟମ ମୁତାବକ ହୋଇଥିବା ଏହି କାର୍ଯ୍ୟକ୍ରମରେ ମନ୍ଦିର ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ, ନାରାୟଣ ପ୍ରଧାନି, ବିଶ୍ୱନାଥ ପ୍ରଧାନି, ଦୟା ଖିନବୁଡି, ଅର୍ଜ୍ଜୁନ କୁଲଦୀପ, କୃଷ୍ଣ ପ୍ରଧାନି, ପାର୍ବତୀ ପ୍ରଧାନୀ, ବଳି ପ୍ରଧାନି ପ୍ରମୁଖ ଉପସ୍ଥିତ ଥିଲେ।

## ପାଲିବାଠାରେ ଓଭର ବ୍ରିଜ ନିର୍ମାଣ ଦାବି କଲେ ଅଞ୍ଚଳବାସୀ

କୋରାପୁଟ,୨୫।୧୦(ସ୍ୱ.ପ୍ର)

କୋରାପୁଟ ଜିଲାର ଲମତାପୁଟ ବ୍ଲକର ପାଲିବାଠାରେ ରେଲୱେ କ୍ରସିଂଠାରେ ଓଭର ବ୍ରିଜ ନିର୍ମାଣ ଦାବିରେ ସୋମବାର ଗ୍ରାମବାସୀ ଜିଲାପାଳ ଜିଲାପାଳ ଅବଦାଲ ଏମ. ଅଖତାରଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ବ୍ଲକର ବନମାଳିପୁଟ, କୁମାରଗନ୍ଧଣା, ଉମ୍ୱେଲ ପଞ୍ଚାୟତର ଗ୍ରାମବାସୀ ପାଲିବା ରେଳଲାଇନ ଦେଇ ପ୍ରତ୍ୟେହ ଯାତାୟାତ କରୁଛନ୍ତି। ଅଧିକାଂଶ ସମୟରେ ସେମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି ବୋଲି ସେମାନେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ସେଠାରେ ଅତିଶୀଘ୍ର ଓଭର ବ୍ରିଜ ନିର୍ମାଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଏଠାରେ ଓଭର ବ୍ରିଜ ନିର୍ମାଣ ନେଇ ବ୍ୟୟ ଅଟକଳ କରି ରେଳ ବିଭାଗ ଜିଲା ପ୍ରଶାସନକୁ ଦେବା ପରେ ମୁଖ୍ୟମନ୍ତ୍ରୀଙ୍କୁ କହି ଏଠାରେ ବ୍ରିଜ୍ ନିର୍ମାଣ କରାଯିବ ବୋଲି ବିଧାୟକ ରଘୁରାମ ପଡାଲ ସୂଚନା ଦେଇଛନ୍ତି।

## ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ

**ମମିତା ହତ୍ୟା ମାମଲା**



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ମାଲକାନଗିରି,୨୫।୧୦ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲର ଅଧକ୍ଷା ମମିତା ମେହେରଙ୍କ ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ତାଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରି ଗିରଫ କରିବାକୁ ମାଲକାନଗିରି ଜିଲା ଭାଜପା ମହିଳା ମୋର୍ଚ୍ଚା ଦାବି କରିଛି। ଏନେଇ ଜିଲା ସଦର ମହକୁମାରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ହତ୍ୟା କରିଥିବା ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଭାବେ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ସମ୍ପୃକ୍ତି ରହିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରମାଣ ସହ ଖବର ପ୍ରକାଶ ପାଇଛି। ମନ୍ତ୍ରୀ ନିଜ ପଦର ଅପବ୍ୟବହାର କରି ସାହୁଙ୍କୁ ସହଯୋଗ କରିବା, ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କୁ ନିର୍ଯ୍ୟାତନା ଦେଉଥିବା ପ୍ରମାଣ ମିଳିଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ ତାଙ୍କ ପ୍ରତି ଏଯାଏ କାର୍ଯ୍ୟାନୁଷ୍ଠାନ ନ ହେବା ଦୁର୍ଭାଗ୍ୟଜନକ ବୋଲି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଏହି ବିକ୍ଷୋଭରେ ଶତାଧିକ ମହିଳା କର୍ମୀ ସାମିଲ ହୋଇଥିଲେ।

## ଅବକାରୀ ଧରପଗଡ଼

କୋରାପୁଟ,୨୫।୧୦(ସ୍ୱ.ପ୍ର.)

କୋରାପୁଟ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ କୁନ୍ଦୁରା ଥାନା ଅନ୍ତର୍ଗତ ସିଉନିଗୁଡା ଗ୍ରାମର ନାଳ କଡରେ ଦୀର୍ଘ ଦିନ ହେଲା ବେଆଇନ ଭାବେ ରନ୍ଧାଯାଉଥିବା ମଦ ଭାଟି ଉପରେ ସୋମବାର ଚଢାଉ କରାଯାଇଥିଲା। ସେଠାରେ ଥିବା ପୋଚ ଓ ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଚଢ଼ାଉରେ ଜୟପୁର ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଡିଏଫ୍‌ଏସ୍ ଇନ୍‌ସପେକ୍ଟର ଦିଲୀପ ରଥ, କୋଟପାଡ ଅବକାରୀ ଉପନିରୀକ୍ଷକ ତ୍ରିପତୀ ପଟ୍ଟନାୟକ, ଡିଏଫ୍‌ଏସ୍ ଏସ୍‌ଆଇ ଖଗେଶ୍ୱର କଟାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KALAHANDI
Advertisement No.:- 5350 Date:- 22.10.2021
**Tender Call Notice for Supply of Computer peripherals/ Split AC/ Almirah and Others**
No.E-553:- Sealed tenders are invited from suppliers/agencies/ Traders for supply of Office Stationary Materials to Chief District Medical & Public Health Officer, Kalahandi for ART centre, DHH Kalahandi. Details regarding supply as per need and term & conditions may be downloaded from the website www.kalahandi.nic.in. The tender papers should reach the Office of the undersigned by 05.11.2021 (till 04.00 P.M.) and the Tender papers will be opened on 06.11.2021 at 04.00 P.M. The undersigned reserves the right to reject any or all the tenders without assigning any reason thereof.
Sd./- Chief District Medical & Public Health Officer, Kalahandi
OIPR-10076/11/0011/2122

No. DSPL-208:
**ବିଜ୍ଞାପନ**
ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏ ଆର "AR" ସିରିଜ୍‌ର ଉଠାଣ ତା୨୭।୧୦।୨୦୨୧ରିଖ ବୁଧବାର ଅପରାହ୍ନ ୩.୩୦ ଘଟିକା ସମୟରେ ଜୟଦେବ ଭବନ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଜନସାଧାରଣ ଏହି ଉଠାଣ ପ୍ରକ୍ରିୟାର ସିଧା ପ୍ରସାରଣ YouTube (URL: bit.ly/38B5Hzl ଏବଂ ଅର୍ଥ ବିଭାଗର Facebook (URL: https://www.facebook.com/FinanceOdisha)ରେ ଦେଖିପାରିବେ। ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା।
ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର
OIPR-05001/13/0005/2122

ବିଜ୍ଞାପିତ ଅଞ୍ଚଳ ପରିଷଦ, ପଦ୍ମପୁର
OFFICE OF THE NOTIFIED AREA COUNCIL, PADAMPUR
Dist.: Bargarh (Odisha), PIN - 768036,
Email: nac.padampur@gmail.com
No.6278/NACP Dated: 22.10.2021
**QUOTATION CALL NOTICE**
No. C-1130: Sealed quotations are invited from Registered/Experience/ Reputed Consultants/Architects having valid Income Tax and GST Registration Certificates, who are already involved in preparation of plan, designs, detailed estimates and rate analysis along with testing of soil of project may be apply to the undersigned for engagement of consultant for different development projects of Padampur NAC in two cover bids. The cover one will contain technical bids and the cover two will contain the financial bids. After evaluation of technical bid the financial bid of qualified bidders will be opened. The bidder should be a qualified architect and registered member of Council of Architecture. In case of Proprietorship firm, the proprietor and in case of Partnership firm, all the partners must have valid registration under Council of Architecture. The consultant should have previous experience and must have completed similar nature of works under any Development Authority or Urban Local Bodies of the Odisha State. Preference shall be given to those consultant who has already rendered similar type of services to various Urban Local Bodies of Odisha State Government. Tender paper available in NAC Office from 10.00 A.M. of dated 25.10.2021 to 12.00 P.M. of dated 01.11.2021. The quotation shall be submitted on or before Dt.02.11.2021 at 4.00 P.M. and the technical bid (Cover One) & financial bid will be opened on next day i.e. dated 03.11.2021 at 11.00 A.M. in presence of the bidder or their authorized representative. The undersigned reserves all reject any or all quotations without assigning any reason thereof.
Sd./- Executive Officer, Padampur NAC
OIPR-13118/11/0005/2122

GOVT. OF ODISHA
DIRECTORATE OF HORTICULTURE
KRUSHI BHAWAN, NEAR STATE GUEST HOUSE, GOPABANDHU MARG, BHUBANESWAR, ODISHA
PIN CODE -751 001
Advt. No.- DHO-SECIII-MISC-0017/2020 10120 Dated- 22.10.2021
**CORRIGENDUM**
**EXPRESSION OF INTEREST FOR SUPPLY OF VEGETABLE MINIKIT FOR RABI- 2021-22**
No.L-79:- With reference to the Expression of Interest (EoI) for **Supply of Vegetable Minikit** to the farmers of Odisha during Rabi 2021-22 published vide this Office Advertisement No. **47**, Dt.**20.09.2021**, it is hereby informed to all concerned that the last date of submission of EoI is extended to **01.11.2021** by **5.30 P.M.** The sealed EoI has to be submitted to this Directorate through Registered Post / Speed Post (Indian Post) / Courier Service only by the said deadline. The same will be opened on 02.11.2021 at 11.00 A.M. in the Training Hall at Ground floor of Krushi Bhawan. The sealed envelope should be superscripted with "**EoI for Supply of Vegetable Minikit during Rabi - 2021-22**". The detailed revised Vegetable Mini Composition including terms of reference and conditions of the EoI is available on the website.
http://odisha.gov.in/
http://odihort.nic.in/
Sd/- dated 22/10/2021
(Sri Rohit Kumar Lenka, IFS)
Director of Horticulture, Odisha, Bhubaneswar
OIPR-01038/11/0011/2122

GOVERNMENT OF ODISHA
OFFICE OF THE EXECUTIVE ENGINEER, PANIKOILI (R&B) DIVISION, PANIKOILI
INVITATION FOR BIDS (IFB)
Email ID: eepwd.pkl@rediffmail.com
**Corrigendum Notice**
Bid Identification No. E.E. PKL RNB-13/2021-22
Letter No. 5916 dt.22.10.2021
No. B-503:- The tender for the work "**Construction of minor bridge (Skew) over canal crossing at 6/250 K.M. on right canal embankment of road from Kianalikula to Sunduraimuhan (Jajpur Bypass road) for the year 2021-22**" vide **TCN 13/2021-22** is hereby cancelled due to unavoidable circumstances.
Sd./- Executive Engineer, Panikoili (R&B) Division
OIPR-34067/11/0011/2122

OFFICE OF THE BARIPADA MUNICIPALITY
BARIPADA, MAYURBHANJ-757001
Tel: 06792-252703; Website: www.baripadamunicipality.in. e-mail: baripadam.hud@nic.in
No. 4896/Dt. 18.10.21
**AUCTION SALE NOTICE**
**No. C-1133:-** Sealed Tenders / bids from intending purchasers are invited in prescribed format by 10.11.2021 up to 2.00 P.M. for auction sale of unserviceable / damaged materials of the Municipality "AS IS WHERE IS BASIS AND AS IS WHAT IS BASIS".
The tender / bid application along with terms and conditions and detailed list of the unserviceable / damaged assets put under auciton sale may be downloaded from the website: www.baripadamunicipality.in
Last date for submission of EMD and Application: 10.11.2021 upto 2.00 P.M.
Sd./- Executive Officer, Baripada Municipality
OIPR-13078/11/0026/2122

GOVERNMENT OF ODISHA No. O-850
OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA
INVITATION FOR BIDS (SHORT NOTICE)
eerw_kpd@yahoo.com
'E' PROCUREMENT NOTICE No. RWD/KPD-04/2021-22 Dt.18.10.2021

| | | |
|---|---|---|
| 1. | Name of work | : Repair of Building work in the District of Kendrapara for the year 2021-22 |
| 2. | Total No. of work | : 07 Numbers Repair of Building work |
| 3. | Estimated Cost | : Rs.0.89 Lac to 6.82 Lac approximately |
| 4. | Period of Completion | : As specified in the Annexure |
| 5. | Class of Contractors | : As specified in the Annexure |
| 6. | Cost of tender paper | : Cost of tender paper is to be remitted ONLINE as specified in Column-5 of the Annexure |
| 7. | Details Projects | : As specified in the Annexure |

**Other details as follows:**

| | | |
|---|---|---|
| a) | Procurement Officer | : Superintending Engineer Rural Works Division, Kendrapara |
| b) | Availability of tender online | : 26.10.2021 at 11.00 A.M. to 08.11.2021 upto 5.00 P.M. |
| c) | Last date & time of seeking of tender clarification | : 06.11.2021 upto 5.00 P.M. |
| d) | Opening of Tender | : 09.11.2021 at 11.00 A.M. |
| e) | Decision to Conduct Lottery | : If required, to decide the agency, transparent Lottery shall be conducted on Dt.15.11.2021 at 11.00 A.M. in Office Chamber of the undersigned. |

Further details can be seen from the Govt. website **www.tendersorissa.gov.in**.
Sd./- A.K. Sahu
Superintending Engineer
Rural Works Division, Kendrapara
OIPR-25064/11/0009/2122

## ସଂକ୍ଷେପରେ

### ଜଳିଗଲେ ଦମ୍ପତି
**ଶର୍ଟ ସର୍କିଟରୁ ଫ୍ରିଜ୍ ଫାଟିଲା**

**କେନ୍ଦୁଝର/ଯୋଡ଼ା,୨୫।୧୦(ସ୍ୱ.ପ୍ର./ଡି.ଏ ନ.ଏ):** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବଳଦା ଗ୍ରାମରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ଦମ୍ପତି ଜୀବନ୍ତ ଦଗ୍ଧ ହେବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଅଗ୍ନିକାଣ୍ଡରେ ଘରର ବିଭିନ୍ନ ଆସବାବପତ୍ର ପୋଡ଼ିଯାଇଥିବା ବେଳେ ଏକ ଫ୍ରିଜ୍ ଫାଟିଯାଇଛି। ଘଟଣା ସମୟରେ ଅନ୍ୟ ଏକ କୋଠରିରେ ଶୋଇଥିବା ସେମାନଙ୍କର ୮ବର୍ଷର ପୁଅ ଅଳ୍ପକେ ବର୍ତ୍ତିଯାଇଥିବା ସୂଚନା ମିଳିଛି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ଦେହୁରୀ (୪୦) ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ (୩୫)। ସୂଚନା ଅନୁଯାୟୀ, ରବିବାର ରାତିରେ ସ୍ୱାମୀ ସ୍ତ୍ରୀ ଶୋଇଥିବା ବେଳେ ଶର୍ଟ ସର୍କିଟ ଯୋଗୁ ହଠାତ୍ ଉକ୍ତ ଘରେ ନିଆଁ ଲାଗିଯାଇଥିଲା। ଘରେ ଥିବା ଫ୍ରିଜ୍‌ଟି ଫାଟିଯିବାରୁ ପୋଡ଼ିହୋଇ ଉଭୟଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ବିଦ୍ୟୁତ୍ ଟେକ୍ନିସିଆନଙ୍କ ସହାୟତାରେ ଦୁର୍ଘଟଣାର କାରଣ ଖୋଜାଯାଉଛି। ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ବଡ଼ବିଲ ଏସ୍‌ଡିପିଓ ହିମାଂଶୁ ବେହେରା କହିଛନ୍ତି।

### ଭିଜିଲାନ୍ସ ଜାଲରେ ଥୁଆମୂଳ ରାମପୁର ସିଡିପିଓ

**ଭବାନୀପାଟଣା,୨୫।୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଆଇସିଡିଏସ୍‌ର ସିଡିପିଓ ପୁଷ୍ପାଞ୍ଜଳି ରଥ ସୋମବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଅଙ୍ଗନୱାଡି କର୍ମୀ ଚାକିରି କରାଇ ଦେବା ନାଁରେ ମେନରପା ଗ୍ରାମର ବାସନ୍ତୀ ସିଂଙ୍କ ସ୍ୱାମୀ ବୀରଙ୍କଠାରୁ ୧ଲକ୍ଷ ଟଙ୍କା ଲାଞ୍ଚ ଭବାନୀପାଟଣାସ୍ଥିତ ନିଜ ବାସଭବନରେ ନେଉଥିବା ବେଳେ ବିଭାଗୀୟ କର୍ମଚାରୀମାନେ ତାଙ୍କୁ ଧରିଥିଲେ। ଏହି ଚଢାଉରେ ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଗ, ମାଲକାନଗିରି ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ, ଅଜିତ ପାଢ଼ୀ, ଟନି ସାହୁ, ରାମୁ ହରିଜନ ପ୍ରମୁଖ ସାମିଲ ଥିଲେ। ସୋମବାର ରାତିରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ଡିଏସ୍‌ପି ବାଗ ପ୍ରକାଶ କରିଛନ୍ତି।

# ନୂଆ ସମ୍ଭାବନା ନେଇ ସଜାଡ଼ି ହେଉଛି ପର୍ଯ୍ୟଟନ



**ନୂଆ ଆଶା ନେଇ ସଜାଡ଼ି ହେଉଛି ଓଡ଼ିଶା ପର୍ଯ୍ୟଟନ। କରୋନା କଷଣ ଭିତରେ ଦୋହଲି ଯାଇଥିବା ପର୍ଯ୍ୟଟନ ଓ ହସ୍ପିଟାଲିଟି ଶିଳ୍ପ ଧୀରେ ଧୀରେ ଅଣ୍ଟା ସଳଖୁଛି। ରାଜ୍ୟର ପର୍ଯ୍ୟଟନ ସ୍ଥଳୀଗୁଡିକ ଖୋଲିବା ଆରମ୍ଭ କରିଥିଲେ ମଧ ଏଯାଏ ସ୍ଥିତି ସମ୍ପୂର୍ଣ୍ଣ ସୁଧୁରି ନାହିଁ। ଏ ପରିସ୍ଥିତିରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ଓ ପର୍ଯ୍ୟଟନ ବିଭାଗର ଉଦ୍ୟମ ନୂଆ ସମ୍ଭାବନା ସୃଷ୍ଟି କରିଛି।**




## ଏବର୍ଷ ୭ ସ୍ଥାନରେ ଇକୋ ରିଟ୍ରିଟ୍

ଓଡ଼ିଶାର ବିକାଶଧାରାରେ ପ୍ରମୁଖ ଭୂମିକା ନେଇଥିଲା ପର୍ଯ୍ୟଟନ ଶିଳ୍ପ। ରାଜ୍ୟ ରାଜସ୍ୱର ବଡ଼ଭାଗ ପର୍ଯ୍ୟଟନ ଓ ହସ୍ପିଟାଲିଟି କ୍ଷେତ୍ରରୁ ଆସୁଥିଲା। ମାସକୁ ପ୍ରାୟ ୧୫୦ କୋଟି ଟଙ୍କା ଆୟ କରୁଥିଲା ଓଡ଼ିଶା। ମାତ୍ର ମହାମାରୀ କାରଣରୁ ଗତ ୨୦ ମାସ ଭିତରେ ପର୍ଯ୍ୟଟନ ବିଭାଗ ଅଢେଇରୁ ୩ ହଜାର କୋଟି ଟଙ୍କାର କ୍ଷତି ସହିସାରିଲାଣି। ଏବେ ପୁଣି ଥରେ ଟ୍ରାକ୍‌କୁ ଫେରିବାକୁ ଚେଷ୍ଟା କରୁଛି ବିଭାଗ। ଏଥିପାଇଁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକ ନୂଆ ରୂପରେ ସଜେଇ ହେଉଛି। କ୍ଷତି ଭରଣା ପାଇଁ ଆସନ୍ତା ପର୍ଯ୍ୟଟନ ଋତୁରେ ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ବେଳାଭୂମି ମହୋତ୍ସବ, ଇକୋ ରିଟ୍ରିଟ୍ ଭଳି କାର୍ଯ୍ୟକ୍ରମ ଉପରେ ପ୍ରାଧାନ୍ୟ ଦିଆଯାଉଛି। ଆସନ୍ତା ନଭେମ୍ବରରୁ ଇକୋ ରିଟ୍ରିଟ୍ ଉତ୍ସବ ଆରମ୍ଭ ହେବ। ପୂର୍ବରୁ ୫ ସ୍ଥାନ କୋଣାର୍କର ରାମଚଣ୍ଡୀ, ସାତକୋଶିଆ, ଦାରିଙ୍ଗବାଡି, ହୀରାକୁଦ, ଭୀତରକନିକାରେ ଇକୋ ରିଟ୍ରିଟ୍ ଅନୁଷ୍ଠିତ ହେଉଥିଲା। ଚଳିତ ବର୍ଷ ଆଉ ୨ଟି ନୂତନ ସ୍ଥାନ ଗଞ୍ଜାମର ପତି ସୋନ୍‌ପୁର ଓ କରୋପୁଟର ପୁଟସିଲ୍‌କୁ ସାମିଲ କରାଯାଇଛି। ଏଥିସହ କେତେକ ଇକୋ ରିଟ୍ରିଟ୍ ସ୍ଥାନକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ଭିତରକନିକା ଇକୋ ରିଟ୍ରିଟ୍ ଏଥର ପେଣ୍ଠ ବେଳାଭୂମିରେ ହେବାର ପ୍ରସ୍ତାବ ରହିଛି। ତେବେ ୨୦୨୬ ପର୍ଯ୍ୟନ୍ତ ରାଜ୍ୟର ଏହି ୭ଟି ସ୍ଥାନରେ ଉତ୍ସବ ପାଳନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଯଦି ଚଳିତବର୍ଷ ଠିକ୍ ଭାବେ ପର୍ଯ୍ୟଟକ ଆସନ୍ତି ଓ ଉତ୍ସବ ସଫଳ ହୁଏ, ତେବେ ଆସନ୍ତା ୫ବର୍ଷ ପାଇଁ ଉତ୍ସବ ସ୍ଥଳ ଅପରିବର୍ତ୍ତିତ ରହିବ ବୋଲି ସୂଚନା ମିଳିଛି। ଏସବୁ ସ୍ଥାନକୁ ପର୍ଯ୍ୟଟକମାନେ ଯେପରି ସୁବିଧାରେ ଯାଇପାରିବେ ସେଥିପାଇଁ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ।

### ଆଶା ସଞ୍ଚାର କଲା ନୌବିହାର, ରେଷ୍ଟୁରାଣ୍ଟ ଚେନ୍

ପର୍ଯ୍ୟଟନ କ୍ଷେତ୍ରରେ ନୌବିହାର ଆଉ ଏକ ଆଶା ସଞ୍ଚାର କରିଛି। ପୁରୁଣା କାଠଡଙ୍ଗା ବଦଳରେ ଫାଇବର ଗ୍ଲାସ୍ ରେନ୍‌ଫୋର୍ସଡ୍ ପ୍ଲାଷ୍ଟିକ୍ (ଏଫ୍‌ଆର୍‌ପି) ଡଙ୍ଗାରେ ବସି ଭ୍ରମଣର ମଜା ନେବେ ପର୍ଯ୍ୟଟକ। ପ୍ରାଥମିକ ସ୍ତରରେ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଚିଲିକା ଓ ଭିତରକନିକାରେ ଡଙ୍ଗା ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନିଆଯାଇଛି।

ରେଷ୍ଟୁରାଣ୍ଟ ଚେନ୍ ଓଡ଼ିଶା ପର୍ଯ୍ୟଟନର ଅନ୍ୟତମ ଅଙ୍ଗ ହୋଇଛି। ପାରମ୍ପରିକ ତଥା ଓଡ଼ିଆ ଖାଦ୍ୟ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ରାଜଧାନୀରେ 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ ଖୋଲାଯାଇଛି। ଆଗକୁ ସମ୍ବଲପୁରର ରାଣୀବଖ୍ରୀଠାରେ ଏହି ରେଷ୍ଟୁରାଣ୍ଟ ଖୋଲିବାର ଯୋଜନା ରହିଛି। ସେହିଭଳି ମହାନଦୀରେ ଫ୍ଲୋଟିଂ ରେଷ୍ଟୁରାଣ୍ଟ ସହ ବୋଟିଙ୍ଗ୍, ହୀରାକୁଦରେ ଦୁଃସାହସିକ ପାରାସେଲିଂ ଆଦି ଓଡ଼ିଶା ପର୍ଯ୍ୟଟନକୁ ନୂଆ ଦିଶା ଦେଖାଉଛି।

### ଖୁବ୍‌ଶୀଘ୍ର ଖଣ୍ଡଗିରି, ଉଦୟଗିରିରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍

ସମ୍ବଲପୁର ମା' ସମଲେଶ୍ୱରୀ ମନ୍ଦିରରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ଭଳି ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ମଧ ଏହି ବ୍ୟବସ୍ଥା ହେବ। ଏ ନେଇ ସ୍କ୍ରିପ୍ଟ ପ୍ରସ୍ତୁତ ହୋଇ ପ୍ରତ୍ନତତ୍ତ୍ୱ ବିଭାଗକୁଲେ ଆଉଟ୍‌ଆପ୍ରୁଭାଲ ପାଇଁ ପଠାଯାଇଛି। ମାସେ ଦୁଇମାସ ଭିତରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ମାଧମରେ ପର୍ଯ୍ୟଟକ ଜାଣିବେ ଖଣ୍ଡଗିରି ଓ ଉଦୟଗିରିର ଇତିହାସ।

### ଆରମ୍ଭ ହେବ କାରାଭାନ୍ ପର୍ଯ୍ୟଟନ



ସେହିଭଳି ଗତବର୍ଷ ପର୍ଯ୍ୟଟନ ଦିବସରେ ଆରମ୍ଭ ହୋଇଥିବା 'ଓଡ଼ିଶା ବାଏ ରୋଡ୍' କ୍ୟାମ୍ପେନ୍‌କୁ ମଧ ଜୋରଦାର୍ କରାଯାଉଛି। ଏହି କ୍ୟାମ୍ପେନର ପାର୍ଟ-୨ ଭାବେ ହୋଟେଲ ଅନ୍ ହ୍ୱିଲ୍ ଅଥବା କାରାଭାନ୍ ପର୍ଯ୍ୟଟନ ଆରମ୍ଭ ହେବାକୁ ଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଶାକୁ ୫ଟି ଲକ୍ସୁରୀ ବସ୍ ଅଣାଯିବ। ଶୀତତାପ ନିୟନ୍ତ୍ରିତ ବସ୍ ଭିତରେ ଗାଧୁଆ ଘର, ଶୌଚାଳୟଠାରୁ ଆରମ୍ଭ କରି ରୋଷେଇ, ଶୋଇବା ଘର ଆଦି ସମସ୍ତ ବ୍ୟବସ୍ଥା ରହିବ। ପର୍ଯ୍ୟଟକମାନେ କୌଣସି ସ୍ଥାନକୁ ବୁଲି ଯିବାବେଳେ ବିଶେଷକରି ରହଣିକୁ ନେଇ ଚିନ୍ତିତ ଥାଆନ୍ତି। ମାତ୍ର ଏହାଦ୍ୱାରା ସେହି ସମସ୍ୟା ଦୂର ହେବ। ସେଲିବ୍ରିଟିଙ୍କ ଭ୍ୟାନିଟି ଭ୍ୟାନ୍ ଭଳି ଏଥିରେ ସମସ୍ତ ସୁବିଧା ମିଳିପାରିବ।

### ମଧବିତ୍ତ ପର୍ଯ୍ୟଟକଙ୍କୁ ଫୋକସ୍



ପୂରା ଓଡ଼ିଶାକୁ ଆଖି ଆଗରେ ରଖି ବିଭିନ୍ନ ପଦକ୍ଷେପ ନିଆଯାଉଛି। ମଧବିତ୍ତ ଶ୍ରେଣୀର ଲୋକମାନେ ଯେପରି ପର୍ଯ୍ୟଟନର ଆନନ୍ଦ ନେଇ ପାରିବେ, ସେଥିପାଇଁ ସ୍ୱଳ୍ପ ବ୍ୟୟରେ କିଛି ଯୋଜନା କରିବା ସହ କ୍ୟାମ୍ପେନିଂ ମଧ କରାଯିବ। ଏ ସମସ୍ତ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାହାର ରାଜ୍ୟରୁ ଲୋକ ଆସି ଏଠାରେ ଖର୍ଚ୍ଚ କରନ୍ତୁ। ଏହାଦ୍ୱାରା ଓଡ଼ିଶାର ଲୋକଙ୍କୁ ନିଯୁକ୍ତି ମିଳିବ। ସ୍ଥାନୀୟ ଲୋକ, ଏସ୍‌ଏଚ୍‌ଜି କାମ ପାଇବେ। ନିର୍ମାଣ କାର୍ଯ୍ୟ ହେବ, ରାସ୍ତା ନିର୍ମାଣ ହେବ, ଲାଇଟ୍ ଲାଗିବ। ରାଜ୍ୟକୁ ରାଜସ୍ୱ ମିଳିପାରିବ ଓ ରାଜ୍ୟର ଉନ୍ନତି ପାଇଁ ସରକାରଙ୍କ ପାଖରେ ଟଙ୍କା ରହିବ। ଗତବର୍ଷ କରୋନା ପାଇଁ ବହୁତ କମ୍ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ଚଳିତବର୍ଷ ନୂଆ ଯୋଜନା ଓ ସମ୍ଭାବନା ନେଇ ଆମେ ଆଗେଇ ଚାଲିଛୁ।

**- ସଚିନ୍ ଆର୍. ଯାଦବ, ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ**

ଶୀତଋତୁ ଆରମ୍ଭ ହେବା ପରେ ଚିଲିକାରେ ବାର୍ଡ ଫେଷ୍ଟିଭାଲ ଭଳି ଅନେକ କାର୍ଯ୍ୟକ୍ରମ ମଧ କରାଯିବ। ପର୍ଯ୍ୟଟନ ସହ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଶିଳ୍ପ ପରସ୍ପର ଉପରେ ନିର୍ଭରଶୀଳ ଥିବାରୁ ଏହା ଉପରେ ମଧ ପର୍ଯ୍ୟଟନ ବିଭାଗ ଗୁରୁତ୍ୱ ଦେଉଛି। ବିଦେଶକୁ ବିମାନ ସେବା ସ୍ୱାଭାବିକ ହୋଇ ନ ଥିବାରୁ ରାଜ୍ୟ ତଥା ଦେଶର ପର୍ଯ୍ୟଟକଙ୍କୁ ନେଇ ନୂଆ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି।

-ରିପୋର୍ଟ: ବନ୍ଦନା ସେଠୀ

## ପ୍ରଥମ ପୃଷ୍ଠାରୁ...

### ସେନା କବ୍‌ଜାରେ...

ଜାରି ସଂଘର୍ଷ ଯୋଗୁ ଏହି ସ୍ଥିତି ଉପୁଜିଥିବା ସେ କହିଛନ୍ତି। ଏଥିସହ ଅସ୍ଥାୟୀ ଭାବେ ସେଠାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ସେପଟେ ଦେଶର ଗଣତନ୍ତ୍ର ସପକ୍ଷବାଦୀ ଦଳ ସୁଦାନ ପ୍ରଫେସନାଲ୍ ଆସୋସିଏଶନ୍ ସାମରିକ ବିଦ୍ରୋହ ବିରୋଧରେ ବିକ୍ଷୋଭ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛି। ସେନା ହାତକୁ ଶାସନ ଯିବା ସୁଦାନ ପାଇଁ ବଡ଼ ଝଟକା ହେବ ବୋଲି କୁହାଯାଉଛି। ଦେଶର ସବୁଠାରୁ ଅଧିକ ସମୟ ରାଷ୍ଟ୍ରପତି ଥିବା ଓମାର ଅଲ୍-ବଶିରଙ୍କୁ ୨୦୧୯ରେ କ୍ଷମତାରୁ ହଟାଇ ଦିଆଯାଇଥିଲା। ଏହା ପରେ ଶାସନ ଭାଗବଣ୍ଟା ପାଇଁ ଏକ ଚୁକ୍ତି ହୋଇଥିଲା। ସାମରିକ, ନାଗରିକ ପ୍ରତିନିଧି ଏବଂ ବିରୋଧୀ ଗୋଷ୍ଠୀକୁ ନେଇ ଏକ ସରକାର ଗଠନ କରିବାକୁ ଏଥିରେ ସହମତି ପ୍ରକାଶ ପାଇଥିଲା। ଏହା ସତ୍ତ୍ୱେ ମାସେରୁ ଅଧିକ ସମୟ ହେଲା ସେନା ଓ ନାଗରିକ ସରକାର ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଥିଲା। ଦେଶର ଅର୍ଥନୀତିକୁ ସଜାଡ଼ିବା ଏବଂ ରାଜନୈତିକ ସଂସ୍କାର ଆଣିବା ପାଇଁ ସରକାରଙ୍କ ଉପରେ ଚାପ ପଡ଼ିଥିଲା। ସୁଦାନ ସ୍ଥିତିରେ ସୁଧାର ପାଇଁ ଅନ୍ତର୍ଜାତୀୟ ସ୍ତରରୁ ସହଯୋଗ ମିଳିବା ଆରମ୍ଭ ହେଉଥିବାବେଳେ ଦେଶର ରାଜନୈତିକ ସଙ୍କଟ ଏବେ ସେଥିରେ ବାଧା ଉପୁଜାଇବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। କ୍ଷମତାରେ ଥିବା ଶାସନ ପରିଷଦ, ଆମେରିକାର ସ୍ୱତନ୍ତ୍ର ପ୍ରତିନିଧିଙ୍କ ସହ ଆଲୋଚନା କରି ବୁଝାମଣା ସତ୍ତ୍ୱେ ସେନା ବିଦ୍ରୋହ କରିଥିବା ପ୍ରଧାନମନ୍ତ୍ରୀ ହମ୍‌ଦୋକ୍‌ଙ୍କ ଜଣେ ପରାମର୍ଶଦାତା କହିଛନ୍ତି।

ଅନ୍ୟପକ୍ଷରେ ସୁଦାନ ପ୍ରଧାନମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ସେନା ଏଭଳି କାର୍ଯ୍ୟକୁ ବିଶ୍ୱ ନେତା ଏବଂ ପ୍ରମୁଖ ମାନବାଧିକାର ସଙ୍ଗଠନ ନିନ୍ଦା କରିଛନ୍ତି। ସୁଦାନ ପାଇଁ ନିଯୁକ୍ତ ଆମେରିକାର ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଜେଫ୍ରି ଫେଲ୍ଟମ୍ୟାନ୍ ଏ ନେଇ ଚିନ୍ତା ପ୍ରକଟ କରିବା ସହ ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ସେହିପରି ସୁଦାନ ରାଜନେତା ଓ ଅଧିକାରୀଙ୍କୁ ସେନା ତୁରନ୍ତ ମୁକ୍ତ କରି ସେଠାରେ ମାନବାଧିକାରକୁ ସମ୍ମାନ ଦେଉ ବୋଲି ଆଫ୍ରିକାନ୍ ୟୁନିୟନ କମିଶନ୍‌ର ଅଧକ୍ଷ ଫକି ମହମତ୍ କହିଛନ୍ତି। ଆରବ ଲିଗ୍ ପକ୍ଷରୁ ଜାରି ବିବୃତିରେ ଏ ନେଇ ଚିନ୍ତା ବ୍ୟକ୍ତ କରାଯାଇଛି। ସାମ୍ବିଧାନିକ ଘୋଷଣାନାମା ଅନୁଯାୟୀ ସମସ୍ତ ପକ୍ଷ ଗଣତନ୍ତ୍ର ସୁରକ୍ଷା ପାଇଁ କାମ କରନ୍ତୁ ବୋଲି ଏଥିରେ କୁହାଯାଇଛି।

### ଲକ୍ଷ୍ନୌ, ଅହମଦାବାଦ...

ପାଇଁ୨୦୦୦କୋଟିଟଙ୍କା ଲେଖାଏଁ ବେସ୍‌ପ୍ରାଇସ୍ ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ୫ରୁ୬ଜଣ ବିଡର ଟିମ୍ କ୍ରୟ ଲାଗି ବିଶେଷ ଆଗ୍ରହ ପ୍ରକାଶ କରିଥିଲେ। ପ୍ରକାଶଯୋଗ୍ୟ, ଚେନ୍ନାଇ ସୁପରକିଙ୍ଗ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, କୋଲକାତା ନାଇଟ ରାଇଡର୍ସ, ମୁମ୍ବାଇ ଇଣ୍ଡିଆନ୍ସ, ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ଫ୍ରାଞ୍ଚାଇଜ୍ ଦଳ ଆଇପିଏଲ୍‌ରେ ଖେଳି ଆସୁଛନ୍ତି।

### ଏଣ୍ଡେମିକ୍ ଷ୍ଟେଜ୍‌ରେ...

୪ଶହ ତଳକୁ ଖସୁନି। ଗତ ୨୪ ଘଣ୍ଟାରେ ୨୩ ଜିଲାରୁ ୪୨୫ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୭୧ଜଣ ୧୮ରୁ କମ୍ ବର୍ଷ ବର୍ଗରେ ରହିଛନ୍ତି। ଏମାନଙ୍କ ମଧ୍ୟରେ କ୍ୱାରେଣ୍ଟାଇନରୁ ୨୪୯ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ଆକ୍ରାନ୍ତ ୧୭୬ ରହିଛନ୍ତି। ତେବେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୧୧ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୧୦,୩୮,୮୩୬କୁ ବୃଦ୍ଧି ପାଇଛି। ଅନ୍ୟପଟେ ରାଜ୍ୟରେ କରୋନାରେ ଆଉ ୩ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ କେନ୍ଦୁଝର, ଭଦ୍ରକ ଓ ମୟୂରଭଞ୍ଜରୁ ଜଣେ ଲେଖାଏ ଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଫଳରେ ରାଜ୍ୟରେ ମୋଟ କରୋନା ଜନିତ ମୃତ୍ୟୁ ସଂଖ୍ୟା ୮,୩୧୨କୁ ବୃଦ୍ଧି ପାଇଛି।

### '୧୦% ଅଧିକ...

ଭାଇରସ୍‌ର ୫୫ଟି ଉପ ପ୍ରଜାତି ରହିଛି। ତା' ଭିତରୁ ଅଳ୍ପ କେତୋଟି ଲୋକଲୋଚନକୁ ଆସିଛି। ଏନେଇ ଜେନୋମିକ ଷ୍ଟଡି ଚାଲିଛି। ନୂଆ ଭାଇରସ ଏପର୍ଯ୍ୟନ୍ତ କେତେ ସଂକ୍ରମିତ କରୁଛି ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ଅଧିକ ପରୀକ୍ଷା ନିରୀକ୍ଷା ଚାଲିଛି। ତେବେ ଏହା ଉପରେ ଆମେ ନଜର ରଖିଛୁ ବୋଲି ଡିଏମ୍‌ଇଟି କହିଛନ୍ତି।

# ଧବଳେଶ୍ୱର ପୀଠରେ ୧୪୪ ଜାରି

- କାର୍ତ୍ତିକର ପ୍ରଥମ ସୋମବାର
- ବିନା ଭକ୍ତରେ ପୂଜା ପାଇଲେ ଠାକୁର

**ଖୁଣ୍ଟୁଣୀ,୨୫।୧୦(ଡି.ଏନ୍.ଏ.)** କାର୍ତ୍ତିକ ମାସର ପ୍ରଥମ ସୋମବାରରେ ଆଠଗଡ଼ର ପ୍ରସିଦ୍ଧ ଶୈବ ପୀଠ ଧବଳେଶ୍ୱରଙ୍କ ପୀଠ ଥିଲା ଭକ୍ତ ଶୂନ୍ୟ। ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପୀଠରେ ଧାରା ୧୪୪ ଜାରି କରାଯାଇଛି। ତେବେ କୋଭିଡ କଟକଣା ଯୋଗୁ ଭକ୍ତଙ୍କ କୋଳାହଳ ବଦଳରେ ବିନା ଶ୍ରଦ୍ଧାଳୁରେ ଠାକୁରଙ୍କ ନୀତି ପାଳିଆ ସେବକ ଓ ପୂଜକ ସମାଜ ଦ୍ୱାରା ସମସ୍ତ ସମ୍ପନ୍ନ ହୋଇଛି। କାର୍ତ୍ତିକର ଏହି ସୋମବାରରେ ବାବା ଧବଳେଶ୍ୱରଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ପୀଠକୁ ଆଗମନ ହୋଇଥାଏ। ମାତ୍ର କରୋନା କଟକଣା ଓ କୋଭିଡ ସଂକ୍ରମଣ ଦୃଷ୍ଟିରୁ ଆଠଗଡ ଉପ ଜିଲାପାଳ ଅଜାମ୍ବର ମହାନ୍ତି ୧୪୪ ଜାରି ଧାରା ଜାରି କରିଥିବାରୁ ପ୍ରଥମ ସୋମବାର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇ ନ ଥିଲା। ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକମାନେ ସୂଚନା ପାଇ ନ ଥିବାରୁ ଠାକୁର ଦର୍ଶନ ପାଇଁ ଆସି ପାଇକେରାପୁରଠାରୁ ନିରାଶରେ ଫେରିଯିବାକୁ ବାଧ ହୋଇଥିଲେ। ସମାଗମକୁ ଏଡ଼ାଇବା ନିମନ୍ତେ ଆଠଗଡ଼ ପ୍ରଶାସନ ପକ୍ଷରୁ ପୀଠରେ କେବଳ ସୋମବାର ଦିନ ହିଁ ୧୪୪ ଧାରା ଜାରି କରାଯାଇଥିଲା। ହେଲେ ଶନିବାର ଓ ରବିବାର ଦୁଇଦିନ ପ୍ରାୟ ୧୦ରୁ ୧୫ହଜାର ଲୋକ ଠାକୁରଙ୍କୁ ଦର୍ଶନ କରିଥିବା ଧବଳେଶ୍ୱର ପୀଠର ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି କହିଛନ୍ତି। ପ୍ରଶାସନ ପକ୍ଷରୁ ସୋମବାର ଭୋର ୪ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରଖାଯାଇଥିଲା।



ମାସର ପ୍ରଥମ ସୋମବାର ଯୋଗୁ ବାବା ଧବଳେଶ୍ୱରଙ୍କ ପୂଜକ ସମିତି ତରଫରୁ ଆଜିର ନୀତି ପାଳିଆ ସେବକ ପଙ୍କଜ ପଣ୍ଡା ନୀତିକାନ୍ତି ସମ୍ପାଦନ କରିଥିଲେ। ପ୍ରତ୍ୟୁଷରେ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି ପରେ ସୁବାସିତ ୧୦୮ ଗରା ନଦୀ ଜଳରେ ପ୍ରଭୁ ଧବଳେଶ୍ୱରଙ୍କୁ ସ୍ନାନ କରାଯାଇଥିଲା। ମାଜଣା ଶେଷ ପରେ ମହାପ୍ରଭୁଙ୍କୁ ବଡ଼ସିଙ୍ଗାର ବେଶରେ ସଜ୍ଜିତ କରାଯାଇଥିଲା। ଏହାପରେ ଖଇ, ଉଖୁଡ଼ା, କୋରା ଓ ବିଭିନ୍ନ ଫଳ ଠାକୁରଙ୍କୁ ଅର୍ପଣ କରାଯାଇଥିଲା। ୧୪୪ ଧାରା ଜାରି ଯୋଗୁ ପୀଠ ଚତୁଃପାର୍ଶ୍ୱର ସବୁ ପ୍ରବେଶପଥକୁ ସିଲ୍ କରାଯାଇଥିଲା। ଗୁରୁଡ଼ିଝାଟିଆ ଥାନା ପକ୍ଷରୁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମାଜିଷ୍ଟ୍ରେଟଭାବେ ଆଠଗଡର ନୂତନ ତହସିଲଦାର ପ୍ରିୟବ୍ରତ ଦାସ ପୀଠରେ ଉପସ୍ଥିତ ରହି ପରିସ୍ଥିତି ପ୍ରତି ଲକ୍ଷ୍ୟ କରିଥିଲେ। ତେବେ ଝୁଲା ପୋଲକୁ କେବଳ ପୂଜକ ସମାଜକୁ ଛାଡ଼ିଦେଲେ ସମ୍ପୂର୍ଣ୍ଣ ତାଲା ପକାଯାଇଥିଲା।

# ଶାମ୍ବଙ୍କର ପ୍ରାୟଶ୍ଚିତ୍ତଜନିତ ତପସ୍ୟାର ସ୍ମାରକୀ




**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଓଡ଼ିଶାରେ ବହୁ ପ୍ରଚଳିତ ଢଗଟିଏ ଆମେ ଉପସ୍ଥାପନ କରିବା ପଛରେ ଏକ ଗଭୀର ରହସ୍ୟର ବାର୍ତ୍ତା ଦେବାକୁ ଚେଷ୍ଟା କରିଥିଲୁ। ମୁହଁ ରଙ୍ଗା ପଡୁଥିଲେ ମଧ ଚନ୍ଦ୍ରଭାଗା ତୀର୍ଥକୁ ଯାତ୍ରା କରୁଥିବା ଭକ୍ତଙ୍କ ସଂଖ୍ୟା ବଢୁଥିଲା ସିନା କମୁ ନ ଥିଲା। ଗଭୀର ବିଶ୍ୱାସ ଅର୍କକ୍ଷେତ୍ର ଓ ଚନ୍ଦ୍ରଭାଗାକୁ ନେଇ ଓଡ଼ିଆଙ୍କ ମନରେ ଥିଲା, ଏବେ ବି ଅଛି। ତା' ପଛର ଐତିହ୍ୟ ଜାଣିବାକୁ ଆମେ ସାରଳା ଦାସଙ୍କ ମହାଭାରତର କେତୋଟି ଉଦାହରଣ ଦେଇଥିଲୁ। ସେ ବେଳକୁ ବେଦର 'ଆଦିତ୍ୟ' ବିଷ୍ଣୁଙ୍କ ସହିତ ଏକାକାର ହୋଇଯାଇଥିଲେ। ସୂର୍ଯ୍ୟ ନାରାୟଣ ଓ ବିରଞ୍ଚି ନାରାୟଣ ଶବ୍ଦ ତାହାର ଉଦାହରଣ। ଗଜପତି ନରସିଂହ ଦେବଙ୍କ ସମୟକୁ ଚନ୍ଦ୍ରଭାଗା ଓ ତୀର୍ଥର ଗୁରୁତ୍ୱ ସମଗ୍ର ଓଡ଼ିଶାର ଜନମାନସରେ ଗୁରୁତ୍ୱ ଲାଭ କରିସାରିଥିଲା।

ସୂର୍ଯ୍ୟ ଉପାସନା ଓଡ଼ିଶାର ଉପାସନା ଧାରାର ମୂଳଉତ୍ସ। ଏହା ବହୁ ପ୍ରାଚୀନ କାଳରୁ ଜନଜୀବନରେ ପ୍ରବେଶ କରିସାରିଥିଲା। ଶାସ୍ତ୍ରରେ (ଗ୍ରହଯାଗ ତତ୍ତ୍ୱ) ସୂର୍ଯ୍ୟ ହେଉଛନ୍ତି କଳିଙ୍ଗ ଦେଶ ଉଦ୍ଭବ, ଯେ କଥା ଓଡ଼ିଆ ଜନଜୀବନର ବିଶ୍ୱାସକୁ ଆଉରି ଦୃଢ଼ କରିସାରିଥିଲା। ତେଣୁ କଥା କଥାକେ ଓଡ଼ିଆ କହୁଥିଲା ମୋର ଧର୍ମଦେବତା ସାକ୍ଷୀ। ସୂର୍ଯ୍ୟ ଧର୍ମଦେବତା ଏବଂ ସେ କୁଷ୍ଠରୋଗରୁ ମୁକ୍ତ କରିଦିଅନ୍ତି। ଦୁଇଟିଯାକ କଥା ଓଡ଼ିଆଙ୍କର ବିଶ୍ୱାସରେ ଏପରି ସ୍ଥାନ ନେଇଥିଲା ଯେ, ଭୟ ଓ ଭକ୍ତି ଦୁଇଟିଯାକ ସୂର୍ଯ୍ୟଙ୍କୁ ନେଇ ବିକାଶ ଲାଭ କରିଥିଲା। ଗାଁଠାରୁ ସହର ପର୍ଯ୍ୟନ୍ତ ଲୋକେ ନଈ, ପୋଖରୀରେ ଯେଉଁଠି ବି ଗାଧାନ୍ତୁ, ଗାଧେଇସାରି ଓଦା ବସ୍ତ୍ରରେ କୂଳରେ ଠିଆହୋଇ ଧର୍ମଦେବତାଙ୍କୁ ପ୍ରଣାମ କରନ୍ତି। ଜଳତର୍ପଣ ବି କରନ୍ତି। ସୂର୍ଯ୍ୟଙ୍କୁ ନେଇ ଓଡ଼ିଆଙ୍କର ପୂଜାପାର୍ବଣ ସମଗ୍ର ଭାରତରେ ନିଆରା। 'ଶାମ୍ବ ଦଶମୀ' କହିଲେ ଓଡ଼ିଶା ବାହାର ଲୋକେ ଆଁ କରି ପ୍ରଥମେ ଚାହାନ୍ତି। ଯେଉଁ ପଣ୍ଡିତମାନେ ଲେଖିଗଲେ ସୂର୍ଯ୍ୟଙ୍କ ଜନ୍ମସ୍ଥାନ ମୂଳତାନ, ସେମାନେ ଅନୁସନ୍ଧାନ କରି ଲେଖିବାକୁ ଭୁଲିଗଲେ ମୂଳତାନରେ ଶାମ୍ବଙ୍କ ତପସ୍ୟାର ସ୍ମାରକୀ ପାଳିତ ହେଉଥିଲା ତ!

ଶାମ୍ବ ଦଶମୀ ପୂଜା ଶାମ୍ବଙ୍କର ପ୍ରାୟଶ୍ଚିତ୍ତଜନିତ ତପସ୍ୟାର ସ୍ମାରକୀ ଦିବସ। ଓଡ଼ିଶାର ଗାଁ ଗହଳିରେ ଆଜି ବଡ଼ ନିଷ୍ଠାର ସହ ଏହି ଦିନଟି ପାଳିତ ହେଉଛି। ଜାତି ବର୍ଣ୍ଣ ନିର୍ବିଶେଷରେ ଘି-ପିଠା ଛ' ତରକାରି (ତା' ଭିତରେ ଘଡ଼ଘଡ଼ିଆ ତରକାରି ସାମିଲ) ପ୍ରସ୍ତୁତ ହୋଇ ସକାଳ, ଖରାବେଳ ଓ ସନ୍ଧ୍ୟାରେ ପୂଜା କରାଯାଏ। କୋଣାଦିତ୍ୟରେ ଗଜପତି ନରସିଂହ ଦେବଙ୍କ ତୃତୀୟ ମନ୍ଦିର ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପୂର୍ବରୁ ଏହି ପର୍ବ ଓଡ଼ିଶାରେ ପାଳିତ ହେଉଥିଲା। ମନ୍ଦିର ପ୍ରତିଷ୍ଠା ହୋଇ ମହାଭାସ୍କରଙ୍କ ଉପାସନା ଆରମ୍ଭ ହେବା ପରେ ଏହି ଗୁରୁତ୍ୱପୂର୍ଣ୍ଣ ଐତିହ୍ୟ ପର୍ବ ମଧ ପାଳିତ ହେବା ପାଇଁ ଗଜପତି ସମ୍ମତି ପ୍ରଦାନ କରିଥିଲେ।


ମହାପୁରୁଷ ବଳରାମ ଦାସଙ୍କୁ ପ୍ରତିଷ୍ଠା କରି ନିଜ ଗାଁ ଏରବଙ୍ଗରେ ଗଢ଼ିଉଠିଥିବା ମନ୍ଦିର। (ଫଟୋ: ଜ୍ୟୋତିରାଜ ମହାନ୍ତି)

ଆମେ ମନରୁ ଯେ କଥା କହୁନାହୁଁ। ଶ୍ରୀପଦ୍ମକେଶର ଦେଉଳ କର୍ମାଙ୍ଗୀରେ ଏହି ପର୍ବ ସ୍ଥାନ ପାଇଛି। ଯା'ର ପ୍ରଥମ ପୋଥି ମିଳିଥିଲା କୋଣାର୍କର 'ନଟେଶ୍ୱର ଗାଦି'ରୁ। ଏହି ଗାଦି ଅର୍କବଟ ତଳେ ସେ କାଳରେ ପ୍ରତିଷ୍ଠିତ ଥିଲା। ଦ୍ୱିତୀୟ ପୋଥିଟି ମିଳିଥିଲା ଏରବଙ୍ଗର ଶ୍ରୀବଳରାମଙ୍କ ମନ୍ଦିରରୁ। ଆମେ ଜାଣିଛେ ମହାପୁରୁଷ ବଳରାମ ଦାସ ଥିଲେ ଏରବଙ୍ଗ ଗାଁର। ସେ କ୍ଷେତ୍ର ଛାଡ଼ିବା ପରେ ନିଜ ଗାଁରେ ମହାପୁରୁଷଙ୍କ ମନ୍ଦିରଟିଏ ଗଢ଼ି ପୂଜା କରୁଥିଲେ। ସେଇଠି ସାଧନା କରୁଥିଲେ। ସେ ମନ୍ଦିର ଏବେ ବି ଏରବଙ୍ଗରେ ଅଛି। ଏହି ପୋଥି 'ବାୟାଚକଡ଼ା'ର ସମସାମୟିକ ଜଣାପଡୁଛି। ବାୟାଚକଡ଼ାରେ ବ୍ୟବହୃତ ସେବକଙ୍କ ପାରିଭାଷିକ ନାମ ଏହି ପୋଥିରେ ମିଶିଯାଉଛି। ଗଜପତି ନରସିଂହ ଦେବଙ୍କ ନାମ ପୂର୍ବରୁ ବ୍ୟବହୃତ ବିଶେଷଣଗୁଡ଼ିକ ଉଦାହରଣ ସ୍ୱରୂପ ଆମେ ଦେଖିପାରିବା।

'ପରମମାହେଶ୍ୱର-ପରମବୈଷ୍ଣବ- ପରମ ଭଟ୍ଟାରକ- ପରମ ସୌର- ମହାପ୍ରତାପୀ- ବିଜୟ ମହାସାମନ୍ତ- ମହାଶ୍ରମ- କ୍ଷତ୍ରିୟକୁଳ ଧୂମକେତୁ ଲାଙ୍ଗୁଳା ନରସିଂହ ଦେବ। ପାଟମହାଦେବୀ ଓ ଦ୍ୱିତୀୟ ରାଣୀ ସୀତାଦେବୀ ଠାକୁରାଣୀଙ୍କ ନାମ ମଧ ରହିଅଛି।'

ସୌନ୍ଦର୍ଯ୍ୟ



# କେଶ ରହିବ କଳା

କେଶ ଅଳ୍ପ ବୟସରେ ଧଳା ହେବା ବର୍ତ୍ତମାନ ଅନେକଙ୍କ ପାଇଁ ଏକ ସମସ୍ୟା ପାଲଟିଛି; ଯାହାକୁ ରୋକିବା ଲାଗି ଅନେକେ ବିଭିନ୍ନ ରାସାୟନିକଯୁକ୍ତ କୃତ୍ରିମ କଲର୍ ବ୍ୟବହାର କରୁଛନ୍ତି। ହେଲେ ଅପରପକ୍ଷେ ଏହା କେଶକୁ କ୍ଷତି ପହଞ୍ଚାଇଥାଏ। ତେଣୁ ଜାଣି ରଖନ୍ତୁ ପ୍ରାକୃତିକ ଉପାୟରେ ମେହେନ୍ଦି ବ୍ୟବହାର କରି କେଶକୁ ଦୀର୍ଘଦିନ କଳା ରଖିବାର ଉପାୟ...

**ମେହେନ୍ଦି ଓ ଅଣ୍ଡା ପ୍ୟାକ୍ :** ମେହେନ୍ଦି, ଶିକାକାଇ ଏବଂ ଅଣ୍ଡାର ଧଳା ପେଷ୍ଟ କେଶ ଉଜ୍ଜ୍ୱଳ କରିବା ସହ ଦୀର୍ଘଦିନ ପର୍ଯ୍ୟନ୍ତ କଳା ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ପ୍ରସ୍ତୁତ କରିବା ଲାଗି ୨ଚାମଚ ମେହେନ୍ଦି ଓ ୧ ଚାମଚ ଶିକାକାଇ ନେଇ ପାଣିରେ ରାତିସାରା ଭିଜାଇ ରଖନ୍ତୁ। ସକାଳେ ଏହି ପେଷ୍ଟରେ ଗୋଟିଏ ଅଣ୍ଡାର ଧଳା ଅଂଶ ଏବଂ ଅଳ୍ପ ଦହି ମିଶାନ୍ତୁ। ଏହାକୁ ଭଲ ଭାବରେ ଗୋଳାଇ ପେଷ୍ଟ ପ୍ରସ୍ତୁତ କରି କେଶରେ ଲଗାନ୍ତୁ। ଏକ ଘଣ୍ଟା ରଖିବା ପରେ କେଶକୁ ନର୍ମାଲ ପାଣିରେ ଧୋଇ ଦିଅନ୍ତୁ।

**ମେହେନ୍ଦି ଓ କଫି ପ୍ୟାକ୍:**
ମେହେନ୍ଦିରେ କଫି ମିଶାଇ ଲଗାଇଲେ କେଶ ଦୀର୍ଘ ସମୟ ପର୍ଯ୍ୟନ୍ତ କଳା ରହିଥାଏ। ଏକ କପ୍ ପାଣିରେ ଏକ ଚାମଚ କଫି ପାଉଡର ନିଅନ୍ତୁ। କିଛି ସମୟ ପାଇଁ ଏହାକୁ ଫୁଟାନ୍ତୁ। ପରେ ଏହାକୁ ଥଣ୍ଡା କରି ୪– ୫ ଚାମଚ ମେହେନ୍ଦି ପାଉଡର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ କେଶରେ ଲଗାଇ ୨–୩ ଘଣ୍ଟା ଛାଡ଼ି ଦିଅନ୍ତୁ। ପରେ ନର୍ମାଲ ପାଣିରେ ଧୋଇ ଦିଅନ୍ତୁ।

**ମେହେନ୍ଦି, ହଳଦୀ ଓ ମୁଲତାନୀ ମାଟି ପ୍ୟାକ୍:** ମେହେନ୍ଦି ପାଉଡ଼ର, ହଳଦୀ ଏବଂ ମୁଲତାନୀ ମାଟିର ପ୍ୟାକ୍ କେଶ ପାଇଁ ଚମତ୍କାର ପ୍ରାକୃତିକ ଉପଚାର। ପ୍ରଥମେ ଦୁଇ ଚାମଚ ମୁଲତାନୀ ମାଟି ଏବଂ ଗୋଟିଏ ଚାମଚ ହଳଦୀକୁ ଦୁଇ ଚାମଚ ମେହେନ୍ଦିରେ ମିଶାନ୍ତୁ। ଏଥିରେ ଆବଶ୍ୟକ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ପୂରା କେଶରେ ଲଗାଇ ଏକ ଘଣ୍ଟା ରଖିବା ପରେ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ମୁଲତାନୀ ମାଟି କେଶକୁ ଘନ ଏବଂ ଶକ୍ତ କରିଥାଏ।



# ମନିପ୍ଲାଣ୍ଟ ଦେବ ଗ୍ରୀନ୍ ଲୁକ୍

ଗଛ ଲଗାଇବାକୁ ଅନେକେ ଭଲ ପାଉଥିଲେ ବି ଜାଗା ଅଭାବରୁ ବାଡ଼ିବଗିଚା କରିବା ସମ୍ଭବ ହୋଇ ନ ଥାଏ । ହେଲେ ଆପଣ ଚାହିଁଲେ ଅଳ୍ପ ସ୍ଥାନରେ ବି ମନିପ୍ଲାଣ୍ଟ ଲଗାଇ ଘରକୁ ସବୁଜ ଲୁକ୍ ଦେଇପାରିବେ । ଏହା ଘରକୁ ନା କେବଳ ସୁନ୍ଦର କରିବ ବରଂ ଅକ୍ସିଜେନ୍ ଯୋଗାଇ ଦେବା ସହ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ...

- ଘରେ କେଉଁଠି ଏବଂ କେତେ ଜାଗାରେ ମନିପ୍ଲାଣ୍ଟ ଲଗାଇବେ ପ୍ରଥମେ ସ୍ଥିର କରନ୍ତୁ। ଘରର କାନ୍ଥ ରଙ୍ଗ ଅନୁଯାୟୀ ବଜାରରୁ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ମନି ପ୍ଲାଣ୍ଟ ଲଗାଇଲେ ଇଣ୍ଟେରିଅର୍ ଅଧିକ ଆକର୍ଷଣୀୟ ହୋଇପାରିବ। ଆପଣ ଯଦି ଏ ବାବଦରେ ଅଧିକ ଖର୍ଚ୍ଚ ନ କରିବାକୁ ଚାହାନ୍ତି ତେବେ ଘରେ ପଡ଼ିଥିବା ଅଦରକାରୀ ଜିନିଷକୁ କାଟି ମଧ ପଟ୍ ତିଆରି କରି ମନି ପ୍ଲାଣ୍ଟରେ ଘରକୁ ଗ୍ରୀନ୍ ଲୁକ୍ ଦେଇପାରିବେ।
- ମନି ପ୍ଲାଣ୍ଟ ପଟ୍‌ଗୁଡ଼ିକୁ ଛାତରେ ହୁକ୍ ଲଗାଇ ମଧ ଟଙ୍ଗାଇଲେ ଖୁବ୍ ସୁନ୍ଦର ଦିଶିବ।
- ଘରେ ଥିବା ପୁରୁଣା ପ୍ଲାଷ୍ଟିକ୍ ବୋତଲ୍‌ଗୁଡ଼ିକୁ କଣା କରି ସେଥିରେ ମନି ପ୍ଲାଣ୍ଟ ଲଗାଇ ପାରିବେ। ଏହାକୁ ବିଭିନ୍ନ କଲର ଦେଇ ମଧ ଆକର୍ଷଣୀୟ ଡିଜାଇନ୍ କରି ସେଥିରେ ମନିପ୍ଲାଣ୍ଟ ଲଗାଇ ପାରିବେ। ଆପଣ ଚାହିଁଲେ ଏହାକୁ ହ୍ୟାଙ୍ଗିଙ୍ଗ୍ ପଟ୍ ଭାବେ ବି ବ୍ୟବହାର କରିପାରିବେ।
- ବଜାରରୁ କ୍ରିଷ୍ଟାଲ ବଲ୍ ଷ୍ଟାଇଲ୍ ହ୍ୟାଙ୍ଗିଙ୍ଗ୍ ପଟ୍ ଆଣି ସେଥିରେ ମନି ପ୍ଲାଣ୍ଟ ଲଗାଇ ଘରକୁ ଡେକୋରେଟ୍ କରିପାରିବେ ।
- ଆକ୍ୱାରିୟମ୍ ହ୍ୟାଙ୍ଗିଙ୍ଗ୍ ଷ୍ଟାଣ୍ଡରେ ବି ମନି ପ୍ଲାଣ୍ଟ ଲଗାଇବାର ଆଇଡିଆ ଆପଣଙ୍କ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ।
- ଝାଲେରି, ଚଢ଼େଇ ବସା, ଟା କ୍ୟାଟିଲ୍ ଷ୍ଟାଇଲ୍‌ର ବିଭିନ୍ନ ହ୍ୟାଙ୍ଗିଙ୍ଗ୍ ପଟ୍‌ରେ ମନିପ୍ଲାଣ୍ଟ ରଖି ଘରକୁ ଆର୍ଟିଷ୍ଟିକ୍ ଟଚ୍ ଦେଇପାରିବେ।



ଖାଦ୍ୟରୁଚି

# ମଟର କବାବ୍



**ଆବଶ୍ୟକ ସାମଗ୍ରୀ:** କଟା ପାଳଙ୍ଗ ଶାଗ– ୫୦୦ ଗ୍ରାମ, ସିଝା ମଟର– ୫୦୦ ଗ୍ରାମ, କଟା କଞ୍ଚାଲଙ୍କା–୨ଟା, ଅଦା ପେଷ୍ଟ–୧ଚାମଚ, ଗୋଲମରିଚ ଗୁଣ୍ଡ–୧/୪ଚାମଚ, ପାଉଁରୁଟି–୨ଟା ସ୍ଲାଇସ୍, ବେସନ–ଆବଶ୍ୟକ ଅନୁସାରେ, ତେଲ– ଆବଶ୍ୟକ ଅନୁସାରେ, ଲୁଣ– ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟିଏ ପାତ୍ରରେ ସିଝା ମଟର, କଟା ପାଳଙ୍ଗ ଶାଗ, ପାଉଁରୁଟି, ଅଦା ପେଷ୍ଟ, କଞ୍ଚାଲଙ୍କା ପକାଇ ଭଲ ଭାବେ ଘାଣ୍ଟନ୍ତୁ । ପରେ ଏହାକୁ ଅଳ୍ପ ଗ୍ରାଇଣ୍ଡିଙ୍ଗ୍ କରନ୍ତୁ, ଯେପରି ଏହା ସମ୍ପୂର୍ଣ୍ଣ ପେଷ୍ଟ ନ ହୁଏ । ଏବେ ଏଥିରେ ସ୍ୱାଦ ଅନୁସାରେ ଲୁଣ ଓ କିଛି ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ସେଗୁଡ଼ିକୁ ଏବେ ଗୋଲ୍ ଗୋଲ୍ ଆକାରର କରିରଖନ୍ତୁ। ଏକ ପାତ୍ରରେ ଅଳ୍ପ ବେସନ ନିଅନ୍ତୁ ଏବଂ ଗୋଲ କରି ରଖିଥିବା କବାବ୍‌କୁ ଏଥିରେ ଭଲ ଭାବେ ଗଡାଇ ଦିଅନ୍ତୁ, ଯେପରି ଶୁଖିଲା ବେସନର ଏକ ଲେୟାର ଏହା ଉପରେ ଲାଗିଯିବ। ଅନ୍ୟପଟେ ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ । ସେଥିରେ ପୂର୍ବ ପ୍ରସ୍ତୁତ କବାବ୍‌କୁ ପକାଇ ବାଦାମୀ ରଙ୍ଗ ଆସିବା ପର୍ଯ୍ୟନ୍ତ ଏପଟ ସେପଟ କରନ୍ତୁ । ଚୁଲା ବନ୍ଦ କରି ଗୋଟିଏ ପ୍ଲେଟକୁ ବାହାର କରି ସସ୍ ସହ ପରଷି ଦିଅନ୍ତୁ ମଟର କବାବ ।

# ପିଲାଙ୍କ ସ୍ୱପ୍ନ

ପିଲାମାନେ ଭଲ ପାଠ ପଢ଼ନ୍ତୁ, ଭବିଷ୍ୟତରେ ଉତ୍ତମ କ୍ୟାରିୟର୍ ଗଢ଼ି ରୋଜଗାରକ୍ଷମ ହୁଅନ୍ତୁ, ଏହି ଆଶା ପ୍ରତିଟି ମାତାପିତାଙ୍କର ଥାଏ। ହେଲେ କେବେ କେବେ ପିଲାମାନଙ୍କୁ ନେଇ ସେମାନେ ଏତେ ଆଶାବାଦୀ ହୋଇଯାଆନ୍ତି ଯେ, ନିଜ ଇଚ୍ଛା ଆଗରେ ପିଲାଙ୍କ ଆଗ୍ରହ ଦବିଯାଉଥିବା ଦେଖିପାରନ୍ତି ନାହିଁ। ଫଳସ୍ୱରୂପ ପିଲାମାନେ ମାତାପିତାଙ୍କୁ ସମ୍ମାନ ଦେବା ଲାଗି ହେଉ ଅବା ବାଧ୍ୟତାମୂଳକ ଭାବେ ନିଜ ସ୍ୱପ୍ନ ବଦଳରେ ମାତାପିତାଙ୍କ ସ୍ୱପ୍ନ ଶାକାର କରିବାକୁ ଆଗେଇ ଆସନ୍ତି। କେତେକେ ଏଥିରେ ସଫଳତା ହାସଲ କରୁଥିବା ବେଳେ ଅନ୍ୟମାନଙ୍କର ଉତ୍ତମ କ୍ୟାରିୟର୍ ଗଢ଼ିବାର ସ୍ୱପ୍ନ ଅଧା ରହିଯାଇଥାଏ। ତେଣୁ ପିଲାଙ୍କୁ କ୍ୟାରିୟର୍ ଗଢ଼ିବା ଦିଗରେ ଠିକ୍ ମାର୍ଗଦର୍ଶନ କରିବା ସହ ସେମାନଙ୍କ ସ୍ୱପ୍ନକୁ ସମ୍ମାନ ଦେଇ ପ୍ରୋତ୍ସାହନ ଯୋଗାଇଦେବା ଅଭିଭାବକଙ୍କ କର୍ତ୍ତବ୍ୟ:

**ପିଲାର ଇଚ୍ଛାକୁ ସମ୍ମାନ ଦିଅନ୍ତୁ:** ଆପଣଙ୍କ ପିଲା କେଉଁ ଦିଗରେ କ୍ୟାରିୟର୍ ଗଢ଼ିବାକୁ ଚାହୁଁଛି ଜାଣିବାକୁ ଚେଷ୍ଟା କରନ୍ତୁ। କେବଳ ଭଲ ପାଠ ପଢ଼ି ଅଧିକ ଦରମାଯୁକ୍ତ ସରକାରୀ ଚାକିରିଟିଏ ହିଁ ପିଲାର ଉତ୍ତମ ଭବିଷ୍ୟତର ମାପକାଠି ନ ଭାବି ତା'ର କେଉଁ ଦିଗରେ ଦକ୍ଷତା ରହିଛି ଦେଖନ୍ତୁ। ବର୍ତ୍ତମାନ ପାଠ ସହିତ ଖେଳକୁଦ, ନାଚ, ଗୀତ, ଅଭିନୟଠୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କ୍ୟାରିୟର୍ ଗଢ଼ିବାର ସୁଯୋଗ ରହିଛି। ତେଣୁ ପିଲାର ସ୍ୱପ୍ନକୁ ସମ୍ମାନ ଦେଇ ଆଗକୁ ବଢ଼ିବାର ସୁଯୋଗ ଦିଅନ୍ତୁ।



ନିଜ ପିଲାର ଉଜ୍ଜ୍ୱଳ ଭବିଷ୍ୟତ କେଉଁ ଅଭିଭାବକଙ୍କ କାମନା ନୁହେଁ । ହେଲେ କେବେ କେବେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭର୍ତ୍ତି କରାଇବାକୁ ନେଇ ସେମାନଙ୍କ ଜିଦ୍ ପିଲାର କ୍ୟାରିଅର୍ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ପିଲାର ଆଗ୍ରହ ଥିବା ଦିଗକୁ ସମ୍ମାନ ଜଣାଇବା ସହ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେଲେ ତା'ର କ୍ୟାରିୟର୍ ଗଢ଼ିବାର ସ୍ୱପ୍ନ ସାକାର ହୋଇପାରିବ ସେଥିରେ ସନ୍ଦେହ ନାହିଁ...

**ନିଜ ଇଚ୍ଛାକୁ ଲଦି ଦିଅନ୍ତୁ ନାହିଁ:** ଅଧିକାଂଶ କ୍ଷେତ୍ରରେ ଦେଖିବାକୁ ମିଳେ ପିଲା ଯେଉଁ ଦିଗରେ ଆଗେଇବାକୁ ଚାହାନ୍ତି ଅଭିଭାବକ ବିରୋଧ କରନ୍ତି। ବିଶେଷ କରି ପାରିବାରିକ ଆଭିଜାତ୍ୟ, ସମାଜରେ ଷ୍ଟାଟସ୍ ଆଦିକୁ ଗୁରୁତ୍ୱ ଦେଇ ହେଉ କିମ୍ବା ଅପୂରଣୀୟ ରହିଯାଇଥିବା ନିଜ ଲକ୍ଷ୍ୟକୁ ପିଲା ଦ୍ୱାରା ପୂରଣ କରିବା ଲାଗି ସେ କେଉଁ କ୍ଷେତ୍ରରେ କ୍ୟାରିୟର୍ ଗଢ଼ିବ ତାକୁ ନେଇ ବାଧ କରନ୍ତି। ହେଲେ ଏହାଦ୍ୱାରା ଯେ ସବୁବେଳେ ପିଲାର ଉନ୍ନତି ହେବ ତା' ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ତେଣୁ ପିଲା ଉପରେ ନିଜ ଇଚ୍ଛା ଲଦି ଦିଅନ୍ତୁ ନାହିଁ କିମ୍ବା ବାଧ କରନ୍ତୁ ନାହିଁ।

**ଯୋଗାଇ ଦିଅନ୍ତୁ ପ୍ରୋତ୍ସାହନ:** ଆପଣଙ୍କ ପିଲା କେଉଁ କ୍ଷେତ୍ରରେ ଦକ୍ଷ ଏବଂ ପାରଙ୍ଗମ ସେ କଥା ଜାଣିବାକୁ ଚେଷ୍ଟା କରନ୍ତୁ। ଯଦି ସେ ତା'କୁ ନେଇ କ୍ୟାରିୟର ଗଢ଼ିବାର ସ୍ୱପ୍ନ ଦେଖୁଥାଏ, ତେବେ ତାହାକୁ ଶାକାର କରିବା ଲାଗି ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଅନ୍ତୁ। ଦେଖିବେ ସେ ନିଶ୍ଚୟ ସଫଳତାର ଶୀର୍ଷକୁ ଯାଇ ଆପଣଙ୍କ ପାଇଁ ଗୌରବ ଆଣିଦେବ ।

**କ୍ୟାରିୟରକୁ ନେଇ କରନ୍ତୁନି ପ୍ରତିଯୋଗିତା:** ଅନେକ ଅଭିଭାବକ ଅନ୍ୟ କାହାର ପିଲା କେଉଁ କ୍ଷେତ୍ରରେ ଯାଉଥିବାର ଦେଖି ନିଜ ପିଲାଙ୍କୁ ମଧ୍ୟ ସେହି କ୍ଷେତ୍ରରେ ଦେଖିବାକୁ ଚାହାନ୍ତି। ଏମିତି କି ବାରମ୍ବାର ଅନ୍ୟର ଉଦାହରଣ ଦେଇ ପିଲାଙ୍କୁ ଉକ୍ତ ଦିଗରେ ଯିବାକୁ ବାଧ କରନ୍ତି। ହେଲେ କ୍ୟାରିୟର୍‌କୁ ନେଇ ପ୍ରତିଯୋଗିତା କରିବା ବଦଳରେ ପିଲାର ଇଚ୍ଛା ଜାଣି ଆଗକୁ ବଢ଼ିବାରେ ସହଯୋଗ କରିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ।

**ମାର୍ଗଦର୍ଶକ ସାଜନ୍ତୁ:** ପିଲାଙ୍କ ଉପରେ ନିଜ ଇଚ୍ଛା ନ ଲଦି ତାଙ୍କ ଇଚ୍ଛାକୁ ସମ୍ମାନ ଦେବାର ଅର୍ଥ ନୁହେଁ, ଭୁଲ୍ ଦିଗରେ ବି ସହଯୋଗ କରିବା। ତେଣୁ ସର୍ବପ୍ରଥମେ ପିଲା ବାଛିଥିବା ଫିଲ୍ଡରେ ତା'ର ଦକ୍ଷତା ଏବଂ କାର୍ଯ୍ୟକ୍ଷମତାକୁ ଚିହ୍ନନ୍ତୁ। ଯଦି ଏହାକୁ ତା'କୁ ସଫଳତା ଆଣି ଦେବାରେ ସାହାଯ୍ୟ କରିବ ମନେ ନ ହୁଏ ତେବେ ଅଯଥା ସପୋର୍ଟ ନ କରି ଠିକ କ୍ୟାରିୟର ବାଛିବାରେ ମାର୍ଗଦର୍ଶନ କରନ୍ତୁ।



## ଏମାନେ କ'ଣ କହନ୍ତି

### ପୁଅ ଇଚ୍ଛାକୁ ଗୁରୁତ୍ୱ ଦେଇଛି



*ତାପସି ଜେନା(ବାଲେଶ୍ୱର)*– ମୋର ଗୋଟିଏ ପୁଅ। ମୁଁ ଚାହୁଁଥିଲି ସେ ପେସାରେ ଓକିଲ ହେଉ। କିନ୍ତୁ ପୁଅର ସାମ୍ବାଦିକ ହେବାକୁ ସ୍ୱପ୍ନ ଥିଲା । ସେ ଯଦିଓ ମୋ ଇଚ୍ଛାକୁ ପୂରଣ କରିବା ପାଇଁ ଭାବିଥିଲା ହେଲେ ତା'ର ସାମ୍ବାଦିକ ହେବା ନିଶା ଥିବାରୁ ଏବେ ସେ ଏହାକୁ ବୃତ୍ତି ଭାବେ ଆପଣେଇଛି। ମୋ ଇଚ୍ଛା ପୂରଣ କରିବା ପାଇଁ ମଧ ପ୍ରୟାସ କରୁଛି। ବେଳେବେଳେ ପିଲାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅଭିଭାବକଙ୍କ ଇଚ୍ଛା ବ୍ୟତୀତ ତା'ର ଇଚ୍ଛାକୁ ବି ଗ୍ରହଣ କରିବା ଦରକାର।

### ଅଭିଭାବକଙ୍କ ସହଯୋଗ ଥିଲା



*ମିତାଞ୍ଜଳି ଦାଶ(ତହସିଲଦାର,କଣ୍ଟାପଡ଼ା,କଟକ)*
ପିଲାଟି ବେଳୁ ଲକ୍ଷ୍ୟ ଥିଲା ପ୍ରଶାସନିକ ସେବାରେ ଯୋଗ ଦେବି। ଯଦିଓ ବାପା ଚାହୁଁଥିଲେ ମୁଁ ଡାକ୍ତର ହୁଏ, ତଥାପି ମୋ ଇଚ୍ଛାକୁ ସେ କେବେ ଅଣଦେଖା କରି ନାହାନ୍ତି । ବରଂ ସବୁବେଳେ ଉତ୍ସାହିତ କରିବା ସହ ନୂଆ ନୂଆ ଜିନିଷକୁ ଜାଣିବାର ଆଗ୍ରହ ମୋ ମନରେ ସୃଷ୍ଟି କରିଛନ୍ତି। ପରିବାର, ସାଙ୍ଗସାଥୀ ଓ ବନ୍ଧୁବାନ୍ଧବମାନଙ୍କ ତରଫରୁ ସମସ୍ତେ ସହଯୋଗର ହାତ ବଢ଼ାଇଛନ୍ତି। ହଁ, ବେଳେବେଳେ ବାହାର ଲୋକ ଝିଅପିଲାଟା, ଏ ଦିଗରେ କ'ଣ କରିବୁ ବୋଲି ପଚାରନ୍ତି ଏବଂ ଚାକିରି କରିବାକୁ ଇଚ୍ଛା ଯଦି ଶିକ୍ଷୟିତ୍ରୀ ହୋଇଯା ବୋଲି ପରାମର୍ଶ ଦିଅନ୍ତି। ହେଲେ, ସେସବୁ କଥା ନ ଶୁଣି ଯଥା ସମ୍ଭବ ପରିଶ୍ରମ କରି ଆଜି ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଛି।



# ଦୀପାବଳି ରେ ଘରକୁ ଦିଅନ୍ତୁ ନୂଆ ରୂପ

ବିଭିନ୍ନ ପୂଜା ପାର୍ବଣରେ ନାରୀମାନେ ନିଜକୁ ସଜାଇବା ସହ ଘରକୁ ମଧ ସଜାଇବାକୁ ଆଗ୍ରହ ଦେଖାନ୍ତି । ତେବେ ଦୀପାବଳିରେ ଆପଣ ନିଜ ଘରକୁ କିପରି ନୂଆ ଲୁକ୍ ଦେବାକୁ ଚାହାନ୍ତି, ଜାଣନ୍ତୁ ଟିପ୍ସ...

- କୁହାଯାଏ, ଯେଉଁଠି ପରିଷ୍କାର ଥାଏ ସେଠି ଭଗବାନ ବାସ କରନ୍ତି। ତେଣୁ ଘରକୁ ସଜାଇବା ପୂର୍ବରୁ ପ୍ରଥମେ ଏହାକୁ ସଫା ଏବଂ ପରିଷ୍କାର ରଖନ୍ତୁ। ଅଦରକାରୀ ବର୍ଜ୍ୟବସ୍ତୁକୁ ବାହାରେ ଫିଙ୍ଗି ଦିଅନ୍ତୁ।



- ଏବେ ବଜାରରେ ନୂଆ ନୂଆ ଆକାର ଓ ଆକୃତିର ଦୀପ ଉପଲବ୍ଧ। ଆପଣ ପୂଜାରେ ଏଭଳି ଦୀପ ଲଗାଇ ଘରକୁ ସଜାଇପାରିବେ।
- ବିନା ରଙ୍ଗୋଲିରେ ଦୀପାବଳି ଫିକା ଲାଗିଥାଏ। ଚାଉଳ ଗୁଣ୍ଡ, ରଙ୍ଗ ବାଲି, ରଙ୍ଗିନ୍ ମୁରୁଜ, ଫୁଲ ଆଦିରେ ଘରର ପ୍ରବେଶ ଦ୍ୱାର ଓ ଅଗଣାକୁ ସଜାନ୍ତୁ, ଯାହା ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ।
- ଡାଇନିଙ୍ଗ୍ ରୁମ୍ କିମ୍ବା ବେଡ୍ ରୁମ୍‌କୁ ଫ୍ଲୋଟିଙ୍ଗ୍ କ୍ୟାଣ୍ଡେଲ୍ ସହ ଫୁଲରେ ସଜାନ୍ତୁ। ଏହା ଆପଣଙ୍କୁ ଖୁସି ପ୍ରଦାନ କରିବ।
- ଘରକୁ ଆଲୋକିତ କରିବା ପାଇଁ ବିଭିନ୍ନ ପ୍ରକାରର ଏଲ୍.ଇ.ଡି. ଲାଇଟ୍, ଲିଚୁ ଲାଇଟ୍ ଲଗାଇ ଅଧିକ ଆକର୍ଷଣୀୟ କରିପାରିବେ।
- ବିଭିନ୍ନ ପ୍ରକାରର ଫୁଲଦାନୀ କିମ୍ବା ବ୍ରାଜଲ୍ ଲ୍ୟାମ୍ପ, ରଙ୍ଗିନ୍ ଲ୍ୟାମ୍ପ ବି ଲଗାଇ ସଜାଇ ପାରିବେ। ମାଟି, କାଚ କିମ୍ବା ପିତ୍ତଳ ପାତ୍ରକୁ ସଜାଇ ସେଥିରେ ପାଣି ଏବଂ ଫୁଲ ଦେଇ ବି ଘରେ ରଖିପାରିବେ।
- ଘରର ପ୍ରବେଶ ଦ୍ୱାରକୁ ଫୁଲମାଳ ଏବଂ ବେଲୁନ୍‌ରେ ସୁସଜ୍ଜିତ କରନ୍ତୁ। କାରଣ, ଘରକୁ ସୁନ୍ଦର ରଖିବା ଦ୍ୱାରା ଘରେ ଧନ ସମ୍ପତ୍ତି ବଢ଼ିଥାଏ ବୋଲି ବିଶ୍ୱାସ କରାଯାଏ। ବିଭିନ୍ନ ରଙ୍ଗିନ୍ ପେପର୍‌ରେ କ୍ରାଫ୍ଟ କରି ମଧ ଘରକୁ ସଜାଇପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ମଙ୍ଗଳବାର, ଅକ୍ଟୋବର ୨୬/୨୦୨୧ Rayagada, Tuesday, October 26/ 2021

# ଆଫଗାନିସ୍ତାନର ବୃହତ୍ ବିଜୟ

**ଶାରଜା, ୨୫।୧୦**

ଆଇସିସି ଟି୨୦ ବିଶ୍ୱକପର ସୋମବାର ଅନୁଷ୍ଠିତ ଏକ ଗ୍ରୁପ୍-୨ ମ୍ୟାଚରେ ଆଫଗାନିସ୍ତାନ ୧୩୦ ରନରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଆଫଗାନିସ୍ତାନ ୨୦ ଓଭରରେ ୪ ଉଇକେଟ ହରାଇ ୧୯୦ ରନ କରିଥିଲା। ସ୍କଟଲାଣ୍ଡ ୧୦.୨ ଓଭରରେ ୬୦ ରନକରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଜର୍ଜ ମୁନ୍‌ସେ ସର୍ବାଧିକ ୨୫ ରନ କରିଥିଲେ। ଆଫଗାନିସ୍ତାନର ମୁଜିବ ଉର୍ ରହମନ ୨୦ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ରଶିଦ ଖାଁଙ୍କୁ ୪ଟି ଓ ନବୀନ-ଉଲ୍-ହକ୍‌ଙ୍କୁ ଗୋଟିଏ ଉଇକେଟ ମିଳିଥିଲା।



ମୁଜିବ ଉର୍ ରହମନ

ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଟପ୍ ଅର୍ଡରର ସବୁ ବ୍ୟାଟ୍ସମ୍ୟାନ ଉପଯୋଗୀ ଅବଦାନ ରଖିବାରୁ ଦଳ ଏକ ବଡ଼ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ନଜିବୁଲ୍ଲା ଜଦ୍ରାନ ୩୪ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୯, ରହମନୁଲ୍ଲା ଗୁରବାଜ ୩୭ ବଲ୍‌ରୁ ୪୬ (୧ ଚୌକା, ୪ ଛକା), ହାଜରାତୁଲ୍ଲା ଜାଜାଇ ୩୦ ବଲ୍‌ରୁ ୪୪(୩ ଚୌକା, ୩ ଛକା) ଓ ମହମ୍ମଦ ଶାହଜାଦ ୨୨ ରନ ସ୍କୋର କରିଥିଲେ। ସ୍କଟଲାଣ୍ଡ ବୋଲରଙ୍କ ମଧ୍ୟରେ ସାଫ୍ୟାନ ଶରିଫ ୨ଟି ଏବଂ ଜୋଶ୍ ଡାଭେ ଓ ମାର୍କ ୱାଟ୍ଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଟି୨୦ ବିଶ୍ୱକପ

(ଆଜିର ମ୍ୟାଚ)

ଦକ୍ଷିଣ ଆଫ୍ରିକା ବନାମ ୱେଷ୍ଟଇଣ୍ଡିଜ
ସ୍ଥାନ: ଦୁବାଇ, ସମୟ: ଅପରାହ୍ନ ୩ଟା ୩୦
ପାକିସ୍ତାନ ବନାମ ନ୍ୟୁଜିଲାଣ୍ଡ
ସ୍ଥାନ: ଶାରଜା, ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୨୦ ଓଭରରେ ୧୯୦/୪(ନଜିବୁଲ୍ଲା ଜଦ୍ରାନ-୫୯, ରହମନୁଲ୍ଲା ଗୁରବାଜ-୪୬, ହାଜରାତୁଲ୍ଲା ଜାଜାଇ-୪୪, ସାଫ୍ୟାନ ଶରିଫ-୨/୩୩)। ସ୍କଟଲାଣ୍ଡ ୧୦.୨ ଓଭରରେ ୬୦/ଅଲଆଉଟ (ଜର୍ଜ ମୁନ୍‌ସେ-୨୫, ମୁଜିବ ଉର୍ ରହମନ-୫/୨୦, ରଶିଦ ଖାଁ-୪/୯)।

## ଲାହିରୁ, ଲିଟନଙ୍କୁ ଜରିମାନା

**ଦୁବାଇ, ୨୫।୧୦ (ପି.ଟି.)**

ଶ୍ରୀଲଙ୍କା ପେସ୍ ବୋଲର ଲାହିରୁ କୁମାରା ଓ ବାଂଲାଦେଶ ବ୍ୟାଟର ଲିଟନ ଦାସଙ୍କୁ ସୋମବାର ସେମାନଙ୍କ ମ୍ୟାଚ୍ ଫିର ଯଥାକ୍ରମେ ୨୫ ପ୍ରତିଶତ ଓ ୧୫ ପ୍ରତିଶତ ଜରିମାନା କରାଯାଇଛି। ଚଳିତ ଟି୨୦ ବିଶ୍ୱକପ୍ ସୁପର ୧୨ରେ ସେମାନଙ୍କ ଦଳ ମଧ୍ୟରେ ରବିବାର ଶାରଜାଠାରେ ଖେଳାଯାଇଥିବା ଏକ ମ୍ୟାଚ ବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ଏବଂ ପରବର୍ତ୍ତୀ କାଳରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଅମ୍ପାୟର ଏବଂ ଅନ୍ୟ ଖେଳାଳିଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦୁଇ ଖେଳାଳି ଗୋଟିଏ ଲେଖାଏ ଡିମେରିଟ୍ ପଏଣ୍ଟ ମଧ୍ୟ ପାଇଛନ୍ତି।

# ଆକ୍ରମଣାତ୍ମକ ହେବାକୁ ପଡ଼ିବ

**ଗୌତମ ଗମ୍ଭୀର**

ଘରେ ବୟସ୍କମାନେ କୌଣସି ବିଷୟକୁ ଗମ୍ଭୀରତାର ସହ ଆଲୋଚନା କଲେ ପିଲାମାନେ ଏଥିରେ ଜଡ଼ିତ ହୋଇଯାଆନ୍ତି। ମୋ ବଡ଼ ଝିଅ ଆଜିନ୍‌ର ବୟସ ୭ ବର୍ଷ। ବାପା କେଉଁ ବିଷୟରେ ବେଶୀ ଚିନ୍ତା କରୁଛନ୍ତି ତାହାକୁ ସେ ଠଉରେଇ ପାରିଥାଏ। ସୋମବାର ସକାଳେ ସେ ମୋତେ 'ମୌକା-ମୌକା' ବିଜ୍ଞାପନ ବିଷୟ କ'ଣ ହେଲା ବୋଲି ପ୍ରଶ୍ନ କରିଥିଲା। ରବିବାର ରାତିରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚକୁ ଏହା ଇଙ୍ଗିତ କରୁଥିଲା। ମ୍ୟାଚଟିରେ କିନ୍ତୁ ପାକିସ୍ତାନ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଭାରତ ଏଥିରେ ଶୋଚନୀୟ ପରାଜୟ ବରଣ କରିଥିଲା। ମୋ ଝିଅ ଆଜିନ୍ ମୌକା-ମୌକା ପ୍ରଚାରର ଫଳାଫଳ ଜାଣିବାକୁ ଚାହିଁଥିଲା। ଏଥରୁ ମୋ ମନରେ ଭିନ୍ନ କଥା ଉଙ୍କି ମାରିଥିଲା। ମାତ୍ରାଧିକ ଆତ୍ମବିଶ୍ୱାସ ଯୋଗୁ ଆମକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଲା। ଭବିଷ୍ୟତରେ ପାକିସ୍ତାନ ବିପକ୍ଷ ମ୍ୟାଚଗୁଡ଼ିକରେ ଆମକୁ ବିଶେଷ କରି ଅଧିକ ସନ୍ତୁଳିତ ହେବାକୁ ପଡ଼ିବ। କଟରବାଦ ନ ହୋଇ ଆମକୁ ଅନ୍ୟ ମ୍ୟାଚ ଭଳି ପାକିସ୍ତାନ ବିପକ୍ଷ ମ୍ୟାଚ ଖେଳିଲେ ଭଲ। କିନ୍ତୁ ଏହା ସମ୍ଭବ ହେଲା ଭଳି ମନେ ହେଉ ନାହିଁ। କହିବାକୁ ଗଲେ ପାକିସ୍ତାନ ଆମଠାରୁ ଯଥେଷ୍ଟ ଭଲ ଖେଳି ମ୍ୟାଚ ଜିତିଲା। ଏଭଳି ଶାନ୍ତ ପାକିସ୍ତାନ ଦଳ ମୁଁ କେବେ ଦେଖିନାହାନ୍ତି। ଦୁଇ ଦଳ ଖେଳାଳିଙ୍କ ମଧ୍ୟରେ ବାକ୍ୟ ବିନିମୟ ଅବା ଅଙ୍ଗଭଙ୍ଗୀ ପ୍ରଦର୍ଶନ ଦେଖିବାକୁ ମିଳି ନ ଥିଲା। ଗେମ୍‌ର ପ୍ରଥମ ୧୫ ମିନିଟ୍‌ରେ ଶାହିନ ଆଫ୍ରିଦି ମ୍ୟାଚକୁ ତାଙ୍କ ଦଳ ସପକ୍ଷକୁ ନେଇ ଯାଇଥିଲେ। ଭାରତ ଟପ୍ ଅର୍ଡରରେ ଶୀଘ୍ର ତିନୋଟି ଉଇକେଟ ହରାଇବା ପରେ ଦଳର ସ୍ଥିତିରେ ସୁଧାର ଆଣିବା ଲାଗି କୌଣସି ସୁଚିନ୍ତିତ ପ୍ରୟାସ ହୋଇଥିବା ଭଳି ମନେ ହୋଇ ନ ଥିଲା। ବ୍ୟାଟିଂ ପାଇଁ ପିଚ୍ ବେଶ୍ ଉପଯୋଗୀ ଥିଲା। ମାତ୍ର ଏକ ଟି୨୦ ମୁକାବିଲାରେ ଭାରତର ଆଭିମୁଖ୍ୟ ଖୁବ୍ ରକ୍ଷଣଶୀଳ ଥିଲା। ମୁଁ ଯଦି ଅଧିନାୟକ ଥାନ୍ତି ତେବେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଇଶାନ କିଶନଙ୍କୁ ଖେଳାଇଥାନ୍ତି ବୋଲି ପୂର୍ବରୁ କହିଥିଲି। କାରଣ ଯୁବ ଅଲରାଉଣ୍ଡର ପାଣ୍ଡ୍ୟା ଏବେ ଭଲ ଫର୍ମରେ ନାହାନ୍ତି। ଏପରିକି ବୋଲିଂରେ ନମ୍ବର ୱାନ ଯଶପ୍ରୀତ ବୁମ୍‌ରାଙ୍କୁ ନୂଆ ବଲ୍‌ରେ ବୋଲିଂ ଦିଆ ନ ଯିବା ମୋତେ ଆଶ୍ଚର୍ଯ୍ୟ ଚକିତ କରିଥିଲା। ମୁଁ ଥିଲେ ବୁମ୍‌ରା ଓ ଭୁବନେଶ୍ୱରଙ୍କୁ ଓପନ୍ କରିବାକୁ ଦେଇଥାନ୍ତି। ଅନେକ କହୁଛନ୍ତି ଅଶ୍ୱିନଙ୍କୁ ଖେଳାଇବାର ଥିଲା। କିନ୍ତୁ ବରୁଣ ଚକ୍ରବର୍ତ୍ତୀ ଉପଯୋଗୀ ସାବ୍ୟସ୍ତ ହୋଇଥିଲେ। ଟୁର୍ନାମେଣ୍ଟ ଆରମ୍ଭ ହୋଇଛି ମାତ୍ର। ନ୍ୟୁଜିଲାଣ୍ଡ ବିପକ୍ଷ ପରବର୍ତ୍ତି ମ୍ୟାଚ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଆମକୁ ପଡ଼ିଆରେ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣେଇବାକୁ ପଡ଼ିବ।

(ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ୍)










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ